ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ (୨୦ ପୃଷ୍ଠା) Bhubaneswar, Friday, August 9/2024 Page 20 ₹ 7.00
୫୦ଶ ଭାଗ ୨୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 256 ମୂଲ୍ୟ₹୭/-



# ସଂସଦରେ ୱାକ୍ଫ ଝଡ଼

## ୱାକ୍ଫ କ'ଣ

ମୁସଲମାନ ଆଇନ ଅନୁସାରେ ଧର୍ମାନୁଷ୍ଠାନ କିମ୍ବା ଦାତବ୍ୟ ସଂସ୍ଥାକୁ ଦାନ କରୁଥିବା ବ୍ୟକ୍ତିଙ୍କୁ ୱାକିଫ୍ କୁହାଯାଏ। ଔକ୍ଫ (ଦାନ କରାଯାଇଥିବା ଏବଂ ୱାକ୍ଫ ରୂପେ ବିଜ୍ଞପିତ ସମ୍ପତ୍ତି)ର ନିୟନ୍ତ୍ରଣ ପାଇଁ ୧୯୯୫ରେ ୱାକ୍ଫ ଆଇନ ଅଣାଯାଇଥିଲା। ତଦନୁସାରେ ଏକ ଦାନ ସମ୍ପତ୍ତିକୁ ଥରେ ୱାକ୍ଫ ଘୋଷଣା କରାଯିବା ପରେ ତାହା ଆଉ ଦାତାଙ୍କ ପାଖକୁ ଫେରି ନ ଥାଏ। ଭାରତରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଏକର ଜମି ଉପରେ ରହିଥିବା ସମ୍ପତ୍ତିର ନିୟନ୍ତ୍ରଣ ପାଇଁ ପ୍ରାୟ ୩୦ଟି ୱାକ୍ଫ ବୋର୍ଡ ରହିଛି। ଏହି ସମ୍ପତ୍ତିର ଆନୁମାନିକ ମୂଲ୍ୟ ୧.୨ ଲକ୍ଷ କୋଟି ଟଙ୍କା ହେବ। ରେଲୱେ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱାକ୍ଫ ବୋର୍ଡ ହେଉଛି ଦେଶର ତୃତୀୟ ସର୍ବାଧିକ ସ୍ୱତ୍ୱାଧିକାରୀ।



## ବିଲ୍‌କୁ ଜେଡିୟୁ, ଟିଡିପିର ସମର୍ଥନ

ଲୋକ ସଭାରେ ସରକାର ଅଗତ କରିଥିବା ୱାକ୍ଫ ବିଲ୍‌କୁ ଏନ୍‌ଡିଏ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସମର୍ଥନ ମିଳିଛି। ମସ୍‌ଜିଦ ପରିଚାଳନାରେ ହସ୍ତକ୍ଷେପ ପାଇଁ ଉକ୍ତ ବିଲ୍‌ରେ ଉଦ୍ୟମ କରାଯାଇନାହିଁ। ଏହାଦ୍ୱାରା ୱାକ୍ଫ ବୋର୍ଡର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଆସିବ ବୋଲି ଦୁଇ ସହଯୋଗୀ ଦଳ ଯୁକ୍ତି ବାଢ଼ିଛନ୍ତି। ଜେଡିୟୁ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ 'ଲଲନ୍' ସିଂ କହିଛନ୍ତି, ଏହି ବିଲ୍ ମୁସଲମାନ ବିରୋଧୀ ନୁହେଁ। ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଗୁଜବ ବିସ୍ତାର କରୁଛନ୍ତି। ସେହିପରି ଟିଡିପି ଏମ୍‌ପି ଜିଏମ୍ ହରିଶ ବାଲାଯୋଗୀ କହିଛନ୍ତି, ବିଲ୍‌କୁ ତାଙ୍କ ଦଳ ସମର୍ଥନ କରୁଛି। ତେବେ ଏଥିରେ ଥିବା ତ୍ରୁଟି ବିଚ୍ୟୁତି ସୁଧାରିବା ପାଇଁ ବିଧେୟକକୁ ସଂସଦୀୟ ପ୍ୟାନେଲକୁ ପଠାଗଲେ ଟିଡିପି ଖୁସି ହେବ।

ନୂଆଦିଲ୍ଲୀ,୮।୮

**ମସ୍‌ଜିଦଗୁଡ଼ିକୁ ଦାନ ସୂତ୍ରରେ ଦିଆଯାଉଥିବା ସମ୍ପତ୍ତି 'ୱାକ୍ଫ'ର ପଞ୍ଜୀକରଣ ଓ ପରିଚାଳନା ସମ୍ପର୍କିତ ୱାକ୍ଫ ଆଇନ, ୧୯୯୫ରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ଗୁରୁବାର ସଂସଦରେ ଏକ ନୂଆ ବିଧେୟକ ଉପସ୍ଥାପନ କରିଛନ୍ତି। ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ଏହାକୁ ମୁସଲମାନ ଏବଂ ସେମାନଙ୍କ ଧର୍ମ ଅଧିକାର ଉପରେ ଆକ୍ରମଣ ଦର୍ଶାଇଛନ୍ତି। ଏଥିସହ ବିଲ୍ ପ୍ରତ୍ୟାହାର ଦାବିରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଅନ୍ୟପକ୍ଷେ ୱାକ୍ଫ (ସଂଶୋଧନ) ବିଧେୟକ ଆଗତ ବେଳେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, କେତେଜଣ ହାତଗଣତି ବ୍ୟକ୍ତି ଦେଶରେ ୱାକ୍ଫ ବୋର୍ଡଗୁଡ଼ିକୁ ଦଖଲ କରି ରଖିଛନ୍ତି। ଏଥିଯୋଗୁ ସାଧାରଣ ମୁସଲମାନମାନେ ନ୍ୟାୟ ପାଉନାହାନ୍ତି। ଏଥିପାଇଁ ସଂଶୋଧନ ଜରୁରୀ ବୋଲି ରିଜିଜୁ ଯୁକ୍ତି ବାଢ଼ିଛନ୍ତି।**

ମୋଦି ୩.୦ ସରକାର କ୍ଷମତାସୀନ ହେବା ପରେ ଲୋକ ସଭାରେ ଆଗତ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଧେୟକ ୱାକ୍ଫ (ସଂଶୋଧନ) ବିଲ୍‌କୁ ନେଇ ବିବାଦ ମୁଣ୍ଡ ଟେକିଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍‌ରେ ଥିବା ନିୟମକୁ ନେଇ ବିରୋଧୀ ସଦସ୍ୟମାନେ ଆପତ୍ତି ଉଠାଇ ହଟ୍ଟଗୋଳ କରିଛନ୍ତି। ଏହା ପରେ ରିଜିଜୁ ଉକ୍ତ ବିଧେୟକକୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ପ୍ରସ୍ତାବ ରଖିଛନ୍ତି। ସେ ମୁସଲମାନ ୱାକ୍ଫ (ଉଚ୍ଛେଦ) ବିଲ୍, ୨୦୨୪ ବିଲ୍ ମଧ୍ୟ ଉପସ୍ଥାପନ କରିଛନ୍ତି।

ୱାକ୍ଫ (ସଂଶୋଧନ) ବିଧେୟକରେ ୱାକ୍ଫ ଆଇନ, ୧୯୯୫କୁ ୟୁନିଫାଏଡ୍ ୱାକ୍ଫ ମ୍ୟାନେଜ୍‌ମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଆକ୍ଟ,୧୯୯୫ ରୂପେ ପୁନଃ ନାମକରଣ କରିବା ଲକ୍ଷ୍ୟ ରଖାଯାଇଛି। ଏହାକୁ ସଂସଦର ନିମ୍ନ ସଦନରେ ଆଗତ କରାଯିବା ପୂର୍ବରୁ ମଙ୍ଗଳବାର ରାତିରେ ବିଲ୍‌ର କପି ଲୋକ ସଭାର ସମସ୍ତ ସଦସ୍ୟଙ୍କୁ ବଣ୍ଟାଯାଇଥିଲା। ରିଜିଜୁ ବିଲ୍ ଆଗତ କରିବା ମାତ୍ରେ ଏହାକୁ ବିରୋଧ କରିବା ପାଇଁ ପୂର୍ବରୁ ନୋଟିସ ଦେଇଥିବା ଅନେକ ବିରୋଧୀ ଏମ୍‌ପି ପ୍ରସ୍ତାବିତ ସଂଶୋଧନକୁ ସମ୍ବିଧାନ ଓ ସଂଘବାଦ ଉପରେ ଆକ୍ରମଣ କହି ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ କେ.ସି. ବେଣୁଗୋପାଳ କହିଥିଲେ, ସରକାର ଧର୍ମୀୟ ସ୍ୱାଧୀନତାର ଉଲ୍ଲଂଘନ ଏବଂ ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ କରୁଛନ୍ତି। ଏହା ଏକ ନିଷ୍ଠୁର ଆଇନ। ଲୋକେ ଗତ ନିର୍ବାଚନରେ ଭାଜପାର ବିଭାଜନବାଦୀ ନୀତି ପାଇଁ ଉପଯୁକ୍ତ ଶିକ୍ଷା ଦେଇଛନ୍ତି। ଏହାସତ୍ତ୍ୱେ ହରିୟାଣା ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଏହାକୁ ଜାରି ରଖିଛି। ଏହା ପରେ ଭାଜପା ଖ୍ରୀଷ୍ଟିଆନ୍ ଓ ଜୈନମାନଙ୍କୁ ଟାର୍ଗେଟ କରିବାକୁ ଯାଉଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଭାଜପାର କଠୋରପନ୍ଥୀ ସମର୍ଥକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ବିଲ୍ ଅଣାଯାଇଛି। ଅନ୍ୟ ଧର୍ମୀୟ ସଂସ୍ଥାଗୁଡ଼ିକରେ ସମ୍ପୃକ୍ତ ଧର୍ମ ବାହାର ଲୋକଙ୍କୁ ସାମିଲ କରାଯାଉନାହିଁ। ୱାକ୍ଫ ବୋର୍ଡଗୁଡ଼ିକରେ ଅଣମୁସଲମାନଙ୍କୁ କାହିଁକି ରଖାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଦସ୍ୟ ସୁଦୀପ ବନ୍ଦୋପାଧ୍ୟାୟଙ୍କ ମତରେ ଏହା ଏକ ବିଭାଜନବାଦୀ, ଅସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ବିରୋଧୀ ବିଧେୟକ। ଡିଏମ୍‌କେ ସଦସ୍ୟା କାନିମୋଝି ମଧ୍ୟ ବିଲ୍‌କୁ ସମ୍ବିଧାନ ବିରୋଧୀ କହି ବିରୋଧ କରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଶରଦଚନ୍ଦ୍ର ପାୱାର) ଏମ୍‌ପି ସୁପ୍ରିୟା ସୁଲେ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରିବା ପାଇଁ ଅଣାଯାଇଥିବା ବିଧେୟକକୁ ତାଙ୍କ ଦଳ ବିରୋଧ କରୁଛି। ଇଣ୍ଡିଆନ ୟୁନିୟନ୍ ମୁସଲିମ ଲିଗ୍ (ଆଇୟୁଏମ୍‌ଏଲ୍) ସଦସ୍ୟ ଇ.ଟି. ମହମ୍ମଦ ବଶିର ଏହି ବିଲ୍ ସମ୍ବିଧାନର ଅନୁଚ୍ଛେଦ ୧୪, ୧୫, ୨୫, ୨୬ ଓ ୩୦କୁ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ବିରୋଧ କରିଛନ୍ତି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ୱାକ୍ଫ ଆଇନରେ ସଂଶୋଧନ ଆଣିବା କ୍ଷମତା ଗୃହର ନାହିଁ। ଏହି ସରକାର ମୁସଲମାନ ବିରୋଧୀ, ଯାହାକି ଉକ୍ତ ବିଲ୍‌ରୁ ପ୍ରମାଣିତ ହୋଇଛି।

ବିରୋଧୀ ସଦସ୍ୟମାନଙ୍କ ଯୁକ୍ତି ଶୁଣିବା ପରେ ରିଜିଜୁ କହିଥିଲେ, ୱାକ୍ଫ ବିଲ୍‌ରେ କୌଣସି ଧର୍ମୀୟ ସଂସ୍ଥାର ସ୍ୱାଧୀନତା ଉପରେ ହସ୍ତକ୍ଷେପ ଯୋଜନା ନାହିଁ। ଚିଠା ଆଇନରେ ସମ୍ବିଧାନର କୌଣସି ନିୟମକୁ ମଧ୍ୟ ଉଲ୍ଲଂଘନ କରାଯାଇନାହିଁ। ୱାକ୍ଫ ଆଇନ, ୧୯୯୫ ଏହାର ଲକ୍ଷ୍ୟ ପୂରଣ କରୁନାହିଁ। ପୂର୍ବରୁ କଂଗ୍ରେସ ସରକାର ଯାହା କରିପାରି ନ ଥିଲେ, ପ୍ରସ୍ତାବିତ ସଂଶୋଧନରେ ତାହା ହାସଲ ପାଇଁ ଯୋଜନା କରାଯାଇଛି। ମନ୍ତ୍ରୀ ରିଜିଜୁ ଗୃହକୁ ଆହୁରି କହିଥିଲେ, ୱାକ୍ଫ ଆଇନ, ୧୯୯୫ର ସମୀକ୍ଷା କରାଯିବା ଉଚିତ ବୋଲି ଏକ ଜେପିସି ସୁପାରିସ କରିଛି। ବିରୋଧୀ ଦଳଗୁଡ଼ିକ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିରୋଧ କରୁଛନ୍ତି। ସେମାନେ ବିଲ୍‌ର ଉଦ୍ଦେଶ୍ୟକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। କୌଣସି ଆଇନ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହେଁ। କିନ୍ତୁ ୧୯୯୫ ୱାକ୍ଫ ଆଇନରେ ଏଭଳି ନିୟମ ରହିଛି, ଯେମିତିକି ଏହା ସମ୍ବିଧାନ ଉପରେ କାର୍ଯ୍ୟ କରୁଛି। ୱାକ୍ଫ ବୋର୍ଡଗୁଡ଼ିକୁ ମାଫିଆମାନେ ଦଖଲ କରିନେଇଥିବା ବିଷୟ ଅନେକ ଏମ୍‌ପି ତାଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରାଇଥିବା ରିଜିଜୁ ଦାବି କରିଥିଲେ। ତେବେ ବିଲ୍ ପ୍ରସ୍ତୁତି ପୂର୍ବରୁ ବିସ୍ତୃତ ବିଚାରବିମର୍ଶ କରାଯାଇଥିବା ସେ ସୂଚନା ଦେଇଥିଲେ। ରିଜିଜୁଙ୍କ ମତରେ କେତେଜଣ ଏମ୍‌ପି ଦଳୀୟ ଚାପରେ ଉକ୍ତ ବିଲ୍‌କୁ ବିରୋଧ କରୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ୱାକ୍ଫ ଆଇନ, ୧୯୯୫ ଲାଗୁ ହେବା ପରଠୁ ମୁସଲମାନ ୱାକ୍ଫ୍ ଆଇନ, ୧୯୨୩ ନିଜ ପ୍ରାସଙ୍ଗିକତା ହରାଇଥିବାରୁ ଏହାକୁ ଉଚ୍ଛେଦ କରାଯିବା ଆବଶ୍ୟକ। ତେବେ ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମୁସଲମାନମାନଙ୍କୁ ବିଭ୍ରାନ୍ତ କରୁଥିବା ଶାହା ସମାଲୋଚନା କରିଛନ୍ତି।

### ୱାକ୍ଫ ଆଇନରେ ପରିବର୍ତ୍ତନ ପାଇଁ ବିଲ୍ ଆଣିଲା କେନ୍ଦ୍ର

### ବିରୋଧୀ କହିଲେ 'ସମ୍ବିଧାନ ବିରୋଧୀ' ବିଧେୟକ





ଲୋକ ସଭାରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ। କଂଗ୍ରେସ ସଦସ୍ୟ କେ.ସି ବେଣୁଗୋପାଳ (ଡାହାଣ)।




## ରାଜ୍ୟ ସଭାରୁ ୨୦୧୪ର ବିଲ୍ ପ୍ରତ୍ୟାହୃତ

ୱାକ୍ଫ ପ୍ରପର୍ଟିଜ୍ (ଏଭିକ୍ସନ ଅଫ୍ ଅନ୍‌ଅଥରାଇଜ୍‌ଡ ଅକୁପାଣ୍ଟ୍‌ସ) ବିଲ୍, ୨୦୧୪କୁ କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରୁ ପ୍ରତ୍ୟାହାର କରିନେଇଛନ୍ତି। ୱାକ୍ଫ ସମ୍ପତ୍ତିଗୁଡ଼ିକ ଉପରେ ବେଆଇନ ଦଖଲକୁ ଉଚ୍ଛେଦ ପାଇଁ ଆବଶ୍ୟକ ପଦ୍ଧତି ଆପଣାଯିବା ବ୍ୟବସ୍ଥା ଏଥିରେ ରହିଥିଲା। ୨୦୧୪ ଫେବୃଆରୀ ୧୮ରେ ଏହାକୁ ତତ୍କାଳୀନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କେ. ରହମନ ଖାନ୍ ଆଗତ କରିଥିଲେ। ସେହିବର୍ଷ ମାର୍ଚ୍ଚ ୫ରେ ଉକ୍ତ ବିଧେୟକକୁ କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଇ ଦିଆଯାଇଥିଲା। ବର୍ତ୍ତମାନର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଉକ୍ତ ବିଲ୍‌କୁ ପ୍ରତ୍ୟାହାର ପାଇଁ ରାଜ୍ୟ ସଭାରେ ପ୍ରସ୍ତାବ ଦେଇଥିଲେ, ଯାହାକି ଧ୍ୱନିମତରେ ପାରିତ ହୋଇଛି। ତେବେ ସିପିଆଇଏମ୍ ଏମ୍‌ପି ଜନ୍ ବ୍ରିଟାସ୍ ଏବଂ ଆଇୟୁଏମ୍‌ଏଲ୍ ସଦସ୍ୟ ଅବ୍‌ଦୁଲ ୱାହାବ୍ ଉଚ୍ଚ ସଦନରୁ ଏହାକୁ ପ୍ରତ୍ୟହାର କରିବାକୁ ବିରୋଧ କରିଥିଲେ। ସରକାର ରାଜନୈତିକ ସ୍ୱାର୍ଥ ଏବଂ ସମାଜରେ ଧ୍ରୁବୀକରଣ ସୃଷ୍ଟି ପାଇଁ ଉଦ୍ୟମ ଚଳାଇଥିବା ସେମାନେ ଅଭିଯୋଗ ଆଣିଥିଲେ।

> **ପ୍ରସ୍ତାବିତ ଆଇନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, କେନ୍ଦ୍ର ସରକାର ଚାହିଁଲେ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଡିଟରଙ୍କ ଜରିଆରେ ଯେକୌଣସି ୱାକ୍ଫ ବୋର୍ଡର ସମୀକ୍ଷା କରାଇପାରିବେ।**

## ବିଲ୍‌ରେ କ'ଣ ରହିଛି

➡ପ୍ରସ୍ତାବିତ ବିଲ୍‌ରେ ପ୍ରଚଳିତ ଆଇନର ସେକ୍ସନ ୪୦କୁ ଉଚ୍ଛେଦ କରିବା ପାଇଁ ପ୍ରୟାସ କରାଯାଇଛି। ଏକ ସମ୍ପତ୍ତି ୱାକ୍ଫ ସମ୍ପତ୍ତି କି ନୁହେଁ, ସେହି ନିଷ୍ପତ୍ତି ନେବା କ୍ଷମତା ସମ୍ପର୍କରେ ଏହି ଧାରାରେ ଉଲ୍ଲେଖ କରାଯାଇଛି। ସେଣ୍ଟ୍ରାଲ ୱାକ୍ଫ କାଉନ୍‌ସିଲ ଏବଂ ରାଜ୍ୟ ୱାକ୍ଫ ବୋର୍ଡଗୁଡ଼ିକର ଗଠନ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଅବତାରଣା କରାଯାଇଛି।

➡ଏଥିସହ କାଉନ୍‌ସିଲ ଓ ବୋର୍ଡରେ ମୁସଲମାନ ମହିଳା ଏବଂ ଅଣମୁସଲିମ୍‌ମାନଙ୍କୁ ସାମିଲ କରାଯିବା ନେଇ ମଧ୍ୟ ନିୟମ କରାଯାଇଛି। ବିଲ୍‌ରେ ବୋହରା ଏବଂ ଅଘାଖାନ୍‌ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବୋର୍ଡ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ରହିଛି। ଚିଠା ଆଇନରେ ବୋର୍ଡରେ ଶିୟା, ସୁନ୍ନି, ବୋହରା, ଅଘାଖାନ୍ ଓ ମୁସଲମାନ ସମ୍ପ୍ରଦାୟର ଅନ୍ୟ ପଛୁଆ ବର୍ଗଙ୍କ ଉପସ୍ଥିତି ପାଇଁ ବ୍ୟବସ୍ଥା କରାଯାଇଛି।

➡ସେହିପରି ୱାକ୍ଫକୁ ମଧ୍ୟ ଏଥିରେ ସ୍ପଷ୍ଟ ଭାବେ ପରିଭାଷିତ କରିବା ପାଇଁ ଉଦ୍ୟମ ହୋଇଛି। ତଦନୁଯାୟୀ ଅନ୍ୟୂନ ୫ ବର୍ଷ ଧରି ଇସ୍‌ଲାମ୍ ଧର୍ମ ଅବଲମ୍ବନ କରିଆସୁଥିବା ଯେ କୌଣସି ବ୍ୟକ୍ତିଙ୍କ ସମ୍ପତ୍ତିକୁ ୱାକ୍ଫ କୁହାଯାଇପାରିବ। ୱାକ୍ଫଗୁଡ଼ିକର ପଞ୍ଜୀକରଣ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ସେଣ୍ଟ୍ରାଲ ପୋର୍ଟାଲ ଓ ଡେଟାବେସ୍ ପ୍ରସ୍ତୁତ କରାଯିବ। ରାଜସ୍ୱ ଆଇନ ଅନୁସାରେ ଦାଖଲ ଖାରଜର ପଦ୍ଧତି ଆପଣାଯିବା ପାଇଁ ବିସ୍ତୃତ ବିବରଣୀ ଏଥିରେ ଉଲ୍ଲେଖ ରହିବ।

➡ଏକ ସମ୍ପତ୍ତି ୱାକ୍ଫ ସମ୍ପତ୍ତି ନା ସରକାରୀ ଜମି ତାହା ଜିଲାପାଳ ନିର୍ଦ୍ଧାରଣ କରିବେ। ପୂର୍ବରୁ ୱାକ୍ଫ ଟ୍ରିବ୍ୟୁନାଲ ଏହି ନିଷ୍ପତ୍ତି ନେଉଥିଲା। ତେବେ ସମ୍ପତ୍ତି ହଡ଼ପ ପାଇଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି କ୍ଷମତାର ଦୁରୁପଯୋଗ କରୁଥିବା ନେଇ ଅଭିଯୋଗ ହେଉଥିଲା। ପ୍ରଚଳିତ ଆଇନ ଅନୁସାରେ ଜଣେ ବ୍ୟକ୍ତି ମୌଖିକ ଭାବେ ନିଜ ସମ୍ପତ୍ତି ଦାନ କରିପାରୁଥିଲେ। କିନ୍ତୁ ନୂଆ ଆଇନ କାର୍ଯ୍ୟକାରୀ ହେଲେ ୱାକ୍ଫନାମା (ଏକ ବୈଧ ଦଲିଲ/ଦସ୍ତାବିଜ) ଜରିଆରେ ହିଁ ଦାନ କରାଯାଇପାରିବ।

---

## ପୋଲିସର ଫେକ୍ ଏନ୍‌କାଉଣ୍ଟରରେ ଏତଲା ବାଧ୍ୟତାମୂଳକ: ହାଇକୋର୍ଟ

ନୂଆଦିଲ୍ଲୀ,୮।୮(ପି.ଟି.)

ପୋଲିସର ଫେକ୍ ଏନ୍‌କାଉଣ୍ଟରରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଅଭିଯୋଗ ଆସିଲେ ଏତଲା ଦାଏର କରାଯିବା ବାଧ୍ୟତାମୂଳକ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଦିଲ୍ଲୀ ପୋଲିସର ଚଢ଼ାଉ ବେଳେ ଗୁଳି ଚଳାଇବାରୁ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫ ଜଣ ଆହତ ହୋଇଥିଲେ। ପୋଲିସ ବିରୋଧରେ ଏତଲା ଦାଏର ପାଇଁ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଥିବାବେଳେ ସେସନ୍ସ କୋର୍ଟ ସେଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ରାଜ୍ୟ ସରକାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ନୀନା ବଂଶଲ କ୍ରିଷ୍ଣା ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି। ମୃତକଙ୍କ ସମେତ ଆହତମାନଙ୍କ ଦେହରେ ଗୁଳିମାଡ଼ର କ୍ଷତଚିହ୍ନ ରହିଛି। ତେଣୁ ଏହା ଏକ ହତ୍ୟା ମାମଲା କି ଏନ୍‌କାଉଣ୍ଟର ତାହା ତଦନ୍ତ କରିବାକୁ ହେବ ବୋଲି ବିଚାରପତି କହିଛନ୍ତି।

## ଫାଶୀ ଦଣ୍ଡାଦେଶ ପାଇଥିବା ୨ ଅଭିଯୁକ୍ତ ଦୋଷମୁକ୍ତ

ନୈନିତାଲ,୮।୮(ପି.ଟି.)

ଘରେ ଡକାୟତି ବେଳେ ମହିଳାଙ୍କ ମୃତ୍ୟୁକୁ ନେଇ ଏକ ତଳକୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଉତ୍ତରାଖଣ୍ଡ ହାଇକୋର୍ଟ ସେମାନଙ୍କୁ ଦୋଷମୁକ୍ତ କରିଛନ୍ତି। ବିଚାର ସମୟରେ ଅସ୍ପଷ୍ଟ ଅନୁମାନ ଏବଂ ନିର୍ଦ୍ଦିଷ୍ଟ ନିଷ୍କର୍ଷ ମଧ୍ୟରେ ପାର୍ଥକ୍ୟ ରହିବା ଆବଶ୍ୟକ ବୋଲି ମୁଖ୍ୟ ବିଚାରପତି ରିତୁ ବାହରି ଏବଂ ଜଷ୍ଟିସ୍ ଆଲୋକ କୁମାର ବର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ସନ୍ଦେହ ଯେତେ ଦୃଢ଼ ହୋଇଥାଉନା କାହିଁକି ଏହାକୁ ବିଚାର ବେଳେ ପ୍ରମାଣ ଭାବେ ନେବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ବାଂଲାଦେଶରେ ୟୁନୁସ୍ ସରକାର

ଢାକା,୮।୮(ପି.ଟି.)

ନୋବେଲ ବିଜୟୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍ ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଗୁରୁବାର ରାତିରେ ଶପଥ ଗ୍ରହଣ କରିଛନ୍ତି। ପ୍ରେସିଡେନ୍ସିଆଲ ପ୍ୟାଲେସ୍ ବଙ୍ଗ ଭବନରେ ୨୦୦୬ରେ ନୋବେଲ ଶାନ୍ତି ପୁରସ୍କାର ଜିତିଥିବା ୮୪ ବର୍ଷୀୟ ୟୁନୁସ୍‌ଙ୍କୁ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ଶପଥ ପାଠ କରାଇଛନ୍ତି। ହାସିନା ଇସ୍ତଫା ଦେଇ ଭାରତ ଚାଲିଯିବା ପରେ ରାଷ୍ଟ୍ରପତି ଶାହାବୁଦ୍ଦିନ ମଙ୍ଗଳବାର ପାର୍ଲାମେଣ୍ଟ ଭଙ୍ଗ କରିବା ସହ ୟୁସୁଫଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଚୟନ କରାଯାଇଥିଲା। ସରକାର ବିରୋଧୀ ହିଂସାତ୍ମକ ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେଇ ଦେଶ ଛାଡ଼ି ଚାଲିଯାଇଥିଲେ। ଫଳରେ ଅନ୍ତରୀଣ ସରକାର ଗଢ଼ିବା ଆବଶ୍ୟକ ପଡ଼ିଥିଲା। ତାଙ୍କ ସରକାର ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ୟୁନୁସ୍ ପ୍ରତିଶ୍ରୁତି ଦେବା ସହ ବାଂଲାଦେଶର ପୁନଃନିର୍ମାଣରେ ସହଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

ଅଲିମ୍ପିକ୍ସ ଗେମ୍ସ ପାଇଁ ୟୁନୁସ ପ୍ୟାରିସ୍‌ରେ ଥିବାବେଳେ ଦୁବାଇ ଦେଇ ଗୁରୁବାର ବାଂଲାଦେଶ ଫେରିଥିଲେ। ହଜରତ ଶାହଜଲାଲ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେନାମୁଖ୍ୟ ଜେନେରାଲ ଓବାକର-ଉଜ୍-ଜମନ, ବରିଷ୍ଠ ଅଧିକାରୀ ଓ ଛାତ୍ର ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ହାସିନାଙ୍କ ବିରୋଧରେ ଆନ୍ଦୋଳନକୁ ସଫଳ କରାଇଥିବା ଯୁବବର୍ଗଙ୍କ ପ୍ରତି ୟୁନୁସ୍ କୃତଜ୍ଞତା ଜଣାଇଛନ୍ତି। ଦେଶର ଶାସନରେ ପରିବର୍ତ୍ତନକୁ ସେ 'ଦ୍ୱିତୀୟ ସ୍ୱାଧୀନତା' ବୋଲି କହିଛନ୍ତି। ଆଇନ ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣକୁ ବନ୍ଦ କରିବା ତାଙ୍କର ପ୍ରଥମ କାର୍ଯ୍ୟ ହେବ। ଆନ୍ଦୋଳନ ବେଳେ ସୃଷ୍ଟ ଅଶାନ୍ତ ସ୍ଥିତିରୁ ଦେଶକୁ ରକ୍ଷା କରିବା ପାଇଁ ୟୁନୁସ୍ ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି।



ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ (ବାମ) ଗୁରୁବାର ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାର ନେତା ଭାବେ ଶପଥ ଗ୍ରହଣ କରାଉଛନ୍ତି।

## ଡକାୟତି, ଲୁଟ୍ ଭୟ: ରାତିରେ ଶୋଉନାହାନ୍ତି ଦେଶବାସୀ

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଅରାଜକତା ଲାଗିରହିଛି। ଲୁଟ୍‌ପାଟ ଓ ଡକାୟତି ଭୟରେ ଲୋକମାନେ ରାତିରେ ନ ଶୋଇ ଦଳବଦ୍ଧ ହୋଇ ରାସ୍ତାଘାଟ ଓ ଗଳିଗୁଡ଼ିକରେ ପହରା ଦେଉଛନ୍ତି। ସୋମବାର ଶେଖ୍ ହାସିନା ଦେଶ ଛାଡ଼ି ପଳାଇବା ପରେ ଦେଶର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ସୁରକ୍ଷା ଯବାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଥିବାରୁ ପୋଲିସ ଡ୍ୟୁଟିରେ ଯୋଗ ଦେଉନାହିଁ। ଆନ୍ଦୋଳନକାରୀଙ୍କ ଦ୍ୱାରା ସୃଷ୍ଟ ଅରାଜକତା ଓ ଭୟ ଏବେ ମଧ୍ୟ ଲାଗିରହିଛି। ୨ ଦିନ ହେଲା ଆଇନ ଶୃଙ୍ଖଳା ସ୍ଥିତି ଅଭାବରୁ ଅପରାଧୀ ଗ୍ୟାଙ୍ଗଗୁଡ଼ିକ ଲୁଟ୍ ଓ ଡକାୟତିରେ ମାତିଛନ୍ତି। ଫଳରେ ସୁରକ୍ଷାକୁ ନେଇ ଲୋକେ ପ୍ରମାଦ ଗଣୁଛନ୍ତି। ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ଫଳରେ ଲୋକମାନଙ୍କୁ ସତର୍କ ରହିବାକୁ ମସ୍‌ଜିଦଗୁଡ଼ିକ ନିୟମିତ ଘୋଷଣା କରିଥିଲେ। ବୁଧବାର ରାତିରେ ରାଜଧାନୀ ଢାକାର ଉତ୍ତରାଠାରୁ ମହମ୍ମଦପୁର ପର୍ଯ୍ୟନ୍ତ ଲୋକମାନେ ସେମାନଙ୍କ ପଡୋଶୀମାନଙ୍କ ସହ ମିଶି ପହରା ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ମଦ୍ରାସାଗୁଡ଼ିକର ଶହ ଶହ ଛାତ୍ର ମଧ୍ୟ ସହରର ବିଭିନ୍ନ ସ୍ଥାନରେ ଜଗୁଥିବା ଦେଖାଯାଇଛି।

### ଅଭିନେତା ଶାନ୍ତୋ ଖାନ୍ ଓ ବାପାଙ୍କୁ ପିଟି ହତ୍ୟା

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଆୱାମୀ ଲିଗ୍‌ର ସମର୍ଥକମାନେ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ସୋମବାର ରାତିରେ ବାଂଲା ଅଭିନେତା ଶାନ୍ତୋ ଖାନ୍ ଓ ତାଙ୍କ ବାପା ସେଲିମ୍ ଖାନ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିମାରିଦେଇଥିଲେ। ସେଲିମ୍ ବାଂଲାଦେଶୀ ପ୍ରଡକ୍ସନ ହାଉସ୍‌ର ମାଲିକ ଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି

### ଉପତ୍ୟକାରେ ଇସି ଟିମ୍

ଶ୍ରୀନଗର,୮।୮(ପି.ଟି.)

ଭାରତର ନିର୍ବାଚନ କମିଶନ୍‌ର ଏକ ଟିମ୍ ଗୁରୁବାର ଜମ୍ମୁ-କଶ୍ମୀର ଗସ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ନେତୃତ୍ୱରେ ୩ ସଦସ୍ୟ ବିଶିଷ୍ଟ ଇସି ଟିମ୍ ଗୁରୁବାର ସକାଳେ କଶ୍ମୀରରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ସେପ୍ଟେମ୍ବର ୩୦ ପୂର୍ବରୁ ବିଧାନସଭା ନିର୍ବାଚନ କରାଇବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ଇସି ସମସ୍ତ ରାଜନୈତିକ ଦଳ, ଜିଲା ମୁଖ୍ୟ ଏବଂ ପ୍ରଶାସନ ଓ ପୋଲିସ ବିଭାଗର ଅଧିକାରୀମାନଙ୍କ ସହ ବୈଠକ କରିଥିଲେ। ଆଲୋଚନା ବେଳେ ତୁରନ୍ତ ନିର୍ବାଚନ କରାଇବା ପାଇଁ ରାଜନୈତିକ ଦଳଗୁଡ଼ିକ ଦାବି କରିଥିଲେ। ୨୦୧୪ରୁ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇନାହିଁ। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ଓ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ବିଭିନ୍ନ କାରଣରୁ ନିର୍ବାଚନ ହୋଇପାରି ନ ଥିଲା।

## ଇଡି ଅଫିସରଙ୍କୁ ଧରିଲା ସିବିଆଇ

### ୨୦ ଲକ୍ଷ ଲାଞ୍ଚ ନେଇଥିଲେ ସହକାରୀ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୮।୮(ପି.ଟି.)

ମୁମ୍ବାଇର ଜଣେ ଜୁଏଲେରଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସହକାରୀ ନିର୍ଦ୍ଦେଶକଙ୍କୁ ସିବିଆଇ ଗିରଫ କରିଛି। ଇଡି ପକ୍ଷରୁ ଗତ ୩ ଓ ୪ ତାରିଖରେ ଉକ୍ତ ଜୁଏଲେରୀ ପରିସରରେ ଚଢ଼ାଉ କରାଯାଇଥିଲା। ଜୁଏଲରଙ୍କ ପୁଅ ଯଦି ୨୫ ଲକ୍ଷ ଟଙ୍କା ନ ଦିଅନ୍ତି, ତେବେ ତାଙ୍କୁ ମିଛ ମାମଲାରେ ଫସାଇ ଗିରଫ କରାଯିବ ବୋଲି ଆସିଷ୍ଟାଣ୍ଟ ଡାଇରେକ୍ଟର ସନ୍ଦୀପ ସିଂ ଯାଦବ ଧମକ ଦେଇଥିଲେ। ବୁଝାମଣା ପରେ ଉତ୍କୋଚ ପରିମାଣ ୨୦ ଲକ୍ଷ ଟଙ୍କାକୁ କମାଇଦିଆଯାଇଥିଲା। ଲାଞ୍ଚ ନେଉଥିବାବେଳେ ଯାଦବଙ୍କୁ ସିବିଆଇ ଟିମ୍ ଧରିଥିଲା। ଯାଦବ ଗିରଫ ହେବା ପରେ ଇଡି ତାଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଛି। ଏଥିସହ ତାଙ୍କର ନୂଆଦିଲ୍ଲୀ ବାସଭବନରେ ଉଭୟ ଇଡି ଏବଂ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଦବଙ୍କୁ ଧରିବା ପାଇଁ ସିବିଆଇର ଦୁର୍ନୀତି ନିବାରଣ ବିଭାଗ ଲଜପତ ନଗର ବଜାରରେ ଜାଲ ବିଛାଇଥିଲା। ଯାଦବ ପୂର୍ବରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ରେ କାର୍ଯ୍ୟ କରୁଥିବାବେଳେ ଗତବର୍ଷ ମେ'ରେ ଇଡିର ସହକାରୀ ନିର୍ଦ୍ଦେଶକ ନିଯୁକ୍ତ ହୋଇଥିଲେ।

## ବ୍ରିଟେନରେ ଶାନ୍ତି ପାଇଁ ବର୍ଣ୍ଣବୈଷମ୍ୟ ବିରୋଧୀଙ୍କ ଶୋଭାଯାତ୍ରା

ଲଣ୍ଡନ,୮।୮(ପି.ଟି.)

ବ୍ରିଟେନ୍‌ରେ ଫାର୍-ରାଇଟ୍‌ମାନେ ଗତ ସପ୍ତାହରୁ ହିଂସାତ୍ମକ ଆନ୍ଦୋଳନ ଚଳାଇଥିବାବେଳେ ଏହାକୁ ପ୍ରତିହତ କରି ଶାନ୍ତି ଫେରାଇଆଣିବା ପାଇଁ ହଜାର ହଜାର ସଂଖ୍ୟାରେ ବର୍ଣ୍ଣବୈଷମ୍ୟ ବିରୋଧୀ ଗୁରୁବାର ଲଣ୍ଡନ ସମେତ ବ୍ରିଟେନର ବିଭିନ୍ନ ସହରରେ ରାସ୍ତାକୁ ଓହ୍ଲାଇଛନ୍ତି। ଲଣ୍ଡନ, ବ୍ରିଷ୍ଟଲ, ଅକ୍ସଫୋର୍ଡ, ବିର୍ମିଂହାମ୍ ଆଦି ବିଭିନ୍ନ ସ୍ଥାନରେ ବର୍ଣ୍ଣବୈଷମ୍ୟ ବିରୋଧୀ ବିକ୍ଷୋଭକାରୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲେ। ସେମାନଙ୍କ ସଂଖ୍ୟା ବର୍ଣ୍ଣବୈଷମ୍ୟ ସପକ୍ଷବାଦୀ ଏବଂ ଦେଶାନ୍ତର ବିରୋଧୀ ବିକ୍ଷୋଭକାରୀଙ୍କଠାରୁ ଅଧିକ ରହିଛି। ଗତ ସପ୍ତାହରେ ୩ ଜଣ ସ୍କୁଲ୍ ଛାତ୍ରୀଙ୍କୁ ହତ୍ୟା ଘଟଣାରେ ମୁସଲମାନ କଟ୍ଟରପନ୍ଥୀ ସାମିଲ ଥିବା ଅଭିଯୋଗକୁ ନେଇ ବ୍ରିଟେନରେ କଠୋର ଜାତୀୟତାବାଦୀ ସଂଗଠନଗୁଡ଼ିକ ପକ୍ଷରୁ ଇସ୍‌ଲାମ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଥିଲା। ଆନ୍ଦୋଳନକୁ କଠୋର ହସ୍ତରେ ଦମନ କରିବା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ନିର୍ଦ୍ଦେଶ ଦେଇଥିଲେ। ଲଣ୍ଡନରେ ଥିବା ପ୍ରବାସୀ ଓକିଲ ଏବଂ ଏଜେନ୍ସିଗୁଡ଼ିକୁ ଟାର୍ଗେଟ କରି ବୁଧବାର ବିଭିନ୍ନ ସ୍ଥାନରେ ରାଲି କରାଯାଇଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ | Bhubaneswar, Friday, August 9/2024 | ପୃଷ୍ଠା-୧



### ହକିରୁ ଶ୍ରୀଜେଶଙ୍କ ଅବସର

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ ପରେ ହକିରୁ ଅବସର ନେଇଛନ୍ତି ଭାରତର ଷ୍ଟାର ଗୋଲକିପର ପି.ଆର୍. ଶ୍ରୀଜେଶ।

୧୭

୧୨

### ନାଗା ଚୈତନ୍ୟ ଓ ସୋଭିତାଙ୍କ ନିର୍ବନ୍ଧ

ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ସହ ଅଭିନେତ୍ରୀ ସୋଭିତା ଧୁଲିପାଲାଙ୍କ ନିର୍ବନ୍ଧ ଗୁରୁବାର ଅନୁଷ୍ଠିତ ହୋଇଛି।





ପ୍ୟାରିସ୍ ଅଲିମ୍ପିକ୍ସରେ ଗୁରୁବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ୨-୧ ଗୋଲରେ ପରାସ୍ତ କରିଥିବା ଭାରତୀୟ ହକି ଦଳ।

# ହକିରେ ଭାରତକୁ ବ୍ରୋଞ୍ଜ

ପ୍ୟାରିସ୍, ୮।୮

ତାରକା ମହିଳା ରେସଲର ଭିନେଶ ଫୋଗଟ୍‌ଙ୍କୁ ଅଯୋଗ୍ୟ ଘୋଷିତ ଏବଂ ଅବସର ଜନିତ ଘଟଣାକ୍ରମକୁ ନେଇ ଭାରତର କ୍ରୀଡ଼ା ମହଲରେ ନିରାଶା ଖେଳି ଯାଇଥିବାବେଳେ ଗୁରୁବାର ପୁରୁଷ ହକିରୁ ଆସିଛି ଏକ ବଡ଼ ଖବର। ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ହକି ଦଳ ପ୍ୟାରିସରେ ଜିତିଛି ବ୍ରୋଞ୍ଜ ପଦକ। ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ୨-୧ ଗୋଲରେ ☞ପୃଷ୍ଠା-୨

**ପ୍ୟାରିସ୍ ଅଲିମ୍ପିକ୍ସ**

**ନେଦରଲାଣ୍ଡ୍‌ସକୁ ସ୍ୱର୍ଣ୍ଣ, ଜର୍ମାନୀ ପାଇଲା ରୌପ୍ୟ**

### ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶା

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଦେଶର ହକି ଇତିହାସକୁ ସମୃଦ୍ଧ କରିଛି ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। କ୍ରମାଗତ ୨ଟି ଅଲିମ୍ପିକ୍ସରେ ଭାରତ ପଦକ ଜିତିବାରେ ସକ୍ଷମ ହୋଇଛି। ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶାର ବହୁତ ବଡ଼ ଅବଦାନ ରହିଛି। କାରଣ ଭାରତୀୟ ହକି ପ୍ରାୟୋଜକ ପାଇଁ ସଂଘର୍ଷ କରୁଥିବାବେଳେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ୨୦୧୮ ମସିହାରୁ ☞ପୃଷ୍ଠା-୨

# ନୀରଜଙ୍କୁ ରୌପ୍ୟ

**ପାକିସ୍ତାନର ନଦିମଙ୍କୁ ସ୍ୱର୍ଣ୍ଣ, ଗ୍ରେନେଡାର ପିଟରଙ୍କୁ ବ୍ରୋଞ୍ଜ**

ପ୍ୟାରିସ, ୮।୮




ପ୍ୟାରିସ୍ ଅଲିମ୍ପିକ୍ସରେ ଚମକ ଦେଖାଇ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ନୀରଜ ଚୋପ୍ରା। ଗୁରୁବାର ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ଯଦିଓ ନିଜର ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇ ନାହାନ୍ତି ତେବେ ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ପ୍ରଥମ ଉଦ୍ୟମରେ ଫାଉଲ କରି ବସିଥିବା ନୀରଜ ଦ୍ୱିତୀୟ ଉଦ୍ୟମରେ ସିଜନ ଶ୍ରେଷ୍ଠ ୮୯.୪୫ ମିଟର ଥ୍ରୋ କରିଥିଲେ। ମାତ୍ର ପରବର୍ତ୍ତୀ ୪ ରାଉଣ୍ଡ ତାଙ୍କର ଫାଉଲ ହୋଇଥିଲା। ଏହା ସତ୍ତ୍ୱେ ସେ ପାକିସ୍ତାନର ଅର୍ଶଦ ନଦିମଙ୍କ ପଛକୁ ଓଭରଅଲ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସେ ୮୯.୩୪ ମିଟର ଥ୍ରୋ କରି ଫାଇନାଲରେ ପ୍ରବେଶ କରିଥିଲେ। ଏହା ସେତେବେଳେ ଥିଲା ତାଙ୍କର ସିଜନ ଶ୍ରେଷ୍ଠ। ମନୁ ଭାକର ୨ଟି ବ୍ରୋଞ୍ଜ, ସ୍ୱପ୍ନିଲ କୁଶାଲେ ଓ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିବାପରେ ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି ଏହି ଜାଭେଲିନ ଷ୍ଟାର। ପାକିସ୍ତାନର ଅର୍ଶଦ ନଦିମ ପ୍ରଥମେ ଫାଉଲ କରିଥିଲେ ହେଁ ଦ୍ୱିତୀୟ ଉଦ୍ୟମରେ ଅଲିମ୍ପିକ୍ ରେକର୍ଡ ୯୨.୯୭ ମିଟର ଥ୍ରୋ କରି ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ। ପୂର୍ବରୁ ଅଲିମ୍ପିକ୍ ରେକର୍ଡ ଥିଲା ୯୦.୫୭ ମିଟର। ୨୦୦୮ ବେଜିଂ ଅଲିମ୍ପିକ୍ସରେ ନରୱେର ଆନ୍ଦ୍ରିଆସ ଥୋର୍କିଲ୍ଡସନ ଏହି ରେକର୍ଡର ଅଧିକାରୀ ଥିଲେ। ଥରେ ନୁହେଁ ନଦିମ ୨ ଥର ୯୦ ମିଟର ଉପରକୁ ଥ୍ରୋ କରି ନିଜ ଦକ୍ଷତା ଦେଖାଇଥିଲେ। ସେ ନିଜ ୬ଷ୍ଠ ତଥା ଅନ୍ତିମ ଉଦ୍ୟମରେ ☞ପୃଷ୍ଠା-୨

# ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ପରଲୋକ



କୋଲକାତା, ୮।୮

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ଷୀୟାନ ବାମପନ୍ଥୀ ନେତା ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଦକ୍ଷିଣ କୋଲକାତାର ପାମ୍ ଆଭେନ୍ୟୁସ୍ଥିତ ନିଜ ବାସଭବନରେ ଗୁରୁବାର ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତର ଆସି ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ଥିବାରୁ ବାରମ୍ବାର ହସ୍ପିଟାଲ ଯିବାକୁ ପଡୁଥିଲା। ଗତବର୍ଷ ☞ପୃଷ୍ଠା-୧୪

# ଭିନେଶଙ୍କ ଅବସର ଘୋଷଣା

ପ୍ୟାରିସ୍, ୮।୮ (ପି.ଟି.)

> ମା' କୁସ୍ତି ମୋଠୁ ଜିତିଗଲା, ମୁଁ ହାରିଗଲି, କ୍ଷମା କରିବ, ଆପଣଙ୍କ ସ୍ୱପ୍ନ, ମୋ ସାହସ ସବୁ ଭାଙ୍ଗିଯାଇଛି।
> - ଭିନେଶ ଫୋଗଟ୍



ମାତ୍ର ୧୦୦ ଗ୍ରାମ ଅଧିକ ଓଜନ ପାଇଁ ପ୍ୟାରିସ୍ ଅଲିମ୍ପିକ୍ସର ୫୦ କିଗ୍ରା ମହିଳା ରେସଲିଂ (କୁସ୍ତି) ଇଭେଣ୍ଟର ଫାଇନାଲରୁ ବୁଧବାର ବାଦ୍ ପଡ଼ିଯାଇଥିବା ଭାରତର ବିଶିଷ୍ଟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ୍ ଗୁରୁବାର ଅବସର ଘୋଷଣା କରିଛନ୍ତି। ୨୯ ବର୍ଷୀୟା ଭିନେଶ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭାବବିହ୍ୱଳ ଲେଖା ପୋଷ୍ଟ କରି କୁସ୍ତିକୁ ବାଏ ବାଏ ଜଣାଇଛନ୍ତି। ନିଜ ମା' ପ୍ରେମଲତାଙ୍କ ଉଦ୍ଦେଶ୍ୟରେ ସେ ଏହି ପୋଷ୍ଟଟି ଲେଖିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି 'ମା' କୁସ୍ତି ମୋଠୁ ଜିତିଗଲା, ମୁଁ ହାରିଗଲି, କ୍ଷମା କରିବ, ଆପଣଙ୍କ ସ୍ୱପ୍ନ, ମୋ ସାହସ ସବୁ ଭାଙ୍ଗିଯାଇଛି। ଏବେ ମୋଠାରେ ଅଧିକ ଶକ୍ତି ରହିନାହିଁ।' ୨୦୦୧ରୁ ୨୦୨୪ ପର୍ଯ୍ୟନ୍ତ ରେସଲିଂରେ ସକ୍ରିୟ ରହି ବିଶ୍ୱ ଚାମ୍ପିୟନଶିପ୍‌ରେ ୨ ଥର ବ୍ରୋଞ୍ଜ ପଦକ ☞ପୃଷ୍ଠା-୧୪

# ରାଜ୍ୟରେ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର, ୮।୮ (ସୁନିତ୍ ମିଶ୍ର)

### ଆସନ୍ତା ବର୍ଷ ନୂଆ ଅବକାରୀ ନୀତି: ହରିଚନ୍ଦନ

ରାଜ୍ୟରେ ଭାଜପା ସରକାର ଆସିବା ପରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ପ୍ରକାର ଆଲୋଚନା ଜାରି ରହିଛି। ସେହି କ୍ରମରେ ସରକାରଙ୍କ ଅବକାରୀ ନୀତି ନେଇ ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ଲାଗି ରହିଛି। କିଛିଦିନ ତଳେ ରାଜ୍ୟରେ ମଦ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଏକ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହା ପରଠାରୁ ଭାଜପା ସରକାର ମଦ କାରବାର ନେଇ କ'ଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିଛି। ଏହାରି ଭିତରେ ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ଆଉ ନୂଆ ମଦ ଦୋକାନ ଖୋଲିବ ନାହିଁ। ଖୁବ୍‌ଶୀଘ୍ର ଅବକାରୀ ନୀତିରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ମଦ ନୀତିକୁ ଆହୁରି କଡ଼ାକଡ଼ି କରାଯିବ। ବର୍ତ୍ତମାନ ପ୍ରଚଳିତ ମଦନୀତିରେ ଥିବା ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରାଯିବା ଦିଗରେ ପ୍ରଚେଷ୍ଟା କରାଯାଉଛି। ଏହି ନିୟମ ଅନ୍ତରୀଣ ଭାବେ ୭ ମାସ ପାଇଁ ଲାଗୁ କରାଯାଉଛି। ଆସନ୍ତା ବର୍ଷ ନୂଆ ଅବକାରୀ ନୀତି ପ୍ରଣୟନ କରାଯିବ। ରାଜ୍ୟରେ ଚୋରାମଦ ବିକ୍ରି ବନ୍ଦ କରିବା ଆମ ସମ୍ମୁଖରେ ଏକ ଚ୍ୟାଲେଞ୍ଜ। ନୂଆ ମଦ ନୀତିରେ ଚୋରା ମଦ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପୃଥ୍ୱୀରାଜ କହିଛନ୍ତି।

**ଆଜିର ସମ୍ପାଦକୀୟ**

ପ୍ରାଣୀ ଅସ୍ତିତ୍ୱ ପ୍ରତି ବିପଦ

# ଭୁବନେଶ୍ୱରରେ ଦେଶର ପ୍ରଥମ ଶସ୍ୟ ଏଟିଏମ୍

ଭୁବନେଶ୍ୱର, ୮।୮ (ଅନିଲ ଦାସ)

ଭୁବନେଶ୍ୱରରେ ଖୋଲିଛି ଦେଶର ପ୍ରଥମ 'ଶସ୍ୟ ଏଟିଏମ୍'। ଏଟିଏମ୍‌ରୁ ଟଙ୍କା ଉଠାଇବା ଭଳି ଏହି ମେଶିନରୁ ଚାଉଳ ବାହାରୁଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀମାନେ ଚାହିଁଲେ ଉକ୍ତ ମେଶିନରୁ ଚାଉଳ ଉଠାଇପାରିବେ। ମଞ୍ଚେଶ୍ୱରସ୍ଥିତ ଚାଉଳ ଗୋଦାମଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର ଏହି ଶସ୍ୟ ଏଟିଏମ୍‌କୁ ଉଦ୍‌ଘାଟନ କରିଛନ୍ତି। ଏଟିଏମ୍‌ରେ ଜଣେ ହିତାଧିକାରୀ ନିଜ କାର୍ଡ ନମ୍ବର ଉଲ୍ଲେଖ କରି ଅଥ



ସ୍କାନ୍ କରି ଚାଉଳ ନେଇପାରିବେ। ଏହି ଶସ୍ୟ ଏଟିଏମ୍ ବ୍ୟବସ୍ଥା ସଫଳ ହେଲେ ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲା ଓ ବ୍ଲକରେ ମଧ୍ୟ ଖୋଲାଯିବ। ଜଣେ ଖାଉଟି ସର୍ବାଧିକ ୨୫ କେଜି ପର୍ଯ୍ୟନ୍ତ ଚାଉଳ ଏଟିଏମ୍‌ରୁ ବାହାର କରିପାରିବେ। ଅନ୍ୟ ଜିଲାର ହିତାଧିକାରୀ ମଧ୍ୟ ଭୁବନେଶ୍ୱରରେ ଥିବା ଉକ୍ତ ଏଟିଏମ୍‌ରୁ ଚାଉଳ ନେଇପାରିବେ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ଏହା ଲାଗୁ ହେବା ଦ୍ୱାରା ହିତାଧିକାରୀମାନେ ଆଉ ଡିଲର ପାଖରେ ଛିଡ଼ାହୋଇ ରହିବେ ନାହିଁ। ଏହାଦ୍ୱାରା ଚାଉଳ ବାଟମାରଣା ମଧ୍ୟ ରୋକାଯାଇପାରିବ ☞ପୃଷ୍ଠା-୧୪



**ଆଜିର ମନ୍ତବ୍ୟ**
"ଭାରତ-ପାକିସ୍ତାନ ଜାତିସଂଘ ଘୋଷଣାପତ୍ର ଅନୁଯାୟୀ ତଥା ମାନବାଧିକାରକୁ ପୂର୍ଣ୍ଣ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଭାବେ କଶ୍ମୀର ପ୍ରସଙ୍ଗର ସମାଧାନ କରିବା ଉଚିତ।
–ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବୀର ସୁରେନ୍ଦ୍ରସାଏ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା। ବିଧାନସଭା ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ପଦ୍ମନାଭ ଛୋଟରାୟଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବଡ଼ଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା ୩୦।
- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ସମ୍ମୁଖ ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ, ସମୟ: ସକାଳ ୮ଟା। ସ୍ଥାନ: କଂଗ୍ରେସ ଭବନ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ଜୟୀରାଜଗୁରୁଙ୍କ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଓଡ଼ିଶା ମ୍ୟୁଜିୟମ୍ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୦ ଏବଂ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୨୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଶହୀଦ ରେଣ୍ଡୋ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୬।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ସଂଗ୍ରାମୀ ଚକରା ବିଶୋୟୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫।
- ଏମ୍‌ଡି କ୍ରିଏଶନ ଆଣ୍ଡ ଗ୍ରୁପ ପକ୍ଷରୁ 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ତାନୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଶହୀଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫ ଏବଂ କଳିଙ୍ଗ ହସ୍ପିଟାଲ ଛକ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୪୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୧୫ ଏବଂ ସୀତାନାଥବସ୍ତିସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଡିଏଭି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ଶହୀଦ ରଘୁନାଥ ମହାନ୍ତି ଓ ଶହୀଦ ଦିବାକର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୫୦।
- ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ କ୍ରାନ୍ତି ଦିବସ ସମାରୋହ, ସ୍ଥାନ: ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଭଗବାନ ବୀର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ନୀଳାଦ୍ରି ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା ୫୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପିଣ୍ଡିକୀ ବାହୁବଳେନ୍ଦ୍ରଙ୍କ ୨୦୩ତମ ବଳିଦାନ ଦିବସ, ସ୍ଥାନ: ଚନ୍ଦକାସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା ୪୦ ଏବଂ ଦାରୁଠେଙ୍ଗସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍‌ଆଇଆର୍- ଜିଜ୍ଞାସା ଲାବରେଟୋରୀ ଭିଜିଟ୍ କାର୍ଯ୍ୟକ୍ରମ, ସ୍ଥାନ: ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ୍ଦେ ଓଡ଼ିଶା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ସିନେମା 'ଭଗିଆ ଭାରିଯା'ର ଶୁଭମୁକ୍ତି, ସ୍ଥାନ: ମହାରାଜା ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୦।
- କ୍ରାନ୍ତି ଦିବସ, ସ୍ଥାନ: ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ଛାଡ଼ ଆନ୍ଦୋଳନ ଦିବସରେ ଶୋଭାଯାତ୍ରା ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କେଶରୀ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।
- ସଂଭାବନା ପକ୍ଷରୁ ସଙ୍ଗୀତରେ ଦେଶ ଭକ୍ତିର ସ୍ୱର 'ଜୟହିନ୍ଦ୍', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ୧୨୧ତମ ଜନ୍ମଦିବସ ଓ କ୍ରାନ୍ତି ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଚିରସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶୀ ଡ୍ୟାନ୍ସର୍ସ କାଉନ୍ସିଲ ଆୟୋଜିତ ଯୁବ ଓଡ଼ିଶୀ ଡ୍ୟାନ୍ସର୍ସ ସିଜନ-୧୦, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଳାଶ୍ରମ ନୂତନ ଗୃହର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ପୁରୀ ନରେନ୍ଦ୍ରକୋଣ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତଙ୍କ ଦର୍ଶନ, ସ୍ଥାନ: ଶ୍ରୀମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପୁନଶ୍ଚ ପୃଥିବୀ ସମ୍ପର୍କିତ ଆଲୋଚନା ବୈଠକ, ସ୍ଥାନ: ହୋଟେଲ ଏମ୍ପାୟର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କ୍ରାନ୍ତି ଦିବସ ପାଳନ, ସ୍ଥାନ: ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ ନାଗାସାକି ଦିବସ ପାଳନ ଅବସରରେ ଶାନ୍ତି ଆଲୋଚନା ସଭା, ସ୍ଥାନ: ପୁରୀ ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ୍ୱର ମିଶ୍ରଙ୍କ ସ୍ମୃତି ସଭା, ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ପ୍ରଜାତନ୍ତ୍ରର ୭୭ତମ ଜନ୍ମବାର୍ଷିକୀ, ସ୍ଥାନ: ବିଷୁବ ମଣ୍ଡପ, ପ୍ରଜାତନ୍ତ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଜିଲାସ୍ତରୀୟ କ୍ୟାମ୍ପୋରିର ଉଦ୍‌ଯାପନୀ, ସ୍ଥାନ: ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମିକ ନେତା ସୁଶାନ୍ତ କୁମାର ମହାନ୍ତିଙ୍କ ୨୩ତମ ସ୍ମୃତିଚାରଣ ସଭା, ସ୍ଥାନ: ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ ଶିବିର, ସ୍ଥାନ: କୈଳାଶ ଫିସାରୀ, ଅସ୍ତପୁରା, ରୂପ୍‌ସା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ଆଦିବାସୀ ସମ୍ପ୍ରଦାୟର ଆନ୍ତର୍ଜାତିକ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା୧୫।
- ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବାଘମାରି ନୋଡାଲ ଉପ୍ରା ବିଦ୍ୟାଳୟ, ରାୟାଁ ରାମଚନ୍ଦ୍ରପୁର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅଗଷ୍ଟ କ୍ରାନ୍ତି ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ଅପରାହ୍ନ ୨ଟା ୩୦।
- ଅଗ୍ରଗାମୀ କ୍ଲବ ଆନୁକୂଲ୍ୟରେ ପରିବେଶ ସଚେତନତା ଶିବିର, ସ୍ଥାନ:ନୀଳବାଡ଼ି ଶୀଳତା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା

## ଭଦ୍ରକ

- ଦିବଂଗତ ଦୁର୍ଯୋଧନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଅତା, ବାତୋ, ଘସିପୁରା, ସମୟ: ସକାଳ ୭ ଟା।
- ବାବା ବକୁଳି ଗୋସ୍ୱାମୀ ମଠରେ ପୂଜାର୍ଚ୍ଚନା, ସ୍ଥାନ: ବାତୋ, ଘସିପୁରା, ସମୟ: ସକାଳ ୭ ଟା।
- ମା' କୁଣ୍ଡୁଳାଇ ପୀଠରେ ପୂଜାର୍ଚ୍ଚନା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୮ଟା।
- ଜଗନ୍ନାଥଙ୍କ ମନ୍ଦିରରେ ମାନସିକ ପୂଜା ଏବଂ ହୋମ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ପରିବହନ ବିଭାଗ ତରଫରୁ ଟିକସ ଆଦାୟ କର୍ମଶାଳା, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ପଞ୍ଚାୟତରେ ବିଧାୟକଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ସତ୍ୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଆମ୍ବଯୋଡ଼ା, ଗୋପବନ୍ଧୁ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଆଥଲେଟିକ ଆସୋସିଏଶନ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପେସା ଗ୍ରାମସଭା ପକ୍ଷରୁ ଅଧିକାର ପାଇଁ ବାରିପଦା ଚାଲ କାର୍ଯ୍ୟକ୍ରମ, ସ୍ଥାନ: ପାଲବଣୀ ଫୁଟବଲ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଶୁଳିଆପଦା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।
- ବିଶ୍ୱ ଆଦିବାସୀ ଦିବସ ସମାରୋହ, ସ୍ଥାନ: ଆଦିବାସୀ ଭବନ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ମୁର୍ଗାବାଡ଼ି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଓଡ଼ିଶା ଭରୋତ୍ତୋଳନ ପ୍ରତିଯୋଗିତା, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ସ୍ୱଦେଶୀ ସଂସ୍କୃତି ଆଲୋଚନାଚକ୍ର, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜିସି କମିଟି ହଲ, ସମୟ: ଅପରାହ୍ନ ୨ଟା।
- ଅଙ୍ଗଦାନ ସଚେତନତା କର୍ମଶାଳା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂଆ କନଫରେନ୍ସ ହଲ,ସମୟ: ଅପରାହ୍ନ ୩ଟା।

## କନ୍ଧମାଳ

- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ସେବାକେନ୍ଦ୍ର, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- କ୍ୱାଣ୍ଟମ ମାଧ୍ୟମରେ ଭବିଷ୍ୟତ କମ୍ପ୍ୟୁଟିଂ ଏବଂ ଯୋଗାଯୋଗ ଅନୁସନ୍ଧାନ ବିଷୟରେ ଦୁଇ ଦିନିଆ ଆଲୋଚନା ଚକ୍ର, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ରାଜ୍ୟ ଶ୍ରମିକ ସମବାୟ ସଂସ୍ଥାର ଶୁଭାରମ୍ଭ ଉପଲକ୍ଷେ ଚାରାରୋପଣ, ସ୍ଥାନ: ଗୁଣପୁର ନୂତନ ବସଷ୍ଟାଣ୍ଡ ନିକଟ ଜେ.ଜେ ହଷ୍ଟେଲ ଛକ, ସମୟ: ସକାଳ ୯ଟା ୩୦।
- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ପୁଟାସିଂ, ଗୁଣପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜେକେ କାଗଜ କଳ ତରଫରୁ ସ୍ୱାଧୀନତା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ : କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ପେଣ୍ଟା,ସମୟ: ପୂର୍ବାହ୍ନ ୧୧ ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ସମାରୋହ, ସ୍ଥାନ: ଜିସିଡ଼ି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ,ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର

- କ୍ରାନ୍ତି ଦିବସ ଉପଲକ୍ଷେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ପୁରୁଣା ଜେଲ୍,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ ଆଦିବାସୀ ମହାସମାବେଶ, ସ୍ଥାନ: ଉମରକୋଟ ଆର୍‌ଏମ୍‌ସି ୟାର୍ଡ଼, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବିଶ୍ୱ ଆଦିବାସୀ ଦିବସ ନେଇ ଆଲୋଚନାଚକ୍ର, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସ୍ୱାଧୀନତା ଦିବସ ନେଇ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପ୍ରଶିକ୍ଷଣ, ସ୍ଥାନ: ମ୍ୟୁନିସିପାଲଟି ଅଡିଟୋରିୟମ, କୋରାପୁଟ, ସମୟ: ଅପରାହ୍ନ ୫ଟା ୩୦।

## ମାଲକାନଗିରି

- ବିଶ୍ୱ ଆଦିବାସୀ ଦିବସ ପାଳନ,ସ୍ଥାନ: ମାଲକାନଗିରି ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବିଶ୍ୱ ଆଦିବାସୀ ଦିବସରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି, ସମୟ : ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- କ୍ରାନ୍ତି ଦିବସ ଅବସରରେ ଜିଲା କୃଷକ ସୁରକ୍ଷା ସଙ୍ଗଠନର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା
- ଲାଜପତ ରାୟ ଆଇନ କଲେଜ ପୁରାତନ ଛାତ୍ର ସଂଘର ବୈଠକ, ସ୍ଥାନ: କଲେଜ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା

## ବଲାଙ୍ଗୀର

- ଯୁବବର୍ଗଙ୍କ ମଧ୍ୟରେ ଏଡ୍‌ସ ଏବଂ ଏଚ୍‌ଆଇଭି ସଚେତନତା ପାଇଁ ମାରାଥନ୍ ରେସ୍, ରେଡ୍ ରନ୍‌ର ଶୁଭାରମ୍ଭ: ସ୍ଥାନ: ଗାନ୍ଧୀ ଷ୍ଟାଡିୟମ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ସଦସ୍ୟଙ୍କ ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ନଗର ପରିକ୍ରମା ଉତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପ୍ରାତଃ ୫ଟା ୩୦।
- ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ବିଜୟ କ୍ଲବ, ଝିରପାଣି, ସମୟ: ସକାଳ ୯ଟା।
- ଚକ୍ଷୁ ପରୀକ୍ଷଣ ଶିବିର, ସ୍ଥାନ: ଲାୟନ୍ସ କ୍ଲବ, ସିଭିଲଟାଉନଶିପ୍, ସମୟ: ସକାଳ ୯ଟା ୩୦।
- ସ୍ୱାଧୀନତା ଦିବସ ପାଇଁ ବୈଠକ, ସ୍ଥାନ: ଜଗଦା ନବଜୀବନ ମଣ୍ଡଳ, ସମୟ: ଅପରାହ୍ନ ୫ଟା।
- ସାହିତ୍ୟରେ ଭାଷା ସରଳତା ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼

- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାକରଣ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ବ୍ଲକର ଏକମା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଅତାବିରା ହାଇସ୍କୁଲ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ କ୍ରାନ୍ତୀ ଦିବସ ପାଳନ, ସ୍ଥାନ: ରାଣାପ୍ରତାପ ସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ଜୁନାଗଡ଼ ଏନ୍‌ଏସିରେ ଅନାସ୍ଥା ଭୋଟ, ସ୍ଥାନ: ଜୁନାଗଡ଼ ଏନ୍‌ଏସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- କୌଶଳ ରଥ ପରିଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସଭାଗୃହ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ ୧୧ ସଙ୍ଗୀତ ପ୍ରତିଯୋଗିତା ପାଇଁ ରିଅଲସେଲ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ସୋମନାଥ ବାବାଙ୍କ ପୂଜାର୍ଚ୍ଚନା ଓ ମହାକ୍ଷୀରଶାୟୀ, ସ୍ଥାନ: ସୁବର୍ଣ୍ଣପୁର ଘୋଡାଘାଟପଡା ପଶ୍ଚିମ ସୋମନାଥ ମନ୍ଦିର, ସମୟ: ସକାଳ ୮ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଓଡିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କସ୍‌ମସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଢେଙ୍କାନାଳ ଜିଲା ରକ୍ତଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।
- ୮ମ କପିଳାସ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଢେଙ୍କାନାଳସ୍ଥିତ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ୬ଟା ୧୫।

## ଜଗତ୍‌ସିଂହପୁର

- ଇଫ୍‌କୋ କର୍ମଚାରୀ ୟୁନିୟନର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଇଫ୍‌କୋ ଟାଉନ୍‌ଶିପ, ପାରାଦୀପ, ସମୟ: ସକାଳ ୮ଟା।
- ଲବଣ ସତ୍ୟାଗ୍ରହ ସ୍ମାରକୀ ଆଲୋଚନା, ସ୍ଥାନ: ନ୍ୟାଶନାଲ ସ୍କୁଲ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଯୁବଶକ୍ତି ଅଭିଯାନର ଆତ୍ମତର୍ଜମା କର୍ମଶାଳା, ସ୍ଥାନ: ଅଳକାଆଶ୍ରମ, ଜଗତ୍‌ସିଂହପୁର ସହର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟ ମହିଳା କମିଶନଙ୍କ ପକ୍ଷରୁ ମହିଳାଙ୍କ ଅଧିକାର ଓ ସଂରକ୍ଷଣ ସମ୍ପର୍କରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଲିଘର ଫାଉଣ୍ଡେଶନ ଆନୁକୂଲ୍ୟରେ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ନପଙ୍ଗ ହନୁମାନ ମନ୍ଦିର ନିକଟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼

- ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ବ୍ଲକସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏଡସ୍ ସଚେତନତା ଶିବିର, ସ୍ଥାନ: ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା୩୦।

## କେନ୍ଦ୍ରାପଡ଼ା

- ଗାନ୍ଧୀ ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ କ୍ରାନ୍ତି ଦିବସର ବାର୍ତ୍ତା ଓ ଆଜିର ବାସ୍ତବତା କାର୍ଯ୍ୟକ୍ରମ, ସ୍ଥାନ: ପବ୍ଲିକ ରିଡିଂ ରୁମ୍, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ପାପଗ୍ରହଯୁକ୍ତ ହେତୁ ଶଙ୍କାକୁଳ ମନରେ କାମ କରିବେ। ସମ୍ପର୍କୀୟଙ୍କ ଅନାଦରଭାବ ମନକୁ ବ୍ୟଥିତ କରିବ। କିନ୍ତୁ କର୍ମାଧିପ ଲାଭ ସ୍ଥାନସ୍ଥ ଯୋଗୁଁ ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ଶାରୀରିକ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ, କିନ୍ତୁ ଅର୍ଥ ସଂକଟ ଦେଖାଦେବ।

**ବୃଷ** ଚନ୍ଦ୍ରଯୁକ୍ତ କେତୁ ହେତୁ ମାନସିକ ସ୍ଥିତି ଆଦୌ ଭଲ ରହିବ ନାହିଁ। ଏକାଧିକ କାମରେ ମୁଣ୍ଡ ପୂରାଇ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଅବଶ୍ୟ ବିଭିନ୍ନ ପ୍ରକାରର ଘରୋଇ ଝାମେଲାକୁ ସୁଧାରି ନେବାରେ ସମର୍ଥ ହେବେ। ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟମାନଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** ତୃତୀୟାଧିପ ଦ୍ୱିତୀୟସ୍ଥ ଯୋଗୁ ସମ୍ପର୍କୀୟଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ସମ୍ପନ୍ନ କରିପାରିବେ। ଶନିଙ୍କ ଦୃଷ୍ଟିରେ ବୁଧ ଥିବାରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ହିତୈଷୀଙ୍କ ପରାମର୍ଶ ନେବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରତି ଆଗ୍ରହୀ ହେବେ।

**କର୍କଟ** ରବିଙ୍କ ପ୍ରଭାବରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି। ମାନସିକ ସ୍ଥିତି କେତେକାଂଶରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ବହୁପୂର୍ବରୁ ପାଇବାକୁ ଥିବା ଅର୍ଥ ଆଜି ଅପରାହ୍ନରେ ପାଇପାରିବେ।

**ସିଂହ** କର୍ମଭାବସ୍ଥ ମଙ୍ଗଳଙ୍କ ଯୋଗୁ ପାରିବାରିକ ପରିସ୍ଥିତି ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ଆର୍ଥିକ ଅନଟନରେ ଅଣନିଃଶ୍ୱାସୀ ହୋଇ ଶେଷରେ ବନ୍ଧୁଙ୍କ ନିକଟରୁ କିଛି ପାଇବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ମିଳିବ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇ ପାରନ୍ତି।

**କନ୍ୟା** ପାପଗ୍ରସ୍ତ ଚନ୍ଦ୍ରଜନିତ ସକାଳୁ କୌଣସି ଅଶୁଭ ଖବର ପାଇ ମନ ବିଚଳିତ ହେବ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ବାଧ୍ୟ ହୋଇପାରନ୍ତି। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଂକୁଚିତ କରି ରଖିବାକୁ ବାଧ୍ୟ ହୋଇପାରନ୍ତି।

**ତୁଳା** ବୁଧଯୁକ୍ତ ଶୁକ୍ର ଏକାଦଶସ୍ଥ ଯୋଗୁ ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ କଠିନ ପରିଶ୍ରମ କରିବାକୁ ପଡ଼ିବ। ଭଲ ସମ୍ପର୍କ ନ ଥିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଅନୁକୂଳ ଗ୍ରହସ୍ଥିତିରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କ୍ରୀଡ଼ାରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ଖୋଜୁଥିବା ଜିନିଷଟି ସୁବିଧାରେ ପାଇଯିବେ।

**ଧନୁ** ଶନି ଦୃଷ୍ଟ ଭାଗ୍ୟସ୍ଥାନଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କାମର ଚାପ ବୃଦ୍ଧି ପାଉଥିବାରୁ ଅତ୍ୟାବଶ୍ୟକ କାମଟିକୁ ଆସନ୍ତାକାଲି ପାଇଁ ରଖିବେ। ଯାନବାହନ ଚଳାଚଳରେ ସତର୍କ ରହିବା ଭଲ। ଉଚ୍ଚବାଚ ଘଟିଲେ ମଧ୍ୟ ବାକେୟା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ପାପଗ୍ରହଯୁକ୍ତ ସପ୍ତମାଧିପ ଯୋଗୁ ପାରିବାରିକ କ୍ଷେତ୍ରରେ ମନରେ ସରସତା ରହିବ ନାହିଁ। ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି,ଏଜେନ୍ସି, ଆନୁଷ୍ଠାନିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସପ୍ତମସ୍ଥ ଗ୍ରହ ପ୍ରଭାବରେ ଆଜିର ଯାତ୍ରା ସଫଳ ହେବ ଓ ଯାହା ଚାହୁଁଛନ୍ତି ତାହା ପାଇବେ। ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଆପଣଙ୍କୁ ନେହୁରା ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ନଚେତ୍ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ।

**ମୀନ** ଗୁରୁମଙ୍ଗଳ ଯୋଗ ପ୍ରଭାବରେ ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଦୀର୍ଘଦିନରୁ ପାଇନଥିବା ବକେୟା ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତିରେ ସଫଳତା ପାଇବେ।

ଆଜି ଅଗଷ୍ଟ ୯ ତାରିଖ, ବିଶ୍ୱ ଜନଜାତି ଦିବସ, ନାଗାସାକି ଦିବସ ଓ ଅଗଷ୍ଟକ୍ରାନ୍ତି ଦିବସ, ଶ୍ରାବଣ ଶୁକ୍ଳ ୫ମୀ ଶୁକ୍ରବାର, ରାଶିନକ୍ଷତ୍ର-ହସ୍ତା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହାରମ୍ଭ, ଜଳାଶୟ ଖନନ ଓ ଦେବତା ଗଠନ ପାଇଁ ଶୁଭଦିନ। ସକାଳ ଘ.୦୫।୨୮ମି. ଗତେ ଘ.୦୬।୧୯ ମଧ୍ୟେ, ଘ.୦୭।୧୧ ମି. ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୬ମି. ଗତେ ଘ.୧୧।୫୨ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ହକିରେ ଭାରତକୁ...

ପରାସ୍ତ କରିଛି। ଏଥିସହ ଟୋକିଓ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ସଫଳତାକୁ ଭାରତ ପ୍ୟାରିସରେ ବଜାୟ ରଖିବାରେ ସଫଳ ହୋଇଛି। ଏହାଥିଲା 'ଦି ୱାଲ' ଭାବେ ପରିଚିତ ଷ୍ଟାର ଗୋଲକିପର ପି.ଆର. ଶ୍ରୀଜେଶଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ। ତେଣୁ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଦଳ ତାଙ୍କୁ ଉପଯୁକ୍ତ ସମ୍ମାନର ସହ ବିଦାୟ ମଧ୍ୟ ଜଣାଇଛି। ଭାରତ ଏହା ପୂର୍ବରୁ ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ୮ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୬୦ରେ ରୌପ୍ୟ ଏବଂ ୧୯୬୮, ୧୯୭୨ ଓ ୨୦୨୦ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା।

କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମକୁ ହରାଇ ଆଗକୁ ବଢ଼ିଥିବା ସ୍ପେନ୍ ବ୍ରୋଞ୍ଜ ପଦକ ମ୍ୟାଚରେ ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରଥମାର୍ଦ୍ଧରେ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ 'ଦି ଗ୍ରେଟ୍ ଇଣ୍ଡିଆନ ୱାଲ୍' ଭାବେ ପରିଚିତ ଶ୍ରୀଜେଶ ଏହାକୁ ସଫଳତାର ସହ ପ୍ରତିହତ କରିଥିଲେ। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଯାଇଥିଲା। ଅଧିନାୟକ ମାର୍କ ମିରାଲେସ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଭାରତୀୟ ଦଳ ଉତ୍ସାହୀ ପ୍ରଦର୍ଶନ ଜାରି ରଖିଥିଲା।

ଦ୍ୱିତୀୟ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଶେଷ ହେବାର ଅନ୍ତିମ କ୍ଷଣରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ ସିଂ ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଆସିଯାଇଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଆକ୍ରମଣକୁ ଜୋରଦାର କରିଥିଲା। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ୩୩ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତକୁ ଅଗ୍ରଣୀ କରିଥିଲେ। ଶେଷ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ସ୍ପେନ୍ ବିଭିନ୍ନ ରଣନୀତି ଅବଲମ୍ବନ କରିଥିଲା। ଏକାଧିକ ପେନାଲ୍ଟିକର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ନିଜ ଅଭିଜ୍ଞତା ଓ ଦକ୍ଷତାର ଉପଯୋଗ କରି ଶ୍ରୀଜେଶ ଏହାକୁ ପ୍ରତିହତ କରିବା ସହ ଭାରତକୁ ଦେଇଥିଲେ ସ୍ମରଣୀୟ ବିଜୟ। ଫଳରେ ଟୋକିଓ ପରେ ପ୍ୟାରିସରେ ଉଡ଼ିଥିଲା ଭାରତର ବିଜୟ ଧ୍ୱଜା।

## ଭାରତୀୟ ହକି ଦଳର...

ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛି ଓଡ଼ିଶା। ପ୍ରଥମେ ୫ ବର୍ଷ ପାଇଁ ଏହି ଚୁକ୍ତି ହୋଇଥିବାବେଳେ ପରେ ଏହାକୁ ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ଏହାକୁ ଆଉ ୩ ବର୍ଷ ୨୦୩୬ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଛି। ଫଳରେ ଦେଶରେ ହକିର ଉତ୍‌ଥାନ ହୋଇଛି ଏବଂ ଭାରତୀୟ ଦଳ ବିନା ଦ୍ୱିଧାରେ ଦେଶ ଏବଂ ବିଦେଶରେ ଟ୍ରେନିଂ ନେବାସହ ବଡ଼ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିପାରୁଛି। ପ୍ୟାରିସ ଯିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ହୋଇଥଲା ଭାରତୀୟ ଦଳର କ୍ୟାମ୍ପ। ଏଠାରେ ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇ ଭାରତୀୟ ଦଳ ପ୍ୟାରିସରେ ପଦାର୍ପଣ କରିଥିଲା। ପୂରା ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ସେମିଫାଇନାଲରେ ପରାଜିତ ହୋଇଥିଲେ ହେଁ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ୍‌କୁ ହରାଇ ରଚିଛି ନୂଆ ଇତିହାସ। ଭାରତର ଏହି ବିଜୟରେ ଅନ୍ୟତମ ସଫଳ ନାୟକ ହେଲେ ନିର୍ଭରଯୋଗ୍ୟ ଡିଫେଣ୍ଡର ଅମିତ ରୋହିଦାସ। ସେ ଭାରତୀୟ ଦଳର ପ୍ରଥମ ରଶର ମଧ୍ୟ। ଅର୍ଥାତ୍ ବିପକ୍ଷ ଦଳ ପେନାଲ୍ଟି କର୍ନର ଶୁଟ୍ କରିବାବେଳେ ତାକୁ ପ୍ରତିହତ କରିବାରେ ଅମିତ ସବୁଠାରୁ ବଡ଼ ଭୂମିକା ତୁଲାଇ ଆସିଛନ୍ତି। ଟୋକିଓ ପରେ ପ୍ୟାରିସରେ ବ୍ରୋଞ୍ଜ ପଦକ ଜିତି ଅମିତ ନିଜ କ୍ୟାରିୟରକୁ ଜାଜ୍ୱଲ୍ୟମାନ କରିବା ସହ ଓଡ଼ିଶାକୁ ଗର୍ବିତ କରିଛନ୍ତି।

## ନୀରଜଙ୍କୁ ରୌପ୍ୟ...

୯୧.୭୯ ମିଟର ଥ୍ରୋ କରିଥିଲେ। ଗ୍ରେନେଡାର ପିଟର ଆଣ୍ଡରସନ ୮୮.୫୪ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ପାଇଥିଲେ। ଟୋକିଓରେ ସ୍ୱର୍ଣ୍ଣ ଓ ପ୍ୟାରିସ୍‌ରେ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ଏକାଧିକ ପଦକ ଜିତିବାରେ ସ୍ୱାଧୀନ ଭାରତର ସବୁଠାରୁ ସଫଳ ଆଥ୍‌ଲେଟ୍ ବିବେଚିତ ହୋଇଛନ୍ତି ନୀରଜ। ତାଙ୍କ ପୂର୍ବରୁ କେବଳ ପି.ଭି. ସିନ୍ଧୁ (ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ), ରେସଲର ସୁଶୀଲ କୁମାର (ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ) ଓ ଶୁଟର ମନୁ ଭାକର (୨ଟି ବ୍ରୋଞ୍ଜ) ଅଲିମ୍ପିକ୍ସରେ ୨ଟି ଲେଖାଏ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ହରିୟାଣାର ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର ଏହି ଆଥ୍‌ଲେଟ୍ ପ୍ୟାରିସ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇ ନ ଥିଲେ ହେଁ ରୌପ୍ୟ ପଦକ ଜିତି ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତିଛନ୍ତି।

**୫ ଦିନିଆ ଓଡ଼ିଶା ଗସ୍ତରେ ମୋହନ ଭାଗବତ**

ଭୁବନେଶ୍ୱର,୮।୮(ସୁନିତ୍ ମିଶ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସରସଂଘ ଚାଳକ ମୋହନ ଭାଗବତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସି ଗୁରୁବାର ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ସେ ଭୁବନେଶ୍ୱରରେ ରାତ୍ରିଯାପନକରି ଶୁକ୍ରବାର ଶ୍ରୀମନ୍ଦିର ଯାଇ ଜଗନ୍ନାଥଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ପୁରୀଠାରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ପ୍ରାନ୍ତ ସେବା ପ୍ରମୁଖ ବୈଠକରେ ସେ ସାମିଲହେବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୨ ତାରିଖରେ ସେ ଫେରିଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।




# ଅନୁପ୍ରବେଶ ଭୟ: ଓଡ଼ିଶାରେ ହାଇଆଲର୍ଟ

## ଅଶାନ୍ତ ବାଂଲାଦେଶ

ଭୁବନେଶ୍ୱର,୮।୮ (ସତ୍ୟଜିତ୍ ରାଉତ)

ବାଂଲାଦେଶରେ ସଂରକ୍ଷଣ ହିଂସା ଲାଗିରହିଥିବା ବେଳେ କ୍ରମଶଃ ଏହା ଭୟାନକ ରୂପ ନେବାରେ ଲାଗିଛି। ସବୁଠି ପୋଡ଼ାଜଳା, ହତ୍ୟାକାଣ୍ଡ ଆଦି ହିଂସା ଘଟୁଥିବାରୁ ଦେଶରେ ଅସ୍ଥିରତା ଲାଗି ରହିଛି। ସେଠାରେ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବାଂଲାଦେଶୀମାନେ ଭାରତ ଆସିବାର ସମ୍ଭାବନା ଦେଖାଦେଇଛି। ଅନୁପ୍ରବେଶକାରୀମାନେ ସମୁଦ୍ରପଥ ଦେଇ ବୋଟ୍ ଯୋଗେ ଦେଶ ଛାଡ଼ି ଆସିବାର ଆଶଙ୍କା ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ସୁରକ୍ଷା ଉପରେ ଭାରତ ସରକାରଙ୍କ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଉଛି। ଏହିକ୍ରମରେ ଓଡ଼ିଶାକୁ ବାଂଲାଦେଶୀ ଅନୁପ୍ରବେଶକାରୀ କିଭଳି ନ ଆସିପାରିବେ ସେନେଇ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବା ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅରୁଣ ଷଡ଼ଙ୍ଗୀ କହିଛନ୍ତି। ଡିଜିପି ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟର ୭ଟି ତଟବର୍ତ୍ତୀ ପୋଲିସ ଜିଲାର ୧୮ଟି ସାମୁଦ୍ରିକ ଥାନାକୁ ସାମୁଦ୍ରିକ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ସତର୍କ ସୂଚନା ଜାରି କରାଯାଇଛି। ସମୁଦ୍ର ତଟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାମୁଦ୍ରିକ ଥାନାଗୁଡ଼ିକୁ ଅଧିକ ଲୋକବଳ ଦିଆଯାଇଛି। ବିଶେଷ କରି ବାଂଲାଦେଶର ପାଖ ପଡୁଥିବା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାର ୯ଟି ସାମୁଦ୍ରିକ ଥାନାକୁ ଅଧିକ ଆଲର୍ଟ କରାଯାଇଛି। ସମୁଦ୍ରରେ ୫ ନଟିକାଲ ମାଇଲ ପର୍ଯ୍ୟନ୍ତ ସାମୁଦ୍ରିକ ଥାନାଗୁଡ଼ିକ ପାଟ୍ରୋଲିଂ କରିବେ। ଗୋଟିଏ କିମ୍ବା ଦୁଇଟି ଥାନାକୁ ଛାଡ଼ି ଅନ୍ୟସବୁ ସାମୁଦ୍ରିକ ଥାନାରେ ପ୍ରାୟ ବୋଟ୍ ଅଛି। ତେଣୁ ଉକ୍ତ ଥାନା ଏରିଆକୁ ପାଖ ଥାନା କଭର୍ କରିବେ। ଏହାବ୍ୟତୀତ ତଟବର୍ତ୍ତୀ ମତ୍ସ୍ୟଜୀବୀ ଆବାସ ଏବଂ ଲୋକ ରହୁଥିବା ସ୍ଥାନଗୁଡ଼ିକରେ ଫୋର୍ସ ମୁତୟନ କରାଯାଇଛି। ଗୋଇନ୍ଦା ବିଭାଗକୁ ସତର୍କ କରାଯାଇଛି। ବାଂଲାଦେଶୀମାନେ ଆସୁଥିବା ବୋଟ୍‌ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପ୍ରତି ପୋଲିସ ସଜାଗ ରହିଥିବାବେଳେ ବେଳାଭୂମିକୁ ସୁଦୃଢ଼ କରି ରଖିଛୁ ବୋଲି ଡିଜି କହିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶରେ ହିନ୍ଦୁମନ୍ଦିରକୁ ବିକ୍ଷୋଭକାରୀମାନେ ଆକ୍ରମଣ କରୁଥିବାରୁ ମଧ୍ୟ ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ଓଡ଼ିଶାରେ ଥିବା ବାଂଲାଦେଶୀଙ୍କ ଉପରେ ଏହାର ପ୍ରଭାବ ନ ପଡିବା ପାଇଁ ରାଜ୍ୟରେ ମଧ୍ୟ ଆଲର୍ଟ କରାଯାଇଛି। ଗୋଷ୍ଠୀଗତ ଉତ୍ତେଜନା ନ ଘଟିବା ପାଇଁ ପୋଲିସ ସଜାଗ ରହିଛି ବୋଲି ଡିଜିପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ ଡେପୁଟେଶନରୁ ଫେରିଲେ ପାରୁଲ ଗୁପ୍ତା

ଭୁବନେଶ୍ୱର,୮।୮(ଅନିଲ ଦାସ)

କେନ୍ଦ୍ର ସରକାର ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ପାରୁଲ ଗୁପ୍ତାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ଅବଧିକୁ ସମାପ୍ତ କରି ଓଡ଼ିଶାକୁ ଫେରାଇ ଦେଇଛନ୍ତି। ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଞ୍ଜୁରୀ ଦେଇଛି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପାରୁଲଙ୍କୁ ଓଡ଼ିଶା କ୍ୟାଡରକୁ ଫେରାଇ ଦେବା ପାଇଁ ୨୦୨୪ ଜୁଲାଇ ୩ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁପାରିସ କରିଥିଲା। ଏହାକୁ କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମଞ୍ଜୁରୀ ଦେଇଛି। ପାରୁଲଙ୍କୁ ୨୦୨୩ ମାର୍ଚ୍ଚ ୧୬ରେ ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି) ହାର୍ଡକୋରରେ ସାମିଲ ପାଇଁ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି କମିଟି ଅନୁମତି ଦେଇଥିଲା। ପାରୁଲଙ୍କ ସହ ତାଙ୍କ ବ୍ୟାଚର ଓଡ଼ିଶା କ୍ୟାଡ଼ରର ଆଶିଷ କୁମାର ସିଂ ମଧ୍ୟ ଆଇବି ହାର୍ଡକୋର ପାଇଁ ଡେପୁଟେଶନରେ ଯାଇଥିଲେ। ଉଭୟ ଅଫିସରଙ୍କୁ ୪ବର୍ଷ ପାଇଁ ଆଇବିକୁ ଡେପୁଟେଶନରେ ନିଯୁକ୍ତି ମିଳିଥିଲା। ମାତ୍ର ବର୍ଷକ ମଧ୍ୟରେ ପାରୁଲଙ୍କୁ ଫେରାଇ ଦେଇଥିବାରୁ ତାଙ୍କୁ ନେଇ ପୋଲିସ ମହଲରେ ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ କେନ୍ଦ୍ର ସରକାର ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇବି ଖୁରାନିଆଙ୍କ ଡେପୁଟେଶନ ଅବଧିକୁ ଅଧାରୁ ସମାପ୍ତ କରି ତତ୍କାଳ ପ୍ରଭାବରୁ ଆଗୁଆ ଓଡ଼ିଶାକୁ ଫେରାଇ ଦେଇଥିଲେ।

# ନାଫେଡ୍ ମାଧ୍ୟମରେ ଉତ୍ତରପ୍ରଦେଶରୁ ଆସିବ ଆଳୁ

- ୩୦ ଟଙ୍କାରେ ଖାଉଟିଙ୍କୁ ମିଳିବ
- ୨ ବର୍ଷ ଭିତରେ ସ୍ୱାବଲମ୍ବୀ ହେବାକୁ ଯୋଜନା

ଭୁବନେଶ୍ୱର,୮।୮(ଅନିଲ ଦାସ)

ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ସରକାର ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ରାଜ୍ୟ ସରକାର ନାଫେଡ୍ ମାଧ୍ୟମରେ ଆଳୁ କିଣିବା ସହ ଖାଉଟିଙ୍କୁ କିଲୋ ପିଛା ୩୦ ଟଙ୍କାରେ ଯୋଗାଇଦେବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦ ମେଟ୍ରିକ ଟନ୍ ଆଳୁ ପାଇଁ ନାଫେଡ୍ ମାଧ୍ୟମରେ ଅର୍ଡର କରାଯାଇଛି। ଏହା ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ମିଳିବ। ବିକ୍ରୟ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଳୁ ସମସ୍ୟା ନେଇ ବୁଧବାର ଯୋଗାଣ ମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଖୁବ୍‌ଶୀଘ୍ର ସ୍ଥିତି ନିୟନ୍ତ୍ରଣକୁ ଆସିବ। ଏଥିସହିତ ଆସନ୍ତା ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଗତ କିଛି ଦିନ ହେବ ଆଳୁ ସଙ୍କଟ ଲାଗି ରହିଛି। ପଶ୍ଚିମବଙ୍ଗ କିମ୍ବା ଉତ୍ତର ପ୍ରଦେଶରୁ ଆଳୁ ନ ଆସିବା ଯୋଗୁ ରାଜ୍ୟରେ ପରିସ୍ଥିତି ଦିନକୁ ଦିନ ସଙ୍ଗିନ ହେଉଛି। ଖାଉଟିମାନେ ଚଢ଼ା ଦରରେ ଆଳୁ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟରେ ଗୁରୁବାରଠାରୁ ପର୍ଯ୍ୟାପ୍ତ ପରିମାଣରେ ଏବଂ ଉଚିତ ଦାମ୍‌ରେ ଆଳୁ ମିଳିବ ବୋଲି ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚଢ଼ା ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଚେତାବନୀ ଦେଇଥିଲେ। ହେଲେ ଖୁଚୁରା ବଜାରରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଖୁଚୁରା ବଜାରରେ ଚଢ଼ା ଦରରେ ଆଳୁ ବିକ୍ରି ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବାଧ୍ୟହୋଇ ଖାଉଟି କିଲୋ ପିଛା ୫୦ ଟଙ୍କାରେ ଆଳୁ କିଣୁଛନ୍ତି। ରାଜ୍ୟରେ ଦର ଆକାଶଛୁଆଁ ହେବାପରେ ସ୍କୁଲ ମଧ୍ୟାହ୍ନ ଭୋଜନ ଓ ଆହାର କେନ୍ଦ୍ର ଡାଲମାରୁ ମଧ୍ୟ ଆଳୁ ଉଭେଇ ଯାଇଛି।

ଗତ ୫ ତାରିଖଠାରୁ ଓଡ଼ିଶାକୁ ଆଳୁ ଗାଡ଼ି ଆସି ନ ଥିବାରୁ ବଜାରରେ ତିରୋଟ ପରିସ୍ଥିତି ସୃଷ୍ଟି ହୋଇଛି। ଭୁବନେଶ୍ୱର ଖୁଚୁରା ବଜାରରେ ଆଳୁ କିଲୋ ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଭଦ୍ରକରେ ୪୫ ଟଙ୍କା, ମୟୂରଭଞ୍ଜରେ ୪୦ ଟଙ୍କା ଓ ବାଲେଶ୍ୱରରେ ୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ ଆଳୁ ଗାଡ଼ି ଉପରେ ରୋକ ଲଗାଇବା ପରେ ବ୍ୟବସାୟୀମାନେ ଉତ୍ତରପ୍ରଦେଶରୁ ଆଳୁ ଆଣି ବିକ୍ରି କରିଥିଲେ। ସେହି ଆଳୁ ଖାଉଟିଙ୍କ ଆଦୃତି ଲାଭ ନ କରିବାରୁ ଆମଦାନୀ ଏକପ୍ରକାର ବନ୍ଦ ହୋଇଯାଇଛି।

ଓଡ଼ିଶା ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଆଳୁ ସଙ୍କଟ ନେଇ କେବଳ ବ୍ୟବସାୟୀଙ୍କୁ ଦୋଷ ଦେଲେ ହେବ ନାହିଁ। ସରକାର ଓ ବ୍ୟବସାୟୀଙ୍କୁ ମିଳିତ ଭାବେ ଏହି ସମସ୍ୟାର ସମାଧାନ କରିବାକୁ ହେବ। ସରକାର ଆଳୁ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଏଥିସହିତ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଆହୁରି ୨ଦିନ ବର୍ଷା

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ପଶ୍ଚିମ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ମୌସୁମୀ ସକ୍ରିୟ ରହିଥିବାରୁ ରାଜ୍ୟରେ ବର୍ଷା ଜାରି ରହିଛି। ଗୁରୁବାର ନୟାଗଡ଼ରେ ସର୍ବାଧିକ ୪୯.୦ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଢେଙ୍କାନାଳରେ ୪୫.୨ ମି.ମି., ତାଳଚେରରେ ୩୫.୦ ମି.ମି., ବାରିପଦା ୩୦.୨ ମିମି ଏବଂ ନବରଙ୍ଗପୁରରେ ୧୬.୪ ମିମି ବର୍ଷା ହୋଇଛି। ତେବେ ରାଜ୍ୟରେ ଆହୁରି ୨ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ୯ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କୋରାପୁଟ, ବରଗଡ଼, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ରହିଛି। ଶନିବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ କେନ୍ଦୁଝର ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ଶନିବାରଠାରୁ ରାଜ୍ୟରେ ବର୍ଷାର ପରିମାଣ କମିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ମଧ୍ୟାହ୍ନଭୋଜନରେ ଝିଟିପିଟି



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

## ୫୦ ଛାତ୍ରୀଛାତ୍ର ଅସୁସ୍ଥ

ସୋର,୮।୮(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ୍ ଶିରାପୁରସ୍ଥିତ ଉଦୟ ନାରାୟଣ ନୋଡାଲ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ଖାଇ ୫୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନଭୋଜନରେ ଝିଟିପିଟି ପଡ଼ି ଖାଦ୍ୟ ବିଷାକ୍ତ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ପଢୁଥିବା ୧୬୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁବାର ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିଲା। ୫୦ ଜଣ ପିଲା ଭାତ ଓ ତରକାରି ଖାଇବା ପରେ ସେଥିରୁ ଝିଟିପିଟି ବାହାରିଥିଲା। କିଛି ସମୟ ପରେ ସେମାନଙ୍କର ପେଟ କାଟିବା ସହ ବାନ୍ତି ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା ପାଇଁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ୪୦ ଜଣ ଛାତ୍ରୀଛାତ୍ର ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ମଧ୍ୟାହ୍ନଭୋଜନରୁ ୨ଟି ଝିଟିପିଟି ବାହାରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ସୋରେନଙ୍କୁ ପଚାରିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିଲା। ୫୦ ଜଣ ପିଲା ଖାଇସାରିଲା ପରେ ତରକାରିରୁ ଝିଟିପିଟି ବାହାରିବାରୁ ଅନ୍ୟ ପିଲାମାନଙ୍କୁ ଖାଇବାକୁ ଦିଆଯାଇ ନ ଥିଲା। ସଙ୍ଗେ ସଙ୍ଗେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା ବୋଲି ସେ କହିଛନ୍ତି।

# କେ-ଆର୍ ରେଳପଥରେ ଭୂସ୍ଖଳନ, ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ



ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି ରେଳ ଧାରଣା ଉପରେ ପଡ଼ିଛି।

ରାୟଗଡ଼ା,୮।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶିକରପାଇ ଓ କେଉଟଗୁଡ଼ା ରେଳ ଷ୍ଟେଶନ ମଝିରେ ଥିବା ୩୫ ନମ୍ବର ଟନେଲ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଭୂସ୍ଖଳନ ଘଟିଛି। ନିକଟସ୍ଥ ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି ରେଳ ଧାରଣା ଉପରେ ପଡ଼ିବାରୁ କୋରାପୁଟ-ରାୟଗଡା (କେ-ଆର୍) ରେଳପଥରେ ଦିନ ତମାମ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାରୁ ଜଗଦଲପୁର- ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ୍ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି।

ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା ୧୦ରେ ସେହି ବାଟେ ସମଲେଶ୍ୱରୀ ଏକ୍ସପ୍ରେସ୍ ଯିବାର ଥିଲା। ହେଲେ ଭୂସ୍ଖଳନ ସମ୍ପର୍କରେ ଉଭୟ ଶିକରପାଇ ଓ କେଉଟଗୁଡା ରେଳଷ୍ଟେଶନ କର୍ତ୍ତୃପକ୍ଷ ସୂଚନା ପାଇ ସମଲେଶ୍ୱଶରୀ ଏକ୍ସପ୍ରେସ୍ ଟ୍ରେନ୍‌କୁ ଶିକରପାଇ ଷ୍ଟେଶନରେ ଅଟକ ରଖାଯାଇଥିଲା। ସୂଚନା ପାଇ ରାୟଗଡ଼ା ରେଲୱେ ରିଲିଫ ଟିମ୍ ସରଞ୍ଜାମ ସହ ଘଟଣାସ୍ଥଳରେ ପହଞ୍ଚି ରେଳଧାରଣା ଉପରେ ପଡ଼ିଥିବା ପଥର ଓ ମାଟି ଅତଡ଼ା ହଟାଇ ସଫାକରିଥିଲେ। ଏହାପରେ ସମଲେଶ୍ୱରୀ ଏକ୍ସପ୍ରେସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଥିଲା। ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସମଲେଶ୍ୱରୀ ଏକ୍ସପ୍ରେସ୍ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସମଲେଶ୍ୱରୀ ଏକ୍ସପ୍ରେସ୍ ଯିବା ପରେ ରେଲୱେ ବୈଷୟିକ ଟିମ୍ ପୁଣି ରେଳ ଚଳାଚଳ ବନ୍ଦ ରଖି ପାହାଡ଼ ଉପର ଭାଗ ଏକ୍ସକାଭେଟର ଜରିଆରେ ସଫା କରିଥିଲେ। ଫଳରେ ଏହି ରେଳପଥରେ ଦିନ ତମାମ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏଠାରେ ପୁଣି ଭୂସ୍ଖଳନ ହେବାର ସମ୍ଭାବନା ଥିବାରୁ ସମସ୍ତ ଟ୍ରେନ ୨୦ କି.ମି. ଗତିରେ ଟିକିରିଠାରୁ ରାୟଗଡ଼ା ମଧ୍ୟରେ ଚଳାଚଳ କରିବା ପାଇଁ ରେଲୱେ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

# ହସ୍ପିଟାଲରେ ରୋଗୀଙ୍କ ସମ୍ପର୍କୀୟଙ୍କୁ କାମୁଡ଼ିଲା ସାପ

ଆନନ୍ଦପୁର(ଉମେଶ ଚନ୍ଦ୍ର ପାତ୍ରୀ/ ସୁଶାନ୍ତ କୁମାର ସାହୁ)/ରାମଚନ୍ଦ୍ରପୁର (ଗଣେଶ୍ୱର ସା), ୮।୮

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା ଘଟିଯାଇଛି। ବୁଧବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଚିତି ସାପ କାମୁଡ଼ି ଥିବା ଜଣାପଡ଼ିଛି। ଆହତ ଯୁବକ ଆନନ୍ଦପୁର ଥାନା ଗୟଳମୁଣ୍ଡା ଗାଁର ମାଝୀ ଚମ୍ପିଆ। ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ମେଡ଼ିକାଲ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ମାଝୀଙ୍କ ବଡ଼ ମା' ପେଲଙ୍ଗ ମୁଣ୍ଡା ଅସୁସ୍ଥ ଥିବାରୁ ବୁଧବାର ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ରାତିରେ ବଡ ମା' ରହୁଥିବା ୱାର୍ଡ ସମ୍ମୁଖ ବାରଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ବିଷଧର ଚିତି ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରେ ସେ ପିନ୍ଧି ଥିବା ପ୍ୟାଣ୍ଟ ଭିତରେ ପଶିଯାଇଥିଲା। ମାଝୀ ଚିତ୍କାର କରିବାରୁ ପାଖରେ ଥିବା ସୁରକ୍ଷାକର୍ମୀଙ୍କ ସହ ଲୋକେ ପହଞ୍ଚି ସାପକୁ ତାଙ୍କ ପ୍ୟାଣ୍ଟ ଭିତରୁ ବାହାର କରିଥିଲେ। ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ମାଝୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ମେଡ଼ିକାଲ ପକ୍ଷରୁ କୁହାଯାଇଛି। ଘଟଣାର ଅଧଘଣ୍ଟା ପରେ ଆଉ ଗୋଟିଏ ସାପ ମହିଳା ୱାର୍ଡର ଅନ୍ୟ ପାର୍ଶ୍ୱରେ ବାହାରିଥିଲା। ଯାହାକୁ ନେଇ ରୋଗୀଙ୍କ ସମେତ ରୋଗୀ ସମ୍ପର୍କୀୟ ଭୟଭୀତ ହୋଇ ରାତି ଅନିଦ୍ରା ହୋଇ ଜଗି ରହିଥିଲେ। ସାପକୁ କେହି ମାରିଦେଇଥିବା କୁହାଯାଉଥିବା ବେଳେ ଘଟଣା ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏଥିସହ ମେଡିକାଲର ଚାରିପାଖ, ଭିତର ଠିକ୍ ଭାବେ ସଫା ହେଉ ନ ଥିବା ଅଭିଯୋଗ ହେଉଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଧନେଶ୍ୱର ସେଠୀ କହିଛନ୍ତି, ସୁରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କେମିତି ସାପ ଆସିଲା ଜଣାନାହିଁ। ଘଟଣା ପରେ ଆହୁରି କଡାକଡ଼ି ଭାବେ ସଫେଇ କରିବା ସହ ମେଡ଼ିକାଲ ସ୍ୱଚ୍ଛତା ରଖିବାକୁ କର୍ମଚାରୀଙ୍କୁ କହିଛି। ସାପ କମୁଡ଼ିଥିବା ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ସୁସ୍ଥ ଅଛନ୍ତି।



ଚିକିତ୍ସାଧୀନ ମାଝୀ ଚମ୍ପିଆ।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ



# ପ୍ରାଣୀ ଅସ୍ତିତ୍ୱ ପ୍ରତି ବିପଦ



ପିଟର ସିଙ୍ଗର

ଚଳିତ ବର୍ଷ ମେ'ରେ ଅନେକ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ମଣ୍ଟେନେଗ୍ରୋରେ ଏକତ୍ର ହୋଇଥିଲେ। ଏମାନେ ଏକ୍‌ଜିଷ୍ଟେନ୍‌ସିଆଲ ଥ୍ରେଟ୍‌ସ ବା ପ୍ରାଣୀ ଅସ୍ତିତ୍ୱ ପ୍ରତି ସୃଷ୍ଟି ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ବିପଦ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟଗୁଡ଼ିକର କିପରି ସମାଧାନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ୨୦୦୨ରେ 'ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ' ଶବ୍ଦ ଦାର୍ଶନିକ ନିକ୍ ବୋଷ୍ଟ୍ରମ୍‌ଙ୍କର ଏକ ପ୍ରବନ୍ଧରେ ଅଧିକ ଚର୍ଚ୍ଚିତ ହୋଇଥିଲା। ଏଥିରେ ଏକ ପ୍ରତିକୂଳ ପରିଣାମ ପୃଥିବୀରୁ ଉତ୍ପନ୍ନ ବୁଦ୍ଧିମାନ୍ ଜୀବନକୁ ନଷ୍ଟକରିଦେବ କିମ୍ବା ସେମାନଙ୍କ ସାମର୍ଥ୍ୟକୁ ସ୍ଥାୟୀ ଏବଂ ଭୟଙ୍କର ଭାବରେ ହ୍ରାସ କରିବା ଭଳି ବିପଦ ସମ୍ପର୍କରେ ସେ ସୂଚିତ କରିଥିଲେ। ତେବେ ମଣିଷ ବଞ୍ଚିବାରେ ସମ୍ମୁଖୀନ ହେଉଥିବା ଜଳବାୟୁ ସମ୍ପର୍କିତ ବିପଦ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ମଧ୍ୟରେ ପାର୍ଥକ୍ୟକୁ ଚିହ୍ନଟ କରିବାକୁ ହେଲେ ଜଳବାୟୁ ପରିବର୍ତ୍ତନ ଉପରେ ବିଚାରକରିବାକୁ ହେବ। କେତେକ ପରିସ୍ଥିତିରେ, ବିଶ୍ୱତାପନ ବୃଦ୍ଧିକୁ ଅଣଦେଖା କରିବା ଯୋଗୁ ପୃଥିବୀର ଅଧିକାଂଶ ଭାଗ ଅତ୍ୟଧିକ ଉତ୍ତପ୍ତ ହୋଇପାରେ ଓ ସେଠାରେ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନେ ରହିବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ଆଣ୍ଟାର୍କଟିକା, ୟୁରୋପ, ଏସିଆ ଏବଂ ଉତ୍ତର ଆମେରିକାର ପୂରା ଉତ୍ତରରେ ଥିବା କେତେକ ଅଞ୍ଚଳ ବାସୋପଯୋଗୀ ହେବ। ଏହା ପୃଥିବୀରେ ବୁଦ୍ଧିମାନ୍ ଜୀବନର ସମ୍ଭାବନାକୁ ହ୍ରାସ କରିବ, ବୋଧହୁଏ ସହସ୍ର ବର୍ଷ ପାଇଁ। କିନ୍ତୁ ପରିଶେଷରେ ପୃଥିବୀ ଶୀତଳ ହୋଇଯିବ ଏବଂ ବଞ୍ଚିଥିବା ମଣିଷଙ୍କ ବଂଶଧରମାନେ ପୁନର୍ବାର ବଂଶବୃଦ୍ଧି କରିବେ। ଯଦି ଏସବୁ ବାସ୍ତବରେ ସବୁଠାରୁ ଖରାପ ଘଟଣାର ପରିସ୍ଥିତି, ତେବେ ଜଳବାୟୁ ପରିବର୍ତ୍ତନ ଯେତେ ବିନାଶକାରୀ ହେଲେ ବି ତାହା ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ ହୋଇପାରିବ ନାହିଁ। ଯଦି ବିପର୍ଯ୍ୟୟର ଗମ୍ଭୀରତା ମୃତକଙ୍କ ସଂଖ୍ୟା ସହିତ ସିଧାସଳଖ ସମାନୁପାତିକ, ଅର୍ଥାତ୍ ଗମ୍ଭୀରତା ଅନୁଯାୟୀ ମୃତ୍ୟୁ ବଢୁଥାଏ, ତେବେ ପୃଥିବୀର ପ୍ରାୟ ସମସ୍ତ ମଣିଷଙ୍କ ଜୀବନ ନେଇପାରୁଥିବା ଏକ ବିପର୍ଯ୍ୟୟ ଏବଂ ପୃଥିବୀରୁ ସମ୍ପୂର୍ଣ୍ଣ ମଣିଷଙ୍କୁ ଶେଷ କରିଦେବା ଭଳି ବିପର୍ଯ୍ୟୟ ମଧ୍ୟରେ ପାର୍ଥକ୍ୟ ଅଧିକ ରହିବ ନାହିଁ। ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କ ବିଷୟରେ ଅନେକ ଦାର୍ଶନିକ ମତ ରଖିଛନ୍ତି। ସେମାନେ କହନ୍ତି ଯେ, ଯଦି ଆମ ଜୀବଜଗତ ଦୀର୍ଘଦିନ ବଞ୍ଚିରହେ ତେବେ କେତେ ଅଧିକ ଲୋକ ବଞ୍ଚିବେ ତାହା ଉପରେ ଏହି ଦୃଷ୍ଟିକୋଣ ଅନୁଧ୍ୟାନ କରିବାରେ ବିଫଳ ହୋଇଛି।



ମଣ୍ଟେନେଗ୍ରୋ ସମ୍ମିଳନୀ ଏହାର ଟାଇଟଲରେ 'ଅନ୍ୟ ସବୁ ବିପର୍ଯ୍ୟୟ'କୁ ଦର୍ଶାଇ କେବଳ ଏକ୍‌ଜିଷ୍ଟେନ୍‌ସିଆଲ ରିସ୍କରେ ସୀମିତ ନ ଥିଲା, ବରଂ ଏଗୁଡ଼ିକ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲା। ସମ୍ମିଳନୀର ଅନ୍ତିମ ଅଧିବେଶନ ଶେଷହୋଇ ଆସୁଥିବାବେଳେ ସେଠାରେ ଉପସ୍ଥିତ କେତେଜଣ ବିଶେଷଜ୍ଞ ଅନୁଭବ କରିଥିଲେ ଯେ ସେମାନେ ଆଲୋଚନା କରୁଥିବା ପ୍ରସଙ୍ଗଗୁଡ଼ିକ ଅଧିକ ଗମ୍ଭୀର, ତଥାପି ସେଗୁଡ଼ିକୁ ଏତେ ଅଣଦେଖା କରାଯାଉଛି ଯେ, ସେସବୁ ଉପରେ ଆମେ ଜନସାଧାରଣଙ୍କ ଏବଂ ସରକାରମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଉଚିତ। ବୈଠକରେ ଏହିପରି ଏକ ଘୋଷଣା ଉପରେ ବିଶେଷଜ୍ଞମାନେ ଅଧିକ ଆଲୋଚନା କରିଥିଲେ ଏବଂ ମୁଁ ଏହାର ଏକ ଚିଠା ବା ଯୋଜନା ପ୍ରସ୍ତୁତ କରିବାକୁ ମନୋନୀତ ହୋଇଥିବା ଏକ ଛୋଟ ଗୋଷ୍ଠୀର ସଦସ୍ୟ ଥିଲି।

ଘୋଷଣାପତ୍ରରେ ଦର୍ଶାଯାଇଛି ଯେ ମାନବଜାତିର ଅସ୍ତିତ୍ୱ ପ୍ରତି ଗମ୍ଭୀର ବିପଦ ରହିଛି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ। ଉଦ୍ଦେଶ୍ୟମୂଳକ ଭାବରେ, ଜୈବ ଆତଙ୍କବାଦ ହେଉ ଅବା ଅଜାଣତରେ ଜଳବାୟୁ ପରିବର୍ତ୍ତନ କିମ୍ବା ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା, ଏସବୁ ସୃଷ୍ଟିକରି ମଣିଷ ବିପଦକୁ ଆମନ୍ତ୍ରଣ କରିଛି। ଘୋଷଣାପତ୍ରରେ କୁହାଯାଇଛି, ଏହି ବିପଦଗୁଡ଼ିକ ଉପରେ ସରକାରମାନେ ଯେତିକି ଗମ୍ଭୀରତା ସହ କିମ୍ବା ଜରୁରୀ ପଦକ୍ଷେପ ନେବା କଥା ତାହା ହେଉନାହିଁ। ଏହି ଘୋଷଣାପତ୍ର ଟୋବି ଅର୍ଡଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଦି ପ୍ରିସିପିସିରେ କରିଥିବା ଦୁଇଟି ଦାବିକୁ ଉଦାହରଣ ଭାବେ ଦର୍ଶାଇ ତାହାର ଦୃଷ୍ଟିକୋଣକୁ ସମର୍ଥନକରେ। ଆଗାମୀ ୧୦୦ ବର୍ଷରେ ଆମ ଜୀବଜଗତର ୧୬-୧୭ ପ୍ରତିଶତ କିମ୍ବା ୬ଟିରେ ଗୋଟିଏ ପ୍ରଜାତି ବିଲୁପ୍ତ ହେବାକୁ ଯାଉଛି ବୋଲି ଅର୍ଡ ଆକଳନ କରିଥିଲେ। ସେ ମଧ୍ୟ ଆକଳନ କରିଥିଲେ ଯେ ଏଭଳି ବିପଦକୁ ହ୍ରାସ କରିବା ପଦକ୍ଷେପରେ ମାନବ ଜାତି ବ୍ୟୟ କରୁଥିବା ବିଶ୍ୱର ଜିଡିପିର ଅଂଶ ୦.୦୦୧ ପ୍ରତିଶତରୁ କମ୍।

ଜୁଲାଇରେ ନୂଆକରି ସୂଚନା ଦେଇ ଅର୍ଡ କହିଛନ୍ତି, ନୂତନ ପ୍ରମାଣ ସୂଚିତକରେ ଯେ ଚରମ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଆସିବା ସମ୍ଭବ ନୁହେଁ। ଏହି କାରଣରୁ ମଣିଷ ବା ପ୍ରାଣୀ ଅସ୍ତିତ୍ୱ ପ୍ରତି ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରିଥିବା ବିପଦ ୨୦୨୦ରେ ସେ ଯେତିକି ହେବ ବୋଲି ଆକଳନ କରିଥିଲେ, ତାହାଠାରୁ କମ୍ ହେବ। ଅନ୍ୟପକ୍ଷରେ, ୟୁକ୍ରେନ୍ ଯୁଦ୍ଧରେ ସମ୍ଭାବ୍ୟ ଆଣବିକ ଅସ୍ତ୍ର ପ୍ରୟୋଗରେ ଆମ ବିଲୁପ୍ତିର ଆଶଙ୍କା ଅଧିକ ରହିଥିବାବେଳେ ସୁପର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମହାମାରୀର ବିପଦ ତାଙ୍କ ଦୃଷ୍ଟିରେ କିଛି କ୍ଷେତ୍ରରେ କମ୍ ଏବଂ ଅନ୍ୟ କେତେକ କ୍ଷେତ୍ରରେ ଅଧିକ ରହିଛି। ଅର୍ଡଙ୍କ ମତରେ ଟକିଂ ଏଆଇ ଚାଟ୍‌ବୋଟ୍ ଉପରେ ଧ୍ୟାନଦେବା କମ୍ ବିପଜ୍ଜନକ, କାରଣ ଚାଟ୍‌ବୋଟ୍‌ଗୁଡ଼ିକ ଏଜେଣ୍ଟ ନୁହନ୍ତି। ସେ ସ୍ୱୀକାର କରିଛନ୍ତି ଯେ ଅତ୍ୟାଧୁନିକ ଏଆଇ ସୃଷ୍ଟି କରିବା ପାଇଁ ଅଧିକ ପ୍ରତିଯୋଗିତା ଚାଲିଥିବାରୁ ଏଆଇ ସୁରକ୍ଷା ଉପରେ ତୁରନ୍ତ କିଛି ପଦକ୍ଷେପ ନେବାକୁ ହେବ। ମୋଟ ଉପରେ, ଅର୍ଡ ତାଙ୍କର ଆକଳନକୁ ପରିବର୍ତ୍ତନ କରିନାହାନ୍ତି। ଆମ ପ୍ରାଣୀ ଓ ଉଦ୍ଭିଦ ଜଗତ ଆଗାମୀ ୧୦୦ ବର୍ଷ ବଞ୍ଚିପାରିବେ ନାହିଁ ଓ ୬ଟି ପ୍ରଜାତିରେ ଗୋଟିଏ ବିଲୁପ୍ତ ହେବା ସମ୍ଭାବନା ଥିବା ଆକଳନକୁ ପରିବର୍ତ୍ତନ କରିବା ସହଜ ନୁହେଁ ବୋଲି ସେ ସ୍ୱୀକାର କରିଛନ୍ତି। ସେ ଆହୁରି ମଧ୍ୟ ସ୍ୱୀକାର କରିଛନ୍ତି ଯେ ଜୀବଜଗତ ବିଲୁପ୍ତ ହେବାର ବିପଦକୁ ହ୍ରାସ କରିବାରେ ବର୍ତ୍ତମାନ ବିଶ୍ୱରେ ଅଧିକ ଆଗ୍ରହ ପ୍ରକାଶ ପାଇଛି। ଉଦାହରଣ ସ୍ୱରୂପ ମିଳିତ ଜାତିସଂଘର ମହାସଚିବଙ୍କ ୨୦୨୧ ରିପୋର୍ଟରେ ଏହି ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରିବା ଏବଂ 'ଦି ଏଲ୍‌ଡର୍ସ' ଭାବରେ ଜଣାଶୁଣା ପୂର୍ବତନ ବିଶ୍ୱର ନେତାଙ୍କ ଅନ୍ତର୍ଜାତୀୟ ଗୋଷ୍ଠୀର ଏଜେଣ୍ଡାରେ ଏହାକୁ ପ୍ରାଧାନ୍ୟ ଦିଆଯିବା।

ମଣ୍ଟେନେଗ୍ରୋ ଘୋଷଣାପତ୍ର ଚାହେଁ, ମଣିଷ ବା ପ୍ରାଣୀର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଜଳବାୟୁଜନିତ ବିପର୍ଯ୍ୟୟକୁ ହ୍ରାସ କରିବା ଲାଗି ସରକାରମାନେ ସହଯୋଗ ଭିତ୍ତିରେ କାର୍ଯ୍ୟ କରନ୍ତୁ। ମାନବ ବିଲୁପ୍ତିର ବିପଦ ହ୍ରାସ କରିବାକୁ ସବୁଠୁ ଭଲ ଉପାୟ ପାଇବା ସକାଶେ ବିଶେଷକରି ଧନୀ ଦେଶର ସରକାରଗୁଡ଼ିକ ସେମାନଙ୍କ 'ମହତ୍ତ୍ୱପୂର୍ଣ୍ଣ ସଂସାଧନ'କୁ ଏଥିରେ ନିବେଶ କରିବାକୁ ଏହି ଘୋଷଣାପତ୍ର ଆହ୍ୱାନ ଦିଏ। ଯଦିଓ ଏହି ପରିପ୍ରେକ୍ଷୀରେ ଘୋଷଣାପତ୍ର 'ମହତ୍ତ୍ୱପୂର୍ଣ୍ଣ' କ'ଣ ତାହା ସୂଚିତ କରିନାହିଁ, ତଥାପି ବିଲୁପ୍ତ ହେବାକୁ ଯାଉଥିବା ଆମ ଜୀବଜଗତ ଉପରୁ ବିପଦ ହ୍ରାସ କରିବା ପାଇଁ ବୈଶ୍ୱିକ ଜିଡିପିର ୧ ପ୍ରତିଶତ ନିବେଶ କରିବା ପ୍ରତିବଦ୍ଧତା ଗ୍ରହଣ କରିବାକୁ ଅର୍ଡ ପରାମର୍ଶ ଦେଇଛନ୍ତି। ଅର୍ଡଙ୍କ ମତରେ ୨୦୨୦ ବେଳକୁ ସରକାରଗୁଡ଼ିକ ଏହାପାଇଁ ଯେତିକି ବ୍ୟୟ କରୁଥିଲେ ତାହା ତୁଳନାରେ ଏହା ହଜାରେ ଗୁଣ ଅଧିକ। କିନ୍ତୁ ଏହା ଅତ୍ୟଧିକ କହି ଯୁକ୍ତି କରିବା କେବଳ ସମୟର ଅପଚୟ ଛଡ଼ା ଆଉ କିଛି ନୁହେଁ।

**ଏମିରିଟସ୍ ପ୍ରଫେସର ଅଫ୍ ବାୟୋଏଥିକ୍ସ,**
**ପ୍ରିନ୍ସଟନ୍ ୟୁନିଭର୍ସିଟି**

## ସ୍ୱାଧୀନତା ଆନ୍ଦୋଳନର ଆଦ୍ୟ ପାହାଚ



ଉମାଶଙ୍କର ପ୍ରସାଦ

୧୯୪୨ ଅଗଷ୍ଟ ୯ ତାରିଖ ଦିନ 'କର ବା ମର' ଧ୍ୱନିରେ ଆରମ୍ଭ ହୋଇଥିଲା ଇଂରେଜ ସରକାର ବିରୋଧରେ ଶେଷ ପର୍ଯ୍ୟାୟର ଗଣଆନ୍ଦୋଳନ। ୧୯୪୨ ଜୁଲାଇ ୧୪ ରେ ୱାର୍ଦ୍ଧାଠାରେ ଯେଉଁ କମିଟି ବୈଠକ ବସିଥିଲା, ସେଥିରେ ଭାରତଛାଡ଼ ଆନ୍ଦୋଳନ ପାଇଁ ଏକ ପ୍ରସ୍ତାବ ଆଗତ ହୋଇ ନିଷ୍ପତ୍ତି ନିଆଯାଇଥିଲା ; ଯାହାକୁ ପରବର୍ତ୍ତୀ କ୍ଷଣରେ ଏକ ଅଧିବେଶନ ବମ୍ବେଠାରେ ଅଗଷ୍ଟ ୮ରେ ବସି ଅନୁମୋଦନ କରାଇଲା। ଠିକ୍ ଏହାର ପରଦିନ 'ଅଗଷ୍ଟ ୯ରେ' ଇଂରେଜ ସରକାର ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ଆଚାର୍ଯ୍ୟ କୃପାଳିନୀ, ମୌଲାନା ଆବୁଲ କଲାମ୍ ଆଜାଦ୍ ପ୍ରମୁଖ କେତେକ ନେତାଙ୍କୁ ଗିରଫ କରିଥିଲେ। ଏହାର ପ୍ରଭାବ ଦେଶର ଚାରିଆଡ଼େ ପଡ଼ିଥିଲା ସତ, ମାତ୍ର ଓଡ଼ିଶାରେ ପ୍ରଭାବ ଥିଲା ସ୍ୱତନ୍ତ୍ର। ସେତେବେଳେ ଲୋକଙ୍କୁ ସତ୍ୟାଗ୍ରହ ସମ୍ପର୍କରେ ଶିକ୍ଷା ଦେବାକୁ ବରୀଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଥିଲା। କିନ୍ତୁ ଇତ୍ୟବସରରେ କାହିଁ କେଜାଣି ପ୍ରଚାରିତ ହେଲା ଯେ, ଓଡ଼ିଶା ଉପକୂଳରେ

### କ୍ରାନ୍ତି ଦିବସ ଉପଲକ୍ଷେ

ଜାପାନୀ ସୈନ୍ୟମାନେ ଆସି ଅବତରଣ କରିବେ ଏବଂ ଏହାପରେ ସେମାନେ କଲିକତା ଏବଂ ମାନ୍ଦ୍ରାଜ ଅଭିମୁଖେ ଯାତ୍ରା କରିବେ। ଏଣୁ ଆଭ୍ୟନ୍ତରୀଣ ଶାନ୍ତି ରକ୍ଷା ଜରୁରୀ ମନେକରି ଉତ୍କଳ ପ୍ରଦେଶ କମିଟି ୧୯୪୨ ଜାନୁଆରୀ ୧୦ ଓ ୧୧ ତାରିଖରେ ଏହା ଉପରେ କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହା ପରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ମୀରାବେନ୍ ଓଡ଼ିଶା ଆସି କଂଗ୍ରେସର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଜନସଚେତନତା ସୃଷ୍ଟି କରିଥିଲେ। ୱାର୍ଦ୍ଧା ପ୍ରସ୍ତାବକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଉତ୍କଳ କଂଗ୍ରେସ କମିଟି ନିଷ୍ପତ୍ତି ଗ୍ରହଣ କରିଥିବାରୁ କର୍ମୀମାନଙ୍କୁ ଏକଜୁଟ କରାଗଲା। ଫଳରେ ବାତାବରଣ ସରଗରମ ହୋଇ ଉଠିଲା। ପ୍ରାୟ ନେତୃବର୍ଗ ଗିରଫ ହୋଇଥିବାରୁ ସୁରେନ୍ଦ୍ରନାଥ ଦ୍ୱିବେଦୀ ଗୋପନୀୟ ଭାବେ 'ଭାରତଛାଡ଼ ଆନ୍ଦୋଳନ'ର ନେତୃତ୍ୱ ନେଲେ। ପରିସ୍ଥିତି ଏପରି ଉପୁଜିଲା ଯେ ଆନ୍ଦୋଳନ ନେତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଗଲା।

ଅଗଷ୍ଟ ୯ ଆନ୍ଦୋଳନ ଓଡ଼ିଶାରେ ତୀବ୍ରରୁ ତୀବ୍ରତର ହୋଇ ଉଠିଲା। ଏଥିଯୋଗୁ ହାତଗଣତି ୨୪ ଜଣ ଜଣାଶୁଣା ନେତା ଗିରଫ ହୋଇଥିଲେ। କେବଳ ସୁରେନ୍ଦ୍ରନାଥ ଦ୍ୱିବେଦୀ ଏବଂ ମାଳତୀ ଚୌଧୁରୀଙ୍କୁ ଗିରଫ କରାଯାଇ ନଥିଲା। ଏହି ଆନ୍ଦୋଳନର ପ୍ରଭାବ ଓଡ଼ିଶାର ଗଡ଼ଜାତ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। କଟକ ଜିଲାର ବରୀ, ଯାଜପୁର, ବଡ଼ଚଣା, ବିଞ୍ଝାରପୁର , ଏରସମା, ତିର୍ତ୍ତୋଲ, ବାଗଲପୁର, ମାହାଙ୍ଗା ଓ କୁଆଁପାଳ ଅଞ୍ଚଳର ଲୋକେ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ। ବରୀ ଆଶ୍ରମକୁ ପୋଲିସ ନିଜ କବ୍‌ଜାକୁ ଆଣି କାଗଜପତ୍ର ନଷ୍ଟ କରିଦେବାରୁ ଅଗଷ୍ଟ ୧୬ ତାରିଖ ଦିନ 'ରକ୍ତ ବାହିନୀ' ନାମକ ଏକ ସଙ୍ଗଠନ ଗଢ଼ି ଯୁବକମାନେ ଆଶ୍ରମକୁ ପୁନଃଦଖଲ କଲେ। ଯାଜପୁରରେ ପ୍ରତିବାଦ ସଭା ହେଲା। କୋରାପୁଟରେ ଅଗଷ୍ଟ ୧୩ ତାରିଖରେ ଆନ୍ଦୋଳନ ଆରମ୍ଭ ହେବା ସହ ଜୟପୁରରେ ଦୁଇଜଣ ବାଳକ 'ଗାନ୍ଧିଜୀଙ୍କ ବାର୍ତ୍ତା' ନାମରେ ପ୍ରଚାର ପତ୍ର ବାଣ୍ଟିଥିଲେ। ଅଗଷ୍ଟ ୨୧ରେ ମାଥିଲିଠାରେ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ଲକ୍ଷ୍ମଣ ନାୟକ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ପୁରୁଷମାନଙ୍କ ବ୍ୟତୀତ ନାରୀମାନଙ୍କର ଏଥିରେ ଯୋଗଦାନ ଓଡ଼ିଶାର ପ୍ରାଣରେ ନୂଆ ପୁଲକ ଆଣିଦେଲା। ଗଞ୍ଜାମ ଉପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଅଯଥା ହସ୍ତକ୍ଷେପକୁ କିଏ ବା ସହ୍ୟ କରିପାରନ୍ତା! ତତ୍କାଳୀନ ପାରଳା ମହାରାଜ ନାରାୟଣ ଗଜପତି ଏହାକୁ ଦୃଢ଼ ଭାବରେ ବିରୋଧ କରି ଯୁଦ୍ଧ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପରେ ରାଣୀ ହାରାମଣି ଦେବୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ରାଣୀଙ୍କୁ ଯୁଦ୍ଧରେ ବହୁ ଆଦିବାସୀ ରମଣୀ ସହାୟତା କରିଥିଲେ। ସେତେବେଳେ କେତେକ ରମଣୀ ଅଗ୍ନିବର୍ଷୀ କବିତା ଲେଖି ଜାତୀୟ ଚେତନା ସୃଷ୍ଟି କରିବାକୁ ଭୁଲି ନ ଥିଲେ। ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ କୁନ୍ତଳା କୁମାରୀ ସାବତ, ରେବା ରାୟ, ସୁଲକ୍ଷଣା ଦେବୀ, ସରଳା ଦେବୀ, ସୀତା ଦେବୀ ଖାଡ଼ଙ୍ଗା, କୋକିଳ ଦେବୀ ପ୍ରମୁଖ। ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ ଭାବେ ଖ୍ୟାତି ଲାଭ କରିଥିବା ଏହି ବିପ୍ଳବରେ ଓଡ଼ିଶାର ଅବଦାନ ଅତୁଳନୀୟ। ଏହି ଆନ୍ଦୋଳନ ଇଂରେଜ ଶାସନକୁ ନତମସ୍ତକ ହେବା ପାଇଁ ବାଧ୍ୟ କରିବା ସହ ଦେଶରୁ ବିତାଡ଼ିତ କରିଥିଲା। ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା

**ମୋ: ୬୩୭୦୬ ୭୫୫୬୨**

## ଏଇ ଭାରତରେ

ଖାଦ୍ୟଶସ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବୁଜ ବିପ୍ଳବ ଜାରି ରହିଥିବାବେଳେ ବିହାରରେ ଛତୁ ବିପ୍ଳବ ଆରମ୍ଭ କରିଛନ୍ତି ଡ. ଦୟାରାମ। ସେ ସମସ୍ତିପୁରସ୍ଥ ଡ. ରାଜେନ୍ଦ୍ର ପ୍ରସାଦ ସେଣ୍ଟ୍ରାଲ ଏଗ୍ରିକଲ୍‌ଚର ୟୁନିଭର୍ସିଟିର ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଦୟାରାମ ବିଗତ ଦଶନ୍ଧିରୁ ଏଯାବତ୍ ୨ଲକ୍ଷ କୃଷକଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ତାଙ୍କ ଟିମ୍ ଉଦ୍ୟମରେ ୨୦୨୩-୨୦୨୪ରେ ଛତୁଚାଷୀମାନେ ୩୦ ହଜାର ଟନ ଛତୁ ଉତ୍ପାଦନ କରିଛନ୍ତି। ସବୁ ଚାଷୀ ବର୍ତ୍ତମାନ ବର୍ଷକୁ ୫ରୁ ୬ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ। ଡ. ଦୟାରାମଙ୍କ ଛତୁ ବିପ୍ଳବ ଯୋଗୁ ବିହାରରେ ଦେଶର ମୋଟ ଛତୁ ଉତ୍ପାଦନର ୧୦.୮୨% ହେଉଛି। ୧୯୯୯ରେ ଡ. ଦୟାରାମ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହି ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ସେ ଓ ତାଙ୍କ ଟିମ୍ ଛତୁଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଯୋଗାଇ ଆସୁଛନ୍ତି ଓ ସେମାନଙ୍କ ଲାଗି ୧୨୩ଟି କଣ୍ଟ୍ରୋଲ ୟୁନିଟ ଖୋଲାଯାଇଛି। ପ୍ରଥମେ ୬ ପ୍ରକାର ଛତୁଚାଷ କରାଯାଇ ଏବେ ୫୦ ପ୍ରକାର ଚାଷ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୯ ଅଗଷ୍ଟ ୧୯୭୫**

- ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମୋହନ ଧରିଆ ଏବଂ ଅନ୍ୟ ଦୁଇଜଣ ପାର୍ଲାମେଣ୍ଟ ସଭ୍ୟ କୃଷ୍ଣକାନ୍ତ ଓ ଲକ୍ଷ୍ମୀକାନ୍ତାମ୍ମା କଂଗ୍ରେସ ଦଳରୁ ୧୦ ବର୍ଷ ପାଇଁ ବହିଷ୍କୃତ।
- ଲୋକସଭାରେ ଗୃହୀତ ହୋଇଥିବା ୩୯ତମ ସମ୍ବିଧାନ ସଂଶୋଧନ ବିଲ୍‌ଟି ରାଜ୍ୟସଭାରେ ସମ୍ୟକ ଆଲୋଚନା ପରେ ଗୃହୀତ ହୋଇଛି।
- ଜାପାନ ଲାଲ୍‌ବାହିନୀ ଗରିଲା ଓ ସେମାନେ ମୁଣ୍ଡଜାମିନ ରଖିଥିବା ବ୍ୟକ୍ତିଙ୍କୁ ନେଇ ଆଣୁଥିବା ଜାପାନ ଏୟାରଲାଇନ୍ସ ବିମାନଟି ଲିବ୍ୟାର ତ୍ରିପୋଲି ବିମାନବନ୍ଦରରେ ଅବତରଣ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | | 3 | | 2 | |
| | | | | 1 | | 7 | 5 | 8 |
| | | | | 8 | 6 | | | |
| | | | | | | | | 7 |
| 2 | | | | | | 5 | | |
| | 5 | | | 2 | 8 | | 9 | 1 |
| 8 | | | | | 1 | 6 | | |
| | | 3 | | | | | | 9 |
| | | 2 | | | 9 | 8 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 8 | 4 | 1 | 7 | 2 | 3 |
| 3 | 7 | 1 | 5 | 6 | 2 | 8 | 9 | 4 |
| 4 | 2 | 8 | 9 | 7 | 3 | 5 | 6 | 1 |
| 7 | 6 | 9 | 3 | 8 | 4 | 2 | 1 | 5 |
| 8 | 4 | 5 | 2 | 1 | 6 | 9 | 3 | 7 |
| 1 | 3 | 2 | 7 | 5 | 9 | 6 | 4 | 8 |
| 9 | 8 | 4 | 6 | 3 | 7 | 1 | 5 | 2 |
| 2 | 1 | 7 | 4 | 9 | 5 | 3 | 8 | 6 |
| 6 | 5 | 3 | 1 | 2 | 8 | 4 | 7 | 9 |

ଗତକାଲିର ଉତ୍ତର

# କେରଳର ପ୍ରଳୟ ଏକ ଅନୁଶୀଳନ



ସୁଧୀର କୁମାର ନାୟକ

ବିଶ୍ୱ ମାନଚିତ୍ରରେ ତା'ର ଭୌଗୋଳିକ ସ୍ଥିତି ଓ ପାଣିପାଗ ଜଳବାୟୁ ସବୁ ସ୍ଥାନରେ ସମାନ ନୁହଁ। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ପ୍ରାକୃତିକ ବିପର୍ଯ୍ୟୟ ଘଟି ଧନଜୀବନ ହାନି ଘଟୁଛି। କିଛି ସ୍ଥାନରେ ଲକ୍ଷ ଲକ୍ଷ ବର୍ଷର ଭୌଗୋଳିକ ସ୍ଥିତିର ପରିବର୍ତ୍ତନ ଘଟିବା ସହ ସ୍ଥାନୀୟ ପରିବେଶ ପାଇଁ ନାନାଦି ସମସ୍ୟା ଆସୁଛି। ଭୂସ୍ଖଳନ, ବରଫ ଓ ମାଟି ଅତଡ଼ା ଧସିବା, ବାଦଲଫଟା ବର୍ଷା ସାଙ୍ଗକୁ ପାହାଡ଼ ଧସି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବା, ବାତ୍ୟା, ବଜ୍ରପାତ, ସୁନାମି ଆଦି ପ୍ରାକୃତିକ ବିପତ୍ତି ଘଟିବା ପାଇଁ ସେମିତି ନିର୍ଦ୍ଦିଷ୍ଟ ନିର୍ଘଣ୍ଟ କିମ୍ବା ଦିନ ନଥାଏ। ବିଜ୍ଞାନ, ଭୂବିଜ୍ଞାନ, ପରିବେଶ ବିଜ୍ଞାନ, ବୈଷୟିକ କ୍ଷେତ୍ରରେ ଆମ୍ଭେ ଯଥେଷ୍ଟ ଅଗ୍ରସର କରିଥିଲେ ବି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ ସବୁ ସମୟରେ ସତ ପ୍ରତିଶତ ଠିକ୍ ହୋଇନଥାଏ।

୨୦୧୮ ଅଗଷ୍ଟ ୧୮ ତାରିଖ କେରଳରେ ବଡ଼ ଧରଣର ବନ୍ୟା ଯୋଗୁ ଗୁରୁତର ପ୍ରାକୃତିକ ବିପତ୍ତି ଘଟିଥିଲା। ସେହି ପ୍ରଳୟଙ୍କରୀ ବନ୍ୟା ସହ ଭୂସ୍ଖଳନ ଏକ ବିରାଟ ମାନବିକ ସଙ୍କଟ ଦେଖାଦେଇଥିଲା। କେରଳର ୧୪ ଗୋଟି ଜିଲା ମଧ୍ୟରୁ ୧୩ ଜିଲା ବନ୍ୟାପାଣିରେ ପ୍ରଭାବିତ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ ଏବଂ ୨ ଲକ୍ଷ ବାସଗୃହ ହରାଇଥିଲେ। ଭାରତ ସରକାର ଏହାକୁ 'ଗମ୍ଭୀର ପ୍ରାକୃତିକ ବିପତ୍ତି' ବୋଲି ଘୋଷଣା କରିଥିଲେ। ତେବେ କେରଳର ବର୍ତ୍ତମାନ ଭୂସ୍ଖଳନ ବିପତ୍ତି ୱାୟନାଡ଼୍ ଜିଲାର ୪ଟି ଗ୍ରାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ନିଶ୍ଚିହ୍ନ ହୋଇଯିବା ସହ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଛି। ଅନେକ ନିଖୋଜ ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୱାୟନାଡ଼୍ କେରଳର ଏକ ପ୍ରାକୃତିକ ବିଭବ ବଣପାହାଡ଼ ସବୁଜିମା ସୌନ୍ଦର୍ଯ୍ୟର ଏକ ପର୍ଯ୍ୟଟନ କ୍ଷେତ୍ର। ୱାୟନାଡ଼୍ ଭୂସ୍ଖଳନ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୨୯ରେ ସାଧାରଣ ବର୍ଷାଠାରୁ କମ୍ ଥିଲାବେଳେ ଜୁଲାଇ ୩୦ ତାରିଖ ଅବିଶ୍ରାନ୍ତ ବାଦଲଫଟା ବର୍ଷା ବର୍ଷର ମୋଟ ବୃଷ୍ଟିର ୬% ହୋଇଥିଲା। ଗୋଟିଏ ଦିନରେ ଏପରି ମୁଷଳଧାର ବର୍ଷା ଯୋଗୁ ପାହାଡ଼ରୁ କାଦୁଆ, ଗୋଡ଼ି, ବାଲି ମିଶା ପାଣି କ୍ଷିପ୍ର ସ୍ରୋତ ହୋଇ ପାଦଦେଶରେ ଥିବା ଗାଁଗୁଡ଼ିକ ଉପରେ ମାଡ଼ିଗଲା।

ୱାୟନାଡ଼୍ ଭୂସ୍ଖଳନର ପୂର୍ବାନୁମାନ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସତର୍କ କରିଥିଲା। ଉପଗ୍ରହ ଫଟୋ ଦ୍ୱାରା ସମ୍ଭାବ୍ୟ ଭୂସ୍ଖଳନ ସ୍ଥାନକୁ ଚିହ୍ନଟ କରିଥିଲା। ଜୁଲାଇ ୩୧ରେ ନିଆଯାଇଥିବା ସଦ୍ୟ ଉପଗ୍ରହ ଫଟୋ ଆଧାରରେ ଦର୍ଶାଯାଇଛି ଯେ, ପ୍ରାୟ ୮୬ ହଜାର ବର୍ଗମିଟର ଭୂମି ଧସିଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ଏହିକି ଯଦିଓ ଇସ୍ରୋ ଦ୍ୱାରା ୨୦୨୩ରେ 'ଲ୍ୟାଣ୍ଡସ୍ଲାଇଡ ଆଟଲାସ୍ ଅଫ ଇଣ୍ଡିଆ' ୱାୟନାଡ଼୍ ଅଞ୍ଚଳକୁ ସମ୍ବେଦନଶୀଳ ଭୂସ୍ଖଳନ ସ୍ଥାନ ବୋଲି ଦର୍ଶାଯାଇଥିଲା, ତେବେ ସ୍ଥାନୀୟ ପ୍ରଶାସନ, ସରକାର କି ପ୍ରକାରର ସତର୍କତା ବା ପଦକ୍ଷେପ ନେଇଥିଲେ। ଅନ୍ୟ ଏକ କାରଣ ଭୂବୈଜ୍ଞାନିକଙ୍କ ମତରେ କେରଳ ୱାୟନାଡ଼ର ଭୂସ୍ଖଳନ ମାନବକୃତ। 'ସଏଲ୍ ପାଇପିଂ' ଦ୍ୱାରା ମାଟି ତଳ ଫମ୍ପା ହୋଇଯାଇଥିଲା। ମୁଷଳଧାରା ବର୍ଷା ମାଡ଼ରେ ମାଟି ଧୋଇ ହୋଇ ଏହିପରି ବଡ଼ ଧରଣର ଭୂସ୍ଖଳନ ସୃଷ୍ଟି ହେଲା। ଭୂସ୍ଖଳନ ସର୍ବାଧିକ ବିପଦ ଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ଭାରତର ପ୍ରାୟ ୪.୩ ଲକ୍ଷ ବର୍ଗ କିଲୋମିଟର ପାହାଡ଼ିଆ ଓ ପାର୍ବତ୍ୟାଞ୍ଚଳରେ ଭୂସ୍ଖଳନ ବିପଦ ରହିଛି। ୧୯୪୮ ସେପ୍ଟେମ୍ବର ୧୮ରେ ଆସାମରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟି ପ୍ରାୟ ୫୦୦ ଜଣ ମୃତ୍ୟୁବରଣ କରିଥିଲେ। ସେହି ସମୟକୁ ନେଇ ୨୦୧୩ ଜୁନ୍ ୧୬ରେ କେଦାରନାଥରେ ଭୟଙ୍କର ଭୂସ୍ଖଳନ ଘଟି



୬୦୦୦ ଜଣଙ୍କର ପ୍ରାଣହାନି ସମେତ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା। ଭୂବିଜ୍ଞାନୀଙ୍କ ମତରେ ପାରମ୍ପରିକ ଭାବେ ଅତ୍ୟଧିକ ବୃଷ୍ଟିପାତ ଏବଂ ଭୂମିକମ୍ପ ପରି ପ୍ରାକୃତିକ ପ୍ରକ୍ରିୟା ଯୋଗୁ ଅତୀତରେ ଭୂସ୍ଖଳନ ସଂଘଟିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଅଧିକାଂଶ ଭୂସ୍ଖଳନ ପ୍ରାକୃତିକ ଅପେକ୍ଷା ମନୁଷ୍ୟକୃତ ବୋଲି ଧରାଯାଉଛି। ତଥ୍ୟ କହେ, ୨୦୦୪ରୁ ୨୦୧୬ ମଧ୍ୟରେ ଭାରତରେ ୮୯୨ଟି ଭୂସ୍ଖଳନ ଘଟଣାରେ ୧୧୦୨୦ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ଭୂସ୍ଖଳନ ଯୋଗୁ ହେଉଥିବା ମୃତ୍ୟୁସଂଖ୍ୟା ମୋଟ ବୈଶ୍ୱିକ ମୃତ୍ୟୁସଂଖ୍ୟାର ପ୍ରାୟ ୨୧%। ଉତ୍ତର-ପଶ୍ଚିମ ହିମାଳୟ ଅଞ୍ଚଳରେ ଭାରତରେ ମୋଟ ଭୂସ୍ଖଳନର ୬୬.୫% ସଂଘଟିତ ହୋଇଥିବା ବେଳେ ଉତ୍ତର-ପୂର୍ବ ହିମାଳୟ ଅଞ୍ଚଳରେ ୧୮.୮% ଏବଂ ପଶ୍ଚିମଘାଟ ପର୍ବତମାଳାରେ ୧୪.୭% ଭୂସ୍ଖଳନ ସଂଘଟିତ ହୋଇଥାଏ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ବହୁ ଅନୁଧ୍ୟାନ ଓ ଗବେଷଣା ପରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ତେବେ ଭୂସ୍ଖଳନ ଏକ ଭୂତାତ୍ତ୍ୱିକ ପ୍ରକ୍ରିୟା, ଯେଉଁଥିରେ ମାଧ୍ୟାକର୍ଷଣ ଶକ୍ତି ପ୍ରଦାନ କାରଣରୁ ଭୂମିର ଉପର ମୁଣ୍ଡ ଅଂଶରୁ ହଠାତ୍ ଦ୍ରୁତ ବେଗରେ ତଳଆଡ଼କୁ ଶିଳା, ମାଟି କର୍ଦ୍ଦମାଦି ତରଳ ପଦାର୍ଥ ଦ୍ୱାରା ଧସିଆସେ।

୨୦୧୩ରେ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପସ୍ଥିତି ୩୯୬.୦ ପି.ପି.ଏସ୍. ଥିବା ବେଳେ ଏହା ୨୦୨୩ ସୁଦ୍ଧା ବୃଦ୍ଧି ଘଟି ୪୧୯.୬ ପି.ପି.ଏସ୍.ରେ ପହଞ୍ଚିଛି। ବାୟୁମଣ୍ଡଳର ନିରାପଦ ସ୍ତର ହେଉଛି ୩୫୦ ପି.ପି.ଏସ୍. ବା ପାଟସ୍ ପର୍‌ମିଲିୟନ୍ ଗ୍ରହଣ କରାଯାଏ। ଯଦି ବିଶ୍ୱ ସମୂହ ରାଷ୍ଟ୍ର ଗଭୀର ଭାବେ ଧ୍ୟାନ ନ ଦେବେ, ତେବେ ୨୧୦୦ ବେଳକୁ ବିଶ୍ୱର କେତେକ ସ୍ଥାନରେ ୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ବୃଦ୍ଧି ଘଟିବା ଅସମ୍ଭବ ନୁହଁ। ସବୁଠାରୁ ବିପଦର କଥା ଏହିକି, ବାର୍ଷିକ ହାରାହାରି ବୃଷ୍ଟିପାତ ପରିମାଣ ବିଭିନ୍ନ ଦିବସଗୁଡ଼ିକରେ ବାଣ୍ଟି ହୋଇ ବର୍ଷା ହୋଇଥାଏ। ଏବେ ଏହାର ବ୍ୟତିକ୍ରମ ଘଟି ବୃଷ୍ଟିପାତ ମାତ୍ରାଧିକ ବୃଦ୍ଧି ହେଉଛି। ଏହା କେବଳ ଜୀବଜଗତ ପାଇଁ ବିପଦ ତାହା ନୁହଁ, ଭାରତୀୟ କୃଷି ପାଇଁ ମଧ୍ୟ ସଙ୍କଟଜନକ ସ୍ଥିତି ସୃଷ୍ଟି କରୁଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ୨୦୧୧ରେ ପଶ୍ଚିମଘାଟ ପର୍ବତମାଳାର ଅବକ୍ଷୟ ଓ ପରିବେଶ ସୁରକ୍ଷା ଦିଗରେ ଏକ ବୃହତ୍ ପଦକ୍ଷେପ ନେଇ ସମସ୍ୟାର ଅନୁଶୀଳନ ଏବଂ ସମାଧାନ ଦିଗରେ ଏକ କମିଟି ଗଠନ ପାଇଁ ଅନୁମୋଦନ କରିଥିଲେ। ଏହାପରେ ସେହି ବର୍ଷ 'ୱେଷ୍ଟର୍ନ ଘାଟ୍‌ସ ଇକୋଲୋଜି ଏକ୍ସପର୍ଟ ପ୍ୟାନେଲ୍' କମିଟି ଗଠନ କରାଯାଇଥିଲା। ମାଧବ ଗାଡ୍‌ଗଲ ଥିଲେ ତାର ଚେୟାରମ୍ୟାନ। କମିଟି ଗୁରୁତର ଅନୁଧ୍ୟାନ କରି କହିଥିଲେ, ନିକଟ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନଜନିତ ପାଣିପାଗର ଅସ୍ୱାଭାବିକ ଆଚରଣ ହେଉଛି ଏକ ଅନିବାର୍ଯ୍ୟ ପ୍ରକ୍ରିୟା, ଯାହା ଲାଗି ରହିଲେ ପୃଥିବୀର ସମସ୍ତ ସଜୀବ ନିର୍ଜୀବ ପାଇଁ ବିପଦ ସୃଷ୍ଟି କରିବ। ଏଣୁ ପଶ୍ଚିମଘାଟ ପର୍ବତମାଳାକୁ ଉପଯୁକ୍ତ ସୁରକ୍ଷା ଦେବା ସବୁଠାରୁ ବଡ଼ ଆହ୍ୱାନ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଜଙ୍ଗଲ ନିଆଁ ଦ୍ୱାରା ଘଞ୍ଚ ଅଞ୍ଚଳ ଦିନକୁ ଦିନ କମିଯାଉଛି। ବର୍ଷାମାଡ଼ ସିଧା ପର୍ବତର ପୃଷ୍ଠଦେଶରେ ପଡୁଛି। ଏହା ଦ୍ୱାରା ମଧ୍ୟ ପାହାଡ଼ମାନଙ୍କର ଲକ୍ଷ ଲକ୍ଷ ବର୍ଷ ଧରି ବାନ୍ଧି ରହିଥିବା ପୃଷ୍ଠଭାଗ ନରମ ବା ହୁଗୁଳା ହୋଇଚାଲିଛି, ଯାହା ଦ୍ୱାରା ଭୀଷଣ ବର୍ଷା ଦ୍ୱାରା ପାହାଡ଼ ଧସିବାର ଆଶଙ୍କା ବୃଦ୍ଧି ଘଟିଥାଏ। ଏହିପରି ଭୟଙ୍କର ବିପତ୍ତିରୁ ଉଦ୍ଧାର ପାଇଁ ଯଦି ବର୍ତ୍ତମାନଠାରୁ ଉପଯୁକ୍ତ ପଦକ୍ଷେପ ନିଆନଯାଏ, ଆଗାମୀ ଦିନରେ ବିଶ୍ୱପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

**ଧାମନଗର, ଭଦ୍ରକ**
**ମୋ: ୯୯୩୮୦୮୦୨୯୪**

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ରାଜଗାଙ୍ଗପୁର ରେଳଷ୍ଟେଶନ

ମହାଶୟ,
ନିକଟରେ ସୁନ୍ଦରଗଡ଼ ଯାଇଥିଲି। ଫେରିବା ବେଳେ ଟ୍ରେନ୍ ପାଇଁ ରାଜଗାଙ୍ଗପୁର ରେଳ ଷ୍ଟେଶନରେ ଅପେକ୍ଷା କଲି। ଷ୍ଟେଶନ ପ୍ରବେଶପଥ ସାମ୍ନାରେ ଭଲ ଭାବରେ ଆଲୁଅ ଜଳୁ ନ ଥିଲା। ଟ୍ରେନ୍‌ର କେଉଁ କେଉଁ କୋଚ୍ କେଉଁଠି ରହିବ, ତାହାର ସୂଚନା ନାହିଁ। ହାତିଆ-ରାଉରକେଲା-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ୧ନଂ. ପ୍ଲାଟ୍‌ଫର୍ମରେ ରହିଲା। ପ୍ଲାଟଫର୍ମରୁ ଆଗେଇ ଟ୍ରେନ୍ ରହିଲା। ପୂରା ଅନ୍ଧକାରମୟ। ବର୍ଷା ହେଉଥାଏ। ପ୍ଲାଟଫର୍ମର ଛାତ ନାହିଁ। ଯାତ୍ରୀ ବର୍ଷାରେ ଭିଜି ଭିଜି ଦୌଡ଼ି ଦୌଡ଼ି ଟ୍ରେନ୍ ଧରିଲେ। ଜିନିଷପତ୍ର ଧରି ଓ ମହିଳାମାନେ ଛୁଆଙ୍କୁ ଧରି ହନ୍ତସନ୍ତ ହେବାର ଦେଖାଯାଇଥିଲା। ବୃଦ୍ଧାବୃଦ୍ଧଙ୍କ ଅବସ୍ଥା କହିଲେ ନ ସରେ। ରାଜଗାଙ୍ଗପୁର ସହର ସିମେଣ୍ଟ ନଗରୀ ଭାବେ ପରିଚିତ। ତେଣୁ ଷ୍ଟେଶନରେ ସବୁ ଏକ୍ସପ୍ରେସ୍ ଟ୍ରେନର ରହଣି ରହିଛି। ତେଣୁ ଷ୍ଟେଶନର ଉନ୍ନତୀକରଣ ପାଇଁ ରେଳ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ !
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## मुख्य आकर्षण

- रीझ रंग शोभा यात्रा
- सांस्कृतिक कार्यक्रम
- झारखण्ड की चित्रकला शैलियां
- आदिवासी पुस्तक मेला
- आदिवासी कवि सम्मेलन
- वृत्तचित्र स्क्रीनिंग
- कला-शिल्प प्रदर्शनी
- परिधान फैशन शो
- खान-पान
- लेज़र शो

झारखण्ड सरकार
GOVERNMENT OF JHARKHAND

**उद्घाटन समारोह**

# झारखण्ड आदिवासी महोत्सव 2024

मुख्य अतिथि

**श्री संतोष कुमार गंगवार**

माननीय राज्यपाल, झारखण्ड

विशिष्ट अतिथि

**श्री शिबू सोरेन**

माननीय अध्यक्ष, राज्य समन्वय समिति
सह सांसद, राज्यसभा

अध्यक्षता

**श्री हेमन्त सोरेन**

माननीय मुख्यमंत्री, झारखण्ड

तथा

माननीय मंत्रीगण, माननीय सांसदगण, माननीय विधायकगण एवं अन्य गणमान्य अतिथियों की गरिमामयी उपस्थिति में

**शुक्रवार 9 अगस्त, 2024 | अपराह्न 12:00 बजे से**

बिरसा मुण्डा स्मृति उद्यान, जेल चौक, रांची में आयोजित है

**समारोह में आपकी उपस्थिति सादर प्रार्थित है**



श्री संतोष कुमार गंगवार
माननीय राज्यपाल, झारखण्ड

**सूचना एवं जनसंपर्क विभाग, झारखण्ड सरकार**



श्री हेमन्त सोरेन
माननीय मुख्यमंत्री, झारखण्ड

PR-332293 (IPRD) 2024-25

# ନାମଲେଖାରେ ୨୭% ସଂରକ୍ଷଣ ଲାଗୁ କରାଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ଓବିସି ମୋର୍ଚ୍ଚା ପ୍ରତିନିଧି ଦଳ


ରାଜ୍ୟ ଅତିଥିଭବନଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାଜପା ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଭେଟୁଛନ୍ତି।

ଭୁବନେଶ୍ୱର, ୮।୮ (ସୁନିତ୍ ମିଶ୍ର)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ଉପଯୁକ୍ତ କାର୍ଯ୍ୟାନ୍ୱୟନ କରୁଥିବାବେଳେ ରାଜ୍ୟରେ ଗତ ବିଜେଡି ସରକାରର ଆନ୍ତରିକତାର ଅଭାବ ଯୋଗୁ ପଛୁଆବର୍ଗର ବ୍ୟକ୍ତିବିଶେଷ ଏ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି । କେନ୍ଦ୍ର ଏବଂ ଅନ୍ୟାନ୍ୟ ରାଜ୍ୟର ସରକାର ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି । ମାତ୍ର ଓଡ଼ିଶାରେ ଅନେକ ହଜାର ଓବିସି ଓ ଏସ୍ଇବିସି ବର୍ଗ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ସେହିପରି ନିଯୁକ୍ତି କ୍ଷେତ୍ରରେ ପଛୁଆବର୍ଗର ଲୋକମାନଙ୍କୁ ୧୧.୨୫% ସଂରକ୍ଷଣ ଦେବାରେ ବିଜେଡି ସରକାର ସମୟରେ ପ୍ରତାରଣା କରାଯାଇଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆ ବର୍ଗ ପ୍ରାର୍ଥୀମାନଙ୍କ ପାଇଁ ୨୭% ସଂରକ୍ଷଣକୁ ବିଜେଡି ସରକାର ୨୦୨୨ଠାରୁ ବନ୍ଦ କରିଦେଇଛନ୍ତି ବୋଲି ଭାଜପା ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଗୁରୁବାର ଅତିଥିଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏହା କହିଛନ୍ତି।

ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି, ଦେଶର ସବୁ ରାଜ୍ୟରେ ଓବିସି ଫାଇନାନ୍ସ ଡେଭେଲପମେଣ୍ଟ କର୍ପୋରେଶନ ମାଧ୍ୟମରେ ପଛୁଆବର୍ଗର ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତି ପାଇଁ ଋଣ ତଥା ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରିବାର ପ୍ରାବଧାନ କେନ୍ଦ୍ର ସରକାର କରିଛନ୍ତି। କିନ୍ତୁ ଓଡ଼ିଶାରେ ଏହି ଋଣ ଅର୍ଥକୁ ଦଳୀୟ ଭିତ୍ତିରେ ଆବଣ୍ଟନକରି ୨୦୦୮ରୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ନିଗମର ପୁନରୁଦ୍ଧାର କରାଗଲେ ଓଡ଼ିଶାର ଲକ୍ଷ ଲକ୍ଷ ଯୁବତୀଯୁବକ ଆତ୍ମନିର୍ଭର ହୋଇପାରିବେ। ବିଜେଡି ସରକାର ଦ୍ୱାରା ପଛୁଆବର୍ଗ ସର୍ଭେର ଏକ ପ୍ରହସନ ଚଳାଇ ଓବିସି ବର୍ଗକୁ ଛଳନା କରାଯାଇଛି। ରାଜ୍ୟରେ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଗଲେ ୫୪% ପଛୁଆବର୍ଗ ଲୋକ ବିଶେଷ ଉପକୃତ ହୋଇପାରିବେ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ବିଚାରକରିବା ପାଇଁ ବିଶ୍ୱାଳ ନିବେଦନ କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୋର୍ଚ୍ଚାର ରାଜ୍ୟ ଉପସଭାପତି ତଥା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ସୁକାନ୍ତ ବିଶ୍ୱାଳଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ ।

# ଶିଳ୍ପାୟନ ସପକ୍ଷବାଦୀ ବାମପନ୍ଥୀ

କୋଲକାତା, ୮।୮

୨୦୦୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ବାମ ସାମୁଖ୍ୟକୁ ଆଶାତୀତ ସଫଳତା ମିଳିଥିଲା। ୨୯୪ ଆସନ ମଧ୍ୟରୁ ବାମ ଦଳଗୁଡ଼ିକ ୨୩୫ ସିଟ୍ ଦଖଲ କରିବା ସହ ବୁଦ୍ଧଦେବ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ସମ୍ବୋଧନ କରି ସେ କହିଥିଲେ, 'ମୁଁ ଜଣେ ପୁଞ୍ଜିବାଦ ସହ ସାଲିସ କରୁଥିବା କମ୍ୟୁନିଷ୍ଟ। ମୁଁ କ'ଣ କରୁଛି ସେନେଇ ସଚେତନ ରହିଛି। ରାଜ୍ୟକୁ ବିକାଶ ଧାରାରେ ଆଗେଇ ନେବା ପାଇଁ ଆମକୁ ପୁଞ୍ଜି ଦରକାର। ଏହାର ବିକଳ୍ପ ନାହିଁ ବୋଲି ସେ ସ୍ୱଷ୍ଟ କରିଥିଲେ'।

ସମୟ ଥିଲା ବାମଦଳ ଶାସିତ ପଶ୍ଚିମବଙ୍ଗରେ ଶିଳ୍ପାୟନବିରୋଧୀ ପବନ ବୋହୁଥିବାବେଳେ ସେଥିରେ ବ୍ୟତିକ୍ରମ ଆଣିଥିଲେ ବୁଦ୍ଧଦେବ। ଦେଶବିଦେଶର ଅନେକ କମ୍ପାନୀ ପଶ୍ଚିମବଙ୍ଗରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯେତେବେଳେ ଆଗ୍ରହ ପ୍ରକାଶ କଲେ ବୁଦ୍ଧଦେବଙ୍କ ନେତୃତ୍ୱ ସେହି ସମୟରେ ରାଜ୍ୟରେ ଶିଳ୍ପାୟନର ମୂଳଦୁଆ ପକାଇଥିଲା।

୧୯୪୪ ମାର୍ଚ୍ଚ ୧ରେ ବୁଦ୍ଧଦେବ ଉତ୍ତର କୋଲକାତାର ଏକ ବେଙ୍ଗଲୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। କୋଲକାତାର ପ୍ରେସିଡେନ୍ସି କଲେଜରୁ ବଙ୍ଗଳା ସାହିତ୍ୟରେ ବୁଦ୍ଧଦେବ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଦମ୍‌ଦମ୍‌ସ୍ଥିତ ଆଦର୍ଶ ଶିକ୍ଷା ବିଦ୍ୟାମନ୍ଦିରରେ ସେ କିଛି ଦିନ ପାଇଁ ଶିକ୍ଷକତା କରିଥିଲେ। ୧୯୬୬ରେ ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ରେ ପ୍ରାଥମିକ ସଦସ୍ୟତା ଗ୍ରହଣ କରି ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ୧୯୬୮ରେ ସେ ସିପିଆଇ (ଏମ୍)ର ଯୁଥ୍ ୱିଙ୍ଗ୍ 'ଡେମୋକ୍ରାଟିକ ଯୁଥ୍ ଫେଡେରେଶନ'ର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନିର୍ବାହ କରିଥିଲେ। ୧୯୭୨ରେ ବୁଦ୍ଧଦେବ ସିପିଆଇ(ଏମ୍)ର ପଶ୍ଚିମବଙ୍ଗ ରାଜ୍ୟ କମିଟିକୁ ନିର୍ବାଚିତ ହୋଇଥିଲେ। ୧୯୭୭ରେ ଜ୍ୟୋତି ବସୁଙ୍କ ନେତୃତ୍ୱରେ ରାଜ୍ୟରେ ବାମପନ୍ଥୀ ସରକାର ଗଠନ ହୋଇଥିଲା। ବୁଦ୍ଧଦେବ ଉକ୍ତ ନିର୍ବାଚନରେ ପ୍ରଥମ ଥର ପାଇଁ କାଶୀପୁର-ବେଲ୍‌ଗାଚିଆ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟ ବିଧାନସଭାର ସଦସ୍ୟ ହୋଇଥିଲେ। ରାଜ୍ୟର ବାମପନ୍ଥୀ ସରକାରଙ୍କ ପ୍ରଥମ ପାଳି (୧୯୭୭-୧୯୮୨)ରେ ସେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୨ରେ ବୁଦ୍ଧଦେବ କାଶୀପୁର-ବେଲ୍‌ଗାଚିଆ ଆସନରୁ ପୁନର୍ବାର ନିର୍ବାଚିତ ହୋଇଥିଲେ। ପରେ ୧୯୮୭ରୁ ୨୦୧୧ ପର୍ଯ୍ୟନ୍ତ ସିପିଆଇ(ଏମ୍)ର ଏହି ବରିଷ୍ଠ ନେତା ଯାଦବପୁର ଆସନରୁ କ୍ରମାଗତ ବିଧାୟକ ହୋଇଥିଲେ। ୧୯୯୧ରେ ସେ ନଗର ଉନ୍ନୟନ, ସାଂସ୍କୃତିକ ବ୍ୟାପାର ଭଳି ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ୧୯୯୬ରେ ବୁଦ୍ଧଦେବ ଜ୍ୟୋତି ବସୁଙ୍କ କ୍ୟାବିନେଟରେ ଗୃହ ବିଭାଗ ସମ୍ଭାଳିଥିଲେ। ତେବେ ଜ୍ୟୋତି ବସୁଙ୍କ ବୟସାଧିକ ସମସ୍ୟା ଯୋଗୁ ଦଳ ବୁଦ୍ଧଦେବଙ୍କୁ ୧୯୯୯ରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲା। ୨୦୦୦ ନଭେମ୍ବର ୬ରେ ବୁଦ୍ଧଦେବ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ରାଜ୍ୟରେ ବାମପନ୍ଥୀ ଦଳଗୁଡ଼ିକ ୨୦୦୧ ଓ ୨୦୦୬ରେ ହୋଇଥିବା ବିଧାନସଭା ନିର୍ବାଚନରେ ସଫଳତା ହାସଲ କରିଥିଲା। ତେବେ ୨୦୧୧ରେ ୩୪ ବର୍ଷ ଧରି ଚାଲିଥିବା ବାମପନ୍ଥୀ ସରକାରର ପତନ ଘଟିଥିଲା ଏବଂ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସରକାର ଗଠନ ହୋଇଥିଲା। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ୨୦୧୮ରେ ସେ ସିପିଆଇ(ଏମ୍)ର ରାଜ୍ୟ କମିଟିରୁ ଇସ୍ତଫା ଦେଇଥିଲେ।


ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହ ପଶ୍ଚିମବଙ୍ଗର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ।

# ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ହାଇକୋର୍ଟ ନୋଟିସ

## ନିର୍ବାଚନ ଅନିୟମିତତା ମାମଲା

କଟକ, ୮।୮ (କାର୍ତ୍ତିକ ସାହୁ)

ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କୁ ହାଇକୋର୍ଟ ଗୁରୁବାର ନୋଟିସ ଜାରି କରିଛନ୍ତି। ୨୦୨୪ ନିର୍ବାଚନରେ ପ୍ରାର୍ଥିପତ୍ର ଦାଖଲବେଳେ ସିଂଦେଓ ମିଥ୍ୟା ତଥ୍ୟ ପ୍ରଦାନ କରିଥିବା ନେଇ ଆଗତ ମାମଲାର ଶୁଣାଣି ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା କରିଛନ୍ତି। ଏଥିସହ ଆଗାମୀ ଶୁଣାଣିରେ ଉତ୍ତର ରଖିବାକୁ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୩୦ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ପରାଜିତ ବିଜେଡି ପାର୍ଥୀ ସରୋଜ କୁମାର ମେହେର ସିଂଦେଓଙ୍କ ନାମରେ ମିଥ୍ୟା ସତ୍ୟପାଠ ପ୍ରଦାନ ନେଇ ମାମଲା ରୁଜୁ କରିଛନ୍ତି। ସିଂଦେଓ ନିର୍ବାଚନ ସତ୍ୟପାଠରେ ସ୍ଥାବର, ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଦର୍ଶାଇ ନାହାନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ, ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ମଧ୍ୟ ଦେଇନାହାନ୍ତି। ଏଥିସହ ତାଙ୍କ ନାମରେ ଥିବା ଆପରାଧିକ ମାମଲାର ତଥ୍ୟ ଠିକ୍ ଭାବେ ଦର୍ଶାଇ ନାହାନ୍ତି। ତେଣୁ ତାଙ୍କ ନାମାଙ୍କନପତ୍ର ଗ୍ରହଣୀୟ ହେବା କଥା ନୁହେଁ। ମାତ୍ର ରିଟର୍ନିଂ ଅଧିକାରୀ ଏହାକୁ ବେଆଇନ ଭାବେ ଗ୍ରହଣ କରିଛନ୍ତି। ଜନ ପ୍ରତିନିଧି ଆଇନ ଅନୁସାରେ ସିଂଦେଓଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ମେହେର ହାଇକୋର୍ଟଙ୍କୁ ଆବେଦନରେ ଦର୍ଶାଇଛନ୍ତି।

# ସ୍ଥିତି ସମୀକ୍ଷାକଲା ବିଜେଡି ପ୍ରତିନିଧି ଦଳ


ମୋଟୁ ଅଞ୍ଚଳ ବୁଲି ଦେଖୁଛନ୍ତି ବିଜେଡି ପ୍ରତିନିଧି ଦଳ ।

ମାଲକାନଗିରି/ଏମ୍‌ଭି ୭୯, ୮।୮ (ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)

## ପୋଲାଭରମ୍ ରାଜନୀତି

ପୋଲାଭରମ୍ ପ୍ରକଳ୍ପକୁ ନେଇ ଗ୍ରାଉଣ୍ଡ ଜିରୋରେ ବିଜେଡି ପ୍ରତିନିଧି ଦଳ ଗୁରୁବାର ପହଞ୍ଚି କ୍ଷୟକ୍ଷତି ହେବାକୁ ଥିବା ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳ ବୁଲି ସମୀକ୍ଷା କରିବା ସହ ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥିତି ଅନୁଧାନ ପାଇଁ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ବିଜେଡି ଟିମ୍ ପୋଲାଭରମ୍ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ମାଲକାନଗିରି ଜିଲା ମୋଟୁ ଓ ଆନ୍ଧ୍ରପ୍ରଦେଶର କାଲୁର ଅଞ୍ଚଳ ବୁଲି ସ୍ଥିତି ପରଖିଥିଲେ। ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଭୃଗୁ ବକ୍ସିପାତ୍ର, ଝିନ୍ନ ହିକ୍‌କା, ରମେଶ ମାଝୀ, ଈଶ୍ୱର ପାଣିଗ୍ରାହୀ, ରଘୁରାମ ପାଡାଲଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଜେଡି ନେତାମାନେ ସାମିଲ ହୋଇଥିଲେ। ପ୍ରତିନିଧି ଦଳ ମୋଟୁ, ଆଲାମା, ପେଟା ଓ ବିନାୟକପୁର ଆଦି ଗ୍ରାମର ଲୋକଙ୍କ ସହ ଆଲୋଚନା କରିଥିବା ବେଳେ ଆନ୍ଧ୍ରର କାଲେର ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରିବା ସହ ଭୌଗୋଳିକ ଓ ବୈଷୟିକ ଦିଗକୁ ଅନୁଧ୍ୟାନ କରିଛନ୍ତି। ଏହା ସହ ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡିଛି। ଟିମ୍ ପକ୍ଷରୁ କୁହାଯାଇଛି, ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ୭୦%ରୁ ଉର୍ଦ୍ଧ୍ୱ ଶେଷ ହେବାକୁ ବସିଲାଣି। ଏହି ପ୍ରକଳ୍ପ ଯୋଗୁ ଜିଲାର ମୋଟୁ ଅଞ୍ଚଳରେ ବିଗତ ଦିନରେ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ସିଲେରୁ ଓ ସାବେରୀ ନଦୀର ଜଳ ନିଷ୍କାସନ ଠିକ୍ ଭାବେ ନ ହୋଇ ଜଳସ୍ତର ବୃଦ୍ଧି ପାଇ ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ ରହୁଛନ୍ତି ।

ପ୍ରକଳ୍ପ ଆରମ୍ଭରୁ ଓଡ଼ିଶାରେ ଥିବା ବିଜେଡି ଏହାକୁ ବିରୋଧ କରିଆସିଛି। ଛତିଶଗଡ଼ ସରକାର ମଧ୍ୟ ଏହାକୁ ବିରୋଧ କରୁଛନ୍ତି। ଏ ନେଇ ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଏପର୍ଯ୍ୟନ୍ତ ଗ୍ରାମସଭା କିମ୍ବା ଠିକ୍ ସର୍ଭେ ହୋଇନାହିଁ। ଫଳରେ ମାଲକାନଗିରିର ମୋଟୁ ଅଞ୍ଚଳ ପ୍ରତି ବିପଦ ରହିଛି।

ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ଅତନୁ କହିଛନ୍ତି, ଏହି ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ବହୁଗ୍ରାମ ପ୍ରଭାବିତ ହେବ। ପୂର୍ବରୁ ଏହି ପ୍ରକଳ୍ପ ଯୋଗୁ ଜିଲାରେ ସ୍ଥିତି ଅଣାୟତ୍ତ ହେଉଥିବା ବେଳେ ଆଗକୁ ଏହା ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି। ୨୦୨୨ରେ ଏଠାରେ ସ୍ଥିତି ଅଣାୟତ୍ତ ହେବା ସହ ୧୫୯ ଫୁଟ ଉଚ୍ଚର ଜଳ ଆସିଥିବା ନେଇ ସ୍ଥାନୀୟ ଲୋକେ କହିଥିବା ଅତନୁ କହିଛନ୍ତି। କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବି ନନ୍ଦ, ମାନସ ମାଡକାମୀ, ଗୋପାଳ ପଣ୍ଡା ପ୍ରମୁଖଙ୍କ ସହ ଅନେକ ନେତା ଉପସ୍ଥିତ ଥିଲେ।

## ବିଜେଡିର ଏହା କୁମ୍ଭୀରକାନ୍ଦଣା: ବିଧାୟକ ନରସିଂହ ମାଡକାମୀ

ମାଲକାନଗିରି, ୮।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିର ଭାଜପା ବିଧାୟକ ନରସିଂହ ମାଡକାମୀ ଗୁରୁବାର ବିଜେଡି ରାଜ୍ୟ କମିଟି ମୋଟୁ ଅଞ୍ଚଳ ଗସ୍ତକୁ ନେଇ ପ୍ରତିକ୍ରିୟାରେ କହିଛନ୍ତି, ପୋଲାଭରମ୍ ପ୍ରକଳ୍ପ ପାଇଁ ବିଜୁ ଜନତା ଦଳ କୁମ୍ଭୀରକାନ୍ଦଣା କାନ୍ଦୁଛି। କେମିତି ଜାଣିଲେ କେତେ କ୍ଷୟକ୍ଷତି ହେବ। ୨୫ ବର୍ଷରେ ପଲ୍ଲିସଭା କି ଗ୍ରାମସଭା କରି ନ ଥିବାରୁ ସୀମା ନିର୍ଦ୍ଧାରଣ ହୋଇନାହିଁ । ୧୯୯୮ରେ ଆନ୍ଧ୍ରପ୍ରଦେଶର ପୋଲାଭରମ୍‌ଠାରେ ପ୍ରକଳ୍ପର ଶୁଭ ଦିଆଯାଇଥିଲା। ସେ ସମୟରେ ଆନ୍ଧ୍ର, ଓଡ଼ିଶା ଓ ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଥିଲା। ୩ ରାଜ୍ୟ ଓ କେନ୍ଦ୍ରର ସହମତିରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ୨୦୦୪ରେ ପୁନଃ ଏହି ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଦ୍ୱିତୀୟ ଶୁଭାରମ୍ଭ ହୋଇଥିଲା। ସେ ସମୟରେ ଓଡ଼ିଶାରେ ବିଜେଡି ସରକାର ଥିଲା। ୨୦୧୪ରେ କେନ୍ଦ୍ର ଭାଜପା ସରକାର ପ୍ରକଳ୍ପ କାମକୁ ଆଗେଇନେବା ପାଇଁ ଅର୍ଥ ବରାଦ କରିଥିଲେ। କିନ୍ତୁ ୨୫ ବର୍ଷ ଧରି ବିଜେଡି ସରକାର କେବଳ କେନ୍ଦ୍ରକୁ ଚିଠି ଲେଖିବା ଓ ଉଚ୍ଚ ନ୍ୟାୟାଳୟ ଆଶ୍ରୟ ନେବା ବ୍ୟତୀତ ପୋଲାଭରମ୍ ପ୍ରକଳ୍ପକୁ ବିରୋଧକରି କୌଣସି ବଡ଼ ଧରଣର ପଦକ୍ଷେପ ନେଇ ନ ଥିଲା। ଏହି ପ୍ରକଳ୍ପକୁ ନେଇ ମାଲକାନଗିରି ଜିଲାରେ କ୍ଷୟକ୍ଷତିକୁ ଗୁରୁତ୍ୱ ଦେଇ ବର୍ତ୍ତମାନର ସରକାର ଖୁବ୍ ତତ୍ପର ଅଛନ୍ତି। ଓଡ଼ିଶା ସୀମାରେ କିପରି ପୋଲାଭରମ୍‌ର ପଛୁଆ ଜଳ ପ୍ରବେଶ ନ କରିବ, ହିଡ଼ ବ୍ୟବସ୍ଥା କରି ପ୍ରକଳ୍ପ ଉଚ୍ଚତା କମାଇବାକୁ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ବିଧାୟକ ନରସିଂହ ମାଡକାମୀ କହିଛନ୍ତି ।

# ସମୀକ୍ଷା ବୈଠକରେ ବିଜେଡି ବିଧାୟକଙ୍କୁ ଅଣଦେଖା


ଖୋର୍ଦ୍ଧାଗଡ଼ରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

## ପ୍ରଦୀପଙ୍କୁ କହିବାକୁ ସୁଯୋଗ ଦେଲେନି

ଖୋର୍ଦ୍ଧା, ୮।୮ (ପ୍ରଭାତ ପାଣିଗ୍ରାହୀ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଖୋର୍ଦ୍ଧା ଗସ୍ତରେ ଯାଇ ଜିଲାପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବିଜେଡି ନେତା ତଥା ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ବରୁଣେଇ ପାଇକ ସ୍ମାରକୀ, ଖୋର୍ଦ୍ଧାଗଡ଼ର ଗୋଟିଏ ପରେ ଗୋଟିଏ ପ୍ରସ୍ତୁତ କରାଯାଇଥିବା ନକ୍ସା ସ୍କ୍ରିନିଂ ମାଧ୍ୟମରେ ଦେଖାଇଥିଲେ। ଏହି ଅବସରରେ ଅତ୍ରି ଉଷ୍ମପ୍ରସ୍ରବଣ ଏବଂ ହଟ୍ଟକେଶ୍ୱର ପୀଠର ବିକାଶ ସମ୍ପର୍କରେ ବେଗୁନିଆ ବିଧାୟକ କହିବାକୁ ଆରମ୍ଭ କରିଥିବା ବେଳେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ପରେ ତର୍ଜମା କରାଯିବ ବୋଲି କହି ଉଭୟ ମନ୍ତ୍ରୀ ଏହାକୁ ଏଡ଼ାଇଦେଇଥିଲେ।

ଏ ନେଇ ବିଧାୟକ ସାହୁ କହିଛନ୍ତି, ସମୀକ୍ଷା ବୈଠକକୁ ଜିଲାପାଳ ଡାକିଥିଲେ। ଅତ୍ରିର ବିକାଶ ପାଇଁ ପୂର୍ବ ସରକାର ୪ କୋଟି ଟଙ୍କା ଦେଇଥିଲେ। ଅତ୍ରି ପରିଦର୍ଶନ ବେଳେ ଏନେଇ ମନ୍ତ୍ରୀ ଏବଂ ପର୍ଯ୍ୟଟନ ବିଭାଗ ସଚିବ, ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ହେଲେ ନିର୍ବାଚନମଣ୍ଡଳୀରେ କ'ଣ ଉନ୍ନୟନମୂଳକ କାର୍ଯ୍ୟ ହେବ, ସେ ସମ୍ପର୍କରେ ମନ୍ତ୍ରୀ ତାଙ୍କ ସହ କୌଣସି ଆଲୋଚନା କଲେ ନାହିଁ। ବୈଠକରେ କହିବା ବେଳେ ଲଞ୍ଚ ସମୟ ହୋଇଯାଇଥିବା କହି ସେଠାରୁ ଉଠି ଚାଲିଗଲେ ବୋଲି ପ୍ରଦୀପ କହିଛନ୍ତି । ସେ ଆହୁରି କହିଛନ୍ତି, ଖୋର୍ଦ୍ଧା ପର୍ଯ୍ୟଟନ ବିକାଶ ବେଳେ ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରାଗଲା। ବେଗୁନିଆ ନିର୍ବାଚନମଣ୍ଡଳୀରେ ବିକାଶ ପ୍ରସଙ୍ଗ ଉଠିବା ବେଳେ ତାଙ୍କୁ କହିବାକୁ ସୁଯୋଗ ଦିଆଗଲା ନାହିଁ ବୋଲି ପ୍ରଦୀପ କହିଛନ୍ତି।

## ଓଡ଼ିଶାରେ ଭାଇ ଭଉଣୀ ସରକାର ଚାଲିଛି

ଖୋର୍ଦ୍ଧା, ୮।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାଗଡ଼ ପରିସରରେ ଅନୁଷ୍ଠିତ ସାଧାରଣ ସଭାରେ ଜନତାଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଓଡ଼ିଶାରେ ଭାଇଭଉଣୀ ସରକାର ଚାଲିଛି। ସୂରଜଙ୍କୁ ସେ ଭାଇ ବୋଲି ସମ୍ବୋଧିତ କରିଥିଲେ। ବାହାରିବା ବେଳେ ଭାଇଭଉଣୀ ବରୁଣେଇ ପାହାଡ଼ ପରିଦର୍ଶନ କରିବେ ବୋଲି ସେ ଭାବିଥିଲେ। ସେହି ଅନୁଯାୟୀ ଏଠାରେ ଆସି ପହଞ୍ଚିଥିଲୁ ବୋଲି ପ୍ରଭାତୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଭାଜପାର ଏକ ସାଙ୍ଗଠନିକ ବୈଠକରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ନେଇ ଜଗାବଳିଆ ଓ ସୁଭଦ୍ରା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ।

# ଯୁବ, ଛାତ୍ର ସଙ୍ଗଠନ ମଜଭୁତ କରାଯାଉ: ଅରୁଣ

ଭୁବନେଶ୍ୱର, ୮।୮ (ଅନିଲ ଦାସ)

ଗତ ନିର୍ବାଚନରେ ବିଜେଡିର ପରାଜୟର ପ୍ରାୟ ୨ମାସ ପରେ ଦଳୀୟ କାର୍ଯ୍ୟକ୍ରମର ତଦାରଖ ପାଇଁ ଦେବୀ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନଙ୍କୁ ନେଇ ୧୫ ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଛି। ଗୁରୁବାର ଶଙ୍ଖଭବନଠାରେ ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କମିଟିର ପ୍ରଥମ ବୈଠକ ବସିଥିଲା। ଏଥିରେ ବରିଷ୍ଠ ନେତାମାନେ ଗତ ନିର୍ବାଚନ ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନାଁ ନ ନେଇ ଦଳର ମଙ୍ଗ ଧରିଥିବା ୩ ଜଣ ନେତାଙ୍କୁ କଡ଼ା ସମାଲୋଚନା କରିଥିବା ସୂଚନା ମିଳିଛି। ସେମାନେ ଅଭିଯୋଗ କରିଥିଲେ ଯେ, ଏହି ୩ ଜଣଙ୍କ ପାଇଁ ଦଳ ନିର୍ବାଚନରେ କ୍ଷତି ସହିଲା । ଦଳରେ ଆଉ ଜିଲା ପର୍ଯ୍ୟବେକ୍ଷକ ଦରକାର ନାହିଁ ବୋଲି ପ୍ରସ୍ତାବ ଦେଇଛନ୍ତି। ବରିଷ୍ଠ ନେତା ପ୍ରଦୀପ ଅମାତ ମଧ୍ୟ ସଙ୍ଗଠନର ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କାହା ନାଁ ନନେଇ ସେ ସଙ୍ଗଠନ ମନଇଚ୍ଛା ଚାଲିଥିବା କହିଥିଲେ। ପଶ୍ଚିମ ଓଡ଼ିଶାରୁ ରାଜ୍ୟ ସଭା କିଏ ଯିବେ ସେନେଇ କାହାସହ ପରାମର୍ଶ କରାଯାଉ ନ ଥିଲା। ଏପରିକି କିଏ ବିଧାୟକ ପ୍ରାର୍ଥୀ ହେବେ ତାହା ବି ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରାଗଲାନି। ଦଳରେ ଆଉ କାହାରି ଆବଶ୍ୟକତା ନାହିଁ। ନବୀନ ପଟ୍ଟନାୟକ ନିଜେ ଏକା ସବୁ ବୁଝନ୍ତୁ ବୋଲି ବୈଠକରେ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ସେହିପରି ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଦଳର ପରାଜୟ ପାଇଁ ମନମୁଖି ନିଆଯାଇଥିବା ନିଷ୍ପତ୍ତିକୁ ଦାୟୀ କରିଥିଲେ। ସେହିପରି ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁ ତୁରନ୍ତ ଦଳର ଯୁବ, ଛାତ୍ର ଓ ମହିଳା ସଙ୍ଗଠନକୁ ସୁଦୃଢ଼ କରାଯାଉ ବୋଲି କହିଛନ୍ତି । ସମସ୍ତ ଜିଲା କମିଟିକୁ ପୁନର୍ଗଠନ ଓ ୬ଟି ଜୋନାଲ କମିଟି ଗଠନ କରିବାକୁ ପ୍ରସ୍ତାବ ଦେବା ସହ ସଙ୍ଗଠନର ପରିଚାଳନାକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ସୂଚନା ମିଳିଛି।

ସେହିପରି ବିଧାୟକ ପ୍ରତାପ କେଶରୀ ଦେବ ଦଳର ବିପର୍ଯ୍ୟୟ କାହିଁକି ହେଲା ତା'ର କାରଣ ସମସ୍ତଙ୍କୁ ଜଣାଅଛି। ସେ ବିଷୟରେ ଅଧିକ ଆଲୋଚନା ନ କରି ଆଗକୁ ବଢ଼ିବା ପାଇଁ ସେ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

# ନଭେମ୍ବରରୁ ରାଜ୍ୟ ବୁଲିବେ ନବୀନ

ଭୁବନେଶ୍ୱର, ୮।୮ (ଅନିଲ ଦାସ)

୨୦୨୪ ନିର୍ବାଚନରେ ଦଳର ପରାଜୟ ପରେ ସଙ୍ଗଠନକୁ ମଜଭୁତ କରିବା ସହ ଦଳୀୟ କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ନଭେମ୍ବରରୁ ସାରା ରାଜ୍ୟ ଗସ୍ତ କରିବେ। ଏହି ସମୟରେ ସେ ଦଳୀୟ କର୍ମୀ ଓ ତୃଣମୂଳ ସ୍ତରର ନେତାଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି। ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ବିଜେଡି ରାଜ୍ୟସ୍ତରୀୟ ସମନ୍ୱୟ କମିଟିର ସଦସ୍ୟମାନେ ଗୁରୁବାର ସନ୍ଧ୍ୟାରେ ନବୀନଙ୍କୁ ସାକ୍ଷାତ କରି ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ଓଡ଼ିଶାବାସୀ ବିଜୁ ଜନତା ଦଳକୁ ୨୪ ବର୍ଷଧରି ନିରନ୍ତର ଭାବରେ ଆଶୀର୍ବାଦ ଦେଇଆସିଛନ୍ତି। ସେଥିପାଇଁ ଓଡ଼ିଶାବାସୀଙ୍କ ନକଟରେ ଦଳ ଋଣୀ । ଆଗକୁ କଠିନ ପରିଶ୍ରମ କରି ଲୋକଙ୍କ ସେବା ଜାରି ରଖିବା ପାଇଁ ସେ ବରିଷ୍ଠ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ସାଙ୍ଗଠନିକ ପୁନର୍ଗଠନ ପାଇଁ ସଭାପତିଙ୍କୁ ପ୍ରସ୍ତାବ ଦେଇଛି । ଗଞ୍ଜାମ ଜିଲାକୁ ୨ଟି ସାଙ୍ଗଠନିକ ଜିଲାରେ ପରିଣତ କରିବା ପାଇଁ ମଧ୍ୟ କମିଟି ପ୍ରସ୍ତାବ ଦେଇଛି। ଏଥିସହିତ ଦଳର ଛାତ୍ର, ଯୁବ, ମହିଳା ଆଦି ଛାମୁଆ ସଙ୍ଗଠନକୁ ଗଠନ କରିବା ସହ ଅକ୍ଟୋବର ୨ ତାରିଖରୁ ମାସେ ବ୍ୟାପୀ ପଦଯାତ୍ରା ଆରମ୍ଭ କରିବ ବୈଠକରୁ ଜଣାପଡିଛି।


ବିଜେଡି ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକରେ ସଭାପତି ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୮।୨୦୨୪

| ୫,୦୯,୧୦୫ ଟଙ୍କା | |
|---|---|
| ସୁନା | ୩୯୦ ମିଲିଗ୍ରାମ୍ |
| ରୁପା | ୩୩.୫୦୦ ଗ୍ରାମ୍ |

## ବଦଳି ପ୍ରସ୍ତାବକୁ ଅନୁମୋଦନ ମିଳିଲାନି
# ଦମ୍ପତି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳି ପ୍ରସ୍ତାବକୁ ରାଜ୍ୟ ସରକାର ବୁଧବାର ଅନୁମୋଦନ କରି ଆଦେଶ ପ୍ରଦାନ କରିଛନ୍ତି। ମାତ୍ର ଦମ୍ପତି ଶିକ୍ଷକଙ୍କ କ୍ଷେତ୍ରରେ ବଦଳି ପ୍ରସ୍ତାବକୁ ଅନୁମୋଦନ ଦେଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍‌ଲାଇନ୍ ମାଧ୍ୟମରେ ଗୋଟିଏ ନିର୍ଦ୍ଦେଶନାମା ବଳରେ ସମସ୍ତ ପ୍ରକାର ବଦଳି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ କେବଳ ଟର୍ମିନାଲ୍ ଇଲ୍‌ନେସ୍ ଓ ମ୍ୟୁଚୁଆଲ୍ ବଦଳିକୁ ଅନୁମୋଦନ କରିବା କେତେଦୂର ସମୀଚିନ ବୋଲି ଓଡ଼ିଶା ଦମ୍ପତି ଶିକ୍ଷକ ସଂଘ ପ୍ରଶ୍ନ କରିଛି। ୨ଟି ଗ୍ରୁପ୍‌କୁ ସନ୍ତୁଷ୍ଟ କରାଯାଇଥିବା ବେଳେ କେବଳ ଦମ୍ପତି ଶିକ୍ଷକମାନଙ୍କୁ ଏଥିରୁ ଉପେକ୍ଷା କରିବା ଅଦୂରଦର୍ଶିତାର ପରିଚୟ ବୋଲି ସଂଘ କର୍ମକର୍ତ୍ତା ସୁବ୍ରତ କୁମାର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ନୂତନ ଭାବରେ ୨୦ ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରିବାକୁ ସରକାର ଘୋଷଣା କରିଛନ୍ତି। ଏହା ପୂର୍ବରୁ ଯଦି ବଦଳି ପ୍ରକ୍ରିୟାକୁ ସମାପନ କରା ନ ଯାଏ ତେବେ କେଉଁ ବିଦ୍ୟାଳୟରେ କେତେ ପଦବୀ ଖାଲି ରହୁଛି, ତା'ର ହିସାବ କରିବା କଷ୍ଟକର ହେବ। ଶିକ୍ଷକ ନିଯୁକ୍ତି ପରେ ବଦଳି କଲେ ଅନେକ ବିଦ୍ୟାଳୟ ଶିକ୍ଷକ ବିହୀନ ହୋଇରହିବେ ଏବଂ ବହୁ ସମସ୍ୟା ସୃଷ୍ଟି ହେବ। ତେଣୁ ନୂତନ ନିଯୁକ୍ତି ପୂର୍ବରୁ ଏହି ଦମ୍ପତିମାନଙ୍କୁ ବଦଳି କରାଯିବା ନିହାତି ଆବଶ୍ୟକ। ରାଜ୍ୟ ସଂଘର ଅନ୍ୟତମ କର୍ମକର୍ତ୍ତା ସୁକାନ୍ତ ମଣ୍ଡଳଙ୍କ କହିବା କଥା, ସରକାର ସମସ୍ତଙ୍କ ପାଇଁ ବିଚାର କରୁଥିବାବେଳେ ଚିର ଅବହେଳିତ ପ୍ରାଥମିକ ଶିକ୍ଷକଙ୍କ ଆନ୍ତଃଜିଲା ବଦଳି ସମସ୍ୟାକୁ ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସଂଘ ଉପଦେଷ୍ଟା ରବି ନାରାୟଣ ପଲେଇ, ଅକ୍ଷୟ କୁମାର ସେଠୀ, ରଜନୀ କାନ୍ତ ପ୍ରହରାଜ, ଚନ୍ଦ୍ରଶେଖର ମୁଦୁଲି, ଟି. ରାଜାରାମ ପାତ୍ର, ତେଜେସ୍ ରଂଜନ ପ୍ରଧାନ, ରାଜେନ୍ଦ୍ର କୁମାର ବେହେରା, ଗୋପାଳ ଚନ୍ଦ୍ର ମିଶ୍ର ପ୍ରମୁଖ ଏହି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରି ଦମ୍ପତି ଶିକ୍ଷକମାନଙ୍କ ବଦଳି ପ୍ରକ୍ରିୟାକୁ ଅନୁମୋଦନ କରାଯିବାକୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି।

## ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ



ଭୁବନେଶ୍ୱର,୮।୮ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରାଜଧାନୀ ଇଞ୍ଜିନିୟର କଲେଜ ନିକଟ ଏକ ପଡିଆରେ ଏକତ୍ରିତ ହୋଇ ବୁଧବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ଚଢ଼ାଉ କରି ଏକ ଡକାୟତ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ସବୁ ଯୋଜନାକୁ ଭଣ୍ଡୁର କରିଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଖଲ୍ଲିକୋଟ୍‌ର ସଞ୍ଜୟ ଦାସ ଓ ଅଶୋକ ଦାସ, କେନ୍ଦୁଝର ପାଟନା ଥାନା ଅଞ୍ଚଳର ରାଜେଶ ଭୋଇ, ଖୋର୍ଦ୍ଧାର ଜୟରାମ ମଲ୍ଲ ଓ ବିହାରର ଏମ୍‌ଡି ଗୁଡ୍ଡୁ। ସେମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ରଡ଼, ଲଙ୍କାଗୁଣ୍ଡ, ଗୋଟିଏ ପ୍ଲାସ ଓ ଗୋଟିଏ ସ୍କ୍ରୁ ଡାଇଭର ଜବତ ହୋଇଛି। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଭୋଟପଡ଼ା ଓ ଚକେଇସିଆଣି ଅଞ୍ଚଳରେ ଥିବା ଏକାଧିକ ଘରୁ ଡକାୟତି ପାଇ ଯୋଜନା କରୁଥିଲେ ବୋଲି ପୋଲିସ କହିଛି। ତେବେ ପୂର୍ବରୁ ଅଭିଯୁକ୍ତମାନେ ବହୁ ଚୋରି ମାମଲାରେ ଜଡିତ ରହିଥିବା ଓ ସେମାନଙ୍କ ନାମରେ ଏକାଧିକ ଥାନାରେ ମାମଲା ଥିବା ପୋଲିସ କହିଛି।

## ଶାସ୍ତ୍ରୀନଗର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ଶାସ୍ତ୍ରୀନଗରର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟବାସିନ୍ଦାଙ୍କ ସାମାଜିକ ସଂଗଠନ ସମୂହର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଞ୍ଚଳବାସୀଙ୍କ ଅଭିଯୋଗ ହେଲା, ୟୁନିଟ-୪ସ୍ଥିତ ୧୨୦ ସାମରିକ ପଦାତିକ ବାଟାଲିୟନରୁ ବର୍ଷା ପାଣି ଆସି କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧା ପାଇଁ ପଦକ୍ଷେପ ଗ୍ରହଣ ସହ ଅର୍ଦ୍ଧନାରୀଶ୍ୱର ମନ୍ଦିରର ସମ୍ମୁଖ ଭାଗରେ ମନ୍ଦିର ପରି ଗମ୍ବୁଜ, ରୋଷଘର ଓ ଯଜ୍ଞ ମଣ୍ଡପ ପାଇଁ ସରକାର ୪୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି। ସେହିପରି ମହିଳା ସାମାଜିକ ଓ ସାଂସ୍କୃତିକ ପରିଷଦର ଅଫିସ ଗୃହ ପାଇଁ ସରକାର ଜମି ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗିରିଜା ନନ୍ଦନ ମହାନ୍ତି ଓ ସମ୍ପାଦକ ଅଭିରାମ ଜେନା, ଉନ୍ନୟନ ପରିଷଦ ସଭାପତି ଅଶୋକ କୁମାର ବେହେରା ଓ ସମ୍ପାଦକ ଆଲୋକ ରଞ୍ଜନ ସାମନ୍ତରାୟ ଏବଂ ମହିଳା ସାମାଜିକ ଓ ସାଂସ୍କୃତିକ ପରିଷଦର ସହସମ୍ପାଦକ ମନୋରମା ସାହୁ ଓ କୋଷାଧ୍ୟକ୍ଷା ଅନ୍ନପୂର୍ଣ୍ଣା ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ମନକୁ ଛୁଇଁଲା ଦିବ୍ୟାଙ୍ଗ ଝିଅ 'ଆଭା'ର କାହାଣୀ



ଚଳଚ୍ଚିତ୍ର 'ଆଭା'ର ସ୍ୱତନ୍ତ୍ର ସ୍କ୍ରିନିଂ ଓ ପୋଷ୍ଟର ଉନ୍ମୋଚନ ଅବସରରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

### ଚଳଚ୍ଚିତ୍ରର ସ୍ୱତନ୍ତ୍ର ସ୍କ୍ରିନିଂ, ଅଡିଓ ଲୋକାର୍ପଣ ସହ ପୋଷ୍ଟର ଉନ୍ମୋଚନ

ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଜଣେ ଦିବ୍ୟାଙ୍ଗ ଝିଅ। ଦିବ୍ୟାଙ୍ଗ ହେଲେ କେମିତି ବଞ୍ଚିବାକୁ ହେବ, ଏମିତି ଏକ ସାମାଜିକ ବାର୍ତ୍ତାକୁ ନେଇ ତିଆରି ହୋଇଛି ଚଳଚ୍ଚିତ୍ର 'ଆଭା'। ଗୁରୁବାର ସୂଚନା ଭବନଠାରେ ଓମ୍ ବାବା ପ୍ରଡକ୍ସନ ପ୍ରସ୍ତୁତ ଚଳଚ୍ଚିତ୍ର ଆଭାର ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଛି। ଏଥିସହ ଅଡିଓ ଲୋକାର୍ପଣ ଏବଂ ପୋଷ୍ଟର ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ପ୍ରଯୋଜକ ପ୍ରବୀର ମହାପାତ୍ର, ଗୀତିକାର ତଥା ସଂଳାପକାର ମୋହିତ ଚକ୍ରବର୍ତ୍ତୀ, ଯୁଗଳ ଦେବତା, ହିମାଂଶୁ ଖଟୁଆ, ସଚ୍ଚିକାନ୍ତ ଜେନା, ପ୍ରିତମ, ସମାଜସେବୀ ତଥା ପ୍ରଯୋଜିକା ଶ୍ରାବଣୀ ପଟ୍ଟନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ମୁଖ୍ୟ ନାୟିକା ଭାବେ ନବାଗତା ଅଭିନେତ୍ରୀ ସୋନା ମଲ୍ଲିକ ଅଭିନୟ କରିଛନ୍ତି। ତାଙ୍କ ସହିତ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ରହିଛନ୍ତି। ଚଳଚ୍ଚିତ୍ରଟି ପଶ୍ଚିମବଙ୍ଗ ମେଦିନିପୁରର ଜଙ୍ଗଲ ଘେରି ରହିଥିବା ଏକ ଆଦିବାସୀ ଗ୍ରାମରେ ପୂରା ଗ୍ରାମୀଣ ପରିବେଶରେ ଶୁଟିଂ ହୋଇଛି। ଚଳଚ୍ଚିତ୍ରର ଫଟୋଗ୍ରାଫି ନିର୍ଦ୍ଦେଶକ ଚିତ୍ତରଞ୍ଜନ ବିଶ୍ୱାଳ ଥିବାବେଳେ ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନା କରିଛନ୍ତି ପ୍ରବୀର ମହାପାତ୍ର ଓ ସଂଳାପ ଲେଖିଛନ୍ତି ମୋହିତ ଚକ୍ରବର୍ତ୍ତୀ।

## ୩ ମାସ ପରେ ନାବାଳକ ଧରାପଡ଼ିଲେ
### ନୃତ୍ୟ ପ୍ରଦର୍ଶନ ବେଳେ ଝିଅଙ୍କୁ ଅଣ୍ଡାମାଡ଼ ଘଟଣା

ଭୁବନେଶ୍ୱର,୮।୮ (ସୂର୍ଯ୍ୟକାନ୍ତ ବେହେରା)

ଜାଗରରେ ନୃତ୍ୟ ପ୍ରଦର୍ଶନ କରୁଥିବା ବେଳେ ଝିଅମାନଙ୍କୁ ଅଣ୍ଡାମାଡ ସହ ଆକ୍ରମଣ କରିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ୩ ମାସ ପରେ ଧରିଛି। ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯିବା ପରେ ତାଙ୍କୁ ବେଲ୍ ମିଳିଯାଇଥିବା ଜଣାପଡିଛି। ତେବେ ଏହି ମାମଲାରେ ସମ୍ପୃକ୍ତ ନାବାଳକଙ୍କ ସହଯୋଗୀମାନେ ଫେରାରଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଗତ ମାର୍ଚ୍ଚରେ ନୀଳାଦ୍ରିବିହାର ଆଦର୍ଶ ବସ୍ତିର ଠାକୁର ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦା ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୯ରେ ବସ୍ତିର କେତେଜଣ ଝିଅ ଅଂଶଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରୁଥିବାବେଳେ ଅଭିଯୁକ୍ତ ନାବାଳକ ଓ ସହଯୋଗୀମାନେ ସେମାନଙ୍କ ଉପରକୁ ଅଣ୍ଡାମାଡ଼ କରିଥିଲେ। ପ୍ରତିବାଦ କରିବାରୁ ଧରାପଡିଥିବା ସେମାନେ ଗାଳିଗୁଲଜ କରିବା ସହ ଜଣେ ନାବାଳିକାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ।



ଅଭିନେତା ହରିହର ମହାପାତ୍ରଙ୍କ ନୂଆ ଚଳଚ୍ଚିତ୍ର 'ଭଗିଆ ଭାରିଯା'କୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଛି।

## ପାଚେରିକୁ ଧକ୍କାଦେଇ ଓଲଟିଲା କାର୍

ଭୁବନେଶ୍ୱର,୮।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଞ୍ଚଳରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ କାର ପଟିଆରୁ ଜୟଦେବ ବିହାର ଆଡକୁ ଆସୁଥିବା ବେଳେ ଚାଳକ ଜଣକ ଭାରସାମ୍ୟ ହରାଇବାରୁ କାର୍‌ଟି ଡିଭାଇଡରରେ ପିଟି ହେବା ପରେ ଫୁଟ୍‌ପାଥ୍ ଡେଇଁ ରେଳସଦନ ପାଚେରୀକୁ ଧକ୍କା ଦେଇ ଓଲଟିପଡିଛି। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ ଏଥିରେ ଗାଡିଟି ଭାଙ୍ଗିରୁଜି ଯିବା ସହ ସୁରକ୍ଷା ପାଇଁ ରହିଥିବା ବେଲୁନ୍‌ଟି ମଧ ଫାଟି ଯାଇଛି। ଏଥିସହ ଉକ୍ତ ପାଚେରିରେ ଲାଗିଥିବା ଲୁହା ଗ୍ରୀଲ ଓ ଇଟା କାନ୍ଥ ଛିନ୍‌ଛତର ହୋଇଯାଇଛି। ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ବେଳେ କାର ଚାଳକ ଫେରାର ହୋଇଯାଇଛନ୍ତି। ତେବେ ଗାଡିରେ ଅନ୍ୟ କୌଣସି ବ୍ୟକ୍ତି ନ ଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଧରି ପଚରାଉଚରା କରୁଛି। କାର୍‌ର ବେଗ ଅଧିକ ଥିଲା ନା ଚାଳକ ମଦ୍ୟପାନ କରି ଗାଡି ଚଳାଉଥିଲେ ନା ଅନ୍ୟ କିଛି କାରଣ ରହିଛି ତାହାର ତଦନ୍ତ ଚଳାଇଛି ପୋଲିସ।

# ୧୨ ଦଫା ଦାବିରେ ଏଆଇସିସିଟିୟୁର ବିକ୍ଷୋଭ




ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଏଆଇସିସିଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

୧୨ ଦଫା ଦାବିରେ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଏଆଇସିସିଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୋଦି ସରକାର ତାଙ୍କର ତୃତୀୟ ପାଳିରେ ଶ୍ରମ କୋଡ୍‌କୁ କର୍ପୋରେଟଙ୍କ ସ୍ୱାର୍ଥରେ ଲଗାଇବା ପାଇଁ ଚେଷ୍ଟା କରୁଛନ୍ତି ଏବଂ ତାହା ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଏଆଇସିସିଟିୟୁ ସଭାପତି ରାଧାକାନ୍ତ ସେଠୀ କହିଛନ୍ତି। ମାସିକ ୨୬୦୦୦ଟଙ୍କା ମଜୁରୀ, ଠିକା ଶ୍ରମିକ ନିଯୁକ୍ତି ବନ୍ଦ କରିବା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧ୍ୟକ୍ଷ ପଦ ତୁରନ୍ତ ପୂରଣ, ଶିଳ୍ପ ବିବାଦର ଆଶୁ ସମାଧାନ, ଅସଙ୍ଗଠିତ କଲ୍ୟାଣ ବୋର୍ଡ଼ ଲାଗି ୨୦୦ କୋଟି ଟଙ୍କା ପ୍ରଦାନ ସହ ବିଭିନ୍ନ ଶିଳ୍ପ ଅନୁଷ୍ଠାନକୁ ନିୟମିତ ଭାବେ ତଦାରଖ କରିବାକୁ ଏଆଇସିସିଟିୟୁ ଦାବି କରିଛି। ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀରେ ସତ୍ୟମନୁ ପ୍ରଧାନ, ରବୀନ୍ଦ୍ର ଜେନା, ମାନସ ରଞ୍ଜନ ପ୍ରଧାନ, ବିଜୟ ବେହେରା କମିଶନରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦେଶରେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ଓ ବେରୋଜଗାର ରୋକିବା ଦିଗରେ ମୋଦି ସରକାର ବିଫଳ ହୋଇଛନ୍ତି ବୋଲି ବଂଶୀଧର ପରିଡା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସିଟିୟୁର ନେତା ଶରତ ବରାଳ, ବସନ୍ତ ମଲ୍ଲିକ, ବନବିହାରି ଦାସ, ଚିତ୍ରସେନ ସେଠି ପ୍ରମୁଖ ସାମିଲ ହୋଇଥିଲେ।

## ଏଲଆଇସି ପକ୍ଷରୁ ଦୌଡ଼କୁଦ, ଭଲିବଲ୍ ପ୍ରତିଯୋଗିତା

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)




ଉଦ୍‌ଘାଟନୀ ଉତ୍ସବରେ ଏଲ୍‌ଆଇସି ଆଞ୍ଚଳିକ ପ୍ରବନ୍ଧକ ଏସ୍ ଏସ୍ ବେଶରାଙ୍କ ସହ ଅନ୍ୟ ଅତିଥିମାନେ।

ଭାରତୀୟ ଜୀବନବୀମା ନିଗମ (ଏଲଆଇସି) ପୂର୍ବ-ମଧ୍ୟ ଜୋନ୍‌ର ଦୌଡ଼କୁଦ ଓ ଭଲିବଲ୍ ପ୍ରତିଯୋଗିତା କିଟ୍ ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ଏଲ୍‌ଆଇସି ୯ ଡିଭିଜନର ୪୮ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ରାଜସ୍ଥାନର ଜୟପୁରର ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଏଲ୍‌ଆଇସି ଗେମସ୍‌ରେ ଭାଗ ନେବାର ସୁଯୋଗ ମିଳିବ। ଭୁବନେଶ୍ୱର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇ କ୍ରୀଡ଼ାର ବିକାଶ ସହ ଏଲଆଇସିର ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପ୍ରବନ୍ଧକ ଏସ୍ ଏସ୍ ବେଶରା ଚୟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ପ୍ରବନ୍ଧକ ସୁରେନ୍ଦ୍ର ମହାପାତ୍ର, ପ୍ରଶାସନିକ ଅଧିକାରୀ ଜି ସରବର୍, ସ୍ପୋର୍ଟସ୍ ପ୍ରମୋଶନ୍ ବୋର୍ଡର ସଦସ୍ୟ ରମାକାନ୍ତ ଦାଶ ଓ ସି କୁଜୁର ଉପସ୍ଥିତ ଥିଲେ। ଭୁବନେଶ୍ୱର ମଣ୍ଡଳର କର୍ମକର୍ତ୍ତା ତଥା ସ୍ପୋର୍ଟସ୍ କ୍ଲବର ସେକ୍ରେଟାରୀ ବିଭୁ ପ୍ରସାଦ ସାମଲଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ୯ ଦଫା ଦାବି ନେଇ ସେସୁ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)




ସମସ୍ତ ସରକାରୀ ନିୟମାବଳିକୁ ଅଣଦେଖା ତଥା ପୂର୍ବତନ ସେସୁ କର୍ମଚାରୀଙ୍କ ପ୍ରତି ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ସହ ବଳପୂର୍ବକ କଣ୍ଠରୋଧ ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦ ସହ ୯ ଦଫା ଦାବି ନେଇ ସେସୁ ଇଞ୍ଜିନିୟର ସର୍ଭିସ ଆସୋସିଏଶନ, ଓଡ଼ିଶା ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆସୋସିଏଶନ ଏବଂ ଓଡ଼ିଶା ମିନିଷ୍ଟ୍ରିଆଲ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ରସୁଲଗଡ଼ସ୍ଥିତ ଇଲେକ୍ଟ୍ରିକାଲ ଡିଭିଜନଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରେ ଓଡିଶା ସରକାରଙ୍କ ନିୟମ ଆଧାରରେ ଇଞ୍ଜିନିୟରିଂ କ୍ୟାଡରର ପୁନର୍ବିନ୍ୟାସ, ଓଡିଶା ସରକାର ଏବଂ ଓପିଟିସିଏଲ୍‌ର ନିର୍ଦ୍ଦେଶନାମା ଅନୁସାରେ ପୂର୍ବତନ ସେସୁ ଯନ୍ତ୍ରୀ ଓ କର୍ମଚାରୀଙ୍କ ପାଇଁ ଏନ୍‌ପିଏସ୍ ପ୍ରଚଳନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ ଆଦି ରହିଛି।

ଅନ୍ୟ ଦାବି ମଧ୍ୟରେ ବଦଳି ନିର୍ଦ୍ଦେଶନାମାରେ ହୋଇଥିବା ରିପୋର୍ଟିଂ ସଂକ୍ରାନ୍ତ ଅସଙ୍ଗତିକୁ ତୁରନ୍ତ ପ୍ରତ୍ୟାହାର ଏବଂ ମଧ୍ୟ ସ୍ତରୀୟ ନିଯୁକ୍ତି ବଦଳରେ ମୂଳ ସ୍ତରରେ ନିଯୁକ୍ତି, ସୁରକ୍ଷା ବିଭାଗକୁ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷଙ୍କ ନିୟମ ଅନୁଯାୟୀ ପୁନର୍ଗଠନ, ଅବସରପ୍ରାପ୍ତ ଅଧିକାରୀଙ୍କ ନିଯୁକ୍ତି ଓ ବେଆଇନ ଭାବରେ ହୋଇଥିବା ସୁରକ୍ଷା ସତର୍କତାମୂଳକ ପତ୍ରର ତୁରନ୍ତ ପ୍ରତ୍ୟାହାର ପାଇଁ ଆନ୍ଦୋଳନକାରୀମାନେ ସ୍ୱର ଉଠାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ଏବଂ ଆଗାମୀ ଦିନରେ ଓଡ଼ିଶାର ସମସ୍ତ ବିଦ୍ୟୁତ ଯନ୍ତ୍ରୀଙ୍କୁ ସାମିଲ କରି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## 'ସୀତା ବିବାହ' ପାଇଁ ସର୍ବସ୍ୱାନ୍ତ ହୋଇଥିଲେ ମୋହନ ସୁନ୍ଦର

ଭୁବନେଶ୍ୱର,୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ମାତା ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୧୩୩ତମ ଜୟନ୍ତୀ ଗୁରୁବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ମୋହନ ସୁନ୍ଦର ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟର ବିକାଶ ପାଇଁ କାର୍ଯ୍ୟକରିବା ସହ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ତାଙ୍କ ରାସ ଦଳରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଭଳି ପ୍ରତିଭା ନୃତ୍ୟ ସାଧନା କରି ପରବର୍ତ୍ତୀ ଅବସ୍ଥାରେ ନିଜକୁ ସୁପ୍ରତିଷ୍ଠିତ କରିପାରିଥିଲେ। ଭାରତର ପ୍ରଥମ ଚଳଚ୍ଚିତ୍ର 'ହରିଶ୍ଚନ୍ଦ୍ର' ନିର୍ମାଣ ପରେ ସେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ ମନବଳାଇ 'ସୀତା ବିବାହ' ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତା ଭାବରେ କାର୍ଯ୍ୟ କରିଥିଲେ। ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ତାଙ୍କର ସମସ୍ତ ସଞ୍ଚିତ ଅର୍ଥକୁ ବ୍ୟୟ କରିବା ସହିତ ଋଣ କରି ଏପରିକି ନିଜ ଭୂସମ୍ପତ୍ତି ବିକ୍ରୟ କରି ସର୍ବସ୍ୱାନ୍ତ ହୋଇଯାଇଥିଲେ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ମତ ପ୍ରକାଶ କରିଥିଲେ। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ନିମାକାନ୍ତ ରାଉତରାୟ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସାମାଜିକ କର୍ମୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜ୍‌ଧାରୀଙ୍କ ଅସନ୍ତୋଷ, ଅଧିକାରୀଙ୍କ ଚଞ୍ଚକତାକୁ ଦୋଷ

## ମହାପ୍ରଭୁଙ୍କ ୧୯ ଖଣି ଲୁଟ୍ ନେଇ ଶ୍ରୀମନ୍ଦିର ପ୍ରଶାସନର ନୋଟିସ ପ୍ରସଙ୍ଗ

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଖଣି ଖାଦାନ ଉପରେ ଲିଜ୍‌ଧାରୀଙ୍କ ଲୋଲୁପଦୃଷ୍ଟି। ମିନିମମ୍ ଗ୍ୟାରେଣ୍ଟି କ୍ୱାଣ୍ଟିଟିଠାରୁ ଦୁଇ ତିନିଗୁଣା ଅଧିକ ଖଣି ତାଡ଼ି ତାହାକୁ ବିକ୍ରି କରି ଲିଜ୍‌ଧାରୀମାନେ ବିପୁଳ ଅର୍ଥ ଚଳୁ କରିଥିବା ନେଇ ଅଭିଯୋଗ ହୋଇଛି। ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଖଣିଜ ସମ୍ପଦ ଉତ୍ତୋଳନ କାରଣରୁ ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ୧୯ଟି ଖଣିର ଲିଜ୍‌ଧାରୀମାନଙ୍କୁ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ୧୭ ନିର୍ମାଣ ପଥର ଖଣି ଓ ୨ଟି ମାଙ୍କଡ଼ା ପଥର ଖଣିକୁ ଲଘୁ ଖଣିଜ ଆଇନ-୨୦୧୬ ଆଧାରରେ କାରଣ ଦର୍ଶାଅ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ପେନାଲ୍‌ଟି ଓ ରୟାଲ୍‌ଟିରେ ବାରମ୍ବାର ଖିଲାପ ଯୋଗୁ ଏହି ନୋଟିସ ଦିଆଯାଇଛି। ୭ଦିନ ଭିତରେ ଦେୟ ଜମା କରିବା ସହ ଖଣି ରଦ୍ଦ ପାଇଁ ଲିଖିତ କୈଫିୟତ ଦେବାକୁ କୁହାଯାଇଛି। ତେବେ ଏହାକୁ ନେଇ ଲିଜ୍‌ଧାରୀ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ତତ୍କାଳୀନ ଅଧିକାରୀଙ୍କ ଚଞ୍ଚକତାକୁ ସାଧାରଣରେ ଦାୟୀ କରାଯାଉଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସ୍ପଷ୍ଟ କରିଥିଲେ ଯେ, ମହାପ୍ରଭୁଙ୍କ ସମ୍ପତ୍ତି ଦଖଲକୁ ନିଆଯିବ ଓ ଏହାର ସୁରକ୍ଷା କରାଯିବ। ତେଣୁ ୭ ଦିନ ଭିତରେ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ଦେୟ ଜମା ନ କଲେ ଖଣି ଚୁକ୍ତିପତ୍ର ରଦ୍ଦ ହେବ ବୋଲି ନୋଟିସରେ କଡ଼ା ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଖଣି ଲୁଟ୍‌କୁ ନେଇ ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଚଞ୍ଚକତା ଯୋଗୁ ଏଭଳି ଘଟିଛି ବୋଲି ଅଭିଯୋଗ ହେଉଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନର ଏପରି ନୋଟିସକୁ ଖଣି ଲିଜ୍‌ଧାରୀ ନାପସନ୍ଦ କରିଛନ୍ତି। ଖୋର୍ଦ୍ଧା ଜିଲା କାଇପଦର ନୂଆପଥର ଖଣି ଲିଜ୍‌ଧାରୀ ଦେବେନ୍ଦ୍ର ଜେନା ନୋଟିସ୍‌ର ପୁନର୍ବିଚାର କରିବାକୁ ଅନୁରୋଧ କରିବା ସହ ପ୍ରଶାସନକୁ ଏକ ଆବେଦନପତ୍ର ଦେଇଛନ୍ତି। ଜେନାଙ୍କ କହିବା ଅନୁଯାୟୀ, ତାଙ୍କୁ ଯେତିକି ଏମ୍‌କ୍ୟୁ ଉତ୍ତୋଳନ କରିବା କଥା, ସେ ସେତିକ ଉତ୍ତୋଳନ କରିନାହାନ୍ତି। ତାଙ୍କ ନିକଟକୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ଯାଇନାହାନ୍ତି। ମାତ୍ର ସେ ନିୟମ ଉଲ୍ଲଂଘନ କରିଥିବା ନେଇ ନୋଟିସ ଜାରି ହୋଇଛି। ତାଙ୍କ ଉପରେ ୧,୮୪, ୧୨,୨୧୬ ଟଙ୍କା ଜରିମାନା କରାଯାଇଛି। ଉକ୍ତ ଜରିମାନା ଅର୍ଥ ସେ ଦେବାକୁ ଅସମର୍ଥ। ୨୦୨୨-୨୩ ବର୍ଷ ନିମନ୍ତେ ୩୦ହଜାର ଏମ୍‌କ୍ୟୁ ଉତ୍ତୋଳନ ପାଇଁ ଅନୁମତି ଥିଲା। ଖଣି ପରାମର୍ଶଦାତାଙ୍କ ରିପୋର୍ଟ ଅନୁଯାୟୀ, ସେ ୧ ଲକ୍ଷ ୨୨ ହଜାର ୮୫୭ ଟଙ୍କାର ଏମ୍‌କ୍ୟୁ ଉତ୍ତୋଳନ କରିଛନ୍ତି ବୋଲି ତାଙ୍କୁ ନୋଟିସ କରାଯିବା ସହ ୧ କୋଟି ୮୪ ଲକ୍ଷ ୧୨ ହଜାର ୨୧୬ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ସର୍ଭେ ଠିକ୍ ନୁହେଁ। ୨୦୧୮ ମସିହାରେ ଖଣି ନିଲାମ ପାଇଥିଲୁ। କିନ୍ତୁ ଖଣିରେ ପାଣି ଜମି ରହିଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକ କାଗଜପତ୍ର ସହ ୧୪.୧୦.୨୦୨୨ରେ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲା। ପରେ ଖଣିରେ ବ୍ଲାଷ୍ଟିଂ ନିମନ୍ତେ କେବଳ ୧ମାସ ମିଳିଥିଲା। ଅନ୍ୟାନ୍ୟ କାମ ମଧ୍ୟ ଥିଲା। ମାତ୍ର ମିଳିଥିବା ନୋଟିସ୍‌ରେ ଦର୍ଶାଯାଇଛି ଯେ, ୨୦୨୩ ମାର୍ଚ୍ଚରୁ ୨୦୨୩ ମେ' ମଧ୍ୟରେ ହୋଇଥିବା ତଦନ୍ତ ଅନୁସାରେ ନିର୍ଦ୍ଧାରିତଠାରୁ ଅଧିକ ଉତ୍ତୋଳନ ହୋଇଛି। ଯାହା କେବେ ସମ୍ଭବ ନୁହେଁ। ସେହିପରି ୨୦୨୩-୨୪ ବର୍ଷର ରୟାଲ୍‌ଟି ଦାଖଲ କରିବା ପରେ ମାତ୍ର ୮ ମାସ ପାଇଁ ବ୍ଲାଷ୍ଟିଂ ଅନୁମତି ମିଳିଥିଲା। ସେହିପରି ୨୦୨୪-୨୫ ବର୍ଷ ପାଇଁ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ତଦନ୍ତ କରାଯାଇ ଜରିମାନକୁ ଛାଡ କରାଯିବା ସହ ଏନେଇ ପୁନର୍ବିଚାର କରାଯାଉ ଏବଂ ଖଣି ଚାଲୁ କରିବାକୁ ଅନୁମତି ଦିଆଯାଉ ବୋଲି ଜେନା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଏ ନେଇ ଡ୍ରୋନ ମାଧ୍ୟମରେ ସର୍ଭେ ହୋଇଥିଲା। ଯେଉଁ ଖଣି ଲିଜଧାରୀମାନେ ନିୟମ ଉଲ୍ଲଂଘନ କରି ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜଧାରୀଙ୍କୁ ନୋଟିସ୍ କରାଯାଇଛି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଯେଉଁ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନଙ୍କ ଚଞ୍ଚକତାରେ ଏପରି କାର୍ଯ୍ୟ ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଗଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାସ ମହାପାତ୍ର ମତବ୍ୟକ୍ତ କରିଛନ୍ତି।




୮।୮।୨୦୨୪

| | |
|---|---|
| ୫,୦୯,୧୦୫ ଟଙ୍କା | |
| ସୁନା | ୩୯୦ ମିଲିଗ୍ରାମ୍ |
| ରୁପା | ୩୩.୫୦୦ ଗ୍ରାମ୍ |




ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ଗୁରୁବାର ପୁରୀ ପୌରସଦନ ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ସମାଜସେବୀ ତଥା ଗୋ-ସେବକ ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ବାଘ ଆଖଡ଼ା ମଠ ପରିସରରେ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନମ୍, ଗୋ ଚିକିତ୍ସାଳୟ ତଥା ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମୃତିସଭା ଗୁରୁବାର ଆୟୋଜିତ ହୋଇଛି। ସଭାରେ ସ୍ୱର୍ଗତ ମହାନ୍ତିଙ୍କ କନ୍ୟା କ୍ରିଷ୍ଣା ପ୍ରିୟଦର୍ଶିନୀ, ଜ୍ୱାଇଁ ଜ୍ୟୋତିରଞ୍ଜନ ମହାପାତ୍ର, ଦେବେନ୍ଦ୍ର ତ୍ରିପାଠୀ, ଦେବଦ ମହାନ୍ତି, ଗଙ୍ଗାଧର ମହାରଣା, ଚିନ୍ମୟୀ ଦେଓ, ବରିଷ୍ଠ ନାଗରିକ ମଞ୍ଚ ସଭାପତି କାର୍ତ୍ତିକ କୁମାର ଦାସ, ସମ୍ପାଦକ ଦେବେନ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂକୀର୍ତ୍ତନ କରାଯାଇଥିଲା।

# ନିୟମ ନ ମାନିଲେ ରଦ୍ଦ ହେବ ଲାଇସେନ୍ସ



ଦୋକାନରେ କୃଷିବିଭାଗ ଅଧିକାରୀ ଚଢାଉ କରୁଛନ୍ତି ।

## କୃଷି ବିଭାଗ ପକ୍ଷରୁ ସାର ଦୋକାନରେ ଚଢ଼ାଉ

ଅସ୍ତରଙ୍ଗ,୮।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ନିମାପଡ଼ା ଜିଲା କୃଷି ଅଧିକାରୀ ସତ୍ୟନାରାୟଣ କରଙ୍କ ନିର୍ଦ୍ଦେଶ କ୍ରମେ ବିଶେଷଜ୍ଞ ଓ କୃଷି ବିଭାଗର ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ୬ଟି ସାର ଦୋକାନ ଉପରେ ବୁଧବାର ଚଢ଼ାଉ କରାଯାଇଛି। କେତେଜଣ ଅସାଧୁ ସାର ବ୍ୟବସାୟୀ ଦୋକାନ ବନ୍ଦ କରିଥିବାବେଳେ କେତେଜଣଙ୍କ ଦୋକାନ ଖୋଲାଥିଲା। ଅସ୍ତରଙ୍ଗ ବ୍ଲକର ଆଳସାହି, ନଈଗୁଆଁ, ଅସ୍ତରଙ୍ଗ ପଞ୍ଚାୟତରେ ଥିବା ବିଭିନ୍ନ ସାର ଦୋକାନରେ ବିଶେଷଜ୍ଞ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ ସହ ଯାଞ୍ଚ କରାଯାଇଥିଲା। କୌଣସି ଗୋଟିଏ ହେଲେ ରିଟେଲର କୃଷି ବିଭାଗ ନିୟମ କିମ୍ବା ସରକାରୀ ନୀତି ନିୟମ ପାଳନ କରୁ ନ ଥିବା ଅଧିକାରୀ ଦେଖିଥିଲେ। ଦୋକାନ ଆଗରେ ଡିଲରଙ୍କ ନାମ ଓ ରେଜିଷ୍ଟ୍ରେଶନ ନମ୍ବର, ସାରର ମୂଲ୍ୟ ତାଲିକା ମାରିବା କଥା, ଚାଷୀ ସାର କି କୀଟନାଶକ ଔଷଧ ନେଲେ ରସିଦ ଦେବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ଜଣେ ବି ବ୍ୟବସାୟୀ ଏହି ନିୟମ ପାଳନ କରୁ ନ ଥିବା ଦେଖିବାକୁ ମିଳିଥିଲା। ସମସ୍ତ ବ୍ୟବସାୟୀଙ୍କୁ ତାଗିଦା କରିବା ସହ ଯଦି ସରକାରୀ ନୀତି ନିୟମ ବାହାରେ କୌଣସି ବ୍ୟବସାୟୀ କାର୍ଯ୍ୟ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସାର ମାନ ନିୟନ୍ତ୍ରଣ ନିରୀକ୍ଷକ ନରେଶ ସାହୁ କହିଛନ୍ତି। ଚଢ଼ାଉରେ ଗ୍ରାମସେବକ ଜିତେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ସାର ଓ କୀଟନାଶକ ଔଷଧ କଳା ବଜାରୀ, ଚଢ଼ା ଦରରେ ନକଲି ସାର ବିକ୍ରି ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା।

# ନୟାହାଟ ଫାଣ୍ଡିରୁ ଲୋକଙ୍କ ଭରସା ତୁଟିଲାଣି

ଯୋଗେଶ୍ୱରପୁର,୮।୮(ରଶ୍ମିରଞ୍ଜନ ସାହୁ)

ମୁଖ୍ୟମନ୍ତ୍ରୀ ସବୁ ଥାନା ଓ ଫାଣ୍ଡିରେ ଜନସାଧାରଣଙ୍କୁ ଭଲ ବ୍ୟବହାର, ନ୍ୟାୟ ପ୍ରଦାନ କରିବାକୁ କହୁଥିବାବେଳେ ନୟାହାଟ ଫାଣ୍ଡିରେ ଏହାର ଓଲଟା ଦେଖିବାକୁ ମିଳୁଛି। ଏଠାରେ ଦଲାଲମାନେ ଫାଣ୍ଡି ଚଳାଉଛନ୍ତି। ଫାଣ୍ଡି ଅଞ୍ଚଳରେ ୬ ପଞ୍ଚାୟତର ୭୫ଟି ଗ୍ରାମ ରହିଥିବାବେଳେ ସେହି ଗ୍ରାମଗୁଡ଼ିକରୁ ଆସୁଥିବା ଅଭିଯୋଗର ବିଚାର ହେଉନାହିଁ। ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ କୌଣସି ପ୍ରକାରର ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଦଲାଲଙ୍କ ହାତରେ ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ କୁନାଲ କୁମାର ବଳ ଯୋଗାଉଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏଠି 'ଜୋର୍ ଯାହାର ମୁଲକ ତାର' ହେବା ପରିସ୍ଥିତି ଉପୁଜିବା ଫଳରେ ଜନସାଧାରଣ ନୟାହାଟ ଫାଣ୍ଡିକୁ ଅଭିଯୋଗ କରିବାକୁ ନିଜକୁ ସୁରକ୍ଷା ମନେ କରୁନାହାନ୍ତି। ଏପରିକି ପୋଲିସ ବଳାତ୍କାର ଘଟଣାକୁ ଚପାଇ ଦେବାକୁ ଆଉ ଏକ ମିଥ୍ୟା କେସ କରୁଛି। ଫଳରେ ଅପରାଧୀ ଖୋଲାଖୋଲି ବୁଲୁଥିଲେ ମଧ୍ୟ ପୋଲିସର ଅପାରଗତା ଯୋଗୁ ଲୋକଙ୍କ ଭରସା ତୁଟୁଛି ବୋଲି ନୟାହାଟ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଯେଉଁ ଘଟଣାଗୁଡ଼ିକ କେସ ହେବା କଥା ତାକୁ ଦଲାଲଙ୍କ ମାଧ୍ୟମରେ ତୁଟାଇ ମୋଟାଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏତଲାକାରୀଙ୍କ ବିରୋଧରେ ପୋଲିସ କାଉଣ୍ଟର କେସ କରି ଉଭୟ ପକ୍ଷରୁ କାହାରିକୁ ଗିରଫ ନ କରିବା ନୟାହାଟ ଫାଣ୍ଡି ଅଧିକାରୀଙ୍କ ଅପାରଗତା ପଦାରେ ପଡ଼ିଛି। ଏଠି ଫାଣ୍ଡି ଅଧିକାରୀ ଥାଇ ହାବିଲଦାର କେସ ବିଚାର କରିବା ଯଥାର୍ଥ ନୁହେଁ ବୋଲି ଶାସକ ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ହାବିଲଦାରଙ୍କ ପୋଷ୍ଟିଂ ରାମଚଣ୍ଡୀ ଥାନା ହୋଇଥିବାବେଳେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଧରାଧରି କରି ନୟାହାଟ ଫାଣ୍ଡିରେ ରହି ଲୋକଙ୍କୁ ଶୋଷଣ କରୁଥିବା ଭାଜପା ନେତା ଅନନ୍ତ ସାହୁ କହିଛନ୍ତି। ଏଠାରେ ଥିବା ଫାଣ୍ଡି ଅଧିକାରୀଙ୍କ ପାଟ୍ରୋଲିଂ ନ କରି କେବଳ ୪ ଚକିଆ ଚକ ଚକ ଗାଡ଼ି ହେଲେ ପାଟ୍ରୋଲିଂ ହେବ ବୋଲି କହୁଛନ୍ତି। ତାଙ୍କ କାର୍ଯ୍ୟ ଉପରେ କୌଣସି ଜନସାଧାରଣ ସନ୍ତୁଷ୍ଟ ନାହାନ୍ତି। ଏଠାରେ ଥିବା କନଷ୍ଟେବଲ ୩ରୁ ୪ ବର୍ଷ ରହିବା ଫଳରେ ବଦଳି ନାହିଁ। ସମସ୍ତ କର୍ମଚାରୀଙ୍କୁ ବଦଳି ପାଇଁ ଏସ୍‌ପିଙ୍କ ପାଖରେ ଦାବି କରାଯାଇଛି ଶାସକ ଦଳ ପକ୍ଷରୁ କୁହାଯାଇଛି।

# ବଚସାରୁ ଗଣ୍ଡଗୋଳ, କଟୁରି ଚୋଟରେ ବୃଦ୍ଧ ଗୁରୁତର

ନିମାପଡ଼ା,୮।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଟିଲୋ ଗ୍ରାମରେ ୨ ବ୍ୟକ୍ତିଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ଗଣ୍ଡଗୋଳ, ମାରପଟ୍ ହୋଇଛି। ଏଥିରେ ରମେଶ ପ୍ରଧାନ (୫୫) ଆଙ୍ଗୁଠି ବୁଢ଼ା ଆଙ୍ଗୁଠି କଟିଯିବାରୁ ସେ ନିମାପଡ଼ା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ତାଙ୍କ ପୁତୁରା ସିଲୁ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୪୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

ତେବେ ବୁଧବାର ସନ୍ଧ୍ୟାରେ ଗାଁମୁଣ୍ଡ କାଳିଆ ଘାଇ ବନ୍ଧକୁ ଝାଡ଼ା ବସିବାକୁ ଯାଇଥିଲେ। ଏହି ସମୟରେ ରଟିଲୋ ଗ୍ରାମର ଗଙ୍ଗାଧର ପ୍ରଧାନ ସେଠାରେ ପହଞ୍ଚି ରମେଶଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ କଟୁରିରେ ତାଙ୍କ ହାତକୁ ଏକ ଚୋଟ ମାରିଥିଲେ। ଏଥିରେ ରମେଶଙ୍କ ବୁଢ଼ା ଆଙ୍ଗୁଠି କଟିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ରମେଶଙ୍କ ପୁତୁରା ସିଲୁ ପ୍ରଧାନ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଗଙ୍ଗାଧରଙ୍କୁ ତୁରନ୍ତ ଗିରଫ କରିବାକୁ ଅଭିଯୋଗକାରୀ ପୋଲିସ ନିକଟରେ ଦାବି କରିଛନ୍ତି।

# କଣାସରେ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଚାଷୀଙ୍କ ଦାବି

କଣାସ,୮।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଦୁଗ୍ଧ ଶୀତଳ ଭଣ୍ଡାର ନ ଥିବାରୁ ଦୁଗ୍ଧ ଚାଷୀ ଗୋ ଚାଷ ପ୍ରତି ବିମୁଖ ହୋଇପଡ଼ିଛନ୍ତି। ଖବର ନେବାରେ ଜଣାପଡ଼ିଛି, ପୁରୀ ଜିଲାର ୧୧ଟି ବ୍ଲକ ମଧ୍ୟରୁ ୧୦ଟି ବ୍ଲକରେ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିବାବେଳେ ଏକ ମାତ୍ର କଣାସରେ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯେଉଁ କେତେକ ଚାଷୀ ଗୋପାଳନ କରୁଛନ୍ତି, ସେମାନେ ଆଦାୟ କରୁଥିବା କ୍ଷୀର ଶାଗ ମାଛ ଦରରେ ବିକ୍ରି କରି କ୍ଷତି ସହୁଛନ୍ତି। ଯାହାଦ୍ୱାରା ଚାଷୀ ଗୋପାଳନ ଉପରୁ ଆଶା ତୁଟାଦେଇଛନ୍ତି। ପୂର୍ବରୁ ବ୍ଲକର ବିନ୍ଧଣ, ଜାଗୁଳେଇପଦର, ସାନଓରା, ବଡ଼ଓରା, ପାଇକମରା, ମନ୍ଦାରବସ୍ତ, କଣାସ, ବ୍ରହ୍ମପଡ଼ା, ବନ୍ଧମୁଣ୍ଡା, ଆଳିବାଡ଼, କରମଳା, ଅଇନିପୁର ଗ୍ରାମରେ କେତେକ ଚାଷୀ ମେଳି ହୋଇ ୧୩ ଦୁଗ୍ଧ ସମାବାୟ ଗଠନ କରିଥିଲେ। କ୍ଷୀର ଅଭାବ ବିକ୍ରି ଯୋଗୁ ସେଗୁଡ଼ିକ ବର୍ତ୍ତମାନ ରୁଗ୍ଣ ଅବସ୍ଥାରେ ରହିଛି। ଆଉ କେତେଜଣ ବିଭିନ୍ନ ଗ୍ରାମର ଯୁବକ ଗୋ ସେବା ସମବାୟ ଗଠନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବେକାରୀ ସମସ୍ୟା ବୃଦ୍ଧି ହେତୁ ଯୁବକମାନେ ଗାଈ, ଛେଳି, କୁକୁଡ଼ା ଚାଷ କରିବାକୁ ମନ ବଳାଉଥିବାବେଳେ କୌଣସି ସରକାରୀ ସହାୟତା ମିଳୁ ନ ଥିବାରୁ ବେକାରୀ ସେମାନଙ୍କ ମନବଳ ଭାଙ୍ଗି ପଡୁଛି। ତୁରନ୍ତ କୃଷି ମନ୍ତ୍ରୀ କଣାସଠାରେ ଏକ ଦୁଗ୍ଧ ଶୀତଳ ଭଣ୍ଡାର ନିର୍ମାଣ କରିବା ସହିତ ବେକାର ଯୁବକଙ୍କୁ ଗାଈ ଚାଷ କରିବାକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

# ଟେଷ୍ଟ ନ ଥିବାରୁ ଖରାରେ ସିଝିଲେ ଦିବ୍ୟାଙ୍ଗ

## ସହାୟକ ଉପକରଣ ବଣ୍ଟନ ପାଇଁ ପରୀକ୍ଷଣ ଶିବିର

ସାକ୍ଷୀଗୋପାଳ,୮।୮(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ ଭରତ ରାଉତ)

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଜାତୀୟ ବୟୋଶ୍ରୀ ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକଙ୍କୁ ମାଗଣା ସହାୟକ ଉପକରଣ ଯୋଗାଇବା ପାଇଁ ଏକ ପରୀକ୍ଷଣ ଶିବିର ଗୁରୁବାର ସତ୍ୟବାଦୀ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୭୮ ଜଣ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତି ଉକ୍ତ ଶିବିରରେ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୧୦ ଜଣ ଏହି ପରୀକ୍ଷଣ ଶିବିରରେ ବିଭିନ୍ନ ଉପକରଣ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ମାସେ ମଧ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ସେମାନଙ୍କଠାରୁ ଗ୍ରହଣ କରାଯାଇଥିବା ଟେଲିଫୋନ ନମ୍ବର ମାଧ୍ୟମରେ ଯୋଗାଯୋଗ କରାଯିବା ସହିତ ପୁନର୍ବାର ବ୍ଲକରେ ଏହି ଉପକରଣ ବଣ୍ଟାଯିବାକୁ ଏକ ଶିବିରର ଆୟୋଜନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଶିବିରରେ ଗୁରୁଦତ୍ତ ଲେଙ୍କା, ରେଡିଓ ଲୋଜିଷ୍ଟ ଜିତେନ୍ଦ୍ର ସାହୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଯାଞ୍ଚ କରୁଥିବାବେଳେ ବିଶ୍ୱରଞ୍ଜନ ପୃଷ୍ଟି ଅର୍ଥୋପେଡିକ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଆରମ୍ଭରୁ ଶିବିର ଆୟୋଜନରେ ଅନେକ ଅବ୍ୟବସ୍ଥା ପରିଲିକ୍ଷିତ ହୋଇଥିଲା। ଯାହାଦ୍ୱାରା ଉପସ୍ଥିତ ଦିବ୍ୟାଙ୍ଗ ଓ ବରିଷ୍ଠ ବ୍ୟକ୍ତି ଅସନ୍ତୁଷ୍ଟ ହେବା ସହ ହୋ ହଲ୍ଲା କରିଥିଲେ। ଶିବିରରେ ଟେଷ୍ଟ ନ ଥିବାରୁ ଲୋକେ ଖରାରେ ସିଝିଥିଲେ। ବ୍ଲକ ଏସ୍‌ଏସ୍‌ଓ ମୋନିକା ଦାସ, ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ଅସନ୍ତୁଷ୍ଟ ଲୋକଙ୍କୁ ବୁଝାଶୁଝା କରିବା ସହ ସତ୍ୟବାଦୀ ପୋଲିସ ଶିବିରରେ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଶିବିରରେ ଦାସବିଦ୍ୟାଧରପୁରର ଟିକେଇ ମହାରଣା(୭୦), ଧ୍ୱଜା ମୁଣ୍ଡେଇର ଗଙ୍ଗାଧର ମଳିକ(୮୦) ,କାଦୁଆ ପଞ୍ଚାୟତରୁ ଭାବେନି ବରାଳ (୫୮), ରୂପଲି ସିଂ ପ୍ରମୁଖ ଦିବ୍ୟାଙ୍ଗ ବ୍ୟକ୍ତି ଯୋଗଦେଇଥିଲେ।




ଦିବ୍ୟାଙ୍ଗମାନେ ଦୀର୍ଘ ସମୟ ଖରାରେ ଅପେକ୍ଷା କରି ରହିଛନ୍ତି।

# ତଥ୍ୟ ଦେଉନାହାନ୍ତି ନିର୍ବାହୀ ଅଧିକାରୀ

## ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକୁ ବେଖାତିର

କୋଣାର୍କ,୮।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସିରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ଏବଂ ଟିକସ ଅସୁଲକାରୀ ଭାଗ୍ୟରଥି ବରାଳଙ୍କ ସମ୍ପର୍କରେ ସୂଚନା ମାଗିବାର ଏକ ବର୍ଷ ୧୦ମାସ ବିତିଲାଣି। ହେଲେ ଏନ୍‌ଏସିରେ ହୋଇଥିବା ଦୁର୍ନୀତି ଲୋକଲୋଚନକୁ ଆସିଯିବା ଭୟରେ ଏନ୍‌ଏସିର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ତଥ୍ୟ ଦେଉନାହାନ୍ତି। ଏପରି କି ଏସମ୍ପର୍କିତ ସୂଚନା ପ୍ରଦାନ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମାକୁ ମଧ୍ୟ ନିର୍ବାହୀ ଅଧିକାରୀ ଧଳ ଅବମାନନା କରି ୨ ମାସ ଧରି ନୀରବତା ଅବଲମ୍ବନ କରିଛନ୍ତି। କୋଣାର୍କ ଏନ୍‌ଏସିରେ ହୋଇଥିବା ଆର୍ଥିକ ଅନିୟମିତତାର ସଂଯୋଗ ସେତୁ ପାଲଟିଥିବା ଟିକସ ଅସୁଲକାରୀ ଭାଗ୍ୟରଥିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାହୀ ଅଧିକାରୀ ଘଣ୍ଟ ଘୋଡ଼ାଉଥିବା ଏନ୍‌ଏସିର କାଉନସିଲର ତଥା ସୂଚନା ଅଧିକାର କର୍ମୀ ନୀହାର ରଞ୍ଜନ ବେଉରାଙ୍କ ସମେତ ବିଭିନ୍ନ ମହଲରୁ ଅଭିଯୋଗ ହୋଇଆସୁଛି। ନିର୍ବାହୀ ଅଧିକାରୀ ଧଳ ଜଣେ ଅଭ୍ୟାସଗତ ସୂଚନା ଅଧିକାର ଆଇନ ଉଲ୍ଲଂଘନକାରୀ ବୋଲି ସୂଚନା କମିଶନଙ୍କ ୱେବସାଇଟରୁ ପ୍ରାପ୍ତ ତଥ୍ୟରୁ ସ୍ପଷ୍ଟ ହୋଇଛି। ୨୦୨୨ରେ ଦଶରଥପୁର ଅତିରିକ୍ତ ତହସିଲଦାରଙ୍କ ସମୟରେ ସୂଚନା ଅଧିକାର ଆଇନର ଅବମାନନା କରି ଧଳ ୨୫ ହଜାର ଟଙ୍କା ଜରିମାନା ଗଣିଛନ୍ତି। ସୂଚନା କମିଶନଙ୍କ ୨୦୨୨ ଜୁନ ୩୦ ଅର୍ଥ ଦଣ୍ଡାଦେଶ ଆଧାରରେ ୨୨।୮।୨୦୨୨ରେ ଟ୍ରେଜେରି ଚାଲାଣ ନଂ. ୧୮ରେ ନିର୍ବାହୀ ଅଧିକାରୀ ଧଳ ୨୫ ହଜାର ଟଙ୍କା ଜରିମାନା ଦାଖଲ କରିଥିବା ସୂଚନା କମିଶନଙ୍କ ୱେବସାଇଟରେ ଦର୍ଶାଯାଇଛି।

କୋଣାର୍କ ଏନ୍‌ଏସି କାଉନସିଲର ବେଉରା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଦେଇଥିବା ଅଭିଯୋଗରୁ ଜଣାପଡ଼ିଛି ଯେ, ବେଉରା ୨୭।୧୦।୨୦୨୩ରେ ସୂଚନା ଅଧିକାର ଆଇନ-୨୦୦୫ ଆଧାରରେ କୋଣାର୍କ ଏନ୍‌ଏସିର ଟିକସ ଅସୁଲକାରୀ ଭାଗ୍ୟରଥିଙ୍କ ନିଯୁକ୍ତି ପତ୍ର, ଶିକ୍ଷାଗତ ଯୋଗ୍ୟତା, ବିଭିନ୍ନ ଦାୟିତ୍ୱ ନିର୍ବାହ ଓ ସମ୍ପତ୍ତି ତାଲିକା ସମ୍ପର୍କିତ ୯ଟି ପ୍ରଶ୍ନର ଉତ୍ତର ନିର୍ବାହୀ ଅଧିକାରୀ ଧଳଙ୍କୁ ମାଗିଥିଲେ। ଧଳ କୋଣାର୍କ ଏନ୍‌ଏସିର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଭାବେ ସୂଚନା ନ ଦେଇ କାଳକ୍ଷେପଣ ନୀତି ଅବଲମ୍ବନ କରିଥିଲେ। ବେଉରାଙ୍କ ବାରମ୍ବାର ସ୍ମାରକପତ୍ର ପ୍ରଦାନ ପରେ ନିର୍ବାହୀ ଅଧିକାରୀ ଧଳ ଟିକସ ଅସୁଲକାରୀ ଭାଗ୍ୟରଥିଙ୍କ ବ୍ୟକ୍ତିଗତ ତଥ୍ୟ ସମ୍ବଳିତ ସୂଚନା ଦିଆଯିବ କି ନାହିଁ ବୋଲି ୨।୫।୨୦୨୪ରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ପତ୍ର ଲେଖି ସ୍ପଷ୍ଟୀକରଣ ମାଗିଥିଲେ। ୧୨।୬।୨୦୨୪ରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏହି ମାମଲାର ଶୁଣାଣି କରି ଯଥାଶୀଘ୍ର ବେଉରାଙ୍କୁ ସୂଚନା ପ୍ରଦାନ କରିବାକୁ ଧଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ୨ମାସ ପୂରିବାକୁ ଯାଉଥିଲେ ମଧ୍ୟ ସୂଚନା ଦିଆଯାଇ ନାହିଁ। ଅନ୍ୟପଟେ ଭାଗ୍ୟରଥି ଚାକିରି ଆରମ୍ଭ ୧୯୯୪ ମସିହାରୁ ଏଯାବତ୍ ଗୋଟିଏ ଷ୍ଟେଶନରେ ରହି ଆସିଛନ୍ତି। ଏପରି କି ଗତ ସାଧାରଣ ନିର୍ବାଚନ ଆଚରଣବିଧି ବଳବତ୍ତର ଥିବା ସମୟରେ ସେ ଦଳୀୟ ରାଜନୀତିରେ ସମ୍ପୃକ୍ତ ଥିବା ରାଜ୍ୟ ଓ କେନ୍ଦ୍ର ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଧଳଙ୍କୁ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଆସିଥିଲା। ହେଲେ ଧଳ ନିଜ ରିପୋର୍ଟରେ ଭାଗ୍ୟରଥି ଉଚ୍ଚ ରକ୍ତଚାପ, ମଧୁମେହ, ଅମ୍ଳପିତ, ଥାଇରଏଡ, ଶ୍ୱାସ ଇତ୍ୟାଦି ବିଭିନ୍ନ ପ୍ରକାର ରୋଗରେ ପୀଡିତ ଥିବା ଏବଂ ଜଣେ ସଚ୍ଚୋଟ ଆଗ ଧାଡ଼ିର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ବୋଲି ଏକ ପ୍ରଶଂସାପତ୍ର ଲେଖି ପୁରୀ ଜିଲା ଅତିରିକ୍ତ ନିର୍ବାଚନ ଅଧିକାରୀ ତଥା ଏଡିଏମ୍‌ଙ୍କୁ ପ୍ରଦାନ କରିଥିଲେ। ଭାଗ୍ୟରଥିଙ୍କୁ ଘଣ୍ଟ ଘୋଡ଼ାଇ ସୂଚନା ଅଧିକାର ଆଇନର ଅବମାନନା କରି ଆସୁଥିବା ନିର୍ବାହୀ ଅଧିକାରୀ ଧଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ କାଉନସିଲର ବେଉରା ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ଏସମ୍ପର୍କରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଧଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ସେହିପରି ଭାଗ୍ୟରଥିଙ୍କ ଠାରୁ ମଧ୍ୟ କୌଣସି ମତାମତ ମିଳିପାରି ନାହିଁ।

## ସଂକ୍ଷେପରେ

### ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୮୮ ଛୁଇଁଲା

କଟକ,୮।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାବେଳେ ୨ ଦିନ ମଧ୍ୟରେ କଟକରୁ ୯ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨ ଜଣ କଟକ ଜିଲାର ଅନ୍ୟାନ୍ୟ ଅଞ୍ଚଳର ରହିଥିବାବେଳେ ୭ ଜଣ କଟକ ସହରରୁ ରହିଛନ୍ତି। କଟକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୮୮ରେ ପହଞ୍ଚିଛି। ୬୮ ଜଣ କଟକ ସହର ବା ସିଏମ୍‌ସି ଅଞ୍ଚଳର ରହିଥିବାବେଳେ ୨୦ ଜଣ କଟକ ଜିଲାର ଅନ୍ୟାନ୍ୟ ସ୍ଥାନରୁ ରହିଛନ୍ତି। ୨ ଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାବେଳେ ସେମାନଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା କହିଛନ୍ତି, ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ସମସ୍ତ ପ୍ରକାରର ସର୍ଭେ କରାଯାଉଛି। ବର୍ଷାଦିନ ଥିବାରୁ ଏହା ପିକ୍ ସମୟ ରହିଛି। କିନ୍ତୁ ସମସ୍ତ ପ୍ରକାରର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ବେଉରା କହିଛନ୍ତି।

### ବିଦ୍ୟାଳୟରୁ ଚୋରି

ଚୌଦ୍ୱାର,୮।୮(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ କୋଚିଲା ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ରାତିରେ ଚୋରମାନେ ବହୁ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ ଥାନାରେ ଦେଇଥିବା ଲିଖିତ ଅଭିଯୋଗ ମତେ, ଦୁର୍ବୃତ୍ତ ବିଦ୍ୟାଳୟର ଶ୍ରେଣୀଗୃହ ଓ ଅଫିସ୍ ଗୃହର ତାଲା ଭାଙ୍ଗି ଭିତରେ ପଶିବା ସହ ଅଫିସ୍ ଆଲମିରା ତାଲା ଭାଙ୍ଗି ତା' ଭିତରେ ଥିବା ନଗଦ ୨ ହଜାର ଟଙ୍କା, ୮ ହଜାର ଟଙ୍କା ମୂଲ୍ୟର ଏକ ପ୍ରୋଜେକ୍ଟର, ୧୭ ହଜାର ଟଙ୍କା ମୂଲ୍ୟର ଏକ ମାଇକ୍ ସେଟ୍ ସମେତ ଅନ୍ୟାନ୍ୟ ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି। ଏଥିସହିତ ବିଦ୍ୟାଳୟର ବିଭିନ୍ନ ଜିନିଷପତ୍ର ଏଣେତେଣେ ଫିଙ୍ଗି ଦେଇଛନ୍ତି। ଅଭିଯୋଗ ପାଇ ପୋଲିସ୍ ତଦନ୍ତ ଆରମ୍ଭ କରିଛି।

### ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ବିୟୋଗ

କଟକ ସଦର,୮।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତ କୋରପଦା ଗ୍ରାମର ଯୁବ ସାମାଜିକ କାର୍ଯ୍ୟକର୍ତ୍ତା ଅକ୍ଷୟ ସାହୁ (୪୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିୟୋଗ ଘଟିଛି। ସେ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ। ଗ୍ରାମର ବିଭିନ୍ନ ପ୍ରକାର କାର୍ଯ୍ୟ ଓ ସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିବାବେଳେ ପୁତୁରା ସୁନୀଲ ସାହୁ ମୁଖାଗ୍ନି ଦେଇଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚୌଦ୍ୱାର,୮।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୬ ନଂ. ୱାର୍ଡ଼ ଦୌଲତାବାଦସ୍ଥିତ ନିଗମାନନ୍ଦ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସ ଓ ସହକାରୀ ଶିକ୍ଷକ ସତ୍ୟନାରାୟଣ ମହାନ୍ତି ଅବସର ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପରିସରରେଏକ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କୁନ୍ତଳା ଖଟୁଆ ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା ସାହୁ, ଶିକ୍ଷକ ଆକୁଳାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ, ରଞ୍ଜନ ସ୍ୱାଇଁ, ବିନାୟକ କୁମାର ଦେହୁରୀ, ମମତା ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତୀ ଦିଗରେ ୨ ବିଦାୟୀ ଶିକ୍ଷକଙ୍କ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋଚନା କରି ସେମାନଙ୍କୁ ସମ୍ବର୍ଦ୍ଧିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ର, ଶିକ୍ଷକ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ବୋଟ୍ କ୍ଲବ୍ ମରାମତି ସାରି ତୁରନ୍ତ କାର୍ଯ୍ୟକ୍ଷମ କରାଅ'

କଟକ,୮।୮(କାର୍ତ୍ତିକ ସାହୁ)



**ହାଇକୋର୍ଟରେ କଟକ ସହର ସମସ୍ୟା**

କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠରେ ହୋଇଛି। ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହ ବିଭିନ୍ନ ଅଭିଯୋଗ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଳଦଣ୍ଡା କେନାଲରେ ବୋଟିଂ କ୍ଲବ ମରାମତି କାର୍ଯ୍ୟ ଅଗଷ୍ଟ ଶେଷ ସୁଦ୍ଧା ସରିବ। ଏଠାରେ ପାଦଚଲା ରାସ୍ତା, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁ ରହିଛି। ମରାମତି ଶେଷ ହେବାପରେ ଓଡ଼ିଶା ଟୁରିଜିମ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେଶନ(ଓଟିଡିସି) ଏହାକୁ ଗୁରୁତ୍ୱ ଦେବା ସହ ଜନସାଧାରଣଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ଦୀର୍ଘଦିନ ହେବ ଏହି ବୋଟିଂ କ୍ଲବ ବନ୍ଦ ରହିଥିଲା। ଏନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଶୁଣାଣିବେଳେ ସରକାରଙ୍କ ପକ୍ଷରୁ ଏନେଇ ସତ୍ୟପାଠ ଦାଖଲ ହୋଇଛି। ଏସବୁ ପ୍ରକଳ୍ପର ମରାମତି କାର୍ଯ୍ୟ ତୁରନ୍ତ ଶେଷ କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ବ୍ୟବହାର ଉପଯୋଗୀ କରାଯିବ ବୋଲି ସତ୍ୟପାଠରେ ଦର୍ଶାଯାଇଛି।

ସେହିପରି ସହରରେ ପାଦଚଲା ପଥରୁ ଜବରଦଖଲ ଉଚ୍ଛେଦ ମାମଲାରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମଧ୍ୟ ସତ୍ୟପାଠ ଦାଖଲ କରାଯାଇଛି। ଏପର୍ଯ୍ୟନ୍ତ ୯୦% ଜବରଦଖଲ ଉଚ୍ଛେଦ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ଆଉ ଏକ ସପ୍ତାହ ମଧ୍ୟରେ ସମସ୍ତ ଉଚ୍ଛେଦ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଇଛି। ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଆଡ୍‌ଭୋକେଟ୍ କମିଟି ସହରର ବିଭିନ୍ନ ସ୍ଥାନ ଯାଞ୍ଚ କରାଯିବା ପରେ ଅଦାଲତଙ୍କୁ ଗୁରୁବାର ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସହରର ରାସ୍ତାରେ ପାର୍କିଂ ଉଚ୍ଛେଦ ଉପରେ ମଧ୍ୟ ଶୁଣାଣି ହୋଇଥିଲା। ନୂତନ ପାର୍କିଂସ୍ଥଳ ଚିହ୍ନଟ ଲାଗି ସିଏମ୍‌ସି ପକ୍ଷରୁ ସମୟ ନିଆଯାଇଛି। ତେବେ ସିଏମ୍‌ସି ଅଧୀନରେ ୨୩ଟି ପାର୍କିଂ ଓ ୩ଟି ଅଟୋ ଷ୍ଟାଣ୍ଡ ପରିଚାଳିତ ହେଉଥିବା ସତ୍ୟପାଠରେ ଦର୍ଶାଯାଇଛି। ମାତାମଠ ନିକଟ ନଦୀପଠାରେ ସିଏମ୍‌ସି ନାମରେ ବେଆଇନ ଭାବେ ଯାନବାହନ ପାର୍କିଂ କରାଯାଇ ଅର୍ଥ ଆଦାୟ କରାଯାଉଛି। ଏହା ଉପରେ ସିଏମ୍‌ସି କ'ଣ ପଦକ୍ଷେପ ଗ୍ରହଣ କରିଛି ସେନେଇ ଆସନ୍ତା ଶୁଣାଣି ସୁଦ୍ଧା ଜଣାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ କୃଷକ ବଜାର, ସିଡିଏ ଅଞ୍ଚଳର ସମସ୍ୟା ସାଙ୍ଗକୁ ଡେଙ୍ଗୁ ନିୟନ୍ତ୍ରଣ ଓ ଜଳବନ୍ଦୀ ସମସ୍ୟା ଉପରେ ମଧ୍ୟ ଶୁଣାଣି ହୋଇଛି।




କଟକ ସିଡିଏ ଡିଏଭି ପବ୍ଲିକ ସ୍କୁଲରେ ଗୁରୁବାର ଆୟୋଜିତ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ସ୍କୁଲ କ୍ୟାବିନେଟ୍ ଶପଥପାଠ ଉତ୍ସବରେ ଅତିଥି ଏବଂ ଅନ୍ୟମାନେ। ଫଟୋ: ରାଜକିଶୋର

# ସୁଲଭ ମୂଲ୍ୟରେ ଆଳୁ ଯୋଗାଇଦେବାକୁ ଦାବି



ମଙ୍ଗୁଳି-ଜଗତପୁର,୮।୮(ମାନସ ସାମଲ)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସୁଲଭ ମୂଲ୍ୟରେ ଆଳୁ ଯୋଗାଇଦେବା ସହିତ ବଜାର ଦର ନିୟନ୍ତ୍ରଣ କରିବା ଦାବିରେ କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ସଭାପତି ମାନସ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାର ଦାସଙ୍କୁ ଭେଟିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ଏହାର ସ୍ଥାୟୀ ନିରାକରଣ ପାଇଁ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ଆତ୍ମନିର୍ଭରଶୀଳ ହେବା ସହ ସରକାର କୃଷକଙ୍କୁ ଅଳ୍ପ ସୁଧରେ କୃଷି ଋଣ ଯୋଗେଇଦେବା, ଜଳସେଚନ ପାଇଁ ବିଲ ମୁଣ୍ଡକୁ ପାଣି ଯୋଗେଇବା, ଉନ୍ନତ ମାନର ବିହନ ସାର ଇତ୍ୟାଦି ଯୋଗେଇଦେବା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା, 'ରେରା' ଆଇନକୁ ଉଲ୍ଲଂଘନ କରି ଜମିର କିସମ ବଦଳେଇବା ଇତ୍ୟାଦି କାର୍ଯ୍ୟରେ ଲିପ୍ତ ଥିବା ଅସାଧୁ ସରକାରୀ ଅଫିସର ଓ ଜମି ମାଫିଆଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଦାବିପତ୍ର ଦେବା ସମୟରେ ଅଲେଖ ଚନ୍ଦ୍ର ବେହେରା, ଯୁବନେତା ବିଶ୍ୱରଞ୍ଜନ ଜେଠୀ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ବରିଷ୍ଠ କର୍ମକର୍ତ୍ତା ପ୍ରତାପ ପରିଡ଼ା, ସୁବାସ ସୁବୁଦ୍ଧିରାୟ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପ୍ରଧାନ, ଆବାସ ମଲ୍ଲିକ, ରଶ୍ମିକାନ୍ତ ସାମଲ, ନାରୀନେତ୍ରୀ ସୁମତି ହେମ୍ବ୍ରମ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସାମୟିକ ସମୟ ପାଇଁ ସରକାରୀ ଖୁଚୁରା କେନ୍ଦ୍ର ଜରିଆରେ ସୁଲଭ ମୂଲ୍ୟରେ ଆଳୁ ଯୋଗେଇ ଦେବାକୁ ଦାବି କରିଥିଲେ।

# ୧୫୧ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

କଟକ,୮।୮(ଶିଳ୍ପା ପ୍ରିୟଦର୍ଶିନୀ)

କ୍ରାନ୍ତି ଦିବସ ଉପଲକ୍ଷେ ଟାଉନ ହଲ୍‌ଠାରେ ବାରବାଟୀ-କଟକ ବିଜୁ ଯୁବ ଓ ଛାତ୍ର ଜନତା ଦଳର ମିଳିତ ଉଦ୍ୟମରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଶିବିରକୁ ବାଙ୍କୀ ବିଧାୟକ ତଥା ଛାତ୍ର ବିଜେଡି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ରକ୍ତଦାନ ଶିବିର ଦ୍ୱାରା ଜୀବନ ବଞ୍ଚାଇବା ନେଇ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫୁଲ୍ଲ ସିଂ, ପୂର୍ବତନ ମେୟର ଅନିତା ବେହେରା, ପ୍ରଫୁଲ୍ଲ ବେହେରା (ପାକୁ), ଯୁଗଳ ନାୟକ, ଏକ୍ରମ୍ ହୁସେନ, ପୂର୍ଣ୍ଣିମା ସିଂ, ମହମ୍ମଦ ସକିଲ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ ଯୋଗ ଦେଇଥିଲେ। ଶିବିରକୁ ଆସିଫ ଅମିନ, ସନ୍ତୋଷ ମହାପାତ୍ର, ସମ୍ବିତ ବେହେରା, ଶୋଭନ ମହାନ୍ତି, ସଞ୍ଜୟ ପଟ୍ଟନାୟକ, ସତ୍ୟସାଇ ମହାରଣା, ସୌମ୍ୟ ରଂଜନ ଓଝା, ସୁମନ ବେହେରା, ପର୍ମିତ୍ କୁମାର ଦାସ, କୁବୁଲୁ ସେଠୀ, ଶୁଭଙ୍କର ସେନ ପ୍ରମୁଖ ପରିଚାଳନା କରିଥିଲେ।

# 'ମିଳିମିଶି ପାଳନ କରିବା ପର୍ବପର୍ବାଣି'

କଟକ,୮।୮(କାର୍ତ୍ତିକ ସାହୁ)

**୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ବୈଠକ**

୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଏକ ଜରୁରୀ ବୈଠକ ବଢ଼େଇସାହିସ୍ଥିତ ଶ୍ରୀଶ୍ରୀ ଯୁଗଳ କିଶୋରଜୀଉ ମଠରେ ଅନୁଷ୍ଠିତ ହୋଇଯାଇଛି। ସର୍ବାଧିକାରୀ ରାକେଶ କୁମାର ସାହୁ ଅଧ୍ୟକ୍ଷତା କରି ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ବିଭିନ୍ନ ପର୍ବପର୍ବାଣୀ ମିଳିମିଶି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବଢ଼େଇ ସାହି ଗ୍ରାମ ମଙ୍ଗଳ ସମିତିର ନବନିର୍ବାଚିତ ସଭାପତି ବିଜୟ କୁମାର ମହାରଣା ଓ ସମ୍ପାଦକ ସୁଶାନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିକାରୀ ସୁଦାମ ମହାରଣା, ମହନ୍ତ ଦାମୋଦର ସାହୁ, କଟୁଆଳ କାଶିନାଥ ସାହୁ, ସଭ୍ୟ ଧିରେନ୍ଦ୍ର ପୃଷ୍ଟି, ରମାକାନ୍ତ ଦାସ, ମୋହନ ମହାରଣା, ମୁରଲୀଧର ମହାରଣାଙ୍କ ସମେତ ବହୁ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସର୍ବକଟୁଆଳ ବାନାମ୍ବର ଧନ୍ୟବାଦ ଦେଇଥିଲେ।



ବଢ଼େଇସାହିସ୍ଥିତ ଶ୍ରୀଶ୍ରୀ ଯୁଗଳ କିଶୋରଜୀଉ ମଠରେ ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରାଜଧାନୀ ଇଞ୍ଜିନିୟର କଲେଜ ନିକଟ ଏକ ପଡିଆରେ ଏକତ୍ରିତ ହୋଇ ବୁଧବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ଚଢ଼ାଉ କରି ଏକ ଡକାୟତି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ସବୁ ଯୋଜନାକୁ ଭଣ୍ଡୁର କରିଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଖଲ୍ଲିକୋଟ୍‌ର ସଞ୍ଜୟ ଦାସ ଓ ଅଶୋକ ଦାସ, କେନ୍ଦୁଝର ପାଟନା ଥାନା ଅଞ୍ଚଳର ରାଜେଶ ଭୋଇ, ଖୋର୍ଦ୍ଧାର ଜୟରାମ ମଲ୍ଲ ଓ ବିହାରର ଏମଡି ଗୁଡ୍ଡୁ। ସେମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ରଡ, ଲଙ୍କା ଗୁଣ୍ଡ, ଗୋଟିଏ ପ୍ଲାସ ଓ ଗୋଟିଏ ସ୍କ୍ରୁ ଡ୍ରାଇଭର ଜବତ ହୋଇଛି। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୟୁକୋ ବ୍ୟାଙ୍କ ସହାୟତାରେ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର



ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିରରେ କଟକ ସଦର ବିଧାୟକଙ୍କ ସହ ପ୍ରଶିକ୍ଷାର୍ଥୀ।

କଟକ ସଦର,୮।୮(ସୁଶାନ୍ତ କୁମାର ଜେନା)

ୟୁକୋ ବ୍ୟାଙ୍କ ସହାୟତାରେ କନ୍ଦରପୁରଠାରେ ୧୩ ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୫ ଜଣ ମହିଳା କଣ୍ଢେଇ ତିଆରି ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରାରମ୍ଭରେ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସମ୍ପାଦିକା ବାସନ୍ତୀ ଓଝା ସୂଚନା ପ୍ରଦାନ କରିଥିଲେ। ବିକଶିତ ଭାରତ ଗଠନରେ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ସାକାର କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ତାଲିମ ଦିଆଯିବା ସହ ମାର୍କେଟିଙ୍ଗ ଦାୟିତ୍ୱ ମଧ୍ୟ ଓର୍‌ମାସ ସହାୟତାରେ କରାଯିବ ବୋଲି ୟୁକୋ ବ୍ୟାଙ୍କ୍‌ର ପ୍ରଶିକ୍ଷଣ ନିର୍ଦ୍ଦେଶକ ସୁକାନ୍ତ ଛାଟୋଇ କହିଥିଲେ। ତାଲିମ ପ୍ରଶିକ୍ଷକ ଅମିତ୍ ମହାନ୍ତି ତାଲିମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସସ୍ମିତା ହାତୀ ଧନ୍ୟବାଦ୍ ଦେଇଥିଲେ। ନିରଞ୍ଜନ ରାଉଳ କାର୍ଯ୍ୟକ୍ରମ ସଂଯୋଜନା ଓ ସଂଘମିତ୍ରା ବେହେରା ପରିଚାଳନା କରିଥିଲେ।

# ପୁରୁଣା ପଦ୍ଧତିରେ ଚାଲିଛି ଶିଶୁରୋଗୀଙ୍କ ଏକ୍ସ-ରେ

କଟକ,୮।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଶିଶୁଭବନର ସମସ୍ୟା ସୁଧୁରୁନି**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ)ରେ ଡିଜିଟାଲ୍ ଏକ୍ସ-ରେ ବ୍ୟବସ୍ଥା ନାହିଁ। ରାଜ୍ୟ ତଥା ପୂର୍ବ ଭାରତରେ ପ୍ରମୁଖ ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ହେଉଛି କଟକ ଶିଶୁ ଭବନ। ପ୍ରତ୍ୟେକ ଦିନ ଦୂରଦୂରାନ୍ତରୁ ଶିଶୁ ରୋଗୀ ଉନ୍ନତମାନର ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ଏହି ମେଡ଼ିକାଲରେ ଡିଜିଟାଲ ଏକ୍ସ-ରେ ନ ଥିବାବେଳେ ପୁରୁଣା ପଦ୍ଧତିରେ ଶିଶୁରୋଗୀଙ୍କ ରୋଗ ନିରୂପଣ କରାଯାଉଛି। ଏହି ପୁରୁଣା ପଦ୍ଧତିରେ ହେଉଥିବା ଏକ୍ସ-ରେ ସମୟ ସାପେକ୍ଷ। ଫଳରେ ଏକ୍ସ-ରେ ପାଇଁ ଶିଶୁ ରୋଗୀଙ୍କୁ ନେଇ ଅଭିଭାବକ ଘରୋଇ ଲାବରେ ଟଙ୍କା ଖର୍ଚ୍ଚ କରି ଏକ୍ସ-ରେ କରାଉଛନ୍ତି ତ ଆଉ କିଏ ଅର୍ଥ ଅଭାବ ଯୋଗୁ ସେହି ପୁରୁଣା ମେଶିନରେ ଏକ୍ସ-ରେ କରାଇବାକୁ ବାଧ୍ୟ ହେଉଛନ୍ତି। ଏପରିକି ମେଡ଼ିକାଲରେ ଅଲଟ୍ରାସାଉଣ୍ଡ ଏବଂ ଏକ୍ସ-ରେ କାମଚଳା ଭାବେ ଚାଲିଥିବାବେଳେ ସିଟି ସ୍କାନ, ଏମ୍‌ଆର୍‌ଆଇ ଆଦି ପରୀକ୍ଷା ସୁବିଧା ଆଦୌ ନାହିଁ। ଡିଜିଟାଲ ଏକ୍ସ-ରେ ମେଶିନ ଆବଶ୍ୟକତା ନେଇ ବହୁବାର ସରକାରଙ୍କୁ ମେଡ଼ିକାଲ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ଏହି ଦିଗରେ ପଦକ୍ଷେପ ନିଆଯାଇନାହିଁ। ଯାହାଦ୍ୱାରା ଶିଶୁ ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି।

ସୂଚନା ମୁତାବକ, ଶିଶୁ ଭବନରେ ପ୍ରାୟ ୧୦ ବର୍ଷ ପୁରୁଣା ପଦ୍ଧତିରେ ରୋଗ ନିରୂପଣ ଚାଲିଛି। ଏହି ରୋଗ ନିରୂପଣ କ୍ଷେତ୍ରରେ ଡିଜିଟାଲ୍ ଏକ୍ସ-ରେ ଏକ ଅତ୍ୟାବଶ୍ୟକ ପରୀକ୍ଷା ଉପକରଣ। ଏହା ସାହାଯ୍ୟରେ କମ୍ ସମୟ ମଧ୍ୟରେ ଶିଶୁଙ୍କ ଏକ୍ସ-ରେ କରିହୁଏ। କିନ୍ତୁ ଶିଶୁ ଭବନରେ ଏବେବି ପୁରୁଣା ଢାଞ୍ଚାରେ ଏକ୍ସ-ରେ କରାଯାଉଛି। ଏହି ଡିଜିଟାଲ ଏକ୍ସ-ରେ ଅତ୍ୟଧିକ ବ୍ୟୟବହୁଳ ହୋଇ ନ ଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଶିଶୁ ଭବନରେ ଉପଲବ୍ଧ ହୋଇ ପାରିନାହିଁ। ଏପରିକି ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସେହି ପରିମାଣରେ ଭିତ୍ତିଭୂମି ବୃଦ୍ଧି କରାଯାଉନାହିଁ। ମେଡିକାଲରେ ଏହି ମେଶିନ ଚଳାଇବାକୁ ମାତ୍ର ୨ ଜଣ ରେଡିଓଗ୍ରାଫର ଅଛନ୍ତି। ସିଫ୍ଟ ଅନୁଯାୟୀ ବଦଳ କରି ଡ୍ୟୁଟି କରୁଥିବାବେଳେ ଜଣେ ସକାଳ ବେଳା ଓ ଅନ୍ୟ ଜଣେ ଉପରବେଳା ଡ୍ୟୁଟି କରୁଛନ୍ତି। ଏପରିକି ଜଣେ କର୍ମଚାରୀ ଯଦି ଛୁଟିରେ ରହିଲେ ତେବେ ଏକ୍ସ-ରେ ସେବା ବାଧାପ୍ରାପ୍ତ ହେଉଛି। ଏହି ପୁରୁଣା ପଦ୍ଧତିରେ ହେଉଥିବା ଏକ୍ସ-ରେରେ ଜଣେ ରେଡିଓଗ୍ରାଫର ଫଟୋ ଉଠାଇ ସାରିଲା ପରେ ତାହାକୁ ଅନ୍ଧାର ଘରେ ନେଇ କେମିକାଲରେ ଧୋଇ ଫଟୋ ବାହାର କରିଥାନ୍ତି। ଫଳରେ ଗୋଟିଏ ଏକ୍ସ-ରେ କରିବାକୁ ପ୍ରାୟ ୨୦ ମିନିଟ୍‌ରୁ ଅଧିକ ସମୟ ଲାଗୁଛି। ଫଳରେ ରୋଗୀମାନେ ଠିକ୍ ସମୟରେ ଫଟୋ ପାଇ ପାରୁନାହାଁନ୍ତି। ଏମିତିକି ଏହି ପୁରୁଣା ପଦ୍ଧତିରେ ଏକ୍ସ-ରେ ମାନ ଠିକ୍ ନ ରହିବା ଦ୍ୱାରା ଚିକିତ୍ସାରେ ବିଭ୍ରାଟ ହେଉଛି। ଅନ୍ୟପଟେ ନିର୍ମାଣ ହୋଇଥିବା ନୂତନ ଜି ୭ କୋଠାରେ ସମସ୍ତ ସୁବିଧା ଉପଲବ୍ଧ ହେବ। ଏପରିକି ଶିଶୁ ଭବନକୁ ୩ଟି ନୂତନ ଡ଼ିଜିଟାଲ ଏକ୍ସ-ରେ ମେଶିନ ଓ ୪ଟି ନୂତନ ମୋବାଇଲ ଡିଜିଟାଲ ମେଶିନ ସହ ଅତ୍ୟାଧୁନିକ ଅନ୍ୟାନ୍ୟ ମେଶିନ ଆସିବା ନେଇ ସୂଚନା ରହିଛି। ଏନେଇ ଜଣେ ଶିଶୁ ରୋଗୀଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି, ଶିଶୁ ଭବନ ରାଜ୍ୟର ଏକ ପ୍ରମୁଖ ମେଡିକାଲ। ଏଠାରେ ଡିଜିଟାଲ ମେଶିନ ନ ରହିବାରୁ ସମସ୍ୟା ହେଉଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ବିକାଶ କରୁଥିବାବେଳେ ଶିଶୁ ଭବନ ପ୍ରତି ନଜର ଦେବା ଆବଶ୍ୟକ ରହିଛି। ଅନ୍ୟପଟେ ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନା କହିଛନ୍ତି, ମେଡ଼ିକାଲରେ ମେଶିନ କାର୍ଯ୍ୟକାରୀ ରହିଛି। ଡିଜିଟାଲ ମେଶିନର ଆବଶ୍ୟକତା ନେଇ ସରକାରଙ୍କୁ ଅଗବତ କରାଯାଇଛି। ନୂତନ କୋଠାରେ ସମସ୍ତ ଅତ୍ୟାଧୁନିକ ମେଶିନ ଉପଲବ୍ଧ କରାଯିବ। ଆଶା ରହିଛି ଖୁବ୍‌ଶୀଘ୍ର ସରକାର ଏହି ଦିଗରେ ପଦକ୍ଷେପ ନେବେ ବୋଲି ଜେନା କହିଛନ୍ତି।

## ସଂକ୍ଷେପରେ

### ସୁନାଚେନ୍ ଲୁଟେରା ଗିରଫ

**ବାଲୁଗାଁ,୮।୮(ସଂଗ୍ରାମ ପାଇକରାୟ):** ସୁନାଚେନ୍ ଲୁଟ୍ କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କେଶପୁର ଇନ୍ଦିରା କଲୋନୀ ଅଞ୍ଚଳର ଅର୍ଜୁନ ଜେନା (୨୭)। ଏହି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି। ସୂଚନା ଅନୁଯାୟୀ, ଗତ ମେ' ୨୭ତାରିଖ ସନ୍ଧ୍ୟା ୭ଟାରେ ସ୍ଥାନୀୟ ଗୋପବନ୍ଧୁ ନଗରର ଶାନ୍ତିଲତା ପ୍ରଧାନ ଉମାମହେଶ୍ୱର ମନ୍ଦିର ରୋଡ୍‌ରେ ସାନ୍ଧ୍ୟ ଭ୍ରମଣ କରୁଥିଲେ। ଏହି ସମୟରେ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ଦେଢ଼ ଭରିର ସୁନାଚେନକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଶାନ୍ତିଲତାଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୧୮୮/୨୪)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସିସିଟିଭି ଫୁଟେଜ ଏବଂ ତଦନ୍ତରୁ ଲୁଟେରାଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଗୁରୁବାର ପୂର୍ବାହ୍ନରେ ଅର୍ଜୁନ ବାଲୁଗାଁ ରେଳ ଷ୍ଟେଶନ ଅଞ୍ଚଳରେ ବୁଲୁଥିବା ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

### ଟ୍ରକ୍ ଧକ୍କାରେ ଯୁବତୀ ଗୁରୁତର

**ଜଟଣୀ,୮।୮(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ମାଲଗୋଦାମରୁ ରଥିପୁର ରାସ୍ତାରେ ଗୁରୁବାର ଟ୍ରକ୍ (ଓଡି୦୯ ଏନ୍ ୧୧୫୫)ଧକ୍କାରେ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରଥିପୁର ଗ୍ରାମର ସୋନିଶ୍ରୀ ପାଇକରାୟ। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇବା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଟଣୀ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**କଳାପଥର,୮।୮(ଗଙ୍ଗାଧର ସାହୁ):** ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ସାହିନ ବେଗମଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୮/୨୪) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସାହିନ କଳାପଥର ଗ୍ରାମର ଆବାସ ଖାଁଙ୍କୁ ୨୦୨୨ ମସିହାରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୫ଲକ୍ଷ ଟଙ୍କା ସହିତ ୧୦ଭରି ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରିବା ସହ ସାହିନଙ୍କୁ ନିର୍ଯାତନା ଦେଇଥିଲେ। ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହି ଘଟଣାର ସମାଧାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ମଧ୍ୟ ଯୌତୁକ ପାଇଁ ନିର୍ଯାତନା ଦିଆଯିବା ସହ ତାଙ୍କୁ ଛାଡ଼ପତ୍ର ଦେବାକୁ ମସୁଧା ଚାଲିଛି ବୋଲି ସାହିନ୍ ଥାନାରେ ଅଭିଯୋଗ କରିଛନ୍ତି।

### ହରେକୃଷ୍ଣ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଣପୁର,୮।୮(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଅଞ୍ଚଳରେ ବଡ଼ମାଷ୍ଟ୍ରେ ଭାବେ ପରିଚିତ ହରେକୃଷ୍ଣ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା ଭୀମପୁରସ୍ଥିତ ବାନାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଡ.ଚାନ୍ଦ କିଶୋର ତ୍ରିପାଠୀ, ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ମଧୁସୂଦନ ନନ୍ଦ, ବିଭୂତି ଭୂଷଣ ନନ୍ଦ, ବୈରାଗୀ ଚରଣ ବେହେରା, ଲକ୍ଷ୍ମୀଧର ସାହୁ, ରାସବିହାରୀ ସାହୁ, ଶଙ୍କର ନାୟକ ପ୍ରମୁଖ ଯୋଗଦେଇ ହରେକୃଷ୍ଣ ଶିକ୍ଷକ ଜୀବନରେ କିପରି ଶହଶହ ଉତ୍ତମ ଆଦର୍ଶ ଛାତ୍ରୀଛାତ୍ର ସୃଷ୍ଟି କରିବା ସହିତ ଭୀମପୁର ଗ୍ରାମରେ ମାଇନର ସ୍କୁଲ ଓ ହାଇସ୍କୁଲ ପ୍ରତିଷ୍ଠା କରିବାରେ ତାଙ୍କ ଅବଦାନ ପ୍ରତି ସ୍ମୃତି ଅର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ଆରମ୍ଭରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶ୍ରୀମାନ କୃତିଦ୍ୟ ମହାପାତ୍ରଙ୍କୁ ହରେକୃଷ୍ଣ ପଟ୍ଟନାୟକ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଅରୁଣ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରିପୋର୍ଟ ପ୍ରସ୍ତୁତ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ

**୧୯ ଖଣି ଲିଜ୍‌ଧାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନର ନୋଟିସ ପ୍ରସଙ୍ଗ**

ଖୋର୍ଦ୍ଧା,୮।୮(ପ୍ରଭାତ ପାଣିଗ୍ରାହୀ)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୧୭ଟି ନିର୍ମାଣ ପଥର ଖଣି, ୨ଟି ମାଙ୍କଡ଼ା ପଥର ଖଣିରୁ ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ କରାଯାଇଛି। ସପ୍ତାହ ମଧ୍ୟରେ ଜରିମାନାର ମୂଲ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୟାଲିଟି, ଆନୁଷଙ୍ଗିକ ଦେୟ, ଅଧିକ ଉତ୍ତୋଳନ ପାଇଁ ଜରିମାନା ଦେବାକୁ ପଡିବ। ନୋଟିସ ଉତ୍ତର ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଚିଠି ଆସିନାହିଁ। ଗଣମାଧ୍ୟମରୁ ଏହି ଖବର ପାଇବା ପରେ ତୁରନ୍ତ ଏହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ପଥର ଉତ୍ତୋଳନ ରୋକିବା ପାଇଁ ଜିଲା ପ୍ରଶାସନ ସ୍ତରରେ ଟାସ୍କଫୋର୍ସ ରହିଛି। ଏହି କମିଟି ନିୟମିତ ବ୍ୟବଧାନରେ ଯାଞ୍ଚ କରୁଛି। କୌଣସି ଖଣିରେ ଅଧିକ ଉତ୍ତୋଳନ କରିବା ପ୍ରମାଣିତ ହେଲେ, ଏହାର ବ୍ଲାଷ୍ଟିଂ ଅର୍ଡର ରଦ୍ଦ ଲାଗି ମଧ୍ୟ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଛନ୍ତି। ଅନ୍ୟପଟେ ମହାପ୍ରଭୁଙ୍କ ଖଣି ଲୁଟ୍ ଚାଲିଥିବା ନେଇ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

**ଏମାନେ ଯାହା କୁହନ୍ତି...**

“ଶ୍ରୀମନ୍ଦିର ଖଣି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଛି। ଗତବର୍ଷ ଜାତୀୟ ସବୁଜ ପ୍ରାଧିକରଣ ବିଭାଗ ଖୋର୍ଦ୍ଧାରେ ଖଣି ଲୁଟ୍ ଯୋଗୁ ସୃଷ୍ଟି ହୋଇଥିବା ଗର୍ତ୍ତ ଭରିବା ପାଇଁ ଜିଲା ପ୍ରଶାସନକୁ ଶ୍ରୀମନ୍ଦିର ପ୍ରଶାସନ ୧୨କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲା। ବର୍ଷ ବର୍ଷ ଧରି ଲୁଟ୍ ଚାଲିଥିବା ବେଳେ ଜିଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପ୍ରଶାସନ କ'ଣ ପଦକ୍ଷେପ ନେଉଛନ୍ତି। ଖଣି ଲିଜ ଦେବା ପରେ ପ୍ରଶାସନର ଅବହେଳାର ସୁଯୋଗ ନେଇ ମାଫିଆ ହରିଲୁଟ କରି ଚାଲିଛନ୍ତି। କେବଳ ନୋଟିସ ନୁହଁ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**–ଅଜିତ୍ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ**

ଖୋର୍ଦ୍ଧାରେ ସମସ୍ତ ଖଣି ମହାପ୍ରଭୁଙ୍କ ଅମୃତୋ ମଣୋହି ସମ୍ପତ୍ତି।

“ବର୍ଷବର୍ଷ ଧରି ମହାପ୍ରଭୁଙ୍କ ଖଣିକୁ ମଧୁଚନ୍ଦ୍ରିକାରେ ଲୁଟି ଚାଲିଛନ୍ତି। ମାଫିଆ ଏବଂ ପ୍ରଶାସନିକ ଅଧିକାରୀ ମିଳିମିଶି ମହାପ୍ରଭୁଙ୍କ ଅମୂଲ୍ୟ ସମ୍ପଦକୁ ଲୁଟି ଖାଇଗଲେଣି। କେବଳ ଶ୍ରୀମନ୍ଦିର ପ୍ରଶାସନ ନୋଟିସ ଜାରି କରି ନୀରବ ବସିପଡିଲେ ହେବନି। ଏହାର ସିବିଆଇ ତଦନ୍ତ କରାଗଲେ, ବହୁ ଗୁମର ଖୋଲିବ। କିଏ ଏମାନଙ୍କୁ ପ୍ରୋତ୍ସାହନ ଦେଉଛି, ଏହାର ମାଷ୍ଟର ମାଇଣ୍ଡକୁ ଖୋଜି ବାହାର କରିବାକୁ ପଡ଼ିବ।

**–ଶିଶିର ପରିଡା, ପିସିସି ସମ୍ପାଦକ**

“ମାଫିଆମାନେ ମହାପ୍ରଭୁଙ୍କ ସମ୍ପତ୍ତିକୁ ଜବରଦଖଲ କରି ଲୁଟି ଚାଲିଛନ୍ତି। ଶ୍ରୀମନ୍ଦିର ଖଣି ଖାଦାନ ସୁରକ୍ଷା ଦେବାରେ ଶ୍ରୀମନ୍ଦିର ପ୍ରଶାସନ ଓ ଖୋର୍ଦ୍ଧା ଜିଲା ପ୍ରଶାସନ ଉତ୍ତରଦାୟୀ। ଆଇନମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୫୮ହଜାର ଏକର ପାଖାପାଖି ସମ୍ପତ୍ତିରୁ ୩୬ହଜାର ଏକର କାଗଜପତ୍ର ରହିଛି। ବାକି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ମାଫିଆମାନେ ମହାପ୍ରଭୁଙ୍କ ସମ୍ପତ୍ତିକୁ ଦଖଲରେ ରଖି ଲୁଟି ଚାଲିଥିବା ବେଳେ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠିଛି।

**–ପ୍ରବୀଣ ଭଞ୍ଜ, ସାମାଜିକ କର୍ମୀ**

“ମାଫିଆମାନେ କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ବଟି ଦେଇ ଖଣି ଲୁଟି ଚାଲିଛନ୍ତି। ମହାପ୍ରଭୁଙ୍କ ସମ୍ପତ୍ତିକୁ ଲୁଟ୍ କରିସାରିଲେଣି। ଏମାନେ ଧାର୍ଯ୍ୟ ଅନୁମତି ପରିମାଣଠାରୁ ୨ରୁ ୩ଗୁଣା ଖୋଳି ବିକ୍ରି କରିଚାଲିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳାରୁ ଶ୍ରୀମନ୍ଦିର ପ୍ରଶାସନ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛି। ମାଫିଆଙ୍କ ସହ ଏଥିରେ ସମ୍ପୃକ୍ତ ଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**–ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ଯୁବ ସାମାଜିକ କର୍ମୀ**



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଜଳସେଚନ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ସ୍ମରଣିକା 'ଜଳସା–୨୦୨୪' ଉନ୍ମୋଚନ କରୁଛନ୍ତି।

# ଡକାୟତି ଯୋଜନା: ୫ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରାଜଧାନୀ ଇଞ୍ଜିନିୟର କଲେଜ ନିକଟ ଏକ ପଡିଆରେ ଏକତ୍ରିତ ହୋଇ ବୁଧବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ସେଠାରେ ଚଢ଼ାଉ କରି ଏକ ଡକାୟତି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ସବୁ ଯୋଜନାକୁ ଭଣ୍ଡୁର କରିଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଖଲ୍ଲିକୋଟ୍‌ର ସଞ୍ଜୟ ଦାସ ଓ ଅଶୋକ ଦାସ, କେନ୍ଦୁଝରର ପାଟନା ଥାନା ଅଞ୍ଚଳର ରାଜେଶ ଭୋଇ, ଖୋର୍ଦ୍ଧାର ଜୟରାମ ମଲ୍ଲ ଓ ବିହାରର ଏମଡି ଗୁଡ୍ଡୁ। ସେମାନଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ରଡ, ଲଙ୍କା ଗୁଣ୍ଡ, ଗୋଟିଏ ପ୍ଲାସ ଓ ଗୋଟିଏ ସ୍କ୍ରୁ ଡ୍ରାଇଭର ଜବତ ହୋଇଛି। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଭୋଟପଡ଼ା ଓ ଚକେଇସିଆଣି ଅଞ୍ଚଳରେ ଥିବା ଏକାଧିକ ଘରୁ ଡକାୟତି ପାଇ ଯୋଜନା କରୁଥିଲେ ବୋଲି ପୋଲିସ କହିଛି। ତେବେ ପୂର୍ବରୁ ଅଭିଯୁକ୍ତମାନେ ବହୁ ଚୋରି ମାମଲାରେ ଜଡିତ ରହିଥିବା ଓ ସେମାନଙ୍କ ନାମରେ ଏକାଧିକ ଥାନାରେ ମାମଲା ଥିବା ପୋଲିସ କହିଛି।

### ନିରୁଦ୍ଦିଷ୍ଟ ଯୁବକଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନର ଜିମାଦେଲା ପୋଲିସ

ବେଗୁନିଆ,୮।୮(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ପୋଲିସ ଜଣେ ଯୁବକଙ୍କୁ ଉଦ୍ଧାର କରି ସ୍ୱେଚ୍ଛାସେବୀ ସଙ୍ଗଠନର ଜିମା ଦେଇଛି। ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ମୁତାବକ, ଗତ ଜୁନ ୨୮ରେ ମଧ୍ୟପ୍ରଦେଶର ନରସିଂହପୁର ଜିଲା ଗୋଟଗାଁଓ ଥାନା ଅନ୍ତର୍ଗତ ସଞ୍ଜୁ କୋଲଙ୍କ ପୁଅ ସାଜନ କୋଲ ଘରୁ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ପରେ ତାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ନିରୁଦ୍ଦିଷ୍ଟଙ୍କୁ ପାଇବା ପାଇଁ ତଦନ୍ତ ଜାରି ରଖିଥିଲା। ତେବେ ସାଜନଙ୍କୁ ବାଘମାରୀ ବଜାରରୁ ପୋଲିସ ଉଦ୍ଧାର କରି ଉପନିରୀକ୍ଷକ ଚନ୍ଦନ ଦାସଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲା ଗଙ୍ଗପଡ଼ାସ୍ଥିତ ଆଶାର ଆଲୋକ ଅନୁଷ୍ଠାନର ଜିମା ଦିଆଯାଇଛି।

### ୧୦ରୁ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମୋଟ୍ ୬୭ଟି ୱାର୍ଡରେ 'ଆଜାଦିକା ଅମୃତ ମହୋତ୍ସବ' ଅବସରରେ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ପାଳନ କରାଯିବ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ ସସ୍ମିତା ସାହୁ ଉପସ୍ଥିତ ଥିଲେ।

# ପାଚେରିକୁ ଧକ୍କାଦେଇ ଓଲଟିଲା କାର୍

ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଞ୍ଚଳରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ କାର ପଟିଆରୁ ଜୟଦେବ ବିହାର ଆଡକୁ ଆସୁଥିବା ବେଳେ ଚାଳକ ଜଣକ ଭାରସାମ୍ୟ ହରାଇବାରୁ କାରଟି ଡିଭାଇଡରରେ ପିଟି ହେବା ପରେ ଫୁଟ୍‌ପାଥ୍ ଡେଇଁ ରେଳସଦନ ପାଚେରୀକୁ ଧକ୍କା ଦେଇ ଓଲଟିପଡିଛି। ଦୁର୍ଘଟଣା ଏତେ ଜୋର୍ ଥିଲା ଯେ ଏଥିରେ ଗାଡିଟି ଭାଙ୍ଗିରୁଜି ଯିବା ସହ ସୁରକ୍ଷା ପାଇଁ ରହିଥିବା ବେଲୁନ୍‌ଟି ମଧ୍ୟ ଫାଟି ଯାଇଛି। ଏଥିସହ ଉକ୍ତ ପାଚେରିରେ ଲାଗିଥିବା ଲୁହା ଗ୍ରୀଲ ଓ ଇଟା କାନ୍ଥ ଛିନ୍ନଛତର ହୋଇଯାଇଛି। ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ବେଳେ କାର ଚାଳକ ଫେରାର ହୋଇଯାଇଛନ୍ତି। ତେବେ ଗାଡିରେ ଅନ୍ୟ କୌଣସି ବ୍ୟକ୍ତି ନ ଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଧରି ପଚରାଉଚରା କରୁଛି। କାରର ବେଗ ଅଧିକ ଥିଲା ନା ଚାଳକ ମଦ୍ୟପାନ କରି ଗାଡି ଚଲାଉଥିଲେ, ତାହା ତଦନ୍ତ କରୁଛି ପୋଲିସ। ନା ଅନ୍ୟ କିଛି କାରଣ ରହିଛି ତାହାର ତଦନ୍ତ ଚଳାଇଛି ପୋଲିସ।

# ୩ ମାସ ପରେ ନାବାଳକ ଧରାପଡ଼ିଲେ

**ନୃତ୍ୟ ପ୍ରଦର୍ଶନ ବେଳେ ଝିଅଙ୍କୁ ଅଣ୍ଡାମାଡ ଘଟଣା**

ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)

ଜାଗରରେ ନୃତ୍ୟ ପ୍ରଦର୍ଶନ କରୁଥିବା ବେଳେ ଝିଅମାନଙ୍କୁ ଅଣ୍ଡାମାଡ ସହ ଆକ୍ରମଣ କରିବା ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ୩ ମାସ ପରେ ଧରିଛି। ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯିବା ପରେ ତାଙ୍କୁ ବେଲ୍ ମିଳିଯାଇଥିବା ଜଣାପଡିଛି। ତେବେ ଏହି ମାମଲାରେ ସମ୍ପୃକ୍ତ ନାବାଳକଙ୍କ ସହଯୋଗୀମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଗତ ମାର୍ଚ୍ଚରେ ନୀଳାଦ୍ରିବିହାର ଆଦର୍ଶ ବସ୍ତିର ଠାକୁର ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଥିଲା। ଆୟୋଜିତ ସାଂସ୍କୃତି କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦା ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୯ରେ ବସ୍ତିର କେତେଜଣ ଝିଅ ଅଂଶଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରୁଥିବାବେଳେ ଅଭିଯୁକ୍ତ ନାବାଳକ ଓ ସହଯୋଗୀମାନେ ସେମାନଙ୍କ ଉପରକୁ ଅଣ୍ଡାମାଡ କରିଥିଲେ। ପ୍ରତିବାଦ କରିବାରୁ ଧରାପଡିଥିବା ସେମାନେ ଗାଳିଗୁଲଜ କରିବା ସହ ଜଣେ ନାବାଳିକାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ରକ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ।

# ୪୫ ୟୁନିଟ୍ ରକ୍ତ ସଂଗ୍ରହ



ଟାଙ୍ଗୀ,୮।୮(ରଘୁନାଥ ସାହୁ)

ଜରିପଡ଼ା ଓ କଳକଳେଶ୍ୱର ପଞ୍ଚାୟତ ଗାଁ କଲ୍ୟାଣ ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। 'ରକ୍ତଦାନ ମହତ୍ ଦାନ, ରକ୍ତ ବଞ୍ଚାଏ ଶତ ଜୀବନ' ସ୍ଲୋଗାନ ଦେଇ ଆଶା କର୍ମୀମାନେ ଯୁବ ଗୋଷ୍ଠୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଜରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନୁଷ୍ଠିତ ଶିବିରରେ ଜରିପଡା ସରପଞ୍ଚ ଦୀପୁନା କୁମାରୀ ସାହୁ, କଳକଳେଶ୍ୱର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଜେନା ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମେଡିକାଲ ଅଫିସର ଡା.ମଧୁସ୍ମିତା ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୁପରଭାଇଜର ଦଣ୍ଡପାଣି ଘଡ଼େଇ, ସ୍ୱାସ୍ଥ୍ୟକର୍ମୀ ଜିତେନ୍ଦ୍ର ଘଡ଼ାଇ, ଆଶାକର୍ମୀ କନକଲତା ବେହେରା, ମଞ୍ଜୁଲତା ବେହେରା, ସୁଷମା ପଟ୍ଟନାୟକ, ସୀତା ନାୟକ, ସୁଷମା ବିଶ୍ୱାଳ, କଳ୍ପନା ଘଡ଼ାଇ, ରଶ୍ମିତା ଚହଟରାୟ, ରଜନୀ ମହାରଣା, ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବକ, ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।

# ଏଲ୍‌ଆଇସି ପକ୍ଷରୁ ଦୌଡ଼କୁଦ, ଭଲିବଲ୍ ପ୍ରତିଯୋଗିତା




ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)

ଭାରତୀୟ ଜୀବନବୀମା ନିଗମ (ଏଲଆଇସି) ପୂର୍ବ–ମଧ୍ୟ ଜୋନ୍‌ର ଦୌଡ଼କୁଦ ଓ ଭଲିବଲ୍ ପ୍ରତିଯୋଗିତା କିଟ୍ ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ଏଲ୍‌ଆଇସି ୯ ଡିଭିଜନର ୪୮ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଏଲ୍‌ଆଇସି ଗେମସ୍‌ରେ ଭାଗ ନେବାର ସୁଯୋଗ ମିଳିବ। ଭୁବନେଶ୍ୱର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇ କ୍ରୀଡ଼ାର ବିକାଶ ସହ ଏଲଆଇସିର ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପ୍ରବନ୍ଧକ ଏସ୍ ଏସ୍ ବେଶରା ଚୟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ପ୍ରବନ୍ଧକ ସୁରେନ୍ଦ୍ର ମହାପାତ୍ର, ପ୍ରଶାସନିକ ଅଧିକାରୀ ଜି ସରବର୍, ସ୍ପୋର୍ଟସ୍ ପ୍ରମୋଶନ୍ ବୋର୍ଡର ସଦସ୍ୟ ରମାକାନ୍ତ ଦାଶ ଓ ସି କୁଜୁର ଉପସ୍ଥିତ ଥିଲେ। ଭୁବନେଶ୍ୱର ମଣ୍ଡଳର କର୍ମକର୍ତ୍ତା ତଥା ସ୍ପୋର୍ଟସ୍ କ୍ଲବର ସେକ୍ରେଟାରୀ ବିଭୁ ପ୍ରସାଦ ସାମଲଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଶୁକ୍ରବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ଲିଜ୍‌ଧାରୀଙ୍କ ଅସନ୍ତୋଷ, ଅଧିକାରୀଙ୍କ ଚଞ୍ଚକତାକୁ ଦୋଷ

**ମହାପ୍ରଭୁଙ୍କ ୧୯ ଖଣି ଲୁଟ୍ ନେଇ ଶ୍ରୀମନ୍ଦିର ପ୍ରଶାସନର ନୋଟିସ ପ୍ରସଙ୍ଗ**

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଖଣି ଖାଦାନ ଉପରେ ଲିଜ୍‌ଧାରୀଙ୍କ ଲୋଲୁପଦୃଷ୍ଟି। ମିନିମମ୍ ଗ୍ୟାରେଣ୍ଟି କ୍ୱାଣ୍ଟିଟିଠାରୁ ଦୁଇ ତିନିଗୁଣା ଅଧିକ ଖଣି ତାଡ଼ି ତାହାକୁ ବିକ୍ରି କରି ଲିଜ୍‌ଧାରୀମାନେ ବିପୁଳ ଅର୍ଥ ଚଲୁ କରିଥିବା ନେଇ ଅଭିଯୋଗ ହୋଇଛି। ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଖଣିଜ ସମ୍ପଦ ଉତ୍ତୋଳନ କାରଣରୁ ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ୧୯ଟି ଖଣିର ଲିଜ୍‌ଧାରୀମାନଙ୍କୁ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ୧୭ ନିର୍ମାଣ ପଥର ଖଣି ଓ ୨ଟି ମାଙ୍କଡ଼ା ପଥର ଖଣିକୁ ଲଘୁ ଖଣିଜ ଆଇନ–୨୦୧୬ ଆଧାରରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ପେନାଲ୍‌ଟି ଓ ରୟାଲ୍‌ଟିରେ ବାରମ୍ବାର ଖିଲାପ ଯୋଗୁ ଏହି ନୋଟିସ ଦିଆଯାଇଛି। ୭ଦିନ ଭିତରେ ଦେୟ ଜମା କରିବା ସହ ଖଣି ରଦ୍ଦ ପାଇଁ ଲିଖିତ କୈଫିୟତ ଦେବାକୁ କୁହାଯାଇଛି। ତେବେ ଏହାକୁ ନେଇ ଲିଜ୍‌ଧାରୀ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ତତ୍କାଳୀନ ଅଧିକାରୀଙ୍କ ଚଞ୍ଚକତାକୁ ସାଧାରଣରେ ଦାୟୀ କରାଯାଉଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସ୍ପଷ୍ଟ କରିଥିଲେ ଯେ, ମହାପ୍ରଭୁଙ୍କ ସମ୍ପତ୍ତି ଦଖଲକୁ ନିଆଯିବ ଓ ଏହାର ସୁରକ୍ଷା କରାଯିବ। ତେଣୁ ୭ ଦିନ ଭିତରେ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ଦେୟ ଜମା ନ କଲେ ଖଣି ଚୁକ୍ତିପତ୍ର ରଦ୍ଦ ହେବ ବୋଲି ନୋଟିସରେ କଡା ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଖଣି ଲୁଟ୍‌କୁ ନେଇ ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଚଞ୍ଚକତା ଯୋଗୁ ଏଭଳି ଘଟିଛି ବୋଲି ଅଭିଯୋଗ ହେଉଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନର ଏପରି ନୋଟିସକୁ ଖଣି ଲିଜ୍‌ଧାରୀ ନାପସନ୍ଦ କରିଛନ୍ତି। ଖୋର୍ଦ୍ଧା ଜିଲା କାଇପଦର ନୂଆପଥର ଖଣି ଲିଜ୍‌ଧାରୀ ଦେବେନ୍ଦ୍ର ଜେନା ନୋଟିସ୍‌ର ପୁନର୍ବିଚାର କରିବାକୁ ଅନୁରୋଧ କରିବା ସହ ପ୍ରଶାସନକୁ ଏକ ଆବେଦନପତ୍ର ଦେଇଛନ୍ତି। ଜେନାଙ୍କ କହିବା ଅନୁଯାୟୀ, ତାଙ୍କୁ ଯେତିକି ଏମ୍‌ଜିକ୍ୟୁ ଉତ୍ତୋଳନ କରିବା କଥା, ସେ ସେତିକ ଉତ୍ତୋଳନ କରିନାହାନ୍ତି। ତାଙ୍କ ନିକଟକୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ଯାଇନାହାନ୍ତି। ମାତ୍ର ସେ ନିୟମ ଉଲ୍ଲଂଘନ କରିଥିବା ନେଇ ନୋଟିସ ଜାରି ହୋଇଛି। ତାଙ୍କ ଉପରେ ୧,୮୪, ୧୨,୨୧୬ ଟଙ୍କା ଜରିମାନା କରାଯାଇଛି। ଉକ୍ତ ଜରିମାନା ଅର୍ଥ ସେ ଦେବାକୁ ଅସମର୍ଥ। ୨୦୨୨–୨୩ ବର୍ଷ ନିମନ୍ତେ ୩୦ହଜାର ଏମ୍‌ଜିକ୍ୟୁ ଉତ୍ତୋଳନ ପାଇଁ ଅନୁମତି ଥିଲା। ଖଣି ପରାମର୍ଶଦାତାଙ୍କ ରିପୋର୍ଟ ଅନୁଯାୟୀ, ସେ ୧ ଲକ୍ଷ ୨୨ ହଜାର ୮୫୭ ଟଙ୍କାର ଏମ୍‌ଜିକ୍ୟୁ ଉତ୍ତୋଳନ କରିଛନ୍ତି ବୋଲି ତାଙ୍କୁ ନୋଟିସ କରାଯିବା ସହ ୧ କୋଟି ୮୪ ଲକ୍ଷ ୧୨ ହଜାର ୨୧୬ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ସର୍ଭେ ଠିକ୍ ନୁହେଁ। ୨୦୧୮ ମସିହାରେ ଖଣି ନିଲାମ ପାଇଥିଲୁ। କିନ୍ତୁ ଖଣି ପାଣି ଜମା ରହିଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକ କାଗଜପତ୍ର ସହ ୧୪।୧୦।୨୦୨୨ରେ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲା। ପରେ ଖଣିରେ ବ୍ଲାଷ୍ଟିଂ ନିମନ୍ତେ କେବଳ ୧ମାସ ମିଳିଥିଲା। ଅନ୍ୟାନ୍ୟ କାମ ମଧ୍ୟ ଥିଲା। ମାତ୍ର ମିଳିଥିବା ନୋଟିସ୍‌ରେ ଦର୍ଶାଯାଇଛି ଯେ, ୨୦୨୩ ମାର୍ଚ୍ଚରୁ ୨୦୨୩ ମେ' ମଧ୍ୟରେ ହୋଇଥିବା ତଦନ୍ତ ଅନୁସାରେ ନିର୍ଦ୍ଧାରିତ ଠାରୁ ଅଧିକ ଉତ୍ତୋଳନ ହୋଇଛି। ଯାହା କେବେ ସମ୍ଭବ ନୁହେଁ। ସେହିପରି ୨୦୨୩–୨୪ ବର୍ଷର ରୟାଲ୍‌ଟି ଦାଖଲ କରିବା ପରେ ମାତ୍ର ୮ ମାସ ପାଇଁ ବ୍ଲାଷ୍ଟିଙ୍ଗ ଅନୁମତି ମିଳିଥିଲା। ସେହିପରି ୨୦୨୪ –୨୫ ବର୍ଷ ପାଇଁ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ତଦନ୍ତ କରାଯାଇ ଜରିମାନା ଛାଡ଼ କରାଯିବା ସହ ଏନେଇ ପୁନର୍ବିଚାର କରାଯାଉ ଏବଂ ଖଣି ଚାଲୁ କରିବାକୁ ଅନୁମତି ଦିଆଯାଉ ବୋଲି ଜେନା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଏ ନେଇ ଡ୍ରୋନ ମାଧ୍ୟମରେ ସର୍ଭେ ହୋଇଥିଲା। ଯେଉଁ ଖଣି ଲିଜଧାରୀମାନେ ନିୟମ ଉଲ୍ଲଂଘନ କରି ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜ୍‌ଧାରୀଙ୍କୁ ନୋଟିସ୍ କରାଯାଇଛି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଯେଉଁ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନଙ୍କ ଚଞ୍ଚକତାରେ ଏପରି କାର୍ଯ୍ୟ ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଗଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାସ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

# ଲିଜ୍‌ଧାରୀଙ୍କ ଅସନ୍ତୋଷ, ଅଧିକାରୀଙ୍କ ଚଞ୍ଚକତାକୁ ଦୋଷ

ପୁରୀ,୮।୮ (ଅଜିତ୍ କୁମାର ମହାନ୍ତି)

## ମହାପ୍ରଭୁଙ୍କ ୧୯ ଖଣି ଲୁଟ୍ ନେଇ ଶ୍ରୀମନ୍ଦିର ପ୍ରଶାସନର ନୋଟିସ ପ୍ରସଙ୍ଗ

ମହାପ୍ରଭୁଙ୍କ ଖଣି ଖାଦାନ ଉପରେ ଲିଜ୍‌ଧାରୀଙ୍କ ଲୋଲୁପଦୃଷ୍ଟି। ମିନିମମ୍ ଗ୍ୟାରେଣ୍ଟି କ୍ୱାଣ୍ଟିଟିଠାରୁ ଦୁଇ ତିନିଗୁଣା ଅଧିକ ଖଣି ତାଡ଼ି ତାହାକୁ ବିକ୍ରି କରି ଲିଜ୍‌ଧାରୀମାନେ ବିପୁଳ ଅର୍ଥ ଚଲୁ କରିଥିବା ନେଇ ଅଭିଯୋଗ ହୋଇଛି। ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଖଣିଜ ସମ୍ପଦ ଉତ୍ତୋଳନ କାରଣରୁ ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ୧୯ଟି ଖଣିର ଲିଜ୍‌ଧାରୀମାନଙ୍କୁ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ୧୭ ନିର୍ମାଣ ପଥର ଖଣି ଓ ୨ଟି ମାଙ୍କଡ଼ା ପଥର ଖଣିକୁ ଲଘୁ ଖଣିଜ ଆଇନ-୨୦୧୬ ଆଧାରରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ପେନାଲ୍‌ଟି ଓ ରୟାଲ୍‌ଟିରେ ବାରମ୍ବାର ଖିଲାପ ଯୋଗୁ ଏହି ନୋଟିସ ଦିଆଯାଇଛି। ୭ଦିନ ଭିତରେ ଦେୟ ଜମା କରିବା ସହ ଖଣି ରଦ୍ଦ ପାଇଁ ଲିଖିତ କୈଫିୟତ ଦେବାକୁ କୁହାଯାଇଛି। ତେବେ ଏହାକୁ ନେଇ ଲିଜ୍‌ଧାରୀ ଅସନ୍ତୋଷ ବ୍ୟକ୍ତ କରିଥିବାବେଳେ ତତ୍କାଳୀନ ଅଧିକାରୀଙ୍କ ଚଞ୍ଚକତାକୁ ସାଧାରଣରେ ଦାୟୀ କରାଯାଉଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସ୍ପଷ୍ଟ କରିଥିଲେ ଯେ, ମହାପ୍ରଭୁଙ୍କ ସମ୍ପତ୍ତି ଦଖଲକୁ ନିଆଯିବ ଓ ଏହାର ସୁରକ୍ଷା କରାଯିବ। ତେଣୁ ୭ ଦିନ ଭିତରେ ରୟାଲ୍‌ଟି ଓ ପେନାଲ୍‌ଟି ବାବଦକୁ ଦେୟ ଜମା ନ କଲେ ଖଣି ଚୁକ୍ତିପତ୍ର ରଦ୍ଦ ହେବ ବୋଲି ନୋଟିସରେ କଡ଼ା ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଖଣି ଲୁଟ୍‌କୁ ନେଇ ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଚଞ୍ଚକତା ଯୋଗୁ ଏଭଳି ଘଟିଛି ବୋଲି ଅଭିଯୋଗ ହେଉଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନର ଏପରି ନୋଟିସକୁ ଖଣି ଲିଜ୍‌ଧାରୀ ନାପସନ୍ଦ କରିଛନ୍ତି। ଖୋର୍ଦ୍ଧା ଜିଲା କାଇପଦର ନୂଆପଥର ଖଣି ଲିଜ୍‌ଧାରୀ ଦେବେନ୍ଦ୍ର ଜେନା ନୋଟିସ୍‌ର ପୁନର୍ବିଚାର କରିବାକୁ ଅନୁରୋଧ କରିବା ସହ ପ୍ରଶାସନକୁ ଏକ ଆବେଦନପତ୍ର ଦେଇଛନ୍ତି। ଜେନାଙ୍କ କହିବା ଅନୁଯାୟୀ, ତାଙ୍କୁ ଯେତିକି ଏମ୍‌କ୍ୟୁ ଉତ୍ତୋଳନ କରିବା କଥା, ସେ ସେତିକି ଉତ୍ତୋଳନ କରିନାହାନ୍ତି। ତାଙ୍କ ନିକଟକୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ ଯାଇନାହାନ୍ତି। ମାତ୍ର ସେ ନିୟମ ଉଲ୍ଲଂଘନ କରିଥିବା ନେଇ ନୋଟିସ ଜାରି ହୋଇଛି। ତାଙ୍କ ଉପରେ ୧,୮୪, ୧୨,୨୧୬ ଟଙ୍କା ଜରିମାନା କରାଯାଇଛି। ଉକ୍ତ ଜରିମାନା ଅର୍ଥ ସେ ଦେବାକୁ ଅସମର୍ଥ। ୨୦୨୨-୨୩ ବର୍ଷ ନିମନ୍ତେ ୩୦ହଜାର ଏମ୍‌କ୍ୟୁ ଉତ୍ତୋଳନ ପାଇଁ ଅନୁମତି ଥିଲା। ଖଣି ପରାମର୍ଶଦାତାଙ୍କ ରିପୋର୍ଟ ଅନୁଯାୟୀ, ସେ ୧ ଲକ୍ଷ ୨୨ ହଜାର ୮୫୭ ଟଙ୍କାର ଏମ୍‌କ୍ୟୁ ଉତ୍ତୋଳନ କରିଛନ୍ତି ବୋଲି ତାଙ୍କୁ ନୋଟିସ କରାଯିବା ସହ ୧ କୋଟି ୮୪ ଲକ୍ଷ ୧୨ ହଜାର ୨୧୬ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ସର୍ଭେ ଠିକ୍ ନୁହେଁ। ୨୦୧୮ ମସିହାରେ ଖଣି ନିଲାମ ପାଇଥିଲୁ। କିନ୍ତୁ ଖଣି ପାଣି ଜମା ରହିଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକ କାଗଜପତ୍ର ସହ ୧୪।୧୦।୨୦୨୨ରେ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲା। ପରେ ଖଣିରେ ବ୍ଲାଷ୍ଟିଂ ନିମନ୍ତେ କେବଳ ୧ମାସ ମିଳିଥିଲା। ଅନ୍ୟାନ୍ୟ କାମ ମଧ୍ୟ ଥିଲା। ମାତ୍ର ମିଳିଥିବା ନୋଟିସ୍‌ରେ ଦର୍ଶାଯାଇଛି ଯେ, ୨୦୨୩ ମାର୍ଚ୍ଚରୁ ୨୦୨୩ ମେ' ମଧ୍ୟରେ ହୋଇଥିବା ତଦନ୍ତ ଅନୁସାରେ ନିର୍ଦ୍ଧାରିତଠାରୁ ଅଧିକ ଉତ୍ତୋଳନ ହୋଇଛି। ଯାହା କେବେ ସମ୍ଭବ ନୁହେଁ। ସେହିପରି ୨୦୨୩-୨୪ ବର୍ଷର ରୟାଲ୍‌ଟି ଦାଖଲ କରିବା ପରେ ମାତ୍ର ୮ ମାସ ପାଇଁ ବ୍ଲାଷ୍ଟିଂ ଅନୁମତି ମିଳିଥିଲା। ସେହିପରି ୨୦୨୪-୨୫ ବର୍ଷ ପାଇଁ କାର୍ଯ୍ୟାଳୟରେ ରୟାଲ୍‌ଟି ଦାଖଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ତେଣୁ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ତଦନ୍ତ କରାଯାଇ ଜରିମାନା ଛାଡ଼ କରାଯିବା ସହ ଏନେଇ ପୁନର୍ବିଚାର କରାଯାଉ ଏବଂ ଖଣି ଚାଲୁ କରିବାକୁ ଅନୁମତି ଦିଆଯାଉ ବୋଲି ଜେନା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ଏ ନେଇ ଡ୍ରୋନ ମାଧ୍ୟମରେ ସର୍ଭେ ହୋଇଥିଲା। ଯେଉଁ ଖଣି ଲିଜଧାରୀମାନେ ନିୟମ ଉଲ୍ଲଂଘନ କରି ଅଧିକ ଉତ୍ତୋଳନ କରିଛନ୍ତି, ସେମାନଙ୍କୁ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜ୍‌ଧାରୀଙ୍କୁ ନୋଟିସ୍ କରାଯାଇଛି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଯେଉଁ ଅଧିକାରୀମାନେ ଦାୟିତ୍ୱରେ ଥିଲେ, ସେମାନଙ୍କ ଚଞ୍ଚକତାରେ ଏପରି କାର୍ଯ୍ୟ ହୋଇଛି। ତେଣୁ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ୍ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଗଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଦାସ ମହାପାତ୍ର ମତବ୍ୟକ୍ତ କରିଛନ୍ତି।

## ରିପୋର୍ଟ ପ୍ରସ୍ତୁତ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ

**ଖୋର୍ଦ୍ଧା,୮।୮ (ପ୍ରଭାତ ପାଣିଗ୍ରାହୀ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଚିଠି ଆସିନାହିଁ। ଗଣମାଧ୍ୟମରୁ ଏହି ଖବର ପାଇବା ପରେ ତୁରନ୍ତ ଏହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ପଥର ଉତ୍ତୋଳନ ରୋକିବା ପାଇଁ ଜିଲା ପ୍ରଶାସନ ସ୍ତରରେ ଟାସ୍କଫୋର୍ସ ରହିଛି। ଏହି କମିଟି ନିୟମିତ ବ୍ୟବଧାନରେ ଯାଞ୍ଚ କରୁଛି। କୌଣସି ଖଣିରେ ଅଧିକ ଉତ୍ତୋଳନ କରିବା ପ୍ରମାଣିତ ହେଲେ, ଏହାର ବ୍ଲାଷ୍ଟିଂ ଅର୍ଡର ରଦ୍ଦ ଲାଗି ମଧ୍ୟ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଛନ୍ତି।

# ରାସ୍ତାରେ ଘରୋଇ ଚେକ୍‌ଗେଟ୍ ନିର୍ମାଣ, ଅନୁଧ୍ୟାନ କଲେ ତହସିଲଦାର

ବାରଙ୍ଗ,୮।୮ (ଲିଙ୍ଗରାଜ ରାଉତ)



ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ସାଙ୍ଗରେ ଧରି ଗୁରୁବାର ଭୁବନପୁର ଗ୍ରାମକୁ ଆସି ଗ୍ରାମବାସୀ ଦେଇଥିବା ଅଭିଯୋଗ ଉପରେ ଅନୁଧ୍ୟାନ କରି ଫେରିଛନ୍ତି। କୁହେଇଁପଡ଼ା ପଞ୍ଚାୟତର ଭୁବନପୁର ଗ୍ରାମଠାରୁ ବାଲିଚନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ଥିବା ସରକାରୀ ରାସ୍ତାକୁ କିଛି ମୁଷ୍ଟିମେୟ ଶ୍ରେଣୀର ଲୋକ ଜବରଦଖଲ କରି ରାସ୍ତା ଉପରେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିବା ନେଇ ଗ୍ରାମ୍ୟ କମିଟି ସଭାପତି ରଞ୍ଜନ ଭଞ୍ଜଙ୍କ ନେତୃତ୍ୱରେ ଗ୍ରାମବାସୀ ବୁଧବାର ତହସିଲଦାରଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ କହିବା କଥା, ସେମାନେ ଦୀର୍ଘବର୍ଷ ଧରି ବାଲିଚନ୍ଦ୍ରପୁର ଗ୍ରାମ ସାହାଡ଼ାସୁନ୍ଦରୀ ମନ୍ଦିର ପାଖରୁ ଭୁବନପୁରଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟିକୁ ବ୍ୟବହାର କରୁଥିଲେ। ଏବେ ସେହି ଜାଗାରେ ଚେକ୍ ଗେଟ୍ ନିର୍ମାଣ କରାଯିବା ପରେ ଗ୍ରାମବାସୀ ଆଉ ନିର୍ବିଘ୍ନରେ ଯାତାୟାତ କରିପାରୁ ନାହାନ୍ତି।

# ୧୦ରୁ ଭୁବନେଶ୍ୱରରେ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମୋଟ୍ ୬୭ଟି ୱାର୍ଡରେ 'ଆଜାଦିକା ଅମୃତ ମହୋତ୍ସବ' ଅବସରରେ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ପାଳନ କରାଯିବ। ଏହି ଉପଲକ୍ଷେ ଗୁରୁବାର ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଗରିକଙ୍କ ମନରେ ରାଷ୍ଟ୍ରୀୟ ଭାବନା ଓ ଦେଶପ୍ରେମ ଜାଗ୍ରତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଦେଶବ୍ୟାପୀ ପାଳନ କରିବାକୁ ଯାଉଥିବା ଏହି କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ପାଇଁ ୱାର୍ଡସ୍ତରରେ ଅଗଷ୍ଟ ୧୦ରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଏମ୍‌ସି ଅଞ୍ଚଳରେ ୬୦ହଜାର ଜାତୀୟ ପତାକା ବଣ୍ଟନ କରାଯିବ। ସଭା, ତ୍ରିରଙ୍ଗା ଯାତ୍ରା, ଜାତୀୟ ସଙ୍ଗୀତ ଗାନ, ରାମଧୁନ, ଦସ୍ତଖତ ଅଭିଯାନ ଆଦି ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ସଙ୍ଗଠନ ସାମିଲ ହେବା ପାଇଁ ବିଏମ୍‌ସି ପକ୍ଷରୁ ଆହ୍ୱାନ ଦିଆଯାଇଛି। ୧୦ରୁ ୧୩ ପର୍ଯ୍ୟନ୍ତ ୱାର୍ଡ ଓ ଜୋନ୍‌ସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ରେ ବିଏମ୍‌ସି ମୁଖ୍ୟାଳୟରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସସ୍ମିତା ସାହୁ, ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ସମସ୍ତ କର୍ପୋରେଟର, ଜୋନାଲ କମିଶନର ଓ ଡେପୁଟି କମିଶନର, ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ କ୍ଷେତରେ ମହିଳାମାନେ ଧାନ ତଳି ରୋପଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଟ୍ରକ୍ ଧକ୍କାରେ ଯୁବତୀ ଗୁରୁତର

**ଜଟଣୀ,୮।୮ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ମାଲଗୋଦାମରୁ ରଥିପୁର ରାସ୍ତାରେ ଗୁରୁବାର ଟ୍ରକ୍ (ଓଡି୦୯ ଏନ୍ ୧୧୫୫)ଧକ୍କାରେ ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରଥିପୁର ଗ୍ରାମର ସୋନିଶ୍ରୀ ପାଇକରାୟ। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇବା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଟଣୀ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି।


**ODISHA UNIVERSITY OF TECHNOLOGY AND RESEARCH**
TECHNO CAMPUS, GHATIKIA, P.O. - MAHALAXMI VIHAR
BHUBANESWAR-751029 ODISHA, INDIA
Advt. No OUTR/DCSE/2024-25/03, Dated 06.08.2024.
**E-TENDER CALL NOTICE FOR SETTING UP A "CENTRE OF EXCELLENCE ON DIGITAL MANUFACTURING"**
No.KK-113 : Tenders are invited from the reputed registered agencies / OEMs for setting up a "Centre of Excellence on Digital Manufacturing" for Skill Development, Research & Consultancy at OUTR, Bhubaneswar. Details regarding the eligibility criteria, terms and conditions and formats for submission of tender may be downloaded from the website https://tenderodissa.gov.in. The last date and time of submission of e-Tender documents through online mode is 05/09/2024 up to 6.00 P.M. The undersigned reserves the right to reject the tender without assigning any reason thereof.
OIPR-16005/11/0025/2425 **Sd./- Registrar**

**DIRECTORATE OF HEALTH SERVICES, ODISHA, BHUBANESWAR**
E-mail :- dhsodisha@gmail.com / Telephone :- 0674-2390536. Fax :- 0674-2390825
No. 02//Bhubaneswar, the 07.08.2024
**NOTICE** No.E-190
**Dr. Sunita Sethy, Ex-MO, PHC(N), Sanitota, under CHC, Tangi, Dist. - Cuttack**
**(DoB : 02.04.1978/OPSC Notification No.27289/H of 2003, Sl. No. 232)**
Sub : Departmental Proceedings drawn up against you :- Regarding.
Whereas, a Departmental Proceedings has been instituted against you vide Govt. Memorandum No. 16500/H&FW dt.20.06.2018 under Rule - 15 of the Odisha Civil Services (CC&A) Rules, 1962. The said Govt. Memorandum could not have been served on you due to want of your present whereabouts in official records. You have not intimated your address to the immediate authority or to the Director of Health Services, Odisha or to the Administrative Department of Govt. of Odisha.
As such, you are hereby directed to appear personally before the Additional Director (HRH&R) of this Directorate during office hours on any working day within 15 (Fifteen) days from the date of publication of this Notice in the Newspaper positively to receive a copy of the Govt. Memorandum and submit your written statement of defence within next 15 (Fifteen) days from publication of this Notice positively, failing which it will be presumed that you have no Written Statement of defence to submit thereon & action as deemed proper will be taken ex-parte, on merits of available records.
**Sd./- Dr. B.K. Mohapatra**
**Director of Health Services, Odisha**
OIPR-10002/11/0004/2425


# ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

ବିଏମ୍‌ସି ପକ୍ଷରୁ ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ଏନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଉକ୍ତଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ବିଏମସି କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୱାର୍ଡସ୍ତରରୁ ଆରମ୍ଭ କରି ଜୋନ୍ ଏବଂ ମହାନଗର ନିଗମ ସ୍ତରରେ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ମହାନଗର ନିଗମର ବାର୍ଷିକ ମୁଖପତ୍ର 'ଆହ୍ୱାନ' ଉନ୍ମୋଚିତ ହେବ। ସେହିପରି କିଛି ପ୍ରକଳ୍ପର ଉଦ୍‌ଘାଟନ ହେବା ନେଇ ମଧ୍ୟ ସୂଚନା ଦିଆଯାଇଛି। ଏଥିପାଇଁ କର୍ପୋରେଟରମାନେ ମିଳିତ ଭାବେ କାମ କରିବାକୁ ଉଭୟ ମେୟର ଓ କମିଶନର ଅନୁରୋଧ କରିଛନ୍ତି।

# ଭୁଲ ଇଞ୍ଜେକ୍ସନରେ ବୃଦ୍ଧା ମୃତ ଘଟଣା: ୩ ଡାକ୍ତରୀ ଟିମ୍‌ଙ୍କ ତଦନ୍ତ

କାକଟପୁର/ଅସ୍ତରଙ୍ଗ,୮।୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଇଞ୍ଜେକ୍ସନ ଯୋଗୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟଣାରେ ଗୁରୁବାର ପୂର୍ବାହ୍ନରେ ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି। ରାଜ୍ୟ ସରକାର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାର୍ଥ ଅଧିକାରୀ, ପୁରୀ ଡ. ବିନୋଦ ରଥ, ଜିଲା ମୁଖ୍ୟଚିକିତ୍ସାଳୟ ବରିଷ୍ଠ ମେଡିସିନ ବିଭାଗ ଅଧିକାରୀ ଡ. ସନ୍ତୋଷ ରାଉତରାୟ, ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶାନ୍ତିଭୂଷଣ ଜେନା ଘଟଣାକୁ ତଦନ୍ତ କରିଛନ୍ତି। ଅଧିକାରୀମାନେ ଅଭିଯୋଗକାରୀ ରଞ୍ଜନ ଓ ଉପସ୍ଥିତ ଆଇନଜୀବୀ ଭରତଚନ୍ଦ୍ର ପଣ୍ଡାଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାର୍ଥ ଡ. ରଥ ତଦନ୍ତ ପରେ ରିପୋର୍ଟ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହସ୍ତଗତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଆଇନଜୀବୀ ପଣ୍ଡା ଇଞ୍ଜେକ୍ସନଟି କାର୍ଯ୍ୟରତ କର୍ମଚାରୀ କାହିଁକି ମସଲ ପରିବର୍ତ୍ତେ ଭେନରେ ଦେଇଛନ୍ତି। ବିଭିନ୍ନ ଦିଗକୁ ନେଇ ତଦନ୍ତକାରୀ ଟିମ୍ ତଦନ୍ତ ଫେରିଥିବା ସେ କହିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଜଳସେଚନ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିମାନେ ସ୍ମରଣିକା 'ଜଲସା-୨୦୨୪' ଉନ୍ମୋଚନ କରୁଛନ୍ତି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**
ସଂଖ୍ୟା 12500 IND-II-PH-୮୧୩ ତା.08.08.2024
No. CAD-800
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଓଡ଼ିଶାର ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମରେ ସର୍ବ-ପାଣିପାଗ ମଲ୍ଟି-ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦର ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India), ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୩.୦୯.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମ ସ୍ଥିତ ବ୍ଲକ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ପୁରୀ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଭୁବନେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
**ସ୍ୱା./-ସଦସ୍ୟ ସଚିବ**
OSPCB-PH-MISC-0020-2024/3/2024 OIPR-08012/11/0054/2425

**DISTRICT EDUCATION OFFICE, NUAPADA**
**(PM POSHAN SCHEME)**
**No.5560/PM Poshan-13/2024, Date 08.08.24**
**TENDER CALL NOTICE**
Sealed Tenders are invited in the prescribed forms from the intending Individuals / Firms / Transporting Agent having valid Common carrier License for engagement of Transporting Agent under PM Poshan scheme for transportation of foodstuff (Rice) from OSCSC Ltd godown to School points of Nuapada District for the FY 2024-25. The Tender Paper containing detail Terms & Conditions can be downloaded from the district website http//www.nuapada.nic.in. The cost of tender paper is Rs.10,000/- (Rupees Ten Thousand) only which is to be deposited in shape of Demand Draft/ Banker cheque in favour of District Education Officer, Nuapada and enclose in the technical bid of the tender. The cost of tender paper is non-refundable. The Tender Paper complete in all respect along with other required documents should be submitted in sealed cover superscripted as "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" to the address of the District Education Officer, Nuapada either by Registered or Speed Post only so as to reach on or before 05.30 PM of 29.08.2024. The Tender shall be opened on dt: 30.08.2024 at 11.00 AM. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.
The authority reserves the right to reject any or all the tenders without assigning any reason thereof.
**Sd./-Collector, Nuapada**

## ସଂକ୍ଷେପରେ

### ଦ୍ୱାଦଶତମ ବାର୍ଷିକ ଜ୍ଞାନବିଜ୍ଞାନ ମେଳା



ବଳଙ୍ଗା,୮।୮(କେଦାରେଶ୍ୱର ନନ୍ଦ)

ସ୍ଥାନୀୟ ବଳଙ୍ଗା ଥାନା ବାଲିଘାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦ୍ୱାଦଶତମ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ବିଶ୍ୱନାଥ ସାହୁ, ଗଙ୍ଗୋତ୍ରୀ ମହାନ୍ତି, ବିଭୁ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ବିଜ୍ଞାନ ମେଳାରେ ଶିଶୁ ବିଜ୍ଞାନୀମାନେ ୭୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ସମସ୍ତ ଗୁରୁମା ଗୁରୁଜୀ, ବିଦ୍ୟାଳୟ ମାତୃଭରତୀର ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶତାୟୁ ମହିଳା ଧାନମଣିଙ୍କ ବିୟୋଗ

ପିପିଲି,୮।୮(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ତେଇଶିପୁର ଗ୍ରାମର ଶତାୟୁ ମହିଳା ଧାନମଣି ଦେବୀ(୧୦୩)ଙ୍କ ବିୟୋଗ ଘଟିଛି। ସେ ହେଉଛନ୍ତି ପିପିଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗଦାଧର ଦାଶଙ୍କ ମା'। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବର ଜାଣିବା ପରେ ତେଇଶିପୁର ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ପାଖରେ ୨ ପୁତ୍ର ଓ ୩ ଝିଅ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି। ବଡ଼ ପୁଅ ଲକ୍ଷ୍ମୀଧର ଦାଶ ମୁଖାଗ୍ନି ଦେଇଥିଲେ।

# ଧନୁହର ବେଲାରି ପାଖରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

## ଶୌଚ ହେବାକୁ ଯାଇ ଦେବୀ ନଦୀରେ ଭାସି ଯାଇଥିଲେ

ଅସ୍ତରଙ୍ଗ,୮।୮
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଗତ ମଙ୍ଗଳବାର ଦେବୀ ନଦୀକୁ ଶୌଚ ହେବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ତେବେ ଗୁରୁବାର ଜଗତ୍‌ସିଂହପୁର ଜିଲା ବନ୍ଦର ସାମୁଦ୍ରିକ ଥାନା ଅଧୀନ ମରିଚପୁର ପଞ୍ଚାୟତ ଧନୁହର ବେଲାରି ଗ୍ରାମ ନିକଟ ଦେବୀ ନଦୀରୁ ଗୁରୁବାର ତାଙ୍କ ମୃତଦେହ ଜବତ ହୋଇଛି। ଗ୍ରାମର କେତେଜଣ ଲୋକ ଦେବୀ ନଦୀରେ ମୃତଦେହ ଭାସୁଥିବା ଦେଖିବାରୁ ଖବର ପ୍ରସାରିତ ହୋଇଥିଲା। ଏହାପରେ ଅସ୍ତରଙ୍ଗ ଥାନା ଅଧୀନ ତାଳଦା ପଞ୍ଚାୟତ ଏଡବାଂଶ ଗ୍ରାମର କେତେଜଣ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ, ଲୋକଙ୍କ ସହାୟତାରେ ମୃତଦେହ ଜବତ କରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନେଇଯାଇଥିଲେ। ଅନ୍ୟପଟେ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରଙ୍କ ତରଫରୁ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି।

ସୂଚନା ମୁତାବକ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅନ୍ତର୍ଗତ ଏଡ଼ବାଂଶ ଗ୍ରାମର ଶରତ ସେନାପତି ଓ ଶାନ୍ତିଲତା ସେନାପତିଙ୍କ ପୁଅ ଆଶିଷ ସେନାପତି (୨୬) ମଙ୍ଗଳବାର ଘରୁ ଗାମୁଛା ଧରି ବାହାରିଯାଇଥିଲେ। ହେଲେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଦେବୀ ନଦୀ କୂଳରେ ଗାମୁଛା ଥୁଆ ହୋଇଥିବାରୁ ସେ ଶୌଚ ହେବାକୁ ଯାଇ ଭାସି ଯାଇଥିବା ସନ୍ଦେହ ଉପୁଜିଥିଲା। ବୁଧବାର ସକାଳୁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଏବଂ ଅଞ୍ଚଳବାସୀ ଦେବୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

## ଭାର୍ଗବୀ ନଦୀରେ ଭାସୁଛି ମୃତଦେହ

ବଳଙ୍ଗା,୮।୮(କେଦାରେଶ୍ୱର ନନ୍ଦ)

ଭାର୍ଗବୀ ନଦୀର ବଳଙ୍ଗାଠାରେ ଗୁରୁବାର ଅପରାହ୍ଣରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତଦେହଟି ହରିପୁର ପଟୁ ଭାସି ଆସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଫଳରେ ଲୋକେ ଦେଖିବାକୁ ଭାର୍ଗବୀ ନଦୀ ସେତୁ ଉପରେ ଭିଡ଼ ଲଗାଇଥିଲେ। ମୃତଦେହ ତଳ ମୁହାଁ ହୋଇ ଭାସି ଆସୁଥିବାବେଳେ ତାହା ୨ ଦିନ ତଳର ବୋଲି ଅନୁମାନ କରାଯାଉଛି। ମୃତଦେହ ଏକ ଯୁବକଙ୍କ ବୋଲି ଅନୁମାନ କରାଯାଉଛି। ମୃତକ ଜଣକ ଏକ ଜିନ୍ ପ୍ୟାଣ୍ଟ ଓ କଳା ଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଥିଲା। ନଦୀର ସୁଅ ଜୋର ଥିବାରୁ ମୃତଦେହ ତଳ ମୁଣ୍ଡ ଆଡ଼କୁ ଭାସି ଯାଇଥିଲା।

## ଦୋଛିଆଁ ନାଳରେ ମୃତଦେହ

କଣାସ,୮।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ମକରାନଦୀରେ ଏକ ମୃତଦେହ ଭାସି ଭାସି ଦୋଛିଆଁ ନାଳ ମଧ୍ୟକୁ ପ୍ରବେଶ କରିଛି। ଦୋଛିଆଁ ସରପଞ୍ଚ ବନମାଳି ସାହୁ ଏନେଇ ଗଡ଼ିଶାଗୋଦା ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସନ୍ଧ୍ୟା ହୋଇ ଯାଇଥିବାରୁ ମୃତଦେହକୁ ନାଳରୁ ଜବତ କରାଯାଇପାରି ନାହିଁ। କେବଳ ମଝିନାଳରୁ କୂଳରେ ଲଗାଇ ରଖାଯାଇଛି। ଶୁକ୍ରବାର ସକାଳୁ ମୃତଦେହ ଜବତ ହୋଇ ଚିହ୍ନଟ କରାଯିବ। କେହିବ୍ୟକ୍ତି ହତ୍ୟା କରି ଗୋଡ଼ ପଟୁ ଏକ ଜରିବସ୍ତା ଅଣ୍ଟା ପର୍ଯ୍ୟନ୍ତ ଭର୍ତ୍ତି କରି ରସିରେ ବାନ୍ଧି ଦେଇଥିବାବେଳେ ମୁଣ୍ଡରେ ମଧ୍ୟ ଜରିମୁଣା ଭର୍ତ୍ତି କରି ନାଳରେ ଭସାଇଦେଇଥିବା ପୋଲିସ ଅନୁମାନ କରୁଛି।

# ଭୁଲ ଇଞ୍ଜେକ୍ସନରେ ବୃଦ୍ଧା ମୃତ ଘଟଣା: ୩ ଡାକ୍ତରୀ ଟିମ୍‌ଙ୍କ ତଦନ୍ତ



ଡାକ୍ତରୀ ଟିମ୍ ଘଟଣା ସମ୍ପର୍କରେ ତଦନ୍ତ କରୁଛନ୍ତି ।

କାକଟପୁର/ଅସ୍ତରଙ୍ଗ,୮।୮
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ)

କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲ ଇଞ୍ଜେକ୍ସନ ଯୋଗୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ଗୁରୁବାର ପୂର୍ବାହ୍ଣରେ ୩ ଜଣିଆ ଟିମ୍ ତଦନ୍ତ କରିଛନ୍ତି।

ସୂଚନା ମୁତାବକ, ଜୁନ ୨୯ରେ ବାଙ୍ଗୁରିଗାଁ ଗଣିପୁର ଗ୍ରାମର ଦେବକୀ ରାଉତ(୬୫)ଙ୍କ ଗୋଡ଼ରେ ଯନ୍ତ୍ରଣା ହେବାରୁ ସେ ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଙ୍ଗୁରିଗାଁରେ ଭର୍ତ୍ତି ହୋଇଥିଲେ। ଅଭିଯୋଗ ଅନୁସାରେ ଉପସ୍ଥିତ ଫାର୍ମାସିଷ୍ଟ ତାଙ୍କୁ ପେନକ୍ଲିୟର ନେବାକୁ ଏକ ଚିଠା ଲେଖିଥିଲେ। ସେହି ଚିଠା ଅନୁଯାୟୀ କାର୍ଯ୍ୟରତ ନର୍ସ ମେଡିକାଲରେ ଥିବା ଇଞ୍ଜେକ୍ସନ ଦେଇଥିଲେ। କିଛି ସମୟ ପରେ ଦେବକୀ ରାଉତଙ୍କ ପାଟିରୁ ଧଳାଫେଣ ବାହାରିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏ ଘଟଣାକୁ ନେଇ ସମ୍ପର୍କୀୟ କାକଟପୁର ଥାନାରେ ଜୁଲାଇ ୫ରେ ଅଭିଯୋଗ କରିବା ସହ ପୁଅ ରଞ୍ଜନ ରାଉତ ନିଜ ଟୁଇଟ୍ ମାଧ୍ୟମରେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ଗୁରୁବାର ପୂର୍ବାହ୍ଣରେ ରାଜ୍ୟ ସରକାର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାର୍ଥ ଅଧିକାରୀ, ପୁରୀ ଡ. ବିନୋଦ ରଥ, ଜିଲା ମୁଖ୍ୟଚିକିତ୍ସାଳୟ ବରିଷ୍ଠ ମେଡିସିନ ବିଭାଗ ଅଧିକାରୀ ଡ. ସନ୍ତୋଷ ରାଉତରାୟ, ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶାନ୍ତିଭୂଷଣ ଜେନା ଘଟଣାକୁ ତଦନ୍ତ କରିଛନ୍ତି। ଅଧିକାରୀମାନେ ଅଭିଯୋଗକାରୀ ରଞ୍ଜନ ଓ ଉପସ୍ଥିତ ଆଇନଜୀବୀ ଭରତଚନ୍ଦ୍ର ପଣ୍ଡାଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ନିର୍ଦ୍ଦେଶକ ଜନସ୍ୱାର୍ଥ ଡ. ରଥ ତଦନ୍ତ ପରେ ରିପୋର୍ଟ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହସ୍ତଗତ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଆଇନଜୀବୀ ପଣ୍ଡା ଇଞ୍ଜେକ୍ସନଟି କାର୍ଯ୍ୟରତ କର୍ମଚାରୀ କାହିଁକି ମସଲ ପରିବର୍ତ୍ତେ ଭେନରେ ଦେଇଛନ୍ତି। ବିଭିନ୍ନ ଦିଗକୁ ନେଇ ତଦନ୍ତକାରୀ ଟିମ୍ ତଦନ୍ତ ଫେରିଥିବା ସେ କହିଛନ୍ତି।

# ଅଙ୍ଗନୱାଡ଼ି ସହାୟିକାଙ୍କୁ ଦେଢ଼ ବର୍ଷ ହେଲା ମିଳିନି ପାରିଶ୍ରମିକ

## ଅନୁସୂଚିତ ଜାତି, ପଛୁଆ ବର୍ଗ ସର୍ବେକ୍ଷଣ

ଡେଲାଙ୍ଗ,୮।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ ୨୦୨୩ ଏପ୍ରିଲରେ ଅନୁସୂଚିତ ଜାତି ଓ ପଛୁଆ ବର୍ଗ ସର୍ବେକ୍ଷଣ କାର୍ଯ୍ୟ ଅଙ୍ଗନୱାଡ଼ି ସହାୟିକାଙ୍କ ଦ୍ୱାରା କରାଯାଇଥିଲା। ଅଦ୍ୟାବଧି ଏହାକୁ ପ୍ରାୟ ଦେଢ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ କାର୍ଯ୍ୟ ନିମନ୍ତେ ମଞ୍ଜୁର ପାରିଶ୍ରମିକ ଅର୍ଥ ଅଙ୍ଗନୱାଡ଼ି ସହାୟିକାଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି। ଏହି ମଜୁରି ପାଇବା ଲକ୍ଷ୍ୟ ନେଇ ସେମାନେ ବ୍ଲକ ଉନ୍ନୟନ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ହେଲେ ବଡ଼ ବିଡମ୍ବନାର ବିଷୟ ସେମାନଙ୍କୁ ଏଯାବତ୍ ପାରିଶ୍ରମିକ ଅର୍ଥ ମିଳିପାରୁନି। ଏନେଇ ପୁନର୍ବାର ଅଙ୍ଗନୱାଡ଼ି ମହିଳା କର୍ମଚାରୀ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସଂଘ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସାହୁ ଓ ମମତା ବରାଳଙ୍କ ଅଭିଯୋଗ ଅନୁଯାୟୀ, ୨୦୨୩ରେ ଅନୁସୂଚିତ ଜାତି ପଛୁଆ ବର୍ଗ ସର୍ବେକ୍ଷଣ କାମ ଅଙ୍ଗନୱାଡ଼ି ସହାୟିକାଙ୍କୁ ଦିଆଯାଇଥିଲା। କାମଶେଷ ହୋଇଥିଲେ ମଧ୍ୟ ଜଣକ ପ୍ରତି ୧୯ ଶହ ଟଙ୍କା ଲେଖାଏ ଡେଲାଙ୍ଗ ବ୍ଲକର ୮୦ ଜଣ ମହିଳା ସହାୟିକା ଏଯାଏ ସେମାନଙ୍କ ପାରିଶ୍ରମିକ ଅର୍ଥ ପାଇନାହାନ୍ତି। ଅନ୍ୟ ବ୍ଲକଗୁଡ଼ିକରେ ଏହି ଅର୍ଥ ପ୍ରଦାନ କରାଯାଇଥିବାବେଳେ ଡେଲାଙ୍ଗ ବ୍ଲକ ସହାୟିକାଙ୍କୁ କାହିଁକି ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏସମ୍ପର୍କରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକଙ୍କୁ ପଚାରିବାରେ, ଅଙ୍ଗନୱାଡ଼ି କର୍ମୀମାନେ ସର୍ବେକ୍ଷଣ କାର୍ଯ୍ୟ ଠିକ୍ ଭାବେ କରିଛନ୍ତି, ସେମାନଙ୍କ ପାରିଶ୍ରମିକ ନିଶ୍ଚୟ ମିଳିବ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯାଇଛି। ଅର୍ଥ ମଞ୍ଜୁର ହେଲେ ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ନାୟକ କହିଛନ୍ତି।

# ତଦନ୍ତ ଆରମ୍ଭ କଲା ସ୍ୱତନ୍ତ୍ର ଟିମ୍

## ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

ସାକ୍ଷୀଗୋପାଳ,୮।୮
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ପ୍ରାଣୀଧନ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା, ପ୍ରତିଷେଧକ ଟିକା ପ୍ରଦାନରେ ଅବହେଳା ସହ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଠିକ୍‌ଭାବେ ଉପଯୋଗ ହେଉ ନାହିଁ। ଏପରି କି ଚିକିତ୍ସା ନିମନ୍ତେ ପ୍ରାଣୀପାଳକଙ୍କ ନିକଟରୁ ଅର୍ଥ ଆଦାୟ କରିବା, କର୍ମଚାରୀ ଏବଂ ପ୍ରାଣୀପାଳକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ସତ୍ୟବାଦୀ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବାଣିକାନ୍ତ ଖଟୁଆଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଗୁରୁବାର ତଦନ୍ତ ଆରମ୍ଭ ହୋଇଛି।

ସତ୍ୟବାଦୀର ପ୍ରାଣୀପାଳକ ଦେବାଶିଷ ମହନ୍ତ ଏବଂ ଦୁର୍ଯ୍ୟୋଧନ ପ୍ରଧାନ ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ ବିଭାଗ କମିଶନର ତଥା ପ୍ରମୁଖ ସଚିବ ସୁରେଶ ବଶିଷ୍ଠଙ୍କ ନିକଟରେ ସାକ୍ଷୀଗୋପାଳ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ହେଉଥିବା ଅବ୍ୟବସ୍ଥା ଏବଂ ପ୍ରାଣୀଧନ ଚିକିତ୍ସକଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ସଚିବ ବଶିଷ୍ଠଙ୍କ ନିର୍ଦ୍ଦେଶରେ ଗୁରୁବାର ଅପରାହ୍ଣରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଶରତ ବେହେରା , ଜିଲା ଉପନିର୍ଦ୍ଦେଶକ ଡାକ୍ତର ବିଶ୍ୱରଞ୍ଜନ ବେହେରା, ଉପଖଣ୍ଡସ୍ତରୀୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ନୃସିଂହ ସାହୁଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସାଳୟ ଆସିଥିଲା । ପ୍ରାଣୀ ଚିକିତ୍ସାଳୟ ପରିସରରେ ବିଭାଗୀୟ ଅଧିକାରୀ ବାଣିକାନ୍ତ ଖଟୁଆ, ଡାକ୍ତର, କର୍ମଚାରୀ ଏବଂ ପ୍ରାଣୀପାଳକଙ୍କ ସହିତ ଆଲୋଚନା କରି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ଅଧିକାରୀ ଜିଲା ଉପନିର୍ଦ୍ଦେଶକ ଡାକ୍ତର ବିଶ୍ୱରଞ୍ଜନ ବେହେରା କହିଛନ୍ତି, ସଚିବଙ୍କ ନିର୍ଦ୍ଦେଶ ଓ ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ ସମସ୍ତ ଦିଗକୁ ଲକ୍ଷ୍ୟ କରି ସ୍ୱଚ୍ଛତାର ସହ ତଦନ୍ତ କରାଯାଉଛି। ଆଗକୁ ତଦନ୍ତ ଜାରି ରହିବ ଓ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ଅଭିଯୋଗ ମିଥ୍ୟା ଓ ଅମୂଳକ ବୋଲି ଡାକ୍ତର ବାଣିକାନ୍ତ କହିଛନ୍ତି।

# ମରାମତି ଅବହେଳାରୁ ରାସ୍ତା ଅବସ୍ଥା ଶୋଚନୀୟ

## ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅବହେଳା ଅଭିଯୋଗ

ଡେଲାଙ୍ଗ,୮।୮(ରଶ୍ମିରଞ୍ଜନ ପ୍ରଧାନ) ଡେଲାଙ୍ଗ

ତିରୁମଲ୍ଲ ପୂର୍ତ୍ତ ବିଭାଗ ରାସ୍ତା ମରାମତିରେ ଅବହେଳା ଯୋଗୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଡେଲାଙ୍ଗ ବଜାରଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ରାସ୍ତାରେ କେଉଁଠି ଖାଲଖମା ତ କେଉଁଠି ପିଚୁ ଓ ଗୋଡ଼ି ଉଠିଯାଇଛି। ଡେଲାଙ୍ଗ ହାଟ ବଜାରଠାରୁ ଗଡ଼ ବେଗୁନିଆପଡ଼ା ପର୍ଯ୍ୟନ୍ତ ମାତ୍ର ୭ କି.ମି. ରାସ୍ତାରେ ବହୁ ଖାଲଖମା ରହିଛି। ଏଥିଯୋଗୁ ପ୍ରତ୍ୟେକ ଦିନ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ମହତାବ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାବେଳେ ଇରିଗେସନ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଖଣ୍ଡ ଖଣ୍ଡ ପିଚୁ ଉଠିଯାଇଛି। ଫଳରେ ରାସ୍ତାରେ ଯାତାୟାତ କରିବାରେ ଅନେକ ସମସ୍ୟା ଉପୁଜୁଛି। ସେହିପରି ଜଗଦଳପୁର ଛକଠାରେ ପାଣିଜମି ରାସ୍ତାରେ ଜଳାଶୟର ଭ୍ରମ ସୃଷ୍ଟି କରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ପଟ୍ଟନାୟକିଆଠାରୁ ଡେଲାଙ୍ଗ ହାଟ ପର୍ଯ୍ୟନ୍ତ ରାସ୍ତାଟି ପୂର୍ତ୍ତ ବିଭାଗର ରାଜଧାନୀ ରକ୍ଷଣାବେକ୍ଷଣ ଡିଭିଜନ-୨ ଅଧୀନରେ ରହିଥିବାବେଳେ ଡେଲାଙ୍ଗ ହାଟ ବଜାରଠାରୁ ତିରିମଲ୍ଲ ପର୍ଯ୍ୟନ୍ତ ରାସ୍ତାଟି ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହା ଖୋର୍ଦ୍ଧା ଜିଲା ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ରାସ୍ତା ଅବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ସ୍କୁଲ ଓ କଲେଜକୁ ଛାତ୍ରୀଛାତ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ହିତାଧିକାରୀ ଓ କର୍ମଚାରୀ ଯାତାୟାତ କରିଥାନ୍ତି। ଏଥିସହ ଡାକ୍ତରଖାନା, ରେଳଷ୍ଟେଶନ ଯିବାକୁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଭାରିଯାନ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରେ। ପୁରୀ, ପିପିଲି, ସାକ୍ଷୀଗୋପାଳ, ଖୋର୍ଦ୍ଧା, କଟକ, ପଟ୍ଟନାୟକିଆ ପ୍ରଭୃତି ପ୍ରମୁଖ ସହରକୁ ଡେଲାଙ୍ଗ, କଣାସ ଓ ଜଟଣୀ ବ୍ଲକର ଜନସାଧାରଣ ଯିବାକୁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଯଥାଶୀଘ୍ର ରାସ୍ତା ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ଶୋଚନୀୟ ହୋଇପଡିଥିବା ଡେଲାଙ୍ଗ ବଜାର-ତିରୁମଲ୍ଲ ରାସ୍ତା ।


**ODISHA UNIVERSITY OF TECHNOLOGY AND RESEARCH**
TECHNO CAMPUS, GHATIKIA, P.O. - MAHALAXMI VIHAR
BHUBANESWAR-751029 ODISHA, INDIA
Advt. No OUTR/DCSE/2024-25/03, Dated 06.08.2024.

**E-TENDER CALL NOTICE FOR SETTING UP A "CENTRE OF EXCELLENCE ON DIGITAL MANUFACTURING"**

No.KK-113 : Tenders are invited from the reputed registered agencies / OEMs for setting up a "Centre of Excellence on Digital Manufacturing" for Skill Development, Research & Consultancy at OUTR, Bhubaneswar. Details regarding the eligibility criteria, terms and conditions and formats for submission of tender may be downloaded from the website https://tenderodissa.gov.in. The last date and time of submission of e-Tender documents through online mode is 05/09/2024 up to 6.00 P.M. The undersigned reserves the right to reject the tender without assigning any reason thereof.

OIPR-16005/11/0025/2425 — Sd./- Registrar



**DIRECTORATE OF HEALTH SERVICES, ODISHA, BHUBANESWAR**
E-mail :- dhsodisha@gmail.com / Telephone :- 0674-2390536. Fax :- 0674-2390825
No. 02//Bhubaneswar, the 07.08.2024

**NOTICE** — No.E-190

**Dr. Sunita Sethy, Ex-MO, PHC(N), Sanitota, under CHC, Tangi, Dist. - Cuttack**
**(DoB : 02.04.1978/OPSC Notification No.27289/H of 2003, Sl. No. 232)**

Sub : Departmental Proceedings drawn up against you :- Regarding.

Whereas, a Departmental Proceedings has been instituted against you vide Govt. Memorandum No. 16500/H&FW dt.20.06.2018 under Rule - 15 of the Odisha Civil Services (CC&A) Rules, 1962. The said Govt. Memorandum could not have been served on you due to want of your present whereabouts in official records. You have not intimated your address to the immediate authority or to the Director of Health Services, Odisha or to the Administrative Department of Govt. of Odisha.

As such, you are hereby directed to appear personally before the Additional Director (HRH&R) of this Directorate during office hours on any working day within 15 (Fifteen) days from the date of publication of this Notice in the Newspaper positively to receive a copy of the Govt. Memorandum and submit your written statement of defence within next 15 (Fifteen) days from publication of this Notice positively, failing which it will be presumed that you have no Written Statement of defence to submit thereon & action as deemed proper will be taken ex-parte, on merits of available records.

Sd./- Dr. B.K. Mohapatra
Director of Health Services, Odisha
OIPR-10002/11/0004/2425



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12500 IND-II-PH-୮୧୩ — ତା.08.08.2024
No. CAD-800

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଓଡ଼ିଶାର ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମରେ ସର୍ବ-ପାଣିପାଗ ମଲ୍ଟି-ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦର ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India), ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୩.୦୯.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମ ସ୍ଥିତ ବ୍ଲକ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ପୁରୀ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଭୁବନେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OSPCB-PH-MISC-0020-2024/3/2024 — OIPR-08012/11/0054/2425



**DISTRICT EDUCATION OFFICE, NUAPADA**
**(PM POSHAN SCHEME)**
No.5560/PM Poshan-13/2024, Date 08.08.24

**TENDER CALL NOTICE**

Sealed Tenders are invited in the prescribed forms from the intending Individuals / Firms / Transporting Agent having valid Common carrier License for engagement of Transporting Agent under PM Poshan scheme for transportation of foodstuff (Rice) from OSCSC Ltd godown to School points of Nuapada District for the FY 2024-25. The Tender Paper containing detail Terms & Conditions can be downloaded from the district website http//www.nuapada.nic.in. The cost of tender paper is Rs.10,000/- (Rupees Ten Thousand) only which is to be deposited in shape of Demand Draft/ Banker cheque in favour of District Education Officer, Nuapada and enclose in the technical bid of the tender. The cost of tender paper is non-refundable. The Tender Paper complete in all respect along with other required documents should be submitted in sealed cover superscripted as "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" to the address of the District Education Officer, Nuapada either by Registered or Speed Post only so as to reach on or before 05.30 PM of 29.08.2024. The Tender shall be opened on dt: 30.08.2024 at 11.00 AM. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.
The authority reserves the right to reject any or all the tenders without assigning any reason thereof.

Sd./-Collector, Nuapada

# ପାଇକ ବୀରଙ୍କ ତ୍ୟାଗ, ଶୌର୍ଯ୍ୟର ପ୍ରତୀକ ହେବ ସ୍ମାରକୀ

ଖୋର୍ଦ୍ଧା,୮।୮ (ପ୍ରଭାତ ପାଣିଗ୍ରାହୀ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁରୁବାର ଖୋର୍ଦ୍ଧା ଗସ୍ତ କରି ମା'ବରୁଣେଇ, ଖୋର୍ଦ୍ଧାଗଡ଼ ଏବଂ ବାଘମାରୀ ଅତ୍ରି ସ୍ଥିତ ଉଷ୍ଣପ୍ରସ୍ରବଣ ପରିଦର୍ଶନ ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗୀୟ ସମନ୍ୱୟତା ଏବଂ ଲୋକଙ୍କ ସହଭାଗିତାରେ ପ୍ରକଳ୍ପ କାର୍ଯ୍ୟ କରାଯିବ। ପ୍ରକଳ୍ପ ନିର୍ମାଣରେ ରହିଥିବା ଜମିଜମା, ଜଙ୍ଗଲ ବିଭାଗ ଅନୁମୋଦନ ଓ ଅନ୍ୟାନ୍ୟ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏବଂ ମନ୍ତ୍ରୀ ସୁରଜ ବରୁଣେଇ ପୀଠରେ ପହଞ୍ଚିବା ପରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଅନ୍ୟ ବିଭାଗୀୟ ଅଧିକାରୀ, ଭାଜପା କର୍ମୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପାଇକ ଆଖଡ଼ା ଦଳ ସମରକଳା ପ୍ରଦର୍ଶନ କରି ମଧ୍ୟ ସ୍ୱାଗତ ଜଣାଇଥିଲେ। ଏହାପରେ ଉଭୟେ ମା'ବରୁଣେଇ ଓ କରୁଣେଇଙ୍କ ଦର୍ଶନ କରିଥିଲେ। ଏଥିସହ ପ୍ରସ୍ତାବିତ ପାଇକ ସ୍ମାରକୀସ୍ଥଳ ପରିଦର୍ଶନ କରିଥିଲେ। ପରେ ଗଡ଼ଖୋର୍ଦ୍ଧାରେ ପହଞ୍ଚି ଦୁର୍ଗର ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ସ୍ମାରକୀ ନିର୍ମାଣ ଦାୟିତ୍ୱରେ ଥିବା ଆଇଓସିଏଲ୍ ଦ୍ୱାରା ପ୍ରସ୍ତୁତ ନକ୍ସା ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରୁ ଅତ୍ରି ଉଷ୍ଣପ୍ରସ୍ରବଣ ପରିଦର୍ଶନ ସହ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ମହାଦେବଙ୍କ ଦର୍ଶନ କରିଥିଲେ। ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପର୍ଯ୍ୟଟନସ୍ଥଳର ପୁନରୁଦ୍ଧାର ସମ୍ପର୍କରେ ସମୀକ୍ଷା କରିଥିଲେ। ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ, ଐତିହାସିକ ସୀତାଗୁମ୍ଫା ସମେତ ଅନ୍ୟ ଐତିହ୍ୟ ସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ପାହାଡ଼ ଉପରେ ବକ୍ସିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ରୋପ୍ ୱେ, ଇକୋ ଟୁରିଜମ ପାଇଁ ବିଧାୟକ ଜଗଦ୍ଦେବ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବିତ ପାଇକ ସ୍ମାରକୀ ସମୀକ୍ଷା ବେଳେ ରହିଥିବା ଜଙ୍ଗଲ ଜମି ସମସ୍ୟାକୁ ନେଇ ଉପମୁଖ୍ୟମନ୍ତ୍ରୀ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଜଙ୍ଗଲ ବିଭାଗ କ୍ଲିୟରାନ୍ସ ଲାଗି ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସ୍ମାରକୀ ନିର୍ମାଣ ପାଇଁ ପୂର୍ବ ସରକାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ୯.୬୮୫ ଏକର ଜମି ଯୋଗାଇ ଦେଇଛନ୍ତି। ଜଙ୍ଗଲ ବିଭାଗର ଅନୁମୋଦନକ୍ରମେ କାମ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହଭାଗିତାରେ ଓଏମ୍‌ସି ପକ୍ଷରୁ ଖୋର୍ଦ୍ଧାଗଡର ପୁନରୁଦ୍ଧାର ଏବଂ ପାଇକ ଗବେଷଣା କେନ୍ଦ୍ର ପାଇଁ ୩୦ କୋଟି ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ପ୍ରସ୍ତୁତ କରାଯାଇଥିବା ବେସିକ ପ୍ଲାନ ସମ୍ପର୍କରେ ବୁଝାଇଥିଲେ। ଏହି ବୈଠକରେ ଜିଲାପାଳ, ଏସ୍‌ପି ଅବିନାଶ କୁମାର, ବିଧାୟକ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିବ ରାମଚନ୍ଦ୍ର ଯାଦବ, ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଭାଜପା ନେତା ସୁଦୀପ୍ତ ରାୟ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ଖୋର୍ଦ୍ଧା ପର୍ଯ୍ୟଟନ ଶିଳ୍ପ ବିକାଶ ସହ ଓଡ଼ିଆ ଅସ୍ମିତାର କଥା କହିବ। ଦାୟିତ୍ୱ ଗ୍ରହଣ ପରେ ଅନେକ ପାଇକ ସଙ୍ଗଠନକୁ ଭେଟିଛି। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା, ଗୌରବ। ପାଇକ ବୀରଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟର ପ୍ରତୀକ ହେବ ପାଇକ ସ୍ମାରକୀ। ବରୁଣେଇ ପାହାଡ, ଖୋର୍ଦ୍ଧାଗଡ, ସ୍ମାରକୀ, ପାଇକ ଗବେଷଣା କେନ୍ଦ୍ର ଶ୍ରେଷ୍ଠତ୍ୱର ପରିଚୟ ବହନ କରିବ। ଓଡ଼ିଆଙ୍କ ଅସ୍ମିତା ବିଶ୍ୱରେ ଝଲସିବ। ସେହିପରି ସଂସ୍କୃତି ମନ୍ତ୍ରୀ ସୁରଜ କହିଛନ୍ତି, ଖୋର୍ଦ୍ଧାର ଏକ ସମୃଦ୍ଧ, ଗୌରବମୟ ଇତିହାସ ରହିଛି। ଭାରତୀୟ ସଂଗ୍ରାମରେ ପାଇକ ବୀରଙ୍କ ବୀରତ୍ୱ ଅତୁଳନୀୟ। ରାଜ୍ୟ ସରକାର ପର୍ଯ୍ୟଟନ ବିକାଶ ପାଇଁ ୨ଶହ କୋଟି କର୍ପସ ପାଣ୍ଠି ଘୋଷଣା କରିଛନ୍ତି। ସେଥିରେ ପାଇକ ସ୍ମାରକୀ ନିର୍ମାଣ ସାମିଲ ଅଛି। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହ ଇଣ୍ଡିଆନ ଅଏଲ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଓଡ଼ିଆ ଅସ୍ମିତାର ପୁନଃଜାଗରଣ, ପ୍ରତିଷ୍ଠା, ପାଇକ ବିଦ୍ରୋହର ମୁଖ୍ୟବିନ୍ଧାଣି ପଞ୍ଚ ପାଇକଙ୍କୁ ଓଡ଼ିଶା କି ଦେଶ ନୁହଁ ବରଂ ସମଗ୍ର ବିଶ୍ୱ ଜାଣିବାର ଆବଶ୍ୟକତା ରହିଛି। ସେମାନଙ୍କ ତ୍ୟାଗ, ବଳିଦାନର ସମୀକ୍ଷା କରିବାର ସମୟ ଆସିଛି, ଏଥିଲାଗି ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ଆଗକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।


ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲାପାଳ ଏବଂ ଅନ୍ୟମାନେ।

**ଉପମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ**

■ ଖୋର୍ଦ୍ଧା ହେବ ବିଶ୍ୱର ପ୍ରମୁଖ ପର୍ଯ୍ୟଟନସ୍ଥଳ

# ଜୈବିକ ସାର ପ୍ରୟୋଗ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୮।୮ (ସନ୍ଧ୍ୟାରାଣୀ ମିଶ୍ର)

ଚାଷୀମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରିବା ଫଳରେ ବିଭିନ୍ନ ପ୍ରକାର ରୋଗ ଓ ସମସ୍ୟା ଦେଖା ଦେଇଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଜୈବିକ ପଦ୍ଧତିର ସାରକୁ ପ୍ରୟୋଗ କରିବା ପାଇଁ ଭାନୁ ଅର୍ଗାନିକ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାରେ ଅଗ୍ରଣୀ ଚାଷୀଙ୍କୁ ନେଇ ଜୈବିକ ପଦ୍ଧତିର ସାର, ରାଶନ ସାମଗ୍ରୀ ଓ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଇବା ଆଦି କାର୍ଯ୍ୟକ୍ରମ ହାତକୁ ନେଇ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ କରିବ ବୋଲି ପ୍ରଶିକ୍ଷାର୍ଥୀଙ୍କୁ ସୂଚନା ଦେଇଛନ୍ତି। ଏଥିରେ ଜିଲା ସଂଯୋଜକ ହସିନା ବେଗମଙ୍କ ଅଧ୍ୟକ୍ଷତା ଏବଂ ଅମଜାଦ ଅଲ୍ଲୀଖାନଙ୍କ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସମାଜସେବୀ ମଳୟ ରଞ୍ଜନ ପଣ୍ଡା, ପରମାନନ୍ଦ ସାହୁ, କମ୍ପାନୀର ନିର୍ଦ୍ଦେଶକ ରିଶବ କୁମାର, ସହକାରୀ ନିର୍ଦ୍ଦେଶକ ରାକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ହଳଦିଆ କଲେଜ ଅଧ୍ୟକ୍ଷ ପ୍ରସଙ୍ଗ: ପ୍ରଶ୍ନକୁ ଏଡ଼ାଇଦେଲେ ମନ୍ତ୍ରୀ

ଖୋର୍ଦ୍ଧା,୮।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ପର୍ଯ୍ୟଟନସ୍ଥଳ ବିକାଶ ନେଇ ସମୀକ୍ଷା ବୈଠକରେ ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଭିନ୍ନ ରୂପରେଖ, ଅସ୍ମିତା ସମ୍ପର୍କରେ କହିଥିଲେ। ଏହି ସମୟରେ ଧରିତ୍ରୀ ଖବରଦାତା ପ୍ରଭାତ ପାଣିଗ୍ରାହୀ ହଳଦିଆ କଲେଜ ଅଧ୍ୟକ୍ଷ ପ୍ରସଙ୍ଗ ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କୌଣସି ଉତ୍ତର ନ ଦେଇ ଶ୍ରୀଜଗନ୍ନାଥ ତୁମର ମଙ୍ଗଳ କରନ୍ତୁ ବୋଲି କହି ଏଡ଼ାଇ ପଳାଇଯାଇଥିଲେ। ତେବେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ସେଠାରେ ଉପସ୍ଥିତ ଖବରଦାତା ଏବଂ ଅନ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଏହି କଲେଜ ପୂର୍ବତନ ଅଧ୍ୟକ୍ଷ ଏବଂ ଇନଚାର୍ଜ ଅଧ୍ୟକ୍ଷ ବିବାଦକୁ ନେଇ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ବିଧାନସଭାରେ ପ୍ରଶ୍ନ କରିଥିଲେ। ଏ ପ୍ରସଙ୍ଗରେ ମନ୍ତ୍ରୀ ବିଧାୟକଙ୍କ ପ୍ରତିଉତ୍ତର ମଧ୍ୟ ରଖିଥିଲେ। କଲେଜର ଶୈକ୍ଷିକ ପରିବେଶ କିଭଳି ଫେରିବ ସେନେଇ ଛାତ୍ରୀଛାତ୍ରଙ୍କଠାରୁ ଅଭିଭାବକ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଛନ୍ତି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବେଗୁନିଆ,୮।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ପ୍ରେକ୍ଷାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱ ଏବଂ ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଟିପିସିଓଡିଏଲର ଉପଖଣ୍ଡ ଅଧିକାରୀ ଇଂ. ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ, ଲକ୍ଷ୍ମୀ ଦେଇ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସାଧୀନତା ଦିବସ ପାଳନର ରୂପରେଖ ପ୍ରସ୍ତୁତ କରିବା ସହ ୫ଟି ସାଂସ୍କୃତିକ ଦଳ ଏବଂ ୧୩ ବିଦ୍ୟାଳୟରୁ ମୋଟ ୩୭୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଆରତ ମାଝୀ, କରୁଣାକର ଦଳସିଂହରାୟ, ଯୋଗେଶ୍ୱର ପଣ୍ଡା, ସୁଶାନ୍ତ ମହାପାତ୍ର, ନବ କିଶୋର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅଖିଳେଶ କୁମାର ମହାପାତ୍ର ସଂଯୋଜନା କରିଥିବା ବେଳେ ଶିକ୍ଷକ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



# ମାର୍କଣ୍ଡ ବରିଶଲ ନିଖୋଜ ଅଭିଯୋଗ

**ଜଟଣୀ,୮।୮ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ନିକଟ ହରିରାଜପୁର ଗ୍ରାମର ମାର୍କଣ୍ଡ ବରିଶଲ ଗତ ୧୫ତାରିଖରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ରାମ ଦେଇ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। କିଛିଦିନ ହେବ କୌଣସି କାରଣ ଯୋଗୁ ମାର୍କଣ୍ଡ ମାନସିକ ଚିନ୍ତାରେ ରହିଥିଲେ। ଗତ ୧୫ ତାରିଖ ଭୋରରୁ କାହାକୁ କିଛି ନ ଜଣାଇ ସେ କେଉଁଆଡେ ଚାଲିଯାଇଛନ୍ତି ବୋଲି ଅଭିଯୋଗ ହୋଇଛି।


**ODISHA UNIVERSITY OF TECHNOLOGY AND RESEARCH**

TECHNO CAMPUS, GHATIKIA, P.O. - MAHALAXMI VIHAR
BHUBANESWAR-751029 ODISHA, INDIA

Advt. No OUTR/DCSE/2024-25/03, Dated 06.08.2024.

**E-TENDER CALL NOTICE FOR SETTING UP A "CENTRE OF EXCELLENCE ON DIGITAL MANUFACTURING"**

No.KK-113 : Tenders are invited from the reputed registered agencies / OEMs for setting up a "Centre of Excellence on Digital Manufacturing" for Skill Development, Research & Consultancy at OUTR, Bhubaneswar. Details regarding the eligibility criteria, terms and conditions and formats for submission of tender may be downloaded from the website https://tenderodissa.gov.in. The last date and time of submission of e-Tender documents through online mode is 05/09/2024 up to 6.00 P.M. The undersigned reserves the right to reject the tender without assigning any reason thereof.

OIPR-16005/11/0025/2425 **Sd./- Registrar**



**DIRECTORATE OF HEALTH SERVICES, ODISHA, BHUBANESWAR**

E-mail :- dhsodisha@gmail.com / Telephone :- 0674-2390536, Fax :- 0674-2390825

No. 02//Bhubaneswar, the 07.08.2024

**NOTICE** No.E-190

**Dr. Sunita Sethy, Ex-MO, PHC(N), Sanitota, under CHC, Tangi, Dist. - Cuttack**
**(DoB : 02.04.1978/OPSC Notification No.27289/H of 2003, Sl. No. 232)**

Sub : Departmental Proceedings drawn up against you :- Regarding.

Whereas, a Departmental Proceedings has been instituted against you vide Govt. Memorandum No. 16500/H&FW dt.20.06.2018 under Rule - 15 of the Odisha Civil Services (CC&A) Rules, 1962. The said Govt. Memorandum could not have been served on you due to want of your present whereabouts in official records. You have not intimated your address to the immediate authority or to the Director of Health Services, Odisha or to the Administrative Department of Govt. of Odisha.

As such, you are hereby directed to appear personally before the Additional Director (HRH&R) of this Directorate during office hours on any working day within 15 (Fifteen) days from the date of publication of this Notice in the Newspaper positively to receive a copy of the Govt. Memorandum and submit your written statement of defence within next 15 (Fifteen) days from publication of this Notice positively, failing which it will be presumed that you have no Written Statement of defence to submit thereon & action as deemed proper will be taken ex-parte, on merits of available records.

**Sd./- Dr. B.K. Mohapatra**
**Director of Health Services, Odisha**

OIPR-10002/11/0004/2425


# ୧୦ କୋଟିରେ ହେବ ଅତ୍ରିର ବିକାଶ



ବେଗୁନିଆ,୮।୮ (ହର ପ୍ରସନ୍ନ ପଣ୍ଡା /ସନ୍ଧ୍ୟାରାଣୀ ମିଶ୍ର)

ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନଚିତ୍ରରେ ସ୍ଥାନିତ ହୋଇଥିବା ଅତ୍ରିସ୍ଥିତ ଉଷ୍ଣପ୍ରସ୍ରବଣ କ୍ଷେତ୍ରର ହେବ ବିକାଶ। ୧୦କୋଟି ଟଙ୍କା ବ୍ୟୟରେ ଉଷ୍ଣ ପ୍ରସ୍ରବଣ କ୍ଷେତ୍ର ଏବଂ ହଟ୍ଟକେଶ୍ୱର ମନ୍ଦିର ଭିତ୍ତିଭୂମିର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବେଗୁନିଆ ବ୍ଲକର ଅତ୍ରି ପରିଦର୍ଶନରେ ଆସି ଏହି ଘୋଷଣା କରିଛନ୍ତି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଅତ୍ରି ସ୍ଥିତ ପର୍ଯ୍ୟଟନସ୍ଥଳ ପରିସରରେ ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚ ଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲାପାଳ ଚଞ୍ଚଳ ରାଣା, ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ। ଐତିହ୍ୟ, କିମ୍ବଦନ୍ତୀ ଏବଂ ବିଜ୍ଞାନକୁ ଉଲ୍ଲସିତ କରୁଥିବା ଅତ୍ରିର ଉଷ୍ଣପ୍ରସ୍ରବଣ କ୍ଷେତ୍ର କେବଳ ଓଡ଼ିଶାରେ ନୁହେଁ ଭାରତବର୍ଷରେ ଅନନ୍ୟ। ଏଠାକୁ ବର୍ଷସାରା ପର୍ଯ୍ୟଟକ ଓ ମାନସିକଧାରୀଙ୍କ ସୁଅ ଛୁଟୁଛି। ପୂର୍ବରୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ନ ହୋଇ ଅବହେଳିତ ହୋଇରହିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହେଲେ ଭିତ୍ତିଭୂମିର ବିକାଶ ହେବା ଜରୁରୀ। ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହଯୋଗରେ ୧୦ କୋଟି ଟଙ୍କା ବ୍ୟୟ କରାଯିବ। ଉଷ୍ଣପ୍ରସ୍ରବଣ କ୍ଷେତ୍ର, ହଟ୍ଟକେଶ୍ୱର ମନ୍ଦିର ଉନ୍ନତୀକରଣ ସହିତ ଐତିହାସିକ ପାର୍କ ନିର୍ମାଣ ହେବ। ତେବେ ପୂର୍ବ ସରକାରଙ୍କ ସମୟରେ ଅତ୍ରିର ବିକାଶ ଦିଗରେ ବ୍ୟୟବରାଦ ହୋଇଥିବା ୪କୋଟି ଟଙ୍କା ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ନ ଥିବାରୁ ମନ୍ତ୍ରୀ ସୂରଜ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଅନନ୍ୟ ସମସ୍ତ ମନ୍ଦିର ଭିତ୍ତିଭୂମିର ବିକାଶ ଦିଗରେ ଗୁରୁତ୍ୱ ଦେବାକୁ ଭାଜପା ରାଜ୍ୟପରିଷଦ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ସେଥିରେ ଗଡ଼ମାଣତୀର ରାମଚଣ୍ଡୀଙ୍କ ପୀଠ, ଗୋଡ଼ା ଲୋକନାଥ ଦେବଙ୍କ ପୀଠ, ବେଗୁନିଆ ବରମୁଳେଇ ପୀଠ, ମଣ୍ଡନଗିରି ପୀଠ, ମା'କୋଶଳାଶୁଣୀ, ଝିକୀମିକି, ବାଙ୍କୋଇ ତାରେଶ୍ୱର ଦେବ ଏବଂ ବୁଢ଼ୀଭୂଇଁଆଣୀ ପୀଠର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ମଣ୍ଡଳ ସଭାପତି ସଞ୍ଜୟ ବେହେରା, ବାପି ପାଟ୍ଟଶାଣୀ, ସୁମନ୍ତ ପ୍ରଧାନ, ସଞ୍ଜୟ ମହାପାତ୍ର, ଅଜିତ ପଟ୍ଟନାୟକ, ଜଗବନ୍ଧୁ ମୁଦୁଲି, ବିନୋଦ ମହାରଣା, ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ମାନସ ମହାପାତ୍ର, ସଞ୍ଜୟ ପ୍ରଧାନ, ଦୁଷ୍ମନ୍ତ ହରିଚନ୍ଦନ, ପ୍ରତାପ ମହାପାତ୍ର, ଲକ୍ଷ୍ମୀଧର ବଳିୟାରସିଂହଙ୍କ ସମେତ ଭାଜପାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12500 IND-II-PH-୮୧୩ ତା.08.08.2024
No. CAD-800

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ଓଡ଼ିଶାର ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମରେ ସର୍ବ-ପାଣିପାଗ ମଲ୍ଟି-ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦର ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India), ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୩.୦୯.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା, ଅସ୍ତରଙ୍ଗ ଗ୍ରାମ ସ୍ଥିତ ବ୍ଲକ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ପୁରୀ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଭୁବନେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**

OSPCB-PH-MISC-0020-2024/3/2024 OIPR-08012/11/0054/2425



**DISTRICT EDUCATION OFFICE, NUAPADA**
**(PM POSHAN SCHEME)**
**No.5560/PM Poshan-13/2024, Date 08.08.24**

**TENDER CALL NOTICE**

Sealed Tenders are invited in the prescribed forms from the intending Individuals / Firms / Transporting Agent having valid Common carrier License for engagement of Transporting Agent under PM Poshan scheme for transportation of foodstuff (Rice) from OSCSC Ltd godown to School points of Nuapada District for the FY 2024-25. The Tender Paper containing detail Terms & Conditions can be downloaded from the district website http//www.nuapada.nic.in. The cost of tender paper is Rs.10,000/- (Rupees Ten Thousand) only which is to be deposited in shape of Demand Draft/ Banker cheque in favour of District Education Officer, Nuapada and enclose in the technical bid of the tender. The cost of tender paper is non-refundable. The Tender Paper complete in all respect along with other required documents should be submitted in sealed cover superscripted as "TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25" to the address of the District Education Officer, Nuapada either by Registered or Speed Post only so as to reach on or before 05.30 PM of 29.08.2024. The Tender shall be opened on dt: 30.08.2024 at 11.00 AM. The tender received beyond the scheduled date & time and incomplete tenders shall not be taken into consideration. This office will not be responsible for any postal delay.
The authority reserves the right to reject any or all the tenders without assigning any reason thereof.

**Sd./-Collector, Nuapada**

# ଭିତ୍ତିଭୂମି ନ ଥାଇ ସଜାଗ ନିର୍ଦ୍ଦେଶ

ପୁରୀ/ଅସ୍ତରଙ୍ଗ/କୋଣାର୍କ/ବ୍ରହ୍ମଗିରି,୮।୮(ଅଜିତ କୁମାର ମହାନ୍ତି/ପ୍ରଦୀପ୍ତ କୁମାର ଦୀକ୍ଷିତ/ଜ୍ୟୋତିରାଜ ମହାନ୍ତି/ସ୍ୱାଧୀନ ଚମ୍ପତିରାୟ)

ସଂରକ୍ଷଣକୁ ନେଇ ପଡ଼ୋଶୀ ବାଂଲାଦେଶରେ ହିଂସା ଜାରି ରହିଛି। ସେଠାରେ ଭାରତ ବିରୋଧୀ କାର୍ଯ୍ୟକଳାପ ବଢ଼ିବା ସହ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଯାଉଛି। ଏଭଳି ସ୍ଥିତିରେ ସେଠାକାର ହିନ୍ଦୁ ତଥା ଅନ୍ୟ ସମ୍ପ୍ରଦାୟର ଲୋକେ ଦେଶ ଛାଡ଼ି ଭାରତରେ ଅନୁପ୍ରବେଶ କରିବାର ସମ୍ଭାବନା ରହିଛି। ଏପରିକି ଭାରତ ବିରୋଧୀ ସଙ୍ଗଠନର ସଦସ୍ୟ ତଥା ଅସାମାଜିକ ତତ୍ତ୍ୱ ସମୁଦ୍ରପଥରେ ଆମ ଦେଶକୁ ଆସି ଅଘଟଣ ଘଟାଇବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମସ୍ତ ମେରାଇନ ଥାନାକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଓଡ଼ିଶା ପୋଲିସ ପକ୍ଷରୁ ମଧ୍ୟ ସତର୍କ କରାଯାଇଛି। ପୁରୀ ଜିଲାର ସମସ୍ତ ମେରାଇନ୍ ଥାନା ସଜାଗ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ତେବେ ମେରାଇନ ଥାନାଗୁଡ଼ିକର ଦୁର୍ବଳ ଭିତ୍ତିଭୂମି ଯୋଗୁ କିପରି କୌଣସି ସମ୍ଭାବ୍ୟ ଅଘଟଣର ମୁକାବିଲା କରାଯାଇପାରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଉପକୂଳ ଅଞ୍ଚଳରେ ଏବେ ବହୁଳ ସଂଖ୍ୟାରେ ବଙ୍ଗ ଭାଷାଭାଷୀ ଲୋକ ରହୁଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ କେତେକ ବଙ୍ଗଭାଷୀ ବ୍ୟକ୍ତି ରହୁଥିବା ବେଳେ ଏମାନଙ୍କ ମଧ୍ୟରୁ କିଏ ବାଂଲାଦେଶୀ ଓ କିଏ ପଶ୍ଚିମବଙ୍ଗ ବାସିନ୍ଦା ତାହା ଜାଣିବା କଷ୍ଟକର। ଏବେ ମଧ୍ୟ ଉକ୍ତ ଅଞ୍ଚଳକୁ ଅନୁପ୍ରବେଶ ଜାରି ରହିଥିବା ଶୁଣିବାକୁ ମିଳୁଛି। ଜଳପଥରେ ହେଉଥିବା ଅନୁପ୍ରବେଶ, ଆତଙ୍କବାଦୀ ଓ ବେଆଇନ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବାକୁ ପୁରୀ ଜିଲାରେ ୪ଟି ସାମୁଦ୍ରିକ ଥାନା ଖୋଲାଯାଇଥିଲା। ସେଗୁଡ଼ିକ ହେଲା-ପୁରୀର ପେଣ୍ଟକଟା, କୋଣାର୍କର ଚନ୍ଦ୍ରଭାଗା, ବ୍ରହ୍ମଗିରିର ଅରଖକୁଦା ଏବଂ ଅସ୍ତରଙ୍ଗ ମେରାଇନ୍ ଥାନା। ୨୦୧୪ରେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲା। ସ୍ଥଳପଥରେ କିଛି ପଞ୍ଚାୟତ ସହିତ ଜଳପଥରେ ୧୪ ନଟିକାଲ ମାଇଲ ପର୍ଯ୍ୟନ୍ତ ନଜର ରଖିବାକୁ ଏହି ଥାନା କାର୍ଯ୍ୟକ୍ଷମ କରାଯାଇଥିଲା। ଥାନାରେ ୧୭ ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ସମ୍ପ୍ରତି ୧୦ଜଣ ଅଛନ୍ତି। ଅତ୍ୟାଧୁନିକ ବନ୍ଧୁକ, ଅସ୍ତ୍ରଶସ୍ତ୍ର ନାହିଁ। କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ଅଭାବ। ଥାନାରେ ବୋଟ୍ ଥିଲେ ମଧ୍ୟ କିଛିଦିନ ହେବ ବ୍ୟାଟେରି ଖରାପ ଯୋଗୁ କାମରେ ଲାଗିପାରୁନାହିଁ। ଅନ୍ୟପକ୍ଷରେ ଆଲର୍ଟ ସୂଚନା ମିଳିବା ପରେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପକ୍ଷରୁ ମାଛଧରା ଜେଟି ସହିତ ଘାଟରେ ପୋଲିସ ମୁତୟନ କରାଯାଇଛି। କୌଣସି ଅଜଣା ଲୋକଙ୍କୁ ଦେଖିଲେ ପୋଲିସକୁ ଖବର ଦେବା ଲାଗି ମତ୍ସ୍ୟଜୀବୀ, ବୋଟ୍ ଓ ଟ୍ରଲର ମାଲିକମାନଙ୍କୁ କୁହାଯାଇଛି ବୋଲି ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି। ପେଣ୍ଟକଟା ମେରାଇନ୍ ଥାନାରେ ଜଣେ ଥାନା ଅଧିକାରୀଙ୍କ ସମେତ ୩ ଏଏସ୍ଆଇ, ୬ କନଷ୍ଟେବଲଙ୍କୁ ମିଶାଇ ମୋଟ ୧୦ ଜଣ କର୍ମଚାରୀ ରହିଛନ୍ତି। ତେବେ ବୋଟ୍ ନ ଥିବାରୁ ସମୁଦ୍ରରେ ପାଟ୍ରୋଲିଂ ହୋଇପାରୁନାହିଁ। ଥାନା ଅଧିକାରୀ ବବିତା ଦଳାଇ କହିଛନ୍ତି, କର୍ମଚାରୀମାନେ ସର୍ବଦା ସଜାଗ ରହିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଉଛି। ସମୁଦ୍ରପଥ ଉପରେ କଡ଼ା ନଜର ରଖାଯାଇଛି। ସେହିପରି ଚନ୍ଦ୍ରଭାଗା ମେରାଇନ୍ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ସାଙ୍ଗକୁ ବୋଟ୍ ନ ଥିବାରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉ ନ ଥିବା ଜଣାପଡ଼ିଛି। ଥାନା ଅଧିକାରୀ ପ୍ରତିମା ସାହୁ କହିଛନ୍ତି, ସ୍ଥଳପଥରେ ନିୟମିତ ପାଟ୍ରୋଲିଂ କରାଯାଉଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଅପରପକ୍ଷେ ଅରଖକୁଦା ମେରାଇନ୍ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ୨ ଏସ୍ଆଇ, ୧୦ କନ୍‌ଷ୍ଟେବଲ, ୪ ହାବିଲଦାର, ୨ ହୋମ୍‌ଗାର୍ଡ ଏବଂ ୨ ଡ୍ରାଇଭର ପଦବୀ ଖାଲିପଡ଼ିଛି। ସେହିପରି ବୋଟ୍ ନ ଥିବାରୁ ପାଟ୍ରୋଲିଂରେ ସମସ୍ୟା ଉପୁଜୁଛି। ଏଠାରୁ ୨୫ କି.ମି. ଦୂର ସାତପଡ଼ାରେ ବୋଟ ରହୁଛି। ବେଳେବେଳେ ଚିଲିକାର ଜଳସ୍ତର କମିଗଲେ ବୋଟ୍ ଏଠାକୁ ଆସିପାରୁନାହିଁ। ଅରଖକୁଦା ମେରାଇନ୍ ଥାନା ଅଧିକାରୀ ସସ୍ମିତା ବେହେରା କହିଛନ୍ତି, ସମସ୍ୟା ଥିଲେ ମଧ୍ୟ ଆମେ କର୍ତ୍ତବ୍ୟରେ ହେଳା କରୁନାହୁଁ। ଏବେ ଆଲର୍ଟ ପରେ କର୍ମଚାରୀମାନେ ଅଧିକ ସଜାଗ ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସମସ୍ୟା ଯୋଗୁ ଉପରୋକ୍ତ ୪ ଥାନାର ଦକ୍ଷତାକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ନିୟମିତ ଭାବେ ବେଳାଭୂମିରେ ପାଟ୍ରୋଲିଂ କରାଯିବା ସହ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯାଉଛି। କୋଷ୍ଟଗାର୍ଡ ସହିତ ମେରାଇନ୍ ଥାନା ପୋଲିସ ପାଟ୍ରୋଲିଂ କରୁଛି। ପୁରୀ ପୋଲିସ ସମ୍ପୂର୍ଣ୍ଣ ସତର୍କ ରହିଛି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ଏବଂ ଅନୁପ୍ରବେଶ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ପୁରୀ ମେରାଇନ୍ ଥାନା ଜଳପଥ ଉପରେ କଡ଼ା ନଜର ରଖିଛି। ତେଣୁ ଭୟଭୀତ ହେବାର ନାହିଁ। କାହା ପକ୍ଷରୁ ବିଭ୍ରାନ୍ତିକର ସୂଚନା ପ୍ରଚାର କିମ୍ବା ପ୍ରସାର କରା ନ ଯିବାକୁ ଜିଲାପାଳ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

## ସମସ୍ୟାରେ ୪ ମେରାଇନ ଥାନା



ନୂଆଗଡ଼ ଜେଟିରେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

- ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ, ନାହିଁ ପର୍ଯ୍ୟାପ୍ତ ସରଞ୍ଜାମ
- ହୋଇପାରୁନି ପାଟ୍ରୋଲିଂ, ସମ୍ଭାବ୍ୟ ଅନୁପ୍ରବେଶ ମୁକାବିଲା ନେଇ ପ୍ରଶ୍ନ

## 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା' ଆଲୋଚନା ସରିଲା

ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ଆଦିକବି ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଉତ୍କଳ ରଙ୍ଗମଞ୍ଚରେ ଚାଲିଥିବା 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଉଦଯାପିତ ହୋଇଯାଇଛି। ଶେଷ ଦିବସରେ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ସିକତା ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଆଲୋଚନାଚକ୍ରର ପ୍ରଥମ ପର୍ଯ୍ୟାୟ ଆଲୋଚ୍ୟ ବିଷୟବସ୍ତୁ ଥିଲା 'ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ତାଳ ଓ ବାଦ୍ୟଯନ୍ତ୍ର'। ବକ୍ତା ଭାବେ ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଗୁରୁ ଧନେଶ୍ୱର ସ୍ୱାଇଁ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ 'ଓଡ଼ିଶୀ ସଙ୍ଗୀତର ଅନନ୍ୟ ରାଗ' ଉପରେ ବକ୍ତା ଡ. ବିଜୟ ଜେନା ଓ ତୃତୀୟ ପର୍ଯ୍ୟାୟରେ 'ହିନ୍ଦୁସ୍ଥାନୀ, କର୍ନାଟକୀ ଏବଂ ଓଡ଼ିଶୀ- ଏକ ତୁଳନାତ୍ମକ ବିଶ୍ଳେଷଣ' ଉପରେ ବକ୍ତା ମହେଶ୍ୱର ରାଓ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଂଲାଦେଶରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ପୋଡ଼ିବା ପ୍ରତିବାଦରେ ଗୁରୁବାର ଜଗନ୍ନାଥ ସେନା ପକ୍ଷରୁ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଜାଳି ପ୍ରତିବାଦ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମହମ୍ମଦ ସିକନ୍ଦର ଆଲାମ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତଜ୍ଞ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କ ଚତୁର୍ଦ୍ଦଶ ବାର୍ଷିକ ପୁଣ୍ୟତିଥି ଗୁରୁବାର ରବୀନ୍ଦ୍ରମଣ୍ଡପ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସାମାଜିକ କର୍ମୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ସତ୍ୟବ୍ରତ ଜେନା, ସ୍ୱର୍ଗତ ଆଲାମ୍‌ଙ୍କ କନ୍ୟା ସୋଫିଆ ଆଲାମ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍. ସୋଲେମାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଟ୍ରାକ୍ ପାର୍ଶ୍ୱରେ ନିରାପତ୍ତା ବାଡ଼ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୮।୮
(ଅନୁରାଧା ମହାରଣା)

ରେଳ ନିରାପତ୍ତା ବୃଦ୍ଧି କରାଇବା ସହିତ ଟ୍ରେନଗୁଡ଼ିକର ବେଗବୃଦ୍ଧି ବଢାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର-ପଲାସା ରେଳ ସେକ୍ସନରେ ନିରାପତ୍ତା ବାଡ଼ (ଫେନସିଂ) ପ୍ରକଳ୍ପ ଆରମ୍ଭ ହୋଇଛି। ଭୁବନେଶ୍ୱର ଏବଂ ପଲାସା ରେଳ ଷ୍ଟେଶନ ନିକଟ ଅଞ୍ଚଳ ସହିତ ବ୍ରହ୍ମପୁର-ଗୋଲନ୍ଥରା ରେଳ ସେକ୍ସନରେ ଛୋଟ ସମ୍ବେଦନଶୀଳ ସ୍ଥାନଗୁଡିକରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭ କି.ମି. ନିରାପତ୍ତାଜନିତ ଫେନ୍ସିଂ କାର୍ଯ୍ୟ ଶେଷ ହୋଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାୟ ୩.୯ କି.ମି ଅର୍ଥାତ୍ ପଲାସା ଷ୍ଟେଶନ ଅଞ୍ଚଳ ନିକଟରେ ୨୪୦୦ ମିଟର ଓ ବ୍ରହ୍ମପୁର-ଗୋଲନ୍ଥରା ରେଳ ସେକ୍ସନରେ ୧୫୦୦ ମିଟର ଡବଲ ଡବ୍ଲ୍ୟୁ ମେଟାଲ ବିମ୍ କ୍ରାସ ବ୍ୟାରିୟର ନିର୍ମାଣ କରାଯାଇଛି। ଏହା ବ୍ୟତୀତ ଭୁବନେଶ୍ୱର ନିକଟରେ ୧୬୦୦ ମିଟର ଫିକ୍ସଡ୍ ନଟ୍ ଫେନ୍ସିଂ ବ୍ୟାରିୟର କାର୍ଯ୍ୟ ମଧ୍ୟ କରାଯାଇଛି। ରେଳ ଧାରଣା ଉଚ୍ଚତା ପ୍ରାୟ ଚଳପ୍ରଚଳ ଅଞ୍ଚଳର ଭୂମିସ୍ତର ସହିତ ସମାନ ରହିଥିବାରୁ ଫେନସିଂ ପାଇଁ ଏହି ସ୍ଥାନଗୁଡିକ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଏହାଦ୍ୱାରା ଗୃହପାଳିତ ପ୍ରାଣୀଙ୍କ ଚଳାଚଳ ଏବଂ ଅନଧିକାର ପ୍ରବେଶ ଉପରେ ରୋକ୍ ଲଗାଯାଇପାରିବ ବୋଲି ଆଶା କରାଯାଉଛି। ରେଳ ମନ୍ତ୍ରଣାଳୟ ଟ୍ରାକ୍ ନିକଟରେ ନିଜ ସୀମା ମଧ୍ୟରେ ଏଭଳି ବାଡ଼ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ସୂଚନାଥାଉକି, ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ-ପୁରୀ ରେଳ ସେକ୍ସନରେ ରେଳ ଧାରଣା କଡରେ ନିରାପତ୍ତା ବାଡ ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ୨୭୫.୦୧ କୋଟି ମଞ୍ଜୁର କରିଛି। ଏହା ସହିତ ୧୩୦ କି.ମି. ଓ ତା'ଠାରୁ ଅଧିକ ବେଗରେ ଟ୍ରେନର ନିରାପଦ ଚଳାଚଳକୁ ମଧ୍ୟ ସହଜ କରିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି।

## ୧ କୋଟିରୁ ଊର୍ଦ୍ଧ୍ୱ ମହିଳା, ଶିଶୁଙ୍କୁ କୃମିନାଶ ଔଷଧ ଦିଆଯିବ

**୧୦ରୁ କୃମିମୁକ୍ତ ଅଭିଯାନ ସହ ଭିଟାମିନ୍-ଏ ସପ୍ଲିମେଣ୍ଟେଶନ୍ ପ୍ରୋଗ୍ରାମ୍ କାର୍ଯ୍ୟକାରୀ ହେବ**

ଭୁବନେଶ୍ୱର, ୮।୮ (ବନ୍ଦନା ସେଠୀ)

କୃମିମୁକ୍ତ ଓଡ଼ିଶା ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆସନ୍ତା ୧୦ ତାରିଖ ଜାତୀୟ କୃମି ନାଶକ ଦିବସ(ଏନ୍‌ଡିଡି)ରେ ୧କୋଟିରୁ ଅଧିକ ପ୍ରଜନନକ୍ଷମ ବୟସର ମହିଳା ଏବଂ ଶିଶୁଙ୍କୁ କୃମିନାଶକ ଔଷଧ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ଉକ୍ତଦିନରେ ବାଦ୍ ପଡିଥିବା ହିତାଧିକାରୀମାନେ ୧୭ ତାରିଖରେ ମଧ୍ୟ କୃମିନାଶକ ଔଷଧ ଖାଇପାରିବେ। କୃମିମୁକ୍ତ ଅଭିଯାନ ସହିତ ଭିଟାମିନ୍-ଏ ସପ୍ଲିମେଣ୍ଟେଶନ୍ ପ୍ରୋଗ୍ରାମ୍ କାର୍ଯ୍ୟକାରୀ ହେବ। ଅଗଷ୍ଟ ମାସରେ ୯ ରୁ ୬୦ ମାସ ବୟସର ଶିଶୁମାନଙ୍କୁ ଭିଟାମିନ୍-ଏ ରୁଟିନ୍ ଇମ୍ୟୁନାଇଜେଶନ୍ ସାଇଟ୍ ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଞ୍ଜୁକ୍ତା ସାହୁ ସୂଚନା ଦେଇଛନ୍ତି। ଗୁରୁବାର ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ଡା. ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୬ରୁ ୧୯ ବର୍ଷ ବୟସର ପିଲା ଓ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ କୃମିନାଶକ ବଟିକା (ଆଲ୍‌ବେଣ୍ଡାଜୋଲ୍) ଦିଆଯିବ। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀ ଏହାକୁ ପ୍ରଦାନ କରିବେ। ଏଥିସହିତ ୧ରୁ ୫ ବର୍ଷର ଶିଶୁମାନଙ୍କୁ ଆଲ୍‌ବେଣ୍ଡାଜୋଲ୍ ଦ୍ରବଣ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଯୋଗାଇ ଦିଆଯିବ। ଜାତୀୟ କୃମି ନାଶକ ଦିବସର ଏହି ପର୍ଯ୍ୟାୟରେ ୧୯ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, କଟକ, ଦେଓଗଡ଼, ଗଜପତି, ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର, ନୂଆପଡା, ରାୟଗଡା ଏବଂ ପୁରୀରେ ଆୟୋଜିତ ହେବ। 'ଲିମ୍ଫାଟିକ୍ ଫାଇଲାରିଆସିସ୍-ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏଲ୍‌ଏଫ୍‌ଏମ୍‌ଡିଏ) ଚିହ୍ନଟ କରାଯାଇଥିବା ଇମ୍ପ୍ଲିମେଣ୍ଟେଶନ୍ ୟୁନିଟ୍ (ଆଇୟୁ)/ଅବଶିଷ୍ଟ ୧୧ଟି ଜିଲାର ବ୍ଲକ୍ ୧ରୁ ୨ ବର୍ଷର ଶିଶୁମାନଙ୍କୁ ଏନ୍‌ଡିଡି ଅଧୀନରେ ଆଲ୍‌ବେଣ୍ଡାଜୋଲ୍ ଦ୍ରବଣ ଯୋଗାଇ ଦିଆଯିବ। ଅପରପକ୍ଷେ ୧୧ଟି ଜିଲାର କାର୍ଯ୍ୟକାରୀ ହୋଇ ନ ଥିବା ଅବଶିଷ୍ଟ ବ୍ଲକଗୁଡିକରେ ଶିଶୁ ଏବଂ ମହିଳାମାନଙ୍କୁ ଏନ୍‌ଡିଡି ଅଧୀନରେ କୃମିନାଶକ ଔଷଧ ଦିଆଯିବ। ଏହି ଅଭିଯାନରେ ସମସ୍ତ ସରକାରୀ ଓ ସରକାରଙ୍କ ଦ୍ୱାରା ଅନୁମୋଦିତ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, ଶିଶୁ ବାଟିକା ଓ ଶିଶୁ ଯତ୍ନ ଅନୁଷ୍ଠାନଗୁଡିକ ଅନ୍ତର୍ଭୁକ୍ତ ହେବେ ବୋଲି ଡା. ସାହୁ ସୂଚନା ଦେଇଛନ୍ତି। ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଲେ, ଆମ ଶିଶୁଙ୍କ ସ୍ୱାସ୍ଥ୍ୟରକ୍ଷା ଓ ସୁସ୍ଥ ସମାଜ ଗଠନ ପାଇଁ ଜାତୀୟ କୃମି ନାଶକ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ର, ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡା. ସ୍ମୃତିଜିତ୍ ପଟ୍ଟନାୟକ ଏବଂ ୟୁନିସେଫ୍‌ର ପୋଷଣ ଅଧିକାରୀ ଡା. ସଞ୍ଜୟ କୁମାର ସାହୁ ଉପସ୍ଥିତ ଥିଲେ।




ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଞ୍ଜୁକ୍ତା ସାହୁଙ୍କ ସହ ଅନ୍ୟମାନେ ଏନ୍‌ଡିଡି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଟ୍ରକ୍ ଡ୍ରାଇଭର ଗିରଫ

ଫୁଲନଖରା,୮।୮(ସତ୍ୟରଞ୍ଜନ ଦାସମହାପାତ୍ର)- ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ କଟକ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ବାଙ୍କୀରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଙ୍କୀ ଥାନା ଅଧୀନ ଫୁଲବାଡ଼ି ଗ୍ରାମର ପ୍ରଦୀପ ସାହୁ(୨୫)। ସେ ଜଣେ ଟ୍ରକ୍ ଡ୍ରାଇଭର। ପୂର୍ବରୁ ନାବାଳିକାଙ୍କ ପରିବାର ଲୋକ ବାରଙ୍ଗ ଥାନା ଗୋଡ଼ି ସାହିରେ ରହୁଥିଲେ। ପ୍ରଦୀପ ଓ ନାବାଳିକାଙ୍କ ବାପାଙ୍କ ମଧ୍ୟରେ ପୂର୍ବରୁ ଭଲ ସମ୍ପର୍କ ଥିବାରୁ ସେ ବାରମ୍ବାର ତାଙ୍କ ଘରକୁ ଆସୁଥିଲେ। ପରେ ନାବାଳିକାଙ୍କ ପରିବାର ଲୋକ କଟକ ସଦର ଥାନା ନୂଆଗଡ଼ ଅଞ୍ଚଳରେ ରହିଥିଲେ। ପ୍ରଦୀପ ଗତ ଜୁଲାଇ ୨୫ରେ ସେଠାକୁ ଆସି ଉକ୍ତ ନାବାଳିକାଙ୍କୁ ଅପହରଣ କରି ପଞ୍ଜାବ ନେଇ ଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ନଂ(୩।୮/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୨ ତାରିଖରେ ପ୍ରଦୀପ ନାବାଳିକାଙ୍କୁ ଆଣି ଘର ନିକଟରେ ଛାଡ଼ି ଦେଇଥିଲେ। ପରେ ପୋଲିସ ପ୍ରଦୀପଙ୍କୁ ଗିରଫ କରିଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆକାଶ



@ ବିମଲ



@ ଜଟଶଙ୍କର



@ ସିଦ୍ଧାର୍ଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ଧନ୍ଦାମୂଳକ ତାଲିମ ଶିକ୍ଷାନୁଷ୍ଠାନ

**ବିଭାଗୀୟ ଅଧିକାରୀଙ୍କ ସହ ଜାପାନୀ ପ୍ରତିନିଧି ଦଳର ଆଲୋଚନା**



ଭୁବନେଶ୍ୱର,୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଗୁରୁବାର ଜାପାନୀ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଧନ୍ଦାମୂଳକ ତାଲିମ୍ ଶିକ୍ଷାନୁଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଆଲୋଚନା କରିଛନ୍ତି। ଜାପାନସ୍ଥିତ ସୁକୁବା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ରୁୟିଚି ଆଓକିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଓଡ଼ିଶା ଆସିଛି। ପ୍ରସ୍ତାବିତ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷା ଓ ତାଲିମ ପ୍ରଦାନ କରି ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜାପାନର ସୁକୁବା ବିଶ୍ୱବିଦ୍ୟାଳୟ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରୁଛି। ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ପ୍ରାୟ ୪୦ ପ୍ରତିଶତ ଛାତ୍ରୀଛାତ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ବୈଷୟିକ ଶିକ୍ଷା, ମେଡ଼ିକାଲ ଭଳି ଅନେକ କ୍ଷେତ୍ରରେ ଚାକିରି କରୁଛନ୍ତି। ଏହି ପ୍ରତିନିଧି ଦଳରେ ନିହୋଣ ଉତ୍କଳ ଏଣ୍ଟର ପ୍ରାଇଜେସ୍ ସର୍ଭିସେସ୍‌ର ଦେବେନ୍ଦ୍ର ମହାନ୍ତ, ନିଚ୍‌କଲର ବରିଷ୍ଠ ପରାମର୍ଶଦାତା କେଇ ୟାମାଗୁଚି, ଆକ୍ୟୁ ପଞ୍ଚର ଓ ମୋକ୍ସି ବୁସନ୍ ବିଭାଗର ମୁଖ୍ୟ ତୋମୋହିରୋ ମାଏଦା ଓ ନାଓସି ତେରାସାକି ସାମିଲ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନିୟତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ୍ୟପାନରୁ ଘଟିଥିଲା ଗୁଳିକାଣ୍ଡ: ଆଇଜି ଲାଲ୍

## ବିଧାୟକଙ୍କ ପିଏସ୍‌ଓ, ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟଣା

ସୋନପୁର,୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଭଣ୍ଡାର ପଞ୍ଚାୟତ ତୁଲିମାଳ ଗାଁ ଫୁଟ୍‌ବଲ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପିସ୍ତଲରୁ ଗୁଳିମାଡ଼ରେ ୨ଜଣଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗୁଳିମାଡ଼ରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ପିଏସ୍‌ଓ ମନୋଜ ଝାଙ୍କର(୩୦) ଓ ମନୋଜଙ୍କ କକା ପୁଅ ଭାଇ ଶେଷଦେବ ଝାଙ୍କର(୨୪)ଙ୍କ ମୃତ୍ୟୁ ଘଟିଥିଲା। ଅତ୍ୟଧିକ ମଦ୍ୟପାନରୁ ଏହି ଗୁଳିକାଣ୍ଡ ଘଟିଛି। ଏଥିରେ କୌଣସି ପୂର୍ବଶତ୍ରୁତା ନାହିଁ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଗୁରୁବାର ସୂଚନା ଦେଇଛନ୍ତି। ମନୋଜଙ୍କୁ ଦିଆଯାଇଥିବା ପିସ୍ତଲକୁ ନେଇ ଶେଷଦେବ ମଦ ନିଶାରେ ୫ ରାଉଣ୍ଡ ଫାଙ୍କା ଗୁଳଚାଳନା କରିଥିଲେ। ତେବେ ପୋଲିସ ଚାକିରି ନିୟମାବଳୀ ଦୃଷ୍ଟିରୁ ଏହା ବେଆଇନ ହୋଇଥିବାରୁ ମନୋଜ ଚିନ୍ତିତ ହୋଇପଡ଼ିଥିଲେ। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ସେ ମଦ ନିଶାରେ ଶେଷଦେବଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି କରିଥିଲେ। ପରେ ସାନଭାଇଙ୍କୁ ହତ୍ୟା କରିଥିବାରୁ ମାନସିକ ଭାରସାମ୍ୟ ହରାଇ ନିଜ ମୁଣ୍ଡକୁ ଲକ୍ଷ୍ୟକରି ପିସ୍ତଲରୁ ଗୁଳି କରିଥିଲେ। ୨ ଭାଇ ଘଟଣାସ୍ଥଳରେ ହିଁ ଟଳି ପଡ଼ିଥିଲେ ବୋଲି ପୋଲିସ କହିଛି।


ଆଇଜି ହିମାଂଶୁ କୁମାର ଲାଲ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଘଟଣା ଦିନ ତୁଲିମାଳ ଗାଁର ମନୋଜ, ଶେଷଦେବ, ଦେବାଶିଷ ବିଶି ଓ ଓକିଲ ବିଶିଙ୍କ ମଧ୍ୟରେ ବିନିକା ସହରରେ ସାକ୍ଷାତ ହୋଇଥିଲା। ସେମାନେ ବିନିକାରୁ ବିଦେଶୀ ମଦ କିଣିଥିଲେ। ସେଠାରୁ ମାହେଶ୍ୱରୀ ଢାବାକୁ ଯାଇ ସେମାନେ ମଦ ପିଇଥିଲେ। ପରେ ଆଉ ଗୋଟିଏ ମଦ ବୋତଲ କିଣି ଅପରାହ୍ନରେ ଗାଁ ଫୁଟ୍‌ବଲ ପଡ଼ିଆକୁ ଯାଇଥିଲେ। ଝିପିଝିପି ବର୍ଷା ହେଉଥିବା ସମୟରେ ପଡ଼ିଆରେ ବସି ସେମାନ ମଦ ପିଇଥିଲେ। କିଛି ସମୟ ପରେ ଦେବାଶିଷ ଜଣେ ସ୍କୁଲ ଛାତ୍ର ସହାୟତାରେ ନିଜ ଘରକୁ ଚାଲିଯାଇଥିଲେ। ରେଙ୍ଗାଲି ଟିକ୍ରା ଓ ଭଣ୍ଡାର ଗାଁର ୫ଜଣ ପିଲା ପଡ଼ିଆ ନିକଟକୁ ଯାଇ ଘଟଣାକୁ ଦେଖୁଥିଲେ। ଅଧିକ ମଦ୍ୟପାନ କରି ଓକିଲ ବିଶି ୪୦ ମିଟର ଦୂରରେ ସଂଜ୍ଞାହୀନ ଅବସ୍ଥାରେ ତଳେ ପଡ଼ିଥିଲେ। ମନୋଜ ଓ ଶେଷଦେବ ମଦ୍ୟପାନ ଜାରି ରଖିଥିଲେ। ମନୋଜଙ୍କୁ ପୋଲିସ ବିଭାଗରୁ ପ୍ରଦାନ କରାଯାଇଥିବା ୯ ଏମ୍‌ଏମ୍ ପିସ୍ତଲକୁ ଶେଷଦେବ ଧରିଥିଲେ। କିଛି ସମୟ ପରେ ପଡ଼ିଆ ଭିତରୁ ଗୁଳି ଫୁଟିବା ଶବ୍ଦ ଶୁଭିଥିଲା। ଗୁଳି ଶବ୍ଦ ଶୁଣି ପିଲାମାନେ ଭୟରେ ଘରକୁ ପଳାଇଯାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପିଲାଙ୍କ ଅଭିଭାବକ ଏବଂ ଓକିଲ ବିଶିଙ୍କ ଭାଇ ଘଟଣାସ୍ଥଳକୁ ଆସି ଶେଷଦେବ ତଳେ ଓ ମନୋଜ ଶେଷଦେବଙ୍କ ପେଟ ଉପରେ ମୁଣ୍ଡ ରଖି ଶୋଇଥିବା ଦେଖିବାକୁ ପାଇଥିଲେ। ମନୋଜଙ୍କ ଡାହାଣ ହାତ ମୁଠା ନିକଟରେ ପିସ୍ତଲ ପଡ଼ିଥିଲା। ଗ୍ରାମବାସୀ ମନୋଜ ଓ ଶେଷଦେବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିନିକା ଡାକ୍ତରଖାନା ଆଣିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୁଣ୍ଡରେ ଗୁଳି ବାଜି ଥିବା ଦେଖିବାକୁ ମିଳିଥିଲା।

ସୂଚନା ପାଇବା ପରେ ଗଣିଆ ଫାଣ୍ଡି ଇନ୍‌ଚାର୍ଜ ଆନନ୍ଦ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଅଭିଯୋଗକ୍ରମେ ବିନିକା ଥାନାରେ ମାମଲା ରୁଜୁ ହୋଇଥିଲା। ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ୨ଟି ଜୀବନ୍ତ ଗୁଳି, ୭ଟି ଅଫୁଟା ଗୁଳି ପିଏସ୍‌ଓଙ୍କ ପିସ୍ତଲ ଓ ଏକ ଓଲା ମୋପେଡ୍ (ଓଡି ୩୧ଏଲ୍-୪୯୧୭)କୁ ଜବତ କରିଥିଲେ। ଆଇଜି ହିମାଂଶୁ ଲାଲ୍ ଓ ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ଗୁଳିକାଣ୍ଡ ସମ୍ପର୍କରେ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ପୋଲିସ ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ୧୭ ଜଣଙ୍କ ନିକଟରୁ ସାକ୍ଷ୍ୟ ଗ୍ରହଣ କରିଛି। ସନ୍ଧ୍ୟାରେ ବୁର୍ଲା ମେଡିକାଲରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବ। ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ଅନ୍ୟପକ୍ଷେ ପିଏସ୍‌ଓ ଘଟଣା ଦିନ ବିଧାୟକଙ୍କ ନିକଟରେ ନ ଥିଲେ। ସେ ଡ୍ୟୁଟିରେ ନ ଥିବା ସମୟରେ ପିସ୍ତଲକୁ ବେଆଇନ ଭାବେ ନିଜ ପାଖରେ ରଖିଥିଲେ। ଜିଲା ଅସ୍ତ୍ରାଗାରରେ ପିସ୍ତଲକୁ ସରେଣ୍ଡର ନ କରି ସେ ପକେଟ୍‌ରେ ଧରି ବୁଲାବୁଲି କରୁଥିଲେ। ଏପରିକି ସାଙ୍ଗମାନଙ୍କ ସହ ମିଶି ମଦ୍ୟପାନ କରିଥିଲେ। ଏ ସମ୍ପର୍କରେ ପଚାରିବାରୁ ଜିଲା ପୋଲିସ ଆଗକୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବ ବୋଲି ଏସ୍‌ପି କହିଛନ୍ତି। କନଷ୍ଟେବଲ ମନୋଜ ପୂର୍ବରୁ ଏସ୍‌ଓଜି ଟ୍ରେନିଂ ନେବା ସହ ସ୍ପେଶାଲ ସିକ୍ୟୁରିଟି ଶାଖାରୁ ପିଏସ୍‌ଓ ଭାବେ ପ୍ରଶିକ୍ଷଣ ନେଇଛନ୍ତି।

# ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍

## ୨ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହା ଗାଁ ନିକଟ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ବ୍ଲକ-୫ ନିକଟରେ ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଦୁଇ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତକୁ ଜୋରଦାର କରିଛି। ଗୁରୁବାର କୁହା ଗ୍ରାମର ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ ଓ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ସାଙ୍ଗ ସମ୍ବିତ ରାଉତ ଓରଫ ଜୁଲୁ (୨୩)ଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ପରିବାର ଲୋକଙ୍କ ପକ୍ଷରୁ ସମ୍ବିତଙ୍କ ଚକ୍ଷୁ ଦାନ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଗଣେଶ ମଲ୍ଲିକ ଓରଫ ରାଉଳ, ତାଙ୍କ ଭାଇ ପ୍ରଦୀପ ମଲ୍ଲିକ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଛାନଭିନ୍ ଚଳାଇଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ଏୟାରଫିଲ୍ଡ ଥାନା ଓ ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ନମୁନା ସଂଗ୍ରହ କରିଛି। ସାଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଆପାର୍ଟମେଣ୍ଟ ପରିସର, ରଶ୍ମିରଞ୍ଜନଙ୍କ ଚିକେନ୍ ଦୋକାନ ଆଦି ସ୍ଥାନର ଯାଞ୍ଚ କରିଥିଲା। ହତ୍ୟାକାଣ୍ଡ ବେଳେ ଖସିପଡ଼ିଥିବା ଅଭିଯୁକ୍ତ ଗଣେଶଙ୍କ ଏକ ଗାମୁଛାକୁ ସାଣ୍ଟିଫିକ୍ ଟିମ୍ ଜବତ କରିଛି। ଏଥିସହ ପୋଲିସ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ସେଠାରେ ଥିବା ସିସିଟିଭି ଫୁଟେଜ୍‌କୁ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୨୬/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆପାର୍ଟମେଣ୍ଟ ଥିବାବେଳେ ସେଠାରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ରଶ୍ମିରଞ୍ଜନ ଆପାର୍ଟମେଣ୍ଟରେ କାର୍ ପାର୍କିଂ କରିବାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ୩ଦିନ ହେବ ସୁପରଭାଇଜର ହୋଇଥିବା ଗଣେଶ ମଲ୍ଲିକ ଏହାକୁ ବିରୋଧ କରିଥିଲେ। ବୁଧବାର ରାତି ପ୍ରାୟ ୯ଟାବେଳେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ଯୁକ୍ତିତର୍କ ବେଳେ ଉଭୟେ ହାତାହାତି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ବେଳେ ଜୁଲୁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଗଣେଶ ତାଙ୍କ ଭାଇ ପ୍ରଦୀପ ଓ ଅନ୍ୟମାନଙ୍କୁ ଘଟଣାସ୍ଥଳକୁ ଡାକି ଦେଇଥିଲେ। ଅଭିଯୁକ୍ତମାନେ ସଙ୍ଘବଦ୍ଧ ଭାବେ ଜୁଲୁ ଓ ରଶ୍ମିରଞ୍ଜନଙ୍କୁ ଛୁରି ଭୁସି ହତ୍ୟା କରିଥିଲେ।

# ପଶ୍ଚିମବଙ୍ଗରେ ଠାବହେଲା ପୁଣି ୨୦ ପ୍ଲଟ୍

## ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗିରଫ ଘଟଣା

■ମୋଟ୍ ପ୍ଲଟ ସଂଖ୍ୟା ୧୦୫କୁ ବୃଦ୍ଧି

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଜଳେଶ୍ୱର,(ରବିନାରାୟଣ ପାତ୍ର),୮।୮

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଥିବା କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍ ଡିଭିଜନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କର ପଶ୍ଚିମବଙ୍ଗ ରାଜ୍ୟର ପଶ୍ଚିମ ମେଦିନୀପୁର ଜିଲାରେ ଆଉ ୨୦ଟି ପ୍ଲଟ ଠାବ ହୋଇଛି। ଏଥିସହ ତାଙ୍କ ପ୍ଲଟ ସଂଖ୍ୟା ୧୦୫କୁ ବୃଦ୍ଧି ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ନେଇ ଗୁରୁବାର ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ, ବାଲେଶ୍ୱର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ଗତ ୧ ତାରିଖରେ ପଦୋନ୍ନତି ପାଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହୋଇଥିଲେ। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ଟିମ୍ ଗତ ୨ ତାରିଖରେ ତାଙ୍କ କାର୍ଯ୍ୟାଳୟ ଓ ଜଳେଶ୍ୱରସ୍ଥିତ ପୈତୃକ ବାସଭବନ ସହ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଯନ୍ତ୍ରୀ ପ୍ରଧାନଙ୍କ ନାମରେ ପୁରୀ ଜିଲା ଡେଲାଙ୍ଗରୁ ଆରମ୍ଭ କରି ପଶ୍ଚିମବଙ୍ଗର ସୁନାକଣିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୮୫ଟି ପ୍ଲଟ୍ ଥିବା ଠାବ ହୋଇଥିଲା। ସେଥିମଧ୍ୟରୁ କେବଳ ଜଳେଶ୍ୱରରେ ୮୦ଟି, ଡେଲାଙ୍ଗରେ ୪ଟି ଓ ପଶ୍ଚିମବଙ୍ଗର ସୁନାକଣିଆରେ ଗୋଟିଏ ପ୍ଲଟ୍ ଥିଲା। ଜଳେଶ୍ୱରରେ ଥିବା ଜମି ଓ ୧୨୫୦୦ ସ୍କୋୟାର୍ ଫୁଟ୍‌ରେ ନବନିର୍ମିତ ୫ ମହଲା ବିଶିଷ୍ଟ ଘର, ପୈତୃକ ବାସଭବନ, ଫାର୍ମ ହାଉସ୍, ମାର୍କେଟ୍ କମ୍ପ୍ଲେକ୍ସ ଆଦିକୁ ମିଶାଇଲେ ମୋଟ ସ୍ଥାବର ସମ୍ପତ୍ତିର ମୂଲ୍ୟ ୫କୋଟି ୧୪ଲକ୍ଷ ୯୨ହଜାର ୫୬୧ ଟଙ୍କା ହେବ ବୋଲି ଭିଜିଲାନ୍ସ ଟିମ୍ ଆକଳନ କରିଥିଲା। ସେହିପରି ନଗଦ ୧୧ଲକ୍ଷ ୮୧ହଜାର ୫୮୦ଟଙ୍କା ସହ ୧କୋଟି ୪୪ଲକ୍ଷ ୩୩ହଜାର ୬୩୯ ଟଙ୍କାର ବ୍ୟାଙ୍କଜମା, ପୋଷ୍ଟାଲ୍ ଜମା ଓ ବୀମା କାଗଜପତ୍ର ଜବତ ହୋଇଥିଲା। ୩୩୪.୫୫ ଗ୍ରାମ୍‌ର ସୁନା ଅଳଙ୍କାର ଓ ସୁନା ବିସ୍କୁଟ୍, ଗୋଟିଏ ୪ ଚକିଆ ଗାଡ଼ି, ୩ଟି ଦୁଇଚକିଆ ଗାଡ଼ି ଏବଂ ଗୃହ ଉପକରଣର ତାଲିକା ମଧ୍ୟ ଭିଜିଲାନ୍ସ ପାଖରେ ରହିଥିଲା। ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟକୁ ମିଶାଇଲେ ମୋଟ ୮ କୋଟି ଟଙ୍କାରୁ ଅଧିକ, ଯାହା ଯନ୍ତ୍ରୀଙ୍କ ଆୟଠାରୁ ୨୪୫% ଅଧିକ ବୋଲି ଭିଜିଲାନ୍ସ ଟିମ୍ ସୂଚନା ଦେଇଥିଲା। ଏ ସମ୍ପର୍କରେ ଗତ ୩ ତାରିଖରେ ଭିଜିଲାନ୍ସ ଥାନା ମାମଲା (ନଂ. ୯/୨୪) ରୁଜୁ କରାଯାଇ ଗିରଫ ଯନ୍ତ୍ରୀ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଯନ୍ତ୍ରୀ ପ୍ରଧାନଙ୍କ ଜଳେଶ୍ୱରସ୍ଥିତ ଘରେ ଚଢ଼ାଉ କରାଯାଇଥିଲା। ସେ ସଦସ୍ୟ ଥିବା ଜଳେଶ୍ୱର ସତ୍‌ସଂଗ ବିହାରସ୍ଥିତ ଜଳେଶ୍ୱର ପବ୍ଲିକ ସ୍କୁଲ, +୨ ବିଜ୍ଞାନ ଆବାସିକ ସ୍କୁଲ, ତାଙ୍କ ସ୍ତ୍ରୀ ଚାକିରି କରୁଥିବା ଶ୍ରୀଜଗନ୍ନାଥ ଉଚ୍ଚ ମହିଳା ବିଦ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

# ବାହାର ରାଜ୍ୟର ବହୁ ମହିଳାଙ୍କୁ ଠକିଛନ୍ତି ରସିକ ସତ୍ୟଜିତ୍

## କୋଲକାତା, ରାୟପୁର ଯିବ ପୋଲିସ ଟିମ୍

■ଦ୍ୱିତୀୟଥର ରିମାଣ୍ଡରେ ଆଣିବାକୁ ଆବେଦନ

■ଅଭିଯୁକ୍ତଙ୍କ ଆକାଉଣ୍ଟ ଅନ୍ୟ କେହି ଚଳାଉଥିବା ସୂଚନା



ଭୁବନେଶ୍ୱର,୮।୮(ସୂର୍ଯ୍ୟକାନ୍ତ ବେହେରା)

ମିଥ୍ୟା ପରିଚୟ ଦେଇ ବିବାହ ଏଗ୍ରିମେଣ୍ଟ କରି ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକି ନେଇଥିବା ବହୁ ମହିଳାଙ୍କ ସ୍ୱାମୀ ସତ୍ୟଜିତ୍ ସାମଲଙ୍କ ଗୁମର ଖୋଲିବାକୁ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଛି। କେତେଜଣ ମହିଳାଙ୍କୁ ପ୍ରେମରେ ଫସାଇ ଠକେଇ କରିଛନ୍ତି, ଠକେଇ ଟଙ୍କା କେଉଁଠାରେ ବିନିଯୋଗ କରିଛନ୍ତି, ତାହାର ଅଧିକ ତଥ୍ୟ ହାସଲ ପାଇଁ କ୍ୟାପିଟାଲ ଥାନା ପୋଲିସ ଦ୍ୱିତୀୟଥର ରିମାଣ୍ଡରେ ଆଣି ମାରାଥନ ଜେରା କରିବ ବୋଲି ଯୋଜନା ରଖିଛି। ଏଥିପାଇଁ ଗୁରୁବାର କୋର୍ଟରେ ୧୦ ଦିନିଆ ରିମାଣ୍ଡ ଆବେଦନ କରିଛି। ଅନ୍ୟପଟେ ଅଭିଯୁକ୍ତ ସତ୍ୟଜିତ ଗିରଫ ହେବା ପରେ ବି ତାଙ୍କର ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟରେ ଟ୍ରାଞ୍ଜାକ୍ସନ ହେଉଥିବା ପୋଲିସ ଜାଣିବାକୁ ପାଇଛି। କିଏ ତାଙ୍କ ଆକାଉଣ୍ଟରୁ ଟଙ୍କା ନେଣଦେଣ କରୁଛି ଓ କାହିଁକି କରୁଛି ତାହା ଜାଣିବାକୁ ଉଦ୍ୟମ ଚାଲିଛି। ଉକ୍ତ ବ୍ୟକ୍ତି ଧରାପଡିବା ପରେ ସତ୍ୟଜିତ୍‌ଙ୍କ ର୍ୟାକେଟରେ ଆଉକିଏ ସମ୍ପୃକ୍ତ ଅଛନ୍ତି ନା ନାହିଁ ତାହା ଜଣାପଡିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ସେହିପରି ରସିକିଆ ଠକ ସତ୍ୟଜିତ୍ କେବଳ ଓଡିଶା ନୁହେଁ, ବାହାର ରାଜ୍ୟର ବହୁ ମହିଳାଙ୍କୁ ଠକିଥିବା ଜଣାପଡିଛି। ହେଲେ ଅଭିଯୋଗ କରିବାକୁ ସେମାନେ ଆଗେଇ ଆସୁ ନ ଥିବାରୁ ମନାଇବା ସହ ସେମାନଙ୍କଠାରୁ ଅଧିକ ତଥ୍ୟ ହାସଲ ଲାଗି ଦୁଇଟି ଟିମ ଗଠନ କରିଛି। ଗୋଟିଏ ଟିମ୍‌ର ସଦସ୍ୟମାନେ ରାଜ୍ୟ ବାହାରକୁ ବିଶେଷକରି କୋଲକାତା ଓ ରାୟପୁର ଯାଇ ସମ୍ପୃକ୍ତ ପୀଡିତା ମହିଳାଙ୍କୁ କାଉନ୍‌ସେଲିଂ କରିବା ସହ ଅଭିଯୋଗ କରିବାକୁ ଅପିଲ କରିବେ। ଏହାସହ ଅଧିକ ପ୍ରମାଣ ପାଇଁ ପୀଡିତା ମହିଳାମାନଙ୍କ ବୟାନ ରେକର୍ଡ କରାଯିବ। ଆଉ ଗୋଟିଏ ଟିମ୍ ଓଡିଶାରେ ଥିବା ପୀଡିତା ମହିଳାଙ୍କ ସହ ଯୋଗାଯୋଗରେ ରହି ଅଧିକ କିଛି ତଥ୍ୟ ଦେବାକୁ ଅନୁରୋଧ କରିବେ। ଅପରପକ୍ଷେ ସତ୍ୟଜିତ୍‌ଙ୍କ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ବେଳେ ତାଙ୍କ ବୟାନ ଆଧାରରେ କ୍ୟାପିଟାଲ ଥାନା ପୋଲିସ ଚନ୍ଦ୍ରଶେଖରପୁରସ୍ଥିତ ଭଡ଼ାଘରୁ ଲାପଟପ୍, ପେନ୍‌ଡ୍ରାଇଭ୍ ଓ ପାସ୍‌ପୋର୍ଟ, ନକଲି ଆଇଡି କାର୍ଡ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରି ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଇଛି। ଜବତ ମୋବାଇଲରେ ମହିଳାଙ୍କର ଆପତ୍ତିଜନକ ଭିଡିଓ ସହ ଚାଟିଂ ରହିଛି। ଏହାସହ ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ମଧ୍ୟ ୧ ଲକ୍ଷ ୬୦ ହଜାର ଚୂନ ଲଗାଇଥିବା ପ୍ରମାଣ ପାଇଛି। ଆଗକୁ ଏପରି ଅଧିକ ତଥ୍ୟ ପୋଲିସ ହାସଲ କରିବ ବୋଲି ଆଶା ରଖିଛି।

ଘଟଣାରୁ ପ୍ରକାଶ ଯେ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟରେ ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଜଣେ ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ବହୁ ମହିଳାଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖିବା ସହ ଠକେଇ କରିଥିଲେ। ତେବେ ଠକେଇର ଶିକାର ୨ଜଣ ମହିଳା ସତ୍ୟଜିତ୍‌ଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଠକି ନେଇଥିଲେ। ପୋଲିସ ଗତ ଶନିବାର ସତ୍ୟଜିତ୍‌ଙ୍କୁ ଗିରଫ କରିଥିଲା।

# ଝିଆରୀଙ୍କୁ ହାଣି ହତ୍ୟାକଲେ ଦାଦା

## ଜମି ଆଗରେ ତୁଚ୍ଛ ହୋଇଗଲା ସମ୍ପର୍କ

ଉଦଳା, ୮।୮ (ସନ୍ତୋଷ କୁମାର ବାଛିନୀ)

ଜମି ଆଗରେ ସମ୍ପର୍କ ତୁଚ୍ଛ ହୋଇଗଲା। ଜମି ହାତେଇବା ପାଇଁ ନିଜ ଝିଆରୀଙ୍କୁ ହାଣି ହତ୍ୟା କରିଛନ୍ତି ଦାଦା। ବିଲ ମଝିରେ ପ୍ରଥମେ ଟାଙ୍ଗିଆରେ ହାଣି ଚାଲିଥିବା ବେଳେ ବେଣ୍ଟ ଭାଙ୍ଗିଯିବାରୁ ପାଖରେ ଥିବା କୋଦାଳରେ ପିଟି ଦେବାରୁ ଝିଆରୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଏଭଳି ନିର୍ମମ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ବେଗୁନିଆସାହି ଗ୍ରାମରେ। ମୃତା ମହିଳା ହେଲେ ଗ୍ରାମର ଛିତା ମୁର୍ମୁ(୪୧)। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ଅଭିଯୁକ୍ତ ନିମାଇଁ ଚରଣ ମାରାଣ୍ଡିଙ୍କୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ କୋଦାଳକୁ ପୋଲିସ ଜବତ କରିଛି। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ. ୫୮/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଛିତା ବିବାହ ପରେ ନିଜ ଘର ବେଗୁନିଆସାହିରେ ରହିଆସୁଥିଲେ। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସମସ୍ତ ଜମି ଛିତାଙ୍କ ନାମରେ ରହିଥିଲା। ଛିତାଙ୍କ ଦାଦା ନିମାଇଁ ଦୀର୍ଘବର୍ଷ ହେବ ଉକ୍ତ ଜମିକୁ ହାତେଇବା ପାଇଁ ଚେଷ୍ଟା କରିଆସୁଥିଲେ। ସୁଯୋଗକୁ ଅପେକ୍ଷା କରି ବିଲରେ ଛିତା କାମ କରୁଥିବା ବେଳେ ନିମାଇଁ ସେଠାରେ ପହଞ୍ଚି ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଟାଙ୍ଗିଆରେ ହାଣିବା ପରେ ବେଣ୍ଟ ଭାଙ୍ଗିଯିବାରୁ ପାଖରେ ଥିବା କୋଦାଳରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ଛିତାଙ୍କ ମୃତ୍ୟୁ ହେବା ପରେ ନିମାଇଁ ସେଠାରୁ ଚାଲି ଆସିଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନିମାଇଁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ଆଇଇଡି ବ୍ଲାଷ୍ଟରେ କୋବ୍ରା ଏଏସ୍‌ଆଇ ଆହତ

ରାଉରକେଲା, ୮।୮(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଗୁରୁବାର ସକାଳେ ସୁରକ୍ଷାକର୍ମୀଙ୍କ ଦ୍ୱାରା କୋମ୍ବିଂ ଅପରେଶନ ଚାଲିଥିବାବେଳେ ଆଇଇଡି ବ୍ଲାଷ୍ଟରେ ଜଣେ କୋବ୍ରା ଏଏସ୍‌ଆଇ ଆହତ ହୋଇଛନ୍ତି। ସେ ହେଲେ କୋବ୍ରା ୨୦୯ ବାଟାଲିୟନର ଜିତେନ୍ଦ୍ର ଦାନୀ। ତାଙ୍କୁ ତୁରନ୍ତ ସିଆର୍‌ପିଏଫ୍ ସହଯୋଗରେ ଉଦ୍ଧାର କରି ହେଲିକପ୍ଟର ଯୋଗେ ରାଞ୍ଚି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସ୍ଥିର ରହିଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

# ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ଡକାୟତି, ବୋମାମାଡ଼ ମାମଲା

ଫୁଲବାଣୀ, ୮।୮(ରାକେଶ କୁମାର ରାଉତ)

ଏକ ଡକାୟତି ଏବଂ ବୋମାମାଡ଼ ମାମଲାର ବିଚାର କରି କନ୍ଧମାଳ ଜିଲା ଫୁଲବାଣୀ ଅତିରିକ୍ତ ଜିଲା ଜଜ୍ ମୁନରାଣୀ ମିଶ୍ର ବୁଧବାର ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳ ମୁସଲିମ୍ ସାହିର ମୁମ୍‌ତାଜ ଅଲ୍ଲୀ, ତିଲାବାଲିର ଚନ୍ଦନେଶ୍ୱର ନାୟକ ଓ ମର୍ଦ୍ଦାବାଡି ଗ୍ରାମର ଶରତ ନାୟକ। ୨୦୧୨ ମାର୍ଚ୍ଚ ୧୯ ତାରିଖରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ ଆଉ ୪ ଜଣ ଏକ ବୋଲେରୋରେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଜକ୍ରେଜୁ ଗ୍ରାମର ପଦ୍ମ ଚରଣ ଗଣ୍ଡାଙ୍କ ଘରେ ପଶି ଡକାୟତି କରିଥିଲେ। ସେମାନେ ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ଚେନ ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଯିବା ସମୟରେ ଗାଁ ଦାଣ୍ଡରେ ଦୁଇଟି ବୋମା ଫୁଟାଇଥିଲେ। ଏଥିରେ ଗ୍ରାମର ୩ ଜଣ ଆହତ ହୋଇଥିବା ବେଳେ ଅଭିଯୁକ୍ତ ଚନ୍ଦନେଶ୍ୱରଙ୍କ ହାତ ପାପୁଲି ଛିଣ୍ଡିଯାଇଥିଲା। ଗ୍ରାମବାସୀ ସମ୍ପୃକ୍ତ ୩ ଜଣଙ୍କୁ ଧରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିଥିଲା। ପଦ୍ମ ଚରଣଙ୍କ ଏତଲା ଅନୁସାରେ ନଂ. ୩୧/୧୨ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

# ୬ କୋଟି ଦାଖଲ ଆଦେଶ

## ସିରାଜୁଦ୍ଦିନ ଖଣିକୁ ଏନ୍‌ଜିଟି ଛାଟ

କେନ୍ଦୁଝର,୮।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ସିରାଜୁଦ୍ଦିନ କମ୍ପାନୀର ବଳଦା ଲୌହଖଣି ପରିବେଶୀୟ କ୍ଷତିପୂରଣ ବାବଦକୁ ୬,୦୦,୧୮, ୭୫୦ ଟଙ୍କା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଦାଖଲ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିଠି କରିଛି। ଚିଠି (ନଂ. ୭୦୭୦/ ୯-୫-୨୦୨୪) ଜରିଆରେ ଅର୍ଥ ଜମା କରିବାକୁ ଖଣି ସଂସ୍ଥାକୁ କୁହାଯାଇଥିବା ବେଳେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଆଦେଶକ୍ରମେ ଏଭଳି ଚିଠି କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ରାମଚନ୍ଦ୍ର ମହାନ୍ତ ଓ ଅନ୍ୟମାନେ ବନାମ ମେସର୍ସ ସିରାଜୁଦ୍ଦିନ ଆଣ୍ଡ କମ୍ପାନୀର ଏକ ପରିବେଶୀୟ କ୍ଷୟକ୍ଷତି ମାମଲା (ଓଏ ନମ୍ବର ୧୭୩/୨୦୧/ଇଜେଡ୍)ର ଶୁଣାଣି କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ସ୍ୱତନ୍ତ୍ର ବେଞ୍ଚ ଉକ୍ତ ଖଣିର ଯୁଗ୍ମ ଯାଞ୍ଚ ପାଇଁ ୨୧ ଏପ୍ରିଲ ୨୦୨୨ରେ ଆଦେଶ କରିଥିଲେ। ଏ ନେଇ ୧୧ ଜୁଲାଇ ୨୦୨୨ରେ କେନ୍ଦୁଝର ଡିଏଫ୍‌ଓ, ଚମ୍ପୁଆ ଉପଜିଲାପାଳ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଓ କେନ୍ଦୁଝର ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନେଇ ଗଠିତ ଯୁଗ୍ମ ଯାଞ୍ଚ କମିଟି ପରିବେଶୀୟ କ୍ଷତିପୂରଣ ବାବଦକୁ ନିର୍ଦ୍ଧାରଣ କରିବାକୁ ଯାଇଥିଲେ। କମିଟି ହୋଇଥିବା କ୍ଷୟକ୍ଷତିର ଅଟକଳ କରି ୬,୦୦,୧୮,୭୫୦ ଟଙ୍କା ଧାର୍ଯ୍ୟ କରିଥିଲେ। ସେହିପରି କମିଟି ଉକ୍ତ ଖଣି କମ୍ପାନୀକୁ ଖଣି ରେଷ୍ଟୋରେଶନ ପ୍ଲାନ୍ (ପୂର୍ବାବସ୍ଥା ଫେରାଇବା) କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଯୁଗ୍ମ କମିଟିର ଏହି ରିପୋର୍ଟକୁ କେନ୍ଦୁଝର ଜିଲାପାଳ ୧ ଅଗଷ୍ଟ ୨୦୨୨ରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ରେଜିଷ୍ଟ୍ରାର, ଇଷ୍ଟର୍ନ ଜୋନ୍ ବେଞ୍ଚ, କୋଲକାତାକୁ ପଠାଇଥିଲେ। ସମସ୍ତ ରିପୋର୍ଟକୁ ଅଧ୍ୟୟନ କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉକ୍ତ ଅର୍ଥ ଆଦାୟ କରିବାକୁ ଆଦେଶ କରିଥିଲେ।

# ୬ ସାଇବର ଅପରାଧୀ ଗିରଫ

■ତାମିଲନାଡୁ, ଗୁଜରାଟରୁ ଧରିଲା କ୍ରାଇମବ୍ରାଞ୍ଚ

■ଅଧିକ ଲାଭ ଆଶା ଦେଖାଇ ଲୁଟିଥିଲେ ୭୧.୯୫ ଲକ୍ଷ


ଗିରଫ ୬ ଅଭିଯୁକ୍ତ।

କଟକ,୮।୮ (କାର୍ତ୍ତିକ ସାହୁ)

ଓଡ଼ିଶା କ୍ରାଇମବ୍ରାଞ୍ଚ ବେଆଇନ ଅର୍ଥ ଲଗାଣ ମାମଲାରେ ଏକ ଗ୍ୟାଙ୍ଗର ୬ ସାଇବର ଅପରାଧୀଙ୍କୁ ତାମିଲନାଡୁ ଓ ଗୁଜରାଟରୁ ଗିରଫ କରିଛି। ଅନ୍‌ଲାଇନ୍ ଅର୍ଥ ବିନିଯୋଗ ଜରିଆରେ ମୋଟା ଅଙ୍କର ଅର୍ଥ ଫେରସ୍ତ ମିଳିବା ନେଇ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିଲେ ଏହି ଗ୍ୟାଙ୍ଗ। ଗିରଫ ଅଭିଯୁକ୍ତମାନେ ହେଲେ ତାମିଲନାଡୁର ଅରୁଣ ଶାନ୍ତୁ, ହେନରୀ ଜୋହନ୍‌ସନ୍, ସୀନୁ ଆର୍, ବାସୁ ଜେ. ଏବଂ ଗୁଜରାଟର ଜଇମିନ୍ କୁକଡେଜା ମେଘାରାଜ ଭାଇ, ବ୍ରିଜେଶ ଦୟାଭାଇ ସାଥୀୟା ଏବଂ ଉଦୟ ରମେଶ ଭାଇ। କ୍ରାଇମବ୍ରାଞ୍ଚ ଏହି ଅଭିଯୁକ୍ତମାନଙ୍କୁ ଓଡ଼ିଶା ନେଇ ଫେରୁଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଗତ ଫେବୃଆରୀ ୨୮ରେ ଭୁବନେଶ୍ୱରର ଜଣେ ବ୍ୟକ୍ତି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ ଯେ, ତାଙ୍କର ଶେୟାର ମାର୍କେଟିଂରେ ରୁଚି ଥିଲା। ସେ ଅର୍ଥ ବିନିଯୋଗ କରିବାକୁ ବିଭିନ୍ନ ସୋସିଆଲ ମିଡିଆରେ ଗତ ଜାନୁଆରୀ ମାସରେ ସନ୍ଧାନ କରିଥିଲେ। ସେ ଦୁଇଟି ହ୍ୱାଟ୍ସଆପ୍ ଗ୍ରୁପ୍ ଜିଏସ୍‌କ୍ୟୁଟି ଏବଂ ଆଇବିଜିଆଇଏନ୍‌ଓଏନ୍‌ରେ ଯୋଗଦେଇଥିଲେ। ଉକ୍ତ ଗ୍ରୁପ୍ ଆଡ୍‌ମିନ୍‌ଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ୱେବ ଲିଙ୍କ୍‌ରେ ଆକାଉଣ୍ଟ ଖୋଲିବାକୁ ଉତ୍ସାହିତ ହୋଇଥିଲେ। ଜାନୁଆରୀ ୨୩ରେ ସେ ବିଭିନ୍ନ ଆକାଉଣ୍ଟରେ ଟଙ୍କା ଜମା କରିବା ଆରମ୍ଭ କରିଥିଲେ। ପ୍ରାଥମିକ ଅବସ୍ଥାରେ ସ୍ୱଳ୍ପଦିନରେ ଅଧିକ ଲାଭ ମିଳୁଥିବା ସେ ଦେଖିଥିଲେ। ଏଥିରେ ସଫଳ ହେବା ପରେ ସେ ଅଧିକରୁ ଅଧିକ ଟଙ୍କା ବିନିଯୋଗ କରିଥିଲେ। ଏପରିକି ବ୍ୟକ୍ତିଗତ ଋଣ ଏବଂ ସାଙ୍ଗ, ପରିବାର ସଦସ୍ୟଙ୍କଠାରୁ ଟଙ୍କା ସଂଗ୍ରହ କରି ସେ ଏଥିରେ ବିନିଯୋଗ କରିଥିଲେ। ଫେବୃଆରୀ ୨୨ ତାରିଖ ବେଳକୁ ସେ ମୋଟ ୭୧.୯୫ ଲକ୍ଷ ଟଙ୍କା ୧୦ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିସାରିଥିଲେ। ସେ ଲାଭ କେବଳ ଡିଜିଟାଲ ୱାଲେଟ୍‌ରେ ଦେଖିବାକୁ ପାଇଥିଲେ। ଅପରପକ୍ଷରେ ଅଭିଯୁକ୍ତ ଠକମାନେ ଅଧିକରୁ ଅଧିକ ଟଙ୍କା ଦାବି କରିଥିଲେ, ନଚେତ ତାଙ୍କର ସମସ୍ତ ବିନିଯୋଗ କରିଥିବା ଅର୍ଥ ହରାଇବେ ବୋଲି ଧମକ ଦେଇଥିଲେ। ଏଥର ସେ ଠକାମିର ଶିକାର ହୋଇଛନ୍ତି ବୋଲି ହୃଦବୋଧ ହୋଇଥିଲା। ସେ ଏନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ ଦାଏର କରିବା ପରେ କ୍ରାଇମବ୍ରାଞ୍ଚ ଏକ ମାମଲା (ନଂ. ୧୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

କ୍ରାଇମବ୍ରାଞ୍ଚର ଏକାଧିକ ତଦନ୍ତକାରୀ ଦଳ ତାମିଲନାଡୁ ଓ ଗୁଜରାଟରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନେ ଜେରା ବେଳେ ଏଭଳି ସାଇବର ଠକେଇ କାର୍ଯ୍ୟ କରୁଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ଏଟିଏମ୍ କାର୍ଡ, ଆଧାର କାର୍ଡ ଏବଂ ଅନ୍ୟାନ୍ୟ କାଗଜପତ୍ର କ୍ରାଇମବ୍ରାଞ୍ଚ ଜବତ କରିଛି। ଅଭିଯୁକ୍ତ ଅରୁଣ ଓ ଜଇମିନ କୁକ୍‌ଡେଜା ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ ଓ ସେଗୁଡ଼ିକୁ ଠକେଇ କାରବାର ନିମନ୍ତେ ବ୍ୟବହାର କରିବାକୁ ଅନ୍ୟ ଅଭିଯୁକ୍ତଙ୍କୁ ଦେଉଥିଲେ। ବାସୁ ଓ ସୀନୁ ଠକେଇ କାରବାର ପାଇଁ ବ୍ୟାଙ୍କ ଆକାଉଣ୍ଟ ଯୋଗାଡ଼ କରୁଥିଲେ। ଚୋରି ଅର୍ଥକୁ ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରିବା ନିମନ୍ତେ ଅଧିକରୁ ଅଧିକ ଆକାଉଣ୍ଟ ଯୋଗାଡ଼ କରିବା ନିମନ୍ତେ ଦାୟୀ ରହୁଥିଲେ। ବ୍ରିଜେଶ ଚେକ୍ ମାଧ୍ୟମରେ ବ୍ୟାଙ୍କରୁ ଟଙ୍କା ଉଠାଇ ଅନ୍ୟ ଅଭିଯୁକ୍ତଙ୍କୁ ବଣ୍ଟନ କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି।

ତେବେ ଜନସାଧାରଣ କଠିନ ପରିଶ୍ରମରେ ରୋଜଗାର କରିଥିବା ଅର୍ଥକୁ କୌଣସି ଅନ୍‌ଲାଇନ ବ୍ୟବସାୟରେ ବିନିଯୋଗ କରିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ଓଡ଼ିଶା କ୍ରାଇମବ୍ରାଞ୍ଚ ପରାମର୍ଶ ଦେଇଛି। କୌଣସି ସଂସ୍ଥା ଅଳ୍ପ ବିନିଯୋଗରେ ଅଧିକ ଲାଭ ପ୍ରଦାନର ପ୍ରତିଶ୍ରୁତି ଦେଉଥିଲେ ସେଗୁଡ଼ିକ ବିଷୟରେ ଆବଶ୍ୟକ ଯାଞ୍ଚ କରିବା ସହ ସତ୍ୟାସତ୍ୟ ପରଖନ୍ତୁ। କେହି ବ୍ୟକ୍ତି କୌଣସି ପ୍ରକାର ସାଇବର ଅପରାଧର ଶିକାର ହେଲେ ତୁରନ୍ତ ଦେୟମୁକ୍ତ ନମ୍ବର ୧୯୩୦ରେ ଯୋଗାଯୋଗ କରନ୍ତୁ ଅଥବା www.cybercrime.gov.in ୱେବସାଇଟ୍‌ରେ ଅଭିଯୋଗ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଏଥିସହ କୌଣସି ଠକେଇ ମୋବାଇଲ ନମ୍ବର ବାବଦରେ ଟେଲି କମ୍ୟୁନିକେଶନ ବିଭାଗର https://sancharsaathi.gov.in/sfc କିମ୍ବା କ୍ରାଇମବ୍ରାଞ୍ଚର https://cybercrime.gov.in/Webform/cybersuspect.aspx-ରେ ଜଣାଇବାକୁ ସୂଚନା ଦିଆଯାଇଛି।

**କେଜ୍‌ରିୱାଲଙ୍କ ହାଜତ ମିଆଦ ଅଗଷ୍ଟ ୨୦ ଯାଏ ବୃଦ୍ଧି**
ଅବକାରୀ ଦୁର୍ନୀତିର ସିବିଆଇ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ଆସନ୍ତା ୨୦ ଯାଏ ସ୍ଥାନୀୟ ରାଉଜ୍ ଆଭେନ୍ୟୁ କୋର୍ଟ ବୃଦ୍ଧି କରିଛନ୍ତି। ମାମଲାର ଶୁଣାଣି ବେଳେ କେଜ୍‌ରିୱାଲଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହାଜର କରାଯାଇଥିଲା।

## ଜାପାନରେ ଭୂକମ୍ପ: ସୁନାମି ସତର୍କତା ଜାରି

ଟୋକିଓ,୮।୮

ଦକ୍ଷିଣ ଜାପାନର କ୍ୟୁଶୁ ଦ୍ୱୀପରେ ଗୁରୁବାର ୬.୯ ଓ ୭.୧ ତୀବ୍ରତାର ୨ଥର ଭୂକମ୍ପ ଅନୁଭୂତ ହୋଇଥିବା ନେଇ ଆମେରିକୀୟ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରକାଶ କରିଛି। ତେବେ କ୍ୟୁଶୁ ଦ୍ୱୀପର ପୂର୍ବ ଉପକୂଳଠାରୁ ୩୦ ମିଟର ଗଭୀରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ଜାପାନ ପାଣିପାଗ ବିଭାଗ(ଜେଏମ୍‌ଏ) ସୂଚନା ଦେଇଛି। ତେବେ ଭୂକମ୍ପ ଯୋଗୁ କ୍ୟୁଶୁ ଦ୍ୱୀପର ଉପକୂଳ ଅଞ୍ଚଳରେ ଜେଏମ୍‌ଏ ସୁନାମିର ସତର୍କତା ଜାରି କରିଛି।

## ସିମି ନିଷିଦ୍ଧାଦେଶ ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ,୮।୮

ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ଉପରେ ଲାଗିଥିବା ନିଷିଦ୍ଧାଦେଶ ୫ ବର୍ଷ ବଢ଼ାଇବା ନିଷ୍ପତ୍ତିକୁ ଏକ ନ୍ୟାୟିକ ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ସିମି ଏହାର ଜିହାଦ ଲକ୍ଷ୍ୟକୁ ପରିତ୍ୟାଗ କରି ନ ଥିବାବେଳେ ଭାରତରେ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ପାଇଁ କାର୍ଯ୍ୟକ୍ରମ ଜାରି ରଖିଥିବା ଟ୍ରିବ୍ୟୁନାଲ କହିଛନ୍ତି। କେନ୍ଦ୍ର ସରକାର ସିମି ଉପରେ ବ୍ୟାନ୍‌କୁ ୫ ବର୍ଷ ବଢ଼ାଇବା ପାଇଁ ଗତ ଜାନୁଆରୀ ୨୯ରେ ନିଷ୍ପତ୍ତି ନେବା ପରେ ଫେବୃଆରୀ ୧୬ରେ ବେଆଇନ କାର୍ଯ୍ୟକଳାପ(ପ୍ରତିକାର) ଆଇନ, ୧୯୬୭ ଅନୁଯାୟୀ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ପୁରୁଷୈନ୍ଦ୍ର କୁମାର କୌରବଙ୍କୁ ନେଇ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା।

# ଆଇଏସ୍ ଟାର୍ଗେଟରେ ସ୍ୱିଫ୍ଟଙ୍କ ଫ୍ୟାନ୍ସ

- ଆତ୍ମଘାତୀ ଆକ୍ରମଣ ଯୋଜନା କରିଥିଲେ ୩ ପିଲା
- ଗୋଇନ୍ଦା ସୂଚନା ମିଳିବା ପରେ ୩ କନ୍‌ସର୍ଟ ବାତିଲ

ଭିଏନା,୮।୮


ଭିଏନାସ୍ଥିତ ଏର୍ନଷ୍ଟ ହାପ୍ପେଲ ଷ୍ଟାଡିୟମ୍ ବାହାରେ ଟେଲର ସ୍ୱିଫ୍ଟଙ୍କ ପ୍ରଶଂସକମାନେ ରୁଣ୍ଡ ହୋଇଥିବାବେଳେ ପ୍ରହରା ଦେଉଛି ଅଷ୍ଟ୍ରିଆ ପୋଲିସ।


ଆମେରିକୀୟ ପପ୍‌ଷ୍ଟାର୍ ଟେଲର ସ୍ୱିଫ୍ଟ

ଅଷ୍ଟ୍ରିଆ ରାଜଧାନୀ ଭିଏନାରେ ଆମେରିକୀୟ ସିଙ୍ଗର ଟେଲର ସ୍ୱିଫ୍ଟ ଗୁରୁବାରଠାରୁ ଶନିବାର ମଧ୍ୟରେ ୩ଟି କନ୍‌ସର୍ଟ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମରେ ଆତ୍ମଘାତୀ ଆକ୍ରମଣ କରାଯିବା ନେଇ ଯୋଜନା ଚାଲିଥିବା ଅଷ୍ଟ୍ରିଆ ପୋଲିସ ଜାଣିବା ପରେ ଏହାକୁ ବାତିଲ କରିଦିଆଯାଇଛି। ପୋଲିସ ୩ ଜଣ ସ୍ୱଳ୍ପବୟସ୍କଙ୍କୁ ଗିରଫ କରି ପଚରାଉଚରା କରୁଛି।

ପପ୍ ସୁପରଷ୍ଟାର ଟେଲର ସ୍ୱିଫ୍ଟଙ୍କ କନ୍‌ସର୍ଟ ଆୟୋଜନ ହେବାକୁ ଥିବା ଭିଏନାର ଏର୍ନଷ୍ଟ ହାପ୍ପେଲ ଷ୍ଟାଡିୟମ୍ ବାହାରେ ତାଙ୍କ ଫ୍ୟାନ୍‌ମାନଙ୍କୁ ହତ୍ୟା କରିବା ପାଇଁ ଜଣେ ୧୯ ବର୍ଷୀୟ ଯୁବକ ଯୋଜନା କରିଥିଲେ। ଏହି ନର୍ଥ ମାସେଡୋନିଆ ବଂଶୋଦ୍ଭବ ଅଷ୍ଟ୍ରିଆ ନାଗରିକଙ୍କୁ ଆକ୍ରମଣ ଯୋଜନାର ମାଷ୍ଟରମାଇଣ୍ଡ କୁହାଯାଉଛି। ହଙ୍ଗେରି ସୀମାନ୍ତ ଟର୍ନିଟ୍‌ଜ ସହରସ୍ଥିତ ଘରୁ ପୋଲିସ ତାଙ୍କୁ ଗିରଫ କରିଛି। ଜୁଲାଇ ୨୫ରେ ଏହି ସ୍ୱଳ୍ପବୟସ୍କ ବ୍ୟକ୍ତି ଅନ୍‌ଲାଇନରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏକ ବଡ଼ ଯୋଜନା ଥିବାରୁ ଚାକିରି ଛାଡ଼ିଥିବା ସେ ଏଥିରେ କହିଥିଲେ। ଆକ୍ରମଣ ପାଇଁ ସେ 'ତାଲିବାନ୍ ଦାଢ଼ି' ଧରି ନିଜ ଚେହେରା ବଦଳାଇଥିଲେ। ଏପରି କି ଅନ୍‌ଲାଇନ୍‌ରେ ଇସ୍‌ଲାମିକ୍ ପ୍ରୋପାଗଣ୍ଡା ଶେୟାର କରୁଥିଲେ। ସନ୍ଦିଗ୍ଧ ଜଣକ ଆଇଏସ୍ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିବାବେଳେ ଅଲ୍-କାଏଦାଠାରୁ ମଧ୍ୟ ସମର୍ଥନ ହାସଲ କରିଥିଲେ। ତାଙ୍କ ଘରେ ଚଢ଼ାଉ ବେଳେ ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ବୋମା, ଆଇଏସ୍ ପ୍ରଚାରପତ୍ର, ୨୧,୦୦୦ ୟୁରୋ (୨୩,୦୦୦ ଡଲାର)ର ଜାଲ୍ ନୋଟ୍ ସହ ଏକାଧିକ ମାରଣାସ୍ତ୍ର ଜବତ କରିଛନ୍ତି। ସେ ପୂର୍ବରୁ କାମ କରୁଥିବା ଏକ ମେଟାଲ ପ୍ରୋସେସିଂ କମ୍ପାନୀରୁ ରାସାୟନିକ ପଦାର୍ଥ ଚୋରି କରିଥିଲେ।

ଷ୍ଟାଡିୟମ୍‌ରେ ସେବା ପ୍ରଦାନକାରୀ ଏକ କମ୍ପାନୀ କିଛିଦିନ ତଳେ ତୁର୍କୀ-କ୍ରୋଏସିଆ ମୂଳର ୧୭ ବର୍ଷୀୟ ବାଳକଙ୍କୁ କାମ ଦେଇଥିଲା। ଗିରଫ ହୋଇଥିବା ଏହି ବାଳକଙ୍କ ନିକଟରେ ତାଙ୍କ ଗର୍ଲଫ୍ରେଣ୍ଡ ସହ ବ୍ରେକ୍‌ଅପ୍ ହୋଇଥିଲା। ତୃତୀୟ ଅଭିଯୁକ୍ତଙ୍କ ବୟସ ୧୫ ବର୍ଷ। ତୁର୍କୀ ବଂଶୋଦ୍ଭବ ଏହି ସନ୍ଦିଗ୍ଧ ଉକ୍ତ ଷ୍ଟାଡିୟମ୍‌ରେ ବିସ୍ଫୋରକ ଖଞ୍ଜି ଆତ୍ମଘାତୀ ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିବା ପୋଲିସ ଜାଣିବାକୁ ପାଇଛି।

ପ୍ରକାଶ ଯେ, ଗୁରୁବାର ଉକ୍ତ ଷ୍ଟାଡିୟମ୍‌ରେ ହେବାକୁ ଥିବା କନ୍‌ସର୍ଟକୁ ଦେଶବିଦେଶରୁ ୬୫,୦୦୦ ଦର୍ଶକ ଆସିବାର ଥିଲା। ତିନୋଟିଯାକ କାର୍ଯ୍ୟକ୍ରମରେ ମୋଟ ୧,୯୫,୦୦୦ ଲୋକ ସାମିଲ ହୋଇଥାଆନ୍ତେ। ତେବେ ଆମେରିକୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକଠାରୁ ଆକ୍ରମଣ ଯୋଜନା ସମ୍ପର୍କରେ ଅଷ୍ଟ୍ରିଆ କର୍ତ୍ତୃପକ୍ଷ ଜାଣିବା ପରେ ଏହାକୁ ରଦ୍ଦ କରିଦେଇଛନ୍ତି। ତେବେ ୩୪ ବର୍ଷୀୟା ସ୍ୱିଫ୍ଟ ତାଙ୍କ କାର୍ଯ୍ୟକ୍ରମ ରଦ୍ଦ ହେବା ଉପରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଇନ୍‌ଷ୍ଟାଗ୍ରାମରେ ସ୍ୱିଫ୍ଟଙ୍କ ୨୮୩ ନିୟୁତ ଅନୁଗାମୀ ରହିଛନ୍ତି। ତାଙ୍କ ଫ୍ୟାନ୍ସ କନ୍‌ସର୍ଟ ରଦ୍ଦ ପରିବର୍ତ୍ତେ ଆୟୋଜନ ତାରିଖ ଘୁଞ୍ଚାଇବାକୁ ଅନୁରୋଧ କରିଛନ୍ତି। ପ୍ରମୋଟରମାନେ ଟିକେଟର ମୂଲ୍ୟ ଫେରାଇଦେବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, କନ୍‌ସର୍ଟଗୁଡ଼ିକୁ ବହୁ ସଂଖ୍ୟକ ଦର୍ଶକ ଆସୁଥିବାରୁ ଇସ୍‌ଲାମିଷ୍ଟ ଆକ୍ରମଣକାରୀମାନେ ଏହାକୁ ଟାର୍ଗେଟ କରିଥାନ୍ତି। ୨୦୧୫ରେ ପ୍ୟାରିସ୍‌ର ବାଟାକ୍ଲାନ୍ ଭେନ୍ୟୁରେ ଆକ୍ରମଣ ହୋଇଥିବାବେଳେ ୨୦୧୭ରେ ମାଞ୍ଚେଷ୍ଟର ଏରେନାରେ ଆମେରିକୀୟ ପପ୍‌ଷ୍ଟାର ଆରିଆନା ଗ୍ରାଣ୍ଡେଙ୍କ କନ୍‌ସର୍ଟକୁ ଟାର୍ଗେଟ କରାଯାଇଥିଲା।

## ଆଇଏସ୍‌ଏସ୍‌ରେ ଆଉ ୬ ମାସ ରହିବେ ସୁନୀତା

ୱାଶିଂଟନ,୮।୮



ବୋଇଂର ଷ୍ଟାର୍‌ଲାଇନ ମହାକାଶ ଯାନରେ ଗୋଟିଏ ସପ୍ତାହ ପାଇଁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋର ଫେବୃଆରୀ ପୂର୍ବରୁ ଫେରୁନାହାନ୍ତି। ତାଙ୍କୁ ଆଉ ୬ ମାସ ସେଠାରେ ଅଟକି ରହିବାକୁ ପଡ଼ିବ। ବୋଇଂ ଷ୍ଟାର୍‌ଲାଇନରେ ସୃଷ୍ଟ ବୈଷୟିକ ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ସ୍ପେସ୍‌ଏକ୍ସ ସହାୟତାରେ ସୁନୀତା ଓ ୱିଲ୍‌ମୋରଙ୍କୁ ଆସନ୍ତା ବର୍ଷ ଫେବୃଆରୀରେ ଫେରାଇ ଆଣିବାକୁ ଯୋଜନା କରିଛି। ଯଦି ଷ୍ଟାର୍‌ଲାଇନ ମହାକାଶଚାରୀମାନଙ୍କୁ ଧରି ପୃଥିବୀ ଫେରିବା ପାଇଁ ସୁରକ୍ଷିତ ନ ହୁଏ, ତେବେ ସ୍ପେସ୍‌ଏକ୍ସର କ୍ରିଉ ଡ୍ରାଗନ୍ ସେମାନଙ୍କୁ ଫେରାଇ ଆଣିବା ପାଇଁ ପଠାଯାଇପାରେ ବୋଲି ନାସା କହିଛି। ବୋଇଂର ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ଏଲନ ମସ୍କଙ୍କ ସ୍ପେସ୍‌ଏକ୍ସ ସେପ୍ଟେମ୍ବର ୨୪ରେ ଏହାର କ୍ରିଉ-୯ ମିଶନ ପାଇଁ ଯୋଜନା ଚଳାଇଛି। ତେବେ ଏଥିରେ ୪ ଜଣ ପରିବର୍ତ୍ତେ ମାତ୍ର ୨ ଜଣ ମହାକାଶଚାରୀ ଆସିପାରିବେ। ଯଦି ଏହାକୁ କାର୍ଯ୍ୟକାରୀ କରାଯାଏ, ତେବେ କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍ ଫେବୃଆରୀରେ ସୁନୀତା ଏବଂ ୱିଲ୍‌ମୋରଙ୍କୁ ଧରି ପୃଥିବୀ ଫେରିବ।

## କଲେଜରେ ହିଜାବ ବ୍ୟାନ୍ ଉପରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ,୮।୮(ପି.ଟି.)

କଲେଜ କ୍ୟାମ୍ପସ୍‌ରେ ହିଜାବ ଏବଂ ବୁର୍ଖା ବ୍ୟାନ୍ ପାଇଁ ମୁମ୍ବାଇ କଲେଜ ନେଇଥିବା ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟ କାଏମ ରଖିଥିଲେ। ଏହା ବିରୋଧରେ ଦାଏର ପିଟିଶନର ଶୁଣାଣି ଶୁକ୍ରବାର କରିବାକୁ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଗୁରୁବାର ଓକିଲଙ୍କ ଯୁକ୍ତିକୁ ଗ୍ରହଣ କରିଛନ୍ତି। ପରୀକ୍ଷା ଗୁରୁବାର ଆରମ୍ଭ ହୋଇଥିବାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରୀମାନେ କଲେଜରେ ଡ୍ରେସ୍ କୋଡ୍‌କୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପିଟିଶନ୍‌ର ତ୍ୱରିତ୍ ଶୁଣାଣି ପାଇଁ ଓକିଲ ଅବିହା ଜାଇଦି ଖଣ୍ଡପୀଠକୁ ନିବେଦନ କରିଥିଲେ। ମୁମ୍ବାଇର ଚେମ୍ବୁର ଟ୍ରମ୍ବେ ଏଜୁକେଶନର ସୋସାଇଟିର ଏନ୍.ଜି. ଆଚାର୍ଯ୍ୟ ଏବଂ ଡି.କେ. ମରାଠେ କଲେଜ କର୍ତ୍ତୃପକ୍ଷ ହିଜାବ ଓ ବୁର୍ଖା ଉପରେ ନିଷେଧାଦେଶ ଲଗାଇଥିଲେ। ଏହି ନିୟମ ପିଲାମାନଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁ ନ ଥିବାରୁ ଏହା ଉପରେ ହସ୍ତକ୍ଷେପ କରିବାକୁ ବମ୍ବେ ହାଇକୋର୍ଟ ଜୁନ୍ ୨୬ରେ ମନା କରିଦେଇଥିଲେ।

## ୫ ବର୍ଗ ଔଷଧର ପରୀକ୍ଷା ଭାରତରେ ଆବଶ୍ୟକ ନାହିଁ

ନୂଆଦିଲ୍ଲୀ,୮।୮

ଆମେରିକା, ବ୍ରିଟେନ, ଜାପାନ, ଅଷ୍ଟ୍ରେଲିଆ, କାନାଡା ଏବଂ ୟୁରୋପୀୟ ୟୁନିୟନ ଦ୍ୱାରା ଅନୁମୋଦିତ ନିର୍ଦ୍ଦିଷ୍ଟ ବର୍ଗର ଔଷଧ ପାଇଁ ଭାରତରେ କ୍ଲିନିକାଲ ପରୀକ୍ଷା ଆବଶ୍ୟକ ନାହିଁ। ୫ଟି ବର୍ଗର ଔଷଧରୁ ଏହି ପରୀକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ଉଠାଇ ଦେଇଛନ୍ତି। ସେଗୁଡ଼ିକ ହେଲା ବିରଳ ରୋଗ, ଜିନ୍ ଏବଂ ସେଲୁଲାର ଚିକିତ୍ସା ଉତ୍ପାଦ, ମହାମାରୀ ସ୍ଥିତିରେ ବ୍ୟବହୃତ ନୂଆ ଔଷଧ, ନିର୍ଦ୍ଦିଷ୍ଟ ପ୍ରତିକାର ଉଦ୍ଦେଶ୍ୟରେ ବ୍ୟବହୃତ ନୂଆ ଔଷଧ ଏବଂ ଉଲ୍ଲେଖନୀୟ ଚିକିତ୍ସାଗତ ଅଗ୍ରଗତି କରୁଥିବା ନୂଆ ଔଷଧ। ଉପରୋକ୍ତ ଔଷଧର କ୍ଲିନିକାଲ ପରୀକ୍ଷା କରା ନ ଗଲେ କ୍ୟାନ୍‌ସର, ସ୍ପାଇନାଲ ମସ୍କୁଲାର ଅଟ୍ରୋଫି ଏବଂ ଡୁଚେନ ମସ୍କୁଲାର ଡାଇଷ୍ଟ୍ରୋଫି ଭଳି ରୋଗର ଚିକିତ୍ସା ପାଇଁ ଔଷଧ ଶୀଘ୍ର ଉପଲବ୍ଧ ହୋଇପାରିବ।

## ଫୋଗଟ ପ୍ରସଙ୍ଗରେ ରାଜ୍ୟ ସଭାରେ ହଟ୍ଟଗୋଳ

ନୂଆଦିଲ୍ଲୀ,୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ପ୍ରସଙ୍ଗକୁ ନେଇ ଗୁରୁବାର ରାଜ୍ୟ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି। ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ନ ମିଳିବାରୁ ଟିଏମ୍‌ସି ନେତା ଓ କେତେଜଣ ବିରୋଧୀ ଏମ୍‌ପିଙ୍କ ସହ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କର କଥା କଟାକଟି ହୋଇଥିଲା। ଫଳରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିବା ପରେ ଧନ୍‌କର ରାଜ୍ୟ ସଭା ଛାଡ଼ି ଚାଲିଯାଇଥିଲେ। ଗୁରୁବାର ସକାଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଫୋଗଟଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗ ଉଠାଇଥିଲେ। ତେବେ ଧନ୍‌କର ତାଙ୍କୁ ଏଥିପାଇଁ ଅନୁମତି ନ ଦେବାରୁ ତାଙ୍କ ସହ ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍‌ଙ୍କର ଜୋର୍‌ଦାର ଯୁକ୍ତିତର୍କ ହୋଇଥିଲା। ଏହା ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ପ୍ରସଙ୍ଗ ନୁହେଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଖାର୍ଗେ କହିଥିଲେ। ଫୋଗଟଙ୍କୁ ଅଯୋଗ୍ୟ ଘୋଷଣା ପଛରେ କିଏ, ତାହା ଆମେ ଜାଣିବାକୁ ଚାହୁଁଛୁ ବୋଲି କଂଗ୍ରେସ ନେତା କହିବା ସତ୍ତ୍ୱେ ଧନ୍‌କର ତାଙ୍କୁ ଆଲୋଚନା ପାଇଁ ଅନୁମତି ନ ଦେଇ ଶୂନ୍ୟକାଳ ତାଲିକାକୁ ଯାଇଥିଲେ। ଏହି ସମୟରେ ଓ'ବ୍ରାଏନ୍ ଉଠି ପ୍ରତିବାଦ କରିଥିବାବେଳେ ଗୃହରେ ହଟ୍ଟଗୋଳ ଯୋଗୁ କିଛି ଶୁଣାଯାଇ ନ ଥିଲା। ଗୃହରେ ଟିଏମ୍‌ସି ନେତାଙ୍କ ଆଚରଣ ଅତ୍ୟନ୍ତ ଖରାପ ବୋଲି ଧନ୍‌କର କହିବା ସହ ତାଙ୍କ କାର୍ଯ୍ୟକୁ ନିନ୍ଦା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଏଭଳି ଆଚରଣ ଦେଖାଇଲେ ଗୃହରୁ ବାହାର କରିଦେବେ ବୋଲି କହିଥିଲେ। ଫଳରେ ଗୃହରେ ଉତ୍ତେଜନା ଦେଖାଦେବା ସହ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ପ୍ରସଙ୍ଗର ରାଜନୀତିକରଣ କରିବା ଫୋଗଟଙ୍କ ପ୍ରତି ଅତ୍ୟନ୍ତ ଅସମ୍ମାନ ବୋଲି ଧନ୍‌କର କହିଥିଲେ। ଗୃହର ନେତା ତଥା ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ବିରୋଧୀ ସଦସ୍ୟଙ୍କ ବ୍ୟବହାରକୁ ନିନ୍ଦା କରିଥିଲେ। ବିରୋଧୀ ସଦସ୍ୟଙ୍କ ବ୍ୟବହାରରେ ଧନ୍‌କର କ୍ଷୋଭ ପ୍ରକାଶ କରିବା ସହ ଗୃହ ଛାଡ଼ି ଚାଲିଯାଇଥିଲେ। ବିରୋଧୀ ସଦସ୍ୟଙ୍କ ଆଚରଣ ସବୁ ସୀମା ଲଂଘନ କରିଛି। ସେମାନେ ଗୃହରେ ଅରାଜକତା ସୃଷ୍ଟି କରିବା ସହ ଅଧ୍ୟକ୍ଷଙ୍କ ଆସନକୁ ଅସମ୍ମାନିତ କରୁଛନ୍ତି ବୋଲି ଧନ୍‌କର କହିଥିଲେ।

## ଏମ୍‌ଏସ୍‌ପି ଦାବି: ସଂସଦ ପରିସରରେ ବିରୋଧୀଙ୍କ ବିକ୍ଷୋଭ

ଶ୍ରୀନଗର,୮।୮(ପି.ଟି.)




ଚାଷୀମାନେ ଅମଳ କରୁଥିବା ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ସମେତ ସେମାନଙ୍କୁ ନ୍ୟାୟ ସୁନିଶ୍ଚିତ କରାଇବା ଦାବିରେ ବିରୋଧୀ ଦଳ ନେତାମାନେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି), ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି, ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି-ଏସ୍‌ପି), ଶିବସେନା(ୟୁବିଟି) ଓ ଅନ୍ୟ ଦଳର ନେତାମାନେ ସାମିଲ ହୋଇଥିଲେ। ଏମ୍‌ପିମାନେ ପରିବା ମାଳ ପିନ୍ଧି କୃଷକଙ୍କୁ ଫସଲର ଏମ୍‌ଏସ୍‌ପି ଦିଅ ଏବଂ ସେମାନଙ୍କ ପ୍ରତି ଅନ୍ୟାୟ ବନ୍ଦ କର ସ୍ଲୋଗାନ ଦେଇଥିଲେ। ଭାଜପା ଯେଭଳି ଭାବେ ଟିଡିପି ଏବଂ ଜେଡିୟୁକୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇଛି, ସେହିଭଳି କୃଷକମାନଙ୍କ ପାଇଁ ଏମ୍‌ଏସ୍‌ପି ସୁନିଶ୍ଚିତ କରାଯିବାକୁ ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ କହିଥିଲେ। ମହାରାଷ୍ଟ୍ରର ପିଆଜ ଚାଷୀଙ୍କ ଉପରେ ଲଗାଯାଇଥିବା ରପ୍ତାନି ବ୍ୟାନ୍‌କୁ ହଟାଇବାକୁ ସେମାନେ ଦାବି କରିଥିଲେ। କୃଷକମାନେ ନ୍ୟାୟ ପାଇବା ସେମାନଙ୍କ ଲକ୍ଷ୍ୟ ଏବଂ ଏଥିପାଇଁ ସ୍ୱର ଉତ୍ତୋଳନ ଜାରି ରହିବ ବୋଲି ବିକ୍ଷୋଭକାରୀ ଏମ୍‌ପିମାନେ କହିଛନ୍ତି।

**ଫୁର୍‌ସତ୍**



## ନାଗା, ସୋଭିତାଙ୍କ ନିର୍ବନ୍ଧ

ହାଇଦ୍ରାବାଦ

ଅଭିନେତ୍ରୀ ସୋଭିତା ଧୁଲିପାଲାଙ୍କ ସହ ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ନିର୍ବନ୍ଧ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନିବନ୍ଧ ଉତ୍ସବରେ ଉଭୟଙ୍କ ପରିବାରବର୍ଗ ଓ ନିକଟ ସମ୍ପର୍କୀୟ ବନ୍ଧୁ ଉପସ୍ଥିତି ରହି ଏହି ଯୋଡ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନାଗା ଚୈତନ୍ୟଙ୍କ ବାପା ତଥା ସାଉଥ୍ ସୁପରଷ୍ଟାର ନାଗାର୍ଜୁନ ଗୁରୁବାର ଏହି ନିର୍ବନ୍ଧ ଉତ୍ସବର ଫଟୋକୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଶେୟାର କରିଛନ୍ତି। ସେ ତାଙ୍କ ପୁଅ ଏବଂ ହେବାକୁ ଥିବା ବୋହୂଙ୍କର ୨ଟି ଫଟୋ ଶେୟାର କରିଛନ୍ତି। ପ୍ରଥମ ଫଟୋରେ ନାଗାର୍ଜୁନ ପୁଅ ନାଗା ଚୈତନ୍ୟ ଓ ଶୋଭିତା ଧୁଲିପାଲାଙ୍କୁ ଆଲିଙ୍ଗନ କରୁଛନ୍ତି। ଦ୍ୱିତୀୟ ଫଟୋରେ ଶୋଭିତା ଏବଂ ନାଗା ପରସ୍ପର ସହ ଖୁସିରେ ପୋଜ୍ ଦେଉଛନ୍ତି। ନିର୍ବନ୍ଧବେଳେ ଉଭୟେ ପାରମ୍ପରିକ ପୋଷାକ ପିନ୍ଧିଥିବା ନଜର ଆସିଛନ୍ତି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ନାଗାର୍ଜୁନ ଲେଖିଛନ୍ତି, ପୁଅ ନାଗା ଚୈତନ୍ୟଙ୍କ ନିର୍ବନ୍ଧ ଶୋଭିତା ଧୁଲିପାଲାଙ୍କ ସହ ଗୁରୁବାର ସକାଳେ ଅନୁଷ୍ଠିତ ହୋଇଯାଇଛି। ଶୋଭିତାଙ୍କୁ ଆମ ପରିବାରକୁ ସ୍ୱାଗତ। ଉଭୟେ ସବୁବେଳେ ସୁଖୀ ରୁହନ୍ତୁ। ଭଗବାନ ସେମାନଙ୍କର ମଙ୍ଗଳ କରନ୍ତୁ।

ଅଭିନେତା ନାଗା ଚୈତନ୍ୟ ସୋଭିତାଙ୍କୁ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି। ପୂର୍ବରୁ ୨୦୧୭ରେ ସେ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ତେବେ ୨୦୨୧ ଅକ୍ଟୋବର ୨ରେ ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ସେବେଠାରୁ ନାଗା ଅଭିନେତ୍ରୀ ସୋଭିତାଙ୍କୁ ଡେଟ୍ କରି ଆସୁଥିଲେ। ସୋଭିତା ଏବଂ ନାଗା ଦୀର୍ଘ ଦିନ ଧରି ରିଲେସନ୍‌ଶିପ୍‌ରେ ଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇ ଆସୁଥିଲା। ଉଭୟଙ୍କୁ ବିଭିନ୍ନ ପ୍ରସଙ୍ଗରେ ଏକାଠି ଦେଖିବାକୁ ମିଳିଥିଲା।

## ଜମି ଖୋଳୁ ଖୋଳୁ ୧୬.୧୦ କ୍ୟାରେଟ୍ ହୀରା

ପାନ୍ନା



ମଧ୍ୟପ୍ରଦେଶ ପାନ୍ନା ଜିଲାର ଏକ ଖଣିରେ କୃଷକ ଦିଲୀପ ମିସ୍ତ୍ରି ଓ ୩ ସହଯୋଗୀ ମିଶି ଖନନ କରୁଥିବାବେଳେ ୧୬.୧୦ କ୍ୟାରେଟ୍‌ର ଏକ ମୂଲ୍ୟବାନ ହୀରା ପାଇଛନ୍ତି। ସେମାନେ ଜିଲାର ଜାରୁଆପର୍ ଅଞ୍ଚଳରେ ଏକ ଜମି ଲିଜ୍ ନେଇ ସେଠାରେ ଖନନ କରୁଥିଲେ। ହୀରା ନିଲାମରୁ ମିଳିବାକୁ ଥିବା ଟଙ୍କାକୁ ସେ ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବ୍ୟବହାର କରିବେ ବୋଲି ଦିଲୀପ କହିଛନ୍ତି।

ତେବେ ଏହି ମୂଲ୍ୟବାନ ହୀରାକୁ ପରବର୍ତ୍ତୀ ସରକାରୀ ନିଲାମରେ ବିକ୍ରି ପାଇଁ ରଖାଯିବ ବୋଲି ଅନୁପମ ସିଂ ନାମକ ପାନ୍ନା ହୀରା କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେ କୌଣସି ଆକଳନ କରି ନ ଥିଲେ ମଧ୍ୟ ନିଲାମରେ ଏହି ହୀରା ପାଇଁ ଲକ୍ଷାଧିକ ଟଙ୍କା ମିଳିବ ବୋଲି କହିଛନ୍ତି। ବିକ୍ରୟ ମୂଲ୍ୟ ଉପରୁ ସରକାରୀ ରୟାଲଟି ଏବଂ ଟିକସ କଟିବା ପରେ ଏହା ହୀରାର ମାଲିକମାନଙ୍କୁ ଦିଆଯିବ। ଏଥିପାଇଁ ଉକ୍ତ ହୀରାର ଖୋଲା ଟେଣ୍ଡର ରଖାଯିବ ବୋଲି ଅନୁପମ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ହୀରାର ଆବିଷ୍କାର ଦିଲୀପଙ୍କ ପରିବାର ପାଇଁ ଆନନ୍ଦ ଆଣିଦେଇଛି। ହୀରା ମିଳିବା ପରେ ସେ ଏହାକୁ ପାନ୍ନା ଜିଲା ହୀରା କାର୍ଯ୍ୟାଳୟରେ ଜମା କରାଇଥିଲେ।

## ପ୍ରେମିକାଙ୍କ ପାଇଁ ଚୋର ସାଜିଲେ ଛାତ୍ର

ନୂଆଦିଲ୍ଲୀ

ପ୍ରେମିକାଙ୍କୁ ଖୁସି କରିବା ପାଇଁ ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ଚୋର ପାଲଟିଛନ୍ତି। ସେ ନିଜ ଘରେ ମା'ଙ୍କ ଗହଣା ଚୋରି କରିଛନ୍ତି। ପରେ ସେ ଏହାକୁ ବିକ୍ରିକରି ମିଳିଥିବା ଟଙ୍କାରେ ପ୍ରେମିକାଙ୍କ ପାଇଁ ଏକ ଆଇଫୋନ୍ କିଣିଛନ୍ତି। ପ୍ରେମିକାଙ୍କ ଜନ୍ମଦିନରେ ସେ ତାଙ୍କୁ ଉକ୍ତ ଆଇଫୋନ୍ ଉପହାରରେ ଦେଇଛନ୍ତି। ଦିଲ୍ଲୀସ୍ଥିତ ନଜଫଗଡ଼ ଅଞ୍ଚଳରେ ଏପରି ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକ ଜଣକ ଦିଲ୍ଲୀର ଏକ ପ୍ରାଇଭେଟ୍ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ ବୋଲି ବୁଧବାର ଦିଲ୍ଲୀ ପୋଲିସ ସୂଚନା ଦେଇଛି। ତେବେ ଗହଣା ଚୋରି ହୋଇଥିବା ନେଇ ଜାଣିବା ପରେ ଅଭିଯୁକ୍ତ ନାବାଳକଙ୍କ ମା' ଥାନାରେ ଏତଲା ଦେଇଥିଲେ। ପୋଲିସର ତଦନ୍ତ ପରେ ପୂରା ମାମଲା ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକ ଜଣକ ନିଜ ମା'ଙ୍କ ୨ଟି ସୁନାଚେନ୍, ଗୋଟିଏ ଯୋଡ଼ି ସୁନା କାନଫୁଲ ଓ ଗୋଟିଏ ସୁନାମୁଦିକୁ ଚୋରି କରି ୨ଟି ଗହଣା ଦୋକାନରେ ବିକ୍ରି କରିଥିବା ନେଇ ଦ୍ୱାରକା ଡେପୁଟି କମିଶନର(ଡିସିପି) ଅଙ୍କିତ ସିଂ ସୂଚନା ଦେଇଛନ୍ତି। ପୋଲିସ ଘଟଣାରେ କମଳ ବର୍ମା ନାମକ ଜଣେ ଗହଣା ଦୋକାନୀ ଓ ଅଭିଯୁକ୍ତ ନାବାଳକଙ୍କୁ ଗିରଫକରି ପଚରାଉଚରା ଜାରି ରଖିବା ସହ ଚୋରି ହୋଇଥିବା ଗହଣାକୁ ଜବତ କରିଛି। ଗତ ୨ ତାରିଖରେ ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନାବାଳକ ଏହି ଚୋରି କରିଥିଲେ। ଅଭିଯୁକ୍ତ ନାବାଳକ ନିଜ ମା'ଙ୍କ ଗହଣା ବିକି ପ୍ରେମିକାଙ୍କ ପାଇଁ ୫୦ ହଜାର ଟଙ୍କା ମୂଲ୍ୟର ଏକ ଆଇଫୋନ୍ କିଣିଥିଲେ ବୋଲି ଅଙ୍କିତ ସିଂ ସୂଚନା ଦେଇଛନ୍ତି।

## ମନ୍ଦିର ହୋର୍ଡିଂରେ ମିଆ ଖଲିଫାଙ୍କ ଫଟୋ

ଚେନ୍ନାଇ



ତାମିଲନାଡୁର ଏକ ମନ୍ଦିର ହୋର୍ଡିଂରେ ସ୍ଥାନିତ ପର୍ନ ଷ୍ଟାର ମିଆ ଖଲିଫାଙ୍କ ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ଭକ୍ତଙ୍କ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ତାମିଲନାଡୁର କାଞ୍ଚିପୁରମ୍ ଜିଲା କୁରୁମଲାଇସ୍ଥିତ ନାଗଥମ୍ମନ ଓ ସେଲିୟାମ୍ମନ ମନ୍ଦିରରେ ଦେବୀ ଅମ୍ମାନଙ୍କ ଆଦି ମହୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ହଜାର ହଜାର ଭକ୍ତଙ୍କ ଗହଣରେ ଚାଲିଥିବା ଏହି ଉତ୍ସବର ଅନେକ ହୋର୍ଡିଂ ମନ୍ଦିର ନିକଟରେ ଦେଖିବାକୁ ମିଳିଛି।

ଗୁରୁବାର ସେଥିମଧ୍ୟରୁ ଏକ ହୋର୍ଡିଂରେ ପୂର୍ବତନ ଆଡଲ୍ଟ ଫିଲ୍ମ ଷ୍ଟାର ମିଆ ଖଲିଫାଙ୍କର ଫଟୋ ଦେଖିବାକୁ ମିଳିଛି। ହୋର୍ଡିଂରେ ଦେବୀ ଅମ୍ମାନଙ୍କ ଫଟୋ ସହ ମିଆ ଖଲିଫାଙ୍କ ଫଟୋ ରହିଛି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଦି ଉତ୍ସବ ପାଇଁ ରହିଥିବା ପାରମ୍ପରିକ ପ୍ରସାଦ 'ପାଲ୍ କୁଦାମ'କୁ ସେ ମୁଣ୍ଡରେ ନେଇ ଯାଉଥିବା ପରି ଉକ୍ତ ହୋର୍ଡିଂଟି ପ୍ରସ୍ତୁତ ହୋଇଛି। ତେବେ ହୋର୍ଡିଂରେ ମିଆ ଖଲିଫାଙ୍କ ଫଟୋ ଭାଇରାଲ ହେବା ପରେ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ହୋର୍ଡିଂଟିକୁ କାଢ଼ିଦେଇଛି।

## ୧.୫ କୋଟି ଟଙ୍କାର ବିରଳ ବ୍ରିଟିଶ ମୁଦ୍ରା

ଲଣ୍ଡନ




୧୯୩୩ ମସିହାର ଏକ ଅସାଧାରଣ ପ୍ରି-ଡେସିମିଲ ପେନି ମୁଦ୍ରା ନିଲାମ ହୋଇ ୧,୪୦,୦୦୦ ପାଉଣ୍ଡ (ପ୍ରାୟ ଦେଢ଼ କୋଟି ଟଙ୍କା) ମୂଲ୍ୟରେ ବିକ୍ରି ହୋଇଛି, ଯାହା ଏହାର ମାଲିକଙ୍କୁ କୋଟିପତି କରିପାରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ରେ ୧ ଲକ୍ଷ ୭୨ ହଜାରରୁ ଅଧିକ ଫଲୋଅର୍ସ ଥିବା ଜଣେ ୟୁଜର୍ସ ଏକ ପୋଷ୍ଟ ଶେୟାରକରି ଏହି ସୂଚନା ଦେଇଛନ୍ତି। ଏହି ମୁଦ୍ରାକୁ ସେ ବ୍ୟକ୍ତିଗତ ଭାବେ ସଂଗ୍ରହ କରିଥିଲେ। ତେବେ ଏହି ଆଇକନିକ୍ ମୁଦ୍ରାକୁ ଦେଖିବାକୁ ଅନେକ ପରିଦର୍ଶକ ତାଙ୍କ ନିକଟକୁ ଆସନ୍ତି ବୋଲି ସେ ନିଜ ଫଲୋଅର୍ସଙ୍କୁ ଜଣାଇଛନ୍ତି। ସାଧାରଣତଃ ଏହି ମୁଦ୍ରାଗୁଡ଼ିକ ଟ୍ରେଜେରି ପରି ସୁରକ୍ଷିତ ସ୍ଥାନରୁ ମଧ୍ୟ ଅଦୃଶ୍ୟ ହେବାର ନଜିର ଥିବା ସେ କହିଛନ୍ତି। ୨୦୧୬ରେ ସେ ନିଜର ଏହି ବିରଳ ମୁଦ୍ରାକୁ ନିଲାମ କରିଥିବାବେଳେ ସେତେବେଳେ ଏହା ୧ ଲକ୍ଷ ୪୯ ହଜାର ପାଉଣ୍ଡରେ ବିକ୍ରି ହୋଇଥିଲା। ଅନ୍ୟପକ୍ଷରେ ଯଦି ଏହି ମୁଦ୍ରା ପୁଣି ଥରେ ବଜାରକୁ ପ୍ରବେଶ କରେ, ତେବେ ଏହା ଆହୁରି ଅଧିକ ମୂଲ୍ୟରେ ବିକ୍ରି ହେବ ବୋଲି ଏହାର ପୂର୍ବତନ ମାଲିକ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଖଜା ଦୋକାନୀଙ୍କୁ ହତ୍ୟା

ପୁରୀ,୮।୮(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍ ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଖଜା ଦୋକାନୀଙ୍କ ଜୀବନ ଯାଇଛି। ମୃତକ ହେଲେ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ର ଦିନେଶ କୁମାର ଖୁଣ୍ଟିଆ। ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଦୀନେଶଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ, ଦିନେଶ ଖଜା ବ୍ୟବସାୟ କରନ୍ତି। ଗୁରୁବାର ରାତି ପ୍ରାୟ ୯ଟାରେ ଅଭିଯୁକ୍ତ କାହ୍ନା ଓ ତାଙ୍କ ପରିବାର ଲୋକେ ଫୋନକରି ଦିନେଶଙ୍କୁ ବାହାରକୁ ଡାକିଥିଲେ। ମାତ୍ର ସେ ଯିବାକୁ ମନା କରିଦେଇଥିଲେ। ଦୀନେଶ କେଉଁଠି ଅଛନ୍ତି, ତାଙ୍କୁ ଆମ ପାଖକୁ ପଠାଅ ବୋଲି ସେମାନେ କହିଥିଲେ। ମାତ୍ର ଦିନେଶ ବଜାର ଯାଇଛନ୍ତି ବୋଲି ତାଙ୍କ ଭାଇ କହିଥିଲେ। ଏହାପରେ ରାତି ପ୍ରାୟ ସାଢେ ୯ଟାରୁ ୧୦ଟା ମଧ୍ୟରେ ଦୀନେଶ ଘରକୁ ଫେରୁଥିବାବେଳେ

### ଟିମ୍ ଗଠନ କରି ପୋଲିସର ତଦନ୍ତ ଆରମ୍ଭ

ସ୍ଥାନୀୟ ଛକ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣ ଛୁରି ଓ କଟୁରିରେ ଆକ୍ରମଣ କରିଥିବାବେଳେ ୨ଜଣ ଘରେ ଥିଲେ। ଆକ୍ରମଣରେ ଦୀନେଶଙ୍କ ବାମପଟ ବେକରେ ଗଭୀର ଆଘାତ ଲାଗିଛି। ଏହାଛଡ଼ା ଶରୀରର ବିଭିନ୍ନ ସ୍ଥାନରେ ମଧ୍ୟ କ୍ଷତ ସୃଷ୍ଟି ହୋଇଛି। ଦୀନେଶ ସେଠାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୀନେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଭାଇ କହିଛନ୍ତି। ପୂର୍ବରୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ସହିତ ବ୍ୟବସାୟକୁନେଇ ତାଙ୍କର ଗଣ୍ଡଗୋଳ ହୋଇଥିଲା ବୋଲି ଦୀନେଶଙ୍କ ଭାଇ କହିଛନ୍ତି। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ମଧ୍ୟ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଅଭିଯୁକ୍ତମାନଙ୍କୁ ଧରିବା ନିମନ୍ତେ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଏନେଇ ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର କହିଛନ୍ତି, ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଏନେଇ ଏବେ କିଛି କହିହେବ ନାହିଁ। ତଦନ୍ତ ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ। ତଦନ୍ତ ଅଗ୍ରଗତି ହେବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ପୋଲିସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ନେଇ ସାଧାରଣରେ ଆତଙ୍କ ପ୍ରକାଶ ପାଇଥିବାବେଳେ ଲୋକଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠିଛି।

# ହଦଗଡ଼ ଅଭୟାରଣ୍ୟରୁ ହାତୀ ମୃତଦେହ ଠାବ



ହାଟଡ଼ିହୀ(ଶୁଭକାନ୍ତ ନାୟକ)/ବଉଳା (ଦୁର୍ଗା ପ୍ରସାଦ ଆୟଚ),୮।୮

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ହସ୍ତୀ ଅଭୟାରଣ୍ୟ ପରିଧି ପିତାନାଉ ନିକଟରୁ ଏକ ମାଇ ହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ୫୦ ବର୍ଷ ହେବ ବୋଲି ବନ ବିଭାଗ କହିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ବାର୍ଦ୍ଧକ୍ୟ ଜନିତ କାରଣରୁ ମୃତ୍ୟୁ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ ଶିକାରୀମାନେ ବିଷ କ୍ରିୟା କିମ୍ବା ଆଘାତ କରି ହାତୀଟିକୁ ମାରିଦେଇଥିବା ଆଲୋଚନା ହେଉଛି। ବନ ବିଭାଗ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବ୍ଲକ୍ ଭେଟେରିନାରୀ ଅଫିସର (ବିଭିଓ) ମୃତଦେହ ବ୍ୟବଚ୍ଛେଦ କରିବା ପରେ ଜଙ୍ଗଲରେ ମୃତଦେହ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆନନ୍ଦପୁର ଡିଏଫଓ ଅଭୟ ଦଳେଇ କହିଛନ୍ତି, ଏକ ପ୍ରାପ୍ତ ବୟସ୍କା ମାଇ ହାତୀର ମୃତଦେହ ଠାବ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ସୋସୋ ଥାନା ଅଞ୍ଚଳରେ ଗୋଟିଏ ହାତୀର ମୃତଦେହ ଏକ ବିଲରୁ ମିଳିଥିଲା। ଦନ୍ତା ହାତୀକୁ କରେଣ୍ଟ ଲଗାଇ ହତ୍ୟା ଅଭିଯୋଗ ପରେ ବନ ବିଭାଗ ଜମି ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ୱକଫ୍ ବୋର୍ଡରେ ମୁସଲମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ: ନବୀନ

### ବିଜେଡି ସଭାପତିଙ୍କୁ ଭେଟିଲେ ୩ ଜିଲାର ସଂଖ୍ୟାଲଘୁ ସମ୍ପ୍ରଦାୟ

ଭୁବନେଶ୍ୱର,୮।୮(ଅନିଲ ଦାସ)

ବିଜୁ ଜନତା ଦଳ ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସଠାରେ ପୁରୀ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲାର ମୁସଲମାନ ସମ୍ପ୍ରଦାୟ ଭେଟି ଆଲୋଚନା କରିଛନ୍ତି। ବିଜୁ ଜନତା ଦଳ ସରକାର ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଉନ୍ନତି ଓ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଲାଗି ବିଜେଡି ସଭାପତିଙ୍କୁ ସେମାନେ ଧନ୍ୟବାଦ ଜଣାଇଥିଲେ। ଆଲୋଚନା ସମୟରେ ସେମାନେ କେନ୍ଦ୍ର ସରକାରଙ୍କ ୱକଫ୍ ବୋର୍ଡ ସଂଶୋଧନ ବିଲ୍ ସମ୍ପର୍କରେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱକଫ ବୋର୍ଡରେ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ସୁରକ୍ଷା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି ନବୀନ କହିଛନ୍ତି। ବିଜୁ ଜନତା ଦଳକୁ ମଜଭୁତ କରିବା ପାଇଁ ସମସ୍ତେ ଏକାଠି କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପିପିଲିର ପୌରପରିଷଦ ଅଧ୍ୟକ୍ଷ ଓ ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ସେକ୍ ନିଜାମୁଦ୍ଦିନ ଉପସ୍ଥିତ ଥିଲେ।



ନବୀନ ନିବାସରେ ଗୁରୁବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଭେଟୁଛନ୍ତି।

# ଭୁଲ୍ ବୁଝାମଣାରୁ ଅପ୍ରୀତିକର ସ୍ଥିତି

ପାଲଲହଡ଼ା,୮।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦର ମହକୁମାଠାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ଧାର୍ମିକ ସ୍ଥଳରେ ଗୁରୁବାର ସନ୍ଧ୍ୟାରେ ଭୁଲ୍ ବୁଝାମଣାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପାଲଲହଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପାଲଲହଡ଼ା ଥାନା ଆଇଆଇସି ପରାଓ ଟୁଟୁ କହିଛନ୍ତି, ଦେବଗଡ଼ ଜିଲାରୁ ଉକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଧର୍ମଗୁରୁ ପାଲଲହଡ଼ାସ୍ଥିତ ଧାର୍ମିକ ସ୍ଥଳକୁ ଆସିଥିଲେ। ସେମାନେ ଧାର୍ମିକ କାର୍ଯ୍ୟକ୍ରମ କରୁଥିବା ବେଳେ ଭୁଲ୍‌ବୁଝାମଣା ପାଇଁ ଅନ୍ୟ ସମ୍ପ୍ରଦାୟର କିଛି ସଙ୍ଗଠନ କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ପୋଲିସ ବୁଝାଶୁଝା କରିବା ପରେ ସବୁକିଛି ଠିକ୍‌ଠାକ୍ ହୋଇଯାଇଥିଲା। ପୋଲିସ ଉପସ୍ଥିତି ରହି ଘଟଣା ଉପରେ ନଜର ରଖିଥିବା ଆଇଆଇସି ପ୍ରକାଶ କରିଛନ୍ତି।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI

(DISTRICT PROGRAMME MANAGEMENT UNIT)
PHONE/FAX: 06670-230998, EMAIL:dpmukalahandi@gmail.com

No.2254/DPMU (NHM) Date:08.08.2024

**NOTICE**
(In House Selection)

**No.E-193:** Interested eligible candidates are invited for the In-House selection of the contractual employees currently working under National Health Mission in the same post under the OSH & FW Society in other district, desiring to be posted in Kalahandi District against the vacant positions on contractual basis as mentioned below.

| SL No | Name of the Post | No. of positions vacant | Application submission and document verification |
|---|---|---|---|
| 1 | AYUSH M.O. (BAMS) Female (RBSK) | ST-2 | The candidates are required to attend for document verification on dated 21-08-2024 from 10.00 AM to 1 PM |
| 2 | AYUSH M.O. (BHMS) Female (RBSK) | UR-3, SC-2, ST-3 | |
| 3 | AYUSH M.O. (BHMS) Male (RBSK) | UR-1, ST-3 | |
| 4 | AYUSH M.O. (BAMS) Co-located | UR-1, ST-5 | |
| 5 | AYUSH M.O. (BHMS) Co-located | UR-2, ST-4 | |

Interested eligible NHM employees fulfilling the criteria can log on to www.kalahandi.odisha.gov.in for details (terms and conditions & application form etc.). Eligible employees for the above post **(who are working in different district in same post)** who are interested required to attend at the Office of the Chief District Medical and Public Health Officer, Kalahandi, Bhawanipatna with required documents (please read general information and instruction page) for application submission and verification of documents as mentioned above schedule date and time. No one will be considered after the scheduled date & time. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any delay to come in the schedule date & No personal query will be entertained.

OIPR-10076/11/0004/2425 **Sd./-Chief District Medical & Public Health Officer, Kalahandi**

## ODISHA JOINT ENTRANCE EXAMINATION - 2024 (OJEE - 2024)

PUBLIC NOTICE REGARDING
OJEE WEB COUNSELLING FOR 2024-25

No. : OJEE/375 Date : 08.08.2024

No.h-06: This is for the information of all concerned that OJEE Web-Based Counselling Process for **Integrated MBA and Pending process for LE Pharmacy** is going to start from **9th August, 2024 (Friday).**

Interested candidates having valid OJEE 2024 Rank (OJEE conducted during May, 2024 ) are advised to visit OJEE websites (www.ojee.nic.in / www.odishajee.com) and see the detailed **Counselling Schedule and the process** for these courses.

They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get other detailed information about the entire counselling process. The process of Integrated MBA will be as per the schedule only.

**Sd./- Chairman, OJEE Odisha**

OIPR-44026/11/0006/2425

## ODISHA COMPUTER APPLICATION CENTRE
OCAC
**REQUEST FOR PROPOSAL**
Enq.No.-OCAC-IFITP-SW-0011-2024-24063

Odisha Computer Application Centre (OCAC) invites Request for Proposal (RFP) for selection of an Agency for the installation and management of Odisha Pavilion at the Semicon India 2024 Exposition and Conference in Greater Noida at India Expo Mart, Delhi NCR from 11th - 13th September 2024. For details please visit websites www.ocac.in & www.odisha.gov.in.

The bid document is available at official website www.ocac.in & www.odisha.gov.in and should be submitted through Regd. Post / Speed Post only (not through Courier) and reach OCAC **latest by 22.08.2024, by 11:00 AM**. OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013. Ph.-2567280/ 2567064/ 2567295

**No. U-05** **OIPR-16003/11/0007/2425**

## MAHARAJA SRIRAM CHANDRA BHANJA DEO UNIVERSITY

SRIRAM CHANDRA VIHAR, TAKATPUR, BARIPADA-757003 (ODISHA)

**WALK-IN-INTERVIEW**

**No.694/MSCBU (SFC-205/2019)/2024** **Date:8.8.24**

**No.CAD-798:**A walk-in-interview for engagement of Guest Faculty on purely temporary basis in the subjects RS & GIS, MLIS, Sanskrit, Yoga and Naturopathy, English, Geology, History, Political Science and Commerce will be conducted as per the scheduled dates. The interested candidates may access the University Website: www.nou.nic.in for details and for further updates.

OIPR-11129/11/0002/2425 **By Order of Vice-Chancellor, Sd./- Chairman, PG Council**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା

ପତ୍ର ସଂଖ୍ୟା–1133, ତାରିଖ–08.08.24

**ନିଲାମ ବିଜ୍ଞାପନ**

No.C–398:ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଉଠାଦୋକାନୀ ମାର୍କେଟ ଫିସ୍‌କୁ ସନ୍ ୨୦୨୪–୨୫ ମସିହା ଯଥା–ତା.୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ରିଖ ପର୍ଯ୍ୟନ୍ତ ସିଲ୍ ଲଫାପାରେ ଲିଜ୍ ଦେବା ନିମନ୍ତେ ସ୍ଥିର ହୋଇଅଛି । ଏଣୁ ଏହି ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ଲିଜ୍ ନେବା ନିମନ୍ତେ (ଛୁଟି ଦିନ ବ୍ୟତୀତ) ତା.୧୩.୦୮.୨୦୨୪ ରିଖ ଠାରୁ ତା.୨୦.୦୮.୨୦୨୪ ରିଖ ଅପରାହ୍ନ ୩ ଘ. ମଧ୍ୟରେ ଟ.୧୦୦୦/– (ଏକ ହଜାର ଟଙ୍କା) (ଯାହା ଫେରସ୍ତ ନୁହେଁ) କାର୍ଯ୍ୟାଳୟରେ ଜମାଦେଇ ଟେଣ୍ଡର ଫର୍ମ ନେଇ ସଠିକ୍, ନିର୍ଭୁଲ ପୂରଣ କରି ସମସ୍ତ ଦସ୍ତାବିଜ ସହ ତା.୨୧.୦୮.୨୦୨୪ ରିଖ ୫ ଘ. ମଧ୍ୟରେ ରେଜେଷ୍ଟ୍ରି ଡାକ କିମ୍ବା ତ୍ୱରିତ ଡାକ ମାଧ୍ୟମରେ କାର୍ଯ୍ୟାଳୟକୁ ପଠାଇପାରିବେ । ତା.୨୨.୦୮.୨୦୨୪ ରିଖ ୧୨ ଘ. ସମୟରେ ପରିଷଦର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଟେଣ୍ଡର ଦେଇଥିବା ବ୍ୟକ୍ତି ଓ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ଦରଖାସ୍ତ ଗ୍ରହଣୀୟ ହେବନାହିଁ । ନିର୍ବାହୀ ଅଧିକାରୀ ଅତାବିରା ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ, ଟେଣ୍ଡର ସମ୍ବନ୍ଧୀୟ ବିବରଣୀ ପରିଷଦ କାର୍ଯ୍ୟାଳୟରୁ ବୁଝିପାରିବେ ।

ସ୍ୱା./–ନିର୍ବାହୀ ଅଧିକାରୀ
OIPR-13176/11/0001/2425 ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା

## OFFICE OF THE ROURKELA MUNICIPAL CORPORATION

Uditnagar, Rourkela, Sundargarh, Pin-769012, Tel. - 0661-2500388,
e-mail ID : rourkelamunicipality@gmail.com

No. 9834 Date : 08.08.2024

**TENDER CALL NOTICE**

No.C-393 : Sealed Tenders are invited from intending Supplier / Firm / Agency / Stockiest for supply of Printed items to Rourkela Municipal Corporation. The rates will be valid for one year and procurement will be made in phased manner during the year from time to time as per the requirement.

The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e www.rmc.nic.in.

The tender papers to be sent through Speed Post/ Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin - 769012**, so that it shall be received by this office on or before 1.00 PM on 02.09.2024. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at 4.00 PM in presence of the bidder or their authorized representatives who ever present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

**SD./- Commissioner**
OIPR-13131/11/0012/2425 **Rourkela Municipal Corporation**

## Government of Odisha
## e-Procurement Notice
## INVITATION FOR BIDS (IFB)

**Bid Identification No.C.C.E.Dkl. (R&B) 03/2024-25**
**Email Id- sedklpwd@gmail.com**
**Letter No.1575/ Dt.07.08.2024**

**No.B-161:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Repair & Rehabilitation of Bridge Works as detailed below:

| | | |
|---|---|---|
| 1. Name of the Work | : | Repair & Rehabilitation of Bridge Works |
| 2. No. of Works | : | 01 (One) No. |
| 3. Estimated Cost | : | Rs.1.74 Crore **(as given in column No.03 of table)** |
| 4. Cost of Tender Paper | : | Rs.10,000.00 |
| 5. Class of Contractor | : | 'B' Class & 'A' Class **(as given in column No.07 of table** |
| 6. Period of Completion of Work | : | 06 (Six) **(as given in column No.08 of table)** |
| 7. Date and time of availability of bid document in the website | : | From Dt.16.08.2024 to 5.00 P.M. of Dt.30.08.2024 |
| 8. Date of Opening of Bid | : | Dt.31.08.2024 at 11.30 A.M. |

The bidders have to participate in ONLINE bidding only further details can be seen from the e-Procurement Portal: www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

**Sd./- Chief Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0004/2425**

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
## INVITATIONS FOR BIDS (IFB)

No.B-156

E-mail ID : cebuildings_orissa@yahoo.co.in, cebuildings@rediffmail.com
Tel. - (0674)-2391523

**File No-B-IV-H (H&D)-119/2023 Lr. No.-31664 Bhubaneswar, the 7th Aug., 2024**

**Invitation for Bids**
**Bid Identification No. C.E. (B) - 05/2024-25**

| | | | |
|---|---|---|---|
| 1. | The Chief Engineer, Buildings, Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, (1) Construction of Trauma Care Unit and New SDH Building at Rairakhol, Sambalpur, (2) Construction of CHC Building at Berhampura in Cuttack District, (3) Construction of CHC Building at Bindhanima in Cuttack District, (4) Construction of CHC Building at Kanpur in CUttack District, (5) Construction of CHC Building at Kodola in the district of Ganjam, (6) Construction of CHC Building at Patrapur in Ganjam, (7) Construction of CHC Building at Khalikote in Ganjam, (8) Construction of 50 Bedded Critical care Block at MC & H Balasore, Odisha as detailed below. | | |
| 2. | Nature of work | : | Building works |
| 3. | No. of work | : | 08 Nos. |
| 4. | Bid Cost. | : | Rs. 10,000/- (each) |
| 5. | Class of Contractor | : | 'A' / Special / Super class |
| 6. | Availability of Bid Documents in the website | : | From dt. 20.08.2024 to 17.00 Hours of dt. 05.09.2024 |
| 7. | Date of Opening of Bid | : | Dt. 06.09.2024 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./-**
**Chief Engineer (Buildings), Odisha, Bhubaneswar**
OIPR-34117/11/0013/2425

## ଖାରିପାଣି ମତ୍ସ୍ୟ ଚାଷୀମାନେ ଧ୍ୟାନ ଦିଅନ୍ତୁ

## ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମ ପଞ୍ଜୀକରଣର ନବୀକରଣ ପାଇଁ ଆବେଦନର ସୁବର୍ଣ୍ଣ ସୁଯୋଗ

**(୭ ଜାନୁଆରୀ, ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ)**

- ଯେହେତୁ ଆମ ରାଜ୍ୟରେ ବହୁତ ଗୁଡ଼ାଏ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମର ପଞ୍ଜୀକରଣ (Registration) ଅବଧି ସରିଯାଇଛି ଏବଂ ସେଗୁଡ଼ିକର ନବୀକରଣ (Renewal) ପାଇଁ ଦରଖାସ୍ତ ତଟୀୟ ଜଳକୃଷି ପ୍ରାଧିକରଣ (CAA), ଚେନ୍ନାଇଙ୍କ ନିକଟରେ ଦାଖଲ କରାଯାଇନାହିଁ, ଏଥିପାଇଁ CAA ଦ୍ୱାରା ୮ ଜାନୁଆରୀ, ୨୦୨୪ରେ ସଂଶୋଧିତ ନୂତନ ନିୟମାବଳୀ ଅନୁସାରେ ଦରଖାସ୍ତରେ ହୋଇଥିବା ବିଳମ୍ବକୁ ଥରେ ମାତ୍ର କ୍ଷମା କରିବାର ବ୍ୟବସ୍ଥା ରହିଅଛି।
- ଏହି ବ୍ୟବସ୍ଥା ଅନୁସାରେ ଜୁନ, ୨୦୦୫ ମସିହା ପରଠାରୁ ପଞ୍ଜୀକରଣ ହୋଇଥିବା ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଫାର୍ମ ୭ ଜାନୁୟାରୀ, ୨୦୨୫ ସୁଦ୍ଧା ନିଜ ଫାର୍ମର ପଞ୍ଜୀକରଣର ନବୀକରଣ ପାଇଁ CAA, ଚେନ୍ନାଇଙ୍କ ନିକଟରେ ସିଧାସଳଖ ଭାବରେ ଆବେଦନ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
- ଏହି ବ୍ୟବସ୍ଥା ୭ ଜାନୁଆରୀ, ୨୦୨୫ ପରେ ଲାଗୁ ହୋଇପାରିବ ନାହିଁ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଚାଷୀମାନେ ଅତିରିକ୍ତ ଶୁଳ୍କ (ପ୍ରତି ୫ ବର୍ଷରେ ପଞ୍ଜୀକରଣ ନବୀକରଣ ଶୁଳ୍କର ଦୁଇଗୁଣା) ସିଧାସଳଖ CAA, ଚେନ୍ନାଇଙ୍କ ନିକଟରେ ଦାଖଲ କରି ନିଜ ଫାର୍ମର ପଞ୍ଜୀକରଣର ନବୀକରଣ କରିପାରିବେ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡ଼ି ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ଉପଯୁକ୍ତ କାଗଜପତ୍ର ଏବଂ ଗୋଟିଏ ବିଳମ୍ବ ହେତୁ କାରଣ ଦର୍ଶାଯାଇଥିବା ପତ୍ର ସହିତ ଯଥୋଚିତ ଶୁଳ୍କ ସହ ସିଧାସଳଖ CAA, ଚେନ୍ନାଇଙ୍କୁ ପ୍ରେରଣ କରିବେ ଏବଂ ଏହାର ଏକକିତା ନକଲ ବ୍ଲକ୍/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
- ଅଧିକ ବିବରଣୀ ପାଇଁ ବ୍ଲକ୍/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବ୍‌ସାଇଟ୍‌ରେ କ୍ଲିକ୍ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

ଫୋନ୍: ୦୬୭୧–୨୪୧୪୦୬୧, ଫ୍ୟାକ୍ସ: ୦୬୭୧–୨୪୧୦୫୨୧
ଇ–ମେଲ: director.odifish@gmail.com

OIPR-06030/11/0010/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲବିଦ୍ ପରିବାରବର୍ଗ


ଲୁବୁନା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିକାଶ ନାଁରେ ୧୦ ବର୍ଷରେ ୧,୭୦୦ ବର୍ଗ କି.ମି. ଜଙ୍ଗଲ ନଷ୍ଟ

**ନୂଆଦିଲ୍ଲୀ, ୮।୮ :** ବିକାଶମୂଳକ କାର୍ଯ୍ୟ ଯୋଗୁ ଗତ ୧୦ ବର୍ଷରେ ଭାରତର ୧,୭୦୦ ବର୍ଗ କି.ମି.ରୁ ଅଧିକ ବନାଞ୍ଚଳ ନଷ୍ଟ ହୋଇଥିବା ଗୁରୁବାର ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ଏହାର କ୍ଷତିପୂରଣ ବାବଦରେ ସରକାରଙ୍କ ପକ୍ଷରୁ ବୃକ୍ଷରୋପଣ ପାଇଁ ବ୍ୟାପକ ଜମି ଅଧିଗ୍ରହଣ କରାଯାଇଛି। ସାମଗ୍ରିକ ଭାବେ ବନାଞ୍ଚଳରେ ବୃଦ୍ଧି ଘଟିଛି ଏବଂ ସରକାର ଏହାକୁ ଆହୁରି ବଢ଼ାଇବାକୁ ଚେଷ୍ଟା କରୁଛନ୍ତି। ୧୦ ବର୍ଷ ମଧ୍ୟରେ ଉତ୍ତର ପୂର୍ବ ଭାରତର ୫ ରାଜ୍ୟ ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ନାଗାଲାଣ୍ଡ, ମିଜୋରାମ ଓ ମେଘାଳୟରେ ବନାଞ୍ଚଳ ହ୍ରାସ ପାଇଛି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା, କର୍ନାଟକ ଏବଂ ଝାଡ଼ଖଣ୍ଡରେ ବନ୍ୟାଞ୍ଚଳ ବଢ଼ିଛି।


### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଲୁବୁନା ଅମଜାଦ**

ଆଜି ତୋର ୧ମ ଜନ୍ମବାର୍ଷିକରେ ଅଲ୍ଲାଙ୍କଠାରେ ପ୍ରାର୍ଥନା କି ତୋର ଚଲାପଥ କୁସୁମିତ ହେଉ । ଶୁଭେଚ୍ଛା ସହ: ଅବୁ, ଅମ୍ମି, ଦଦା, ଫୁଆ, ଫୁପା, ଫରାଭାଇ, ରିହାନ ଭାଇ, ଆୟାନଭାଇ, ଲବିଦ୍‌ଭାଇ ଓ ବନ୍ଧୁ, ପରିବାରବର୍ଗ ।
ଗ୍ରାମ: ପଙ୍କାଳ, ଡିଗିରିଆ, କଟକ
ଧ-୯୭୮

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ଲବିଦ୍ ଅହମ୍ମଦ ଖାଁ**

ଆଜି ତୋର ୫ମ ଜନ୍ମବାର୍ଷିକରେ ଅଲ୍ଲାଙ୍କଠାରେ ଦୁଆ କରୁଛୁ କି ତୋର ଚଲାପଥ କୁସୁମିତ ହେଉ । ଶୁଭେଚ୍ଛା ସହିତ: ବାବା, ମମି, ଚାଚୁ, ମାମା, ଦଦା, ଫୁଆ, ଫୁପା, ଫରାଭାଇ, ରିହାନଭାଇ, ଆୟାନଭାଇ, ବନ୍ଧୁ ଓ ପରିବାରବର୍ଗ ।
ଗ୍ରାମ: ପଙ୍କାଳ, ଡିଗିରିଆ, କଟକ
ଧ-୯୭୯

MARUTI PHARMACY COLLEGE
BARGARH, ODISHA
(APPROVED BY GOVT. OF ODISSA & PCI & ODISSA UNIVERSITY OF HEALTH SCIENCES)
MANAGEMENT SEATS
COURSES: B. PHARM (4YRS.)
D. PHARM (2YRS.)
DMLT (2YRS.)
ELIGIBLE: +2 SC. PASS
Contact- 9438066954, 7605930501


## ପ୍ରଥମ ପୃଷ୍ଠାରୁ...

### ଭିନେଶଙ୍କ ଅବସର...

ପାଇଥିବା ଭିନେଶ୍ ସମସ୍ତଙ୍କ ନିକଟରେ ଋଣୀ ରହିବେ ବୋଲି କହିବା ସହ କ୍ଷମା ପ୍ରାର୍ଥନା କରିଛନ୍ତି। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ରେ ବୁଧବାର ରାତିରେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଆବେଦନ କରିବା ପରେ ଗୁରୁବାର ସକାଳୁ ଭିନେଶ ଅବସର ଘୋଷଣା କରିଛନ୍ତି। ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟ ଫାଇନାଲରେ ଆମେରିକାର ସାରା ଆନ ହିଲ୍ଡର ବ୍ରଞ୍ଜ ବିଜୟୀ ହୋଇଥିବା ବେଳେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଭିନେଶ ଦାବି କରିଛନ୍ତି। ତେବେ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ) ଏହାର ପକ୍ଷ ସ୍ପଷ୍ଟ କରିବା ସହ ବାଉଟ୍ ପୂର୍ବରୁ ରହିଥିବା ୱେଜ୍ ଇନ୍ ବ୍ୟବସ୍ଥା ହଟାଯିବ ନାହିଁ ବୋଲି କହିଛି। ଏହି ପ୍ରସ୍ତାବ ଉପରେ ବିଚାର କରାଯିବା ଉଚିତ। ମାତ୍ର ତୁରନ୍ତ ଏହାକୁ ଲାଗୁ କରାଯାଇ ପାରିବ ନାହିଁ ବୋଲି ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ସ୍ପଷ୍ଟ କରାଯାଇଛି।

୩ ଥରର ଅଲିମ୍ପିଆନ ଭିନେଶ ଏସିଆନ୍ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ସାଧାରଣତଃ ୫୩ କେଜି ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭିନେଶଙ୍କୁ ପ୍ୟାରିସ୍ ଗେମ୍ସ ପାଇଁ ୫୦ କିଗ୍ରା ଓଜନ ବର୍ଗରେ ଲଢ଼ିବାକୁ ପଡିଥିଲା। ସେହିପରି ୫୩ କେଜି ଓଜନ ବର୍ଗରେ ଅନ୍ତିମ ପଙ୍ଘାଲ ଭାରତର ପ୍ରତିନିଧିତ୍ୱ କରିଥିଲେ। ତେବେ ଉଭୟ ଖେଳାଳିଙ୍କ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭିନେଶ ଅଧିକ ଓଜନ କାରଣରୁ ବିଦା ହୋଇଥିବା ବେଳେ ପଦାର୍ପଣକାରୀ ଅନ୍ତିମ ପ୍ରଥମ ରାଉଣ୍ଡରେ ହାରି ଯାଇଥିଲେ। ୩ ଥର ଅଲିମ୍ପିକ୍ସରେ ଭାଗ ନେଇଥିଲେ ମଧ୍ୟ ପ୍ରତିଥର ଭାଗ୍ୟ ସହାୟତା କରିନାହିଁ। ୨୦୧୬ ରିଓ ଅଲିମ୍ପିକ୍ସରେ ଆହତ ହୋଇ ବିଦା ହୋଇଥିବାବେଳେ ଟୋକିଓରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ୟାରିସ୍‌ରେ ପରିବର୍ତ୍ତିତ ଓଜନ ବର୍ଗ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ପୁନର୍ବାର ଅନଲକି ରହିଥିଲେ।

### ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ...

ନିମୋନିଆରେ ପୀଡ଼ିତ ହେବାରୁ ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ମୃତ୍ୟୁବେଳକୁ ତାଙ୍କ ନିକଟରେ ସ୍ତ୍ରୀ ମୀରା ଓ ଝିଅ ସୁଚେତନ ଉପସ୍ଥିତ ଥିଲେ। ୨୦୦୦ରୁ ୨୦୧୧ ପର୍ଯ୍ୟନ୍ତ ଲଗାତାର ୧୧ ବର୍ଷ ଧରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିବା ବୁଦ୍ଧଦେବଙ୍କ ମୃତ୍ୟୁରେ ରାଜ୍ୟରେ ଶୋକର ଲହରି ଖେଳିଯାଇଛି। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି। ବୁଦ୍ଧଦେବ ପ୍ରତିବଦ୍ଧତାର ସହ ଦୀର୍ଘବର୍ଷ ଧରି ପଶ୍ଚିମବଙ୍ଗର ସେବା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୧୧ ବିଧାନସଭା ନିର୍ବାଚନରେ ବୁଦ୍ଧଦେବଙ୍କ ନେତୃତ୍ୱାଧୀନ ବାମପନ୍ଥୀ ସରକାରଙ୍କୁ ପରାସ୍ତ କରି ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀ ମଧ୍ୟ କମ୍ୟୁନିଷ୍ଟ ନେତାଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି। ବୁଦ୍ଧଦେବ ତାଙ୍କ କାର୍ଯ୍ୟ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମମତା କହିଛନ୍ତି। ରାଜ୍ୟକୁ ଶିଳ୍ପାୟନ ଆଣିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ କହିଛନ୍ତି। ରାଜ୍ୟପାଳ ବୋଷ, ମୁଖ୍ୟମନ୍ତ୍ରୀ ମମତା, ବାମ ସାମୁଖ୍ୟ ଅଧ୍ୟକ୍ଷ ବିମାନ ବୋଷ, ସିପିଆଇ(ଏମ୍) ରାଜ୍ୟ ସଭାପତି ମହମ୍ମଦ ସଲିମ୍ ପ୍ରମୁଖ ବୁଦ୍ଧଦେବଙ୍କ ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ଶରୀରକୁ ସିପିଆଇ(ଏମ୍)ର ଲାଲ୍ ପତାକାରେ ଢଙ୍କାଯାଇଥିଲା। ଭଟ୍ଟାଚାର୍ଯ୍ୟଙ୍କ ପରଲୋକରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଶୋକବ୍ୟକ୍ତ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କ ମରଶରୀର ପ୍ରଥମେ ବିଧାନସଭାକୁ ଓ ପରେ ସିପିଆଇ(ଏମ୍) ମୁଖ୍ୟାଳୟକୁ ନିଆଯିବ। ସେଠାରେ ଦଳୀୟ ନେତାମାନେ ଶେଷ ସମ୍ମାନ ଜଣାଇବା ପରେ ଗବେଷଣା ପାଇଁ ମରଶରୀରକୁ ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ହସ୍ତାନ୍ତର କରାଯିବ ବୋଲି ସିପିଆଇ(ଏମ୍) କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଭୁବନେଶ୍ୱରରେ ଦେଶର...

ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏହି ଚାଉଳ ଏଟିଏମ୍ ସୁବିଧା ପାଇବାକୁ ହେଲେ ଜଣେ ହିତାଧିକାରୀଙ୍କୁ ପ୍ରଥମେ ମେଶିନରେ ବାୟୋମେଟ୍ରିକ୍, ରାଶନ କାର୍ଡର ସୂଚନା ଦେବାକୁ ପଡ଼ିବ। ଲୋକମାନେ ଟିପ ଚିହ୍ନ ଦେଇ ବାୟୋମେଟ୍ରିକ ଯାଞ୍ଚ କରିବା ପରେ ଏଟିଏମ୍‌ରୁ ଟଙ୍କା ଉଠାଇବା ଭଳି ଚାଉଳ ବାହାର କରିପାରିବେ। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାର ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହଯୋଗରେ ଆୟୋଜିତ ହୋଇଛି। ଏହି ଏଟିଏମ୍ ମାଧ୍ୟମରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀମାନେ ଯେକୌଣସି ସମୟରେ ସେମାନଙ୍କର ଶସ୍ୟ ପାଇପାରିବେ। ଏହାଦ୍ୱାରା ତୃଣମୂଳ ସ୍ତରରେ ଗରିବ ଲୋକଙ୍କୁ ସେମାନଙ୍କର ଉପଯୁକ୍ତ ନ୍ୟାଯ୍ୟ ପ୍ରଦାନ କରାଯାଇପାରିବ। ଭାରତବର୍ଷର ଯେକୌଣସି ରାଜ୍ୟର ବାସିନ୍ଦା ବୈଧ ଥିବା ରାଶନ କାର୍ଡ ମାଧ୍ୟମରେ ଏଠାରୁ ଚାଉଳ ସଂଗ୍ରହ କରିପାରିବେ। ଏହି ଏଟିଏମ୍ ୫ ମିନିଟ୍‌ରେ ନିର୍ଭୁଲ ଭାବରେ ୫୦ କିଲୋଗ୍ରାମ ଶସ୍ୟ ବାହାର କରିପାରିବ। ଏହାଦ୍ୱାରା ଶକ୍ତି ଓ ସମୟ ସଞ୍ଚୟ କରାଯାଇପାରିବ। ଏହି ଅବସରରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଡେପୁଟି କଣ୍ଟ୍ରି ଡାଇରେକ୍ଟର ନୋଜୋମି ହାସିମୋଟୋ କହିଛନ୍ତି, ଖାଦ୍ୟସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ମୂଲ୍ୟବୋଧଭିତ୍ତିକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ରାଜ୍ୟର ହିତାଧିକାରୀମାନଙ୍କ ନିମନ୍ତେ ସେମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇଦେବାରେ ନିଜସ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବା ସହ ରାଜ୍ୟ ସରକାର ବ୍ୟବସ୍ଥାଭିତ୍ତିକ ସମାଧାନ କରିବାରେ ସଫଳ ହୋଇଛନ୍ତି। ଏହି ଶସ୍ୟ ଏଟିଏମ୍‌କୁ ଦୀର୍ଘ ଏକ ବର୍ଷ ଧରି ପରୀକ୍ଷାନିରୀକ୍ଷା କରିବା ପରେ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି। ବ୍ୟାଙ୍କ ଏଟିଏମ୍ ଭଳି ଏଥିରେ ମଧ୍ୟ ୨୪ ଘଣ୍ଟିଆ ଶସ୍ୟ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଓଏସ୍‌ସିଏସ୍‌ସି ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍‌ସେନା, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବାଲ୍, ସାମାଜିକ ନିରାପତ୍ତା ଓ ଯୋଗାଣ ଶୃଙ୍ଖଳ ମୁଖ୍ୟ ଅଙ୍କିତ୍ ସୁଦ୍, ନିଶାନ୍ତ ଅଗ୍ରୱାଲ, ନୀତୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତ୍ୟନ୍ତ ପ୍ରୀତି କରେ ଲଣ୍ଡଭଣ୍ଡ,**
**ଅତ୍ୟନ୍ତ ପ୍ରୀତି ହଗେ ବାପା ତୁଣ୍ଡ ।**

ଅତି ସର୍ବତ୍ର ଗର୍ହିତମ୍। ଅତିର ମାତ୍ରା ସର୍ବଦା କ୍ଷତିକାରକ। ପ୍ରତ୍ୟେକ ବସ୍ତୁ ବା କାର୍ଯ୍ୟର ଅତି ପରିମାଣ କେବେ ବି ଗ୍ରହଣଯୋଗ୍ୟ ହୋଇନଥାଏ। ସୀମା ଅତିକ୍ରମ କଲେ ଯେକୌଣସି ଜିନିଷ ବା କାର୍ଯ୍ୟର ଫଳ ଓଲଟା ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଧନ,**
**ବିକଳ ମନ ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ, ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଉଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


# Classified Everyday
0674-2580101, 2549949


REAL ESTATE
SALE

Twincity ଫୁଲନଖରା East College ପଛ ପାର୍ଶ୍ୱରେ ଘରବାରି ପ୍ଲଟ୍ ଇଲେକ୍ଟ୍ରି 30ft. ରାସ୍ତା ପାଚେରୀ ଥାଇ ବିକ୍ରିହେବ। 7008297827. D-974

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**Gharabari Converted plots available near Hitech Square Sundarpada, Bhubaneswar. For more details. Contact- 9937846404, 9437192512.** D-969

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

**Plot for sale at Puri Konark Marine Drive (850/- per sqft). Contact: 6371703010.** D-959

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-970


FOR RENT

**2 BHK House only for Residence, Sahid Nagar. 8249873855.** D-75817

**Commercial Office 4200 sqft. furnished Ground Floor Chandrasekharpur Bhubaneswar. 9438194381.** D-972


Healthcare

Newly open health benefits spa by expert therapist. Contact: 6371861658. D-76142

Newly open SPA positively health benefits with expert therapist. 9040286886. D-76143

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767


## AFFIDAVIT

By virtue of an affidavit No.- 4903, dt.01.08.2024 sworn before the Notary Public, Sambalpur, I, Smt. Samikshya Nayak, W/o- Sri Rajiv Kumar Nanda, R/o- Malipada, Fatak, P.O.- Budharaja, Dist.- Sambalpur declare that in Passport bearing No.- M2361569 my name has been mentioned as Samikshya Nanda instead of actual name Samikshya Nayak. Hence I declare that my actual and correct name is Samikshya Nayak for all purposes. D-982

By virtue of an affidavit before the Notary Public, Purushottampur, Ganjam. I, Swapna Pallai, D/o- Prafulla Chandra Pallai of Lachhipur, P.O.- Sankuda, P.S.- Beguniapada, Ganjam. I have married to one Sangram Pradhan, S/o- Raghunath Pradhan, Village/P.O.- Chingudighai, P.S.- Purushottampur, Ganjam. That after my marriage the surname has been changed from Pallai to Pradhan. I shall be known as Swapna Pradhan, W/o Sangram Pradhan for all purpose. D-983

By virtue of an affidavit before Notary Public, Purushottampur, Ganjam, I, Sunita Kumari Polai, D/o- Suresh Chandra Polai of Athagadapatna, P.S.- Kabisuryanagar, Ganjam. I have married to one Ajaya Kumar Dalai, S/o- Simanchala Dalai, Village/P.O.- Chingudighai, P.S.- Purushottampur, Ganjam. That after my marriage the surname has been changed from Polai to Dalai. I shall be known as Sunita Kumari Dalai, W/o- Ajaya Kumar Dalai for all purposes. D-984

I, Archana Patra, W/o- Ashok Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN-751006, Odisha declare by this affidavit SL No.-264, dated.08.08.2024 that now onwards I shall be known as ARCHANA TRIPATHY for all future purposes. D-980


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


I, Ashok Patra, S/o- Bijay Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN-751006, Odisha declare by this affidavit SL No.-263, dated. 08.08.2024 that now onwards I shall be known as ASHOK KUMAR PATRA for all future purposes. D-981

I, Sudhansubhusan Pani, S/o- Basant Kumar Pani, resident of Village At/P.O.-Jhajia, P.S.- Badamba, Dist.-Cuttack, PIN-754031, Odisha, declare by this affidavit No.- 13AA 826608 dated 08.04.2024 that my father's actual name is Basanta Kumar Pani, but in my Certificate, it is Basant Kumar Pani. Hence, Basant Kumar Pani and Basanta Kumar Pani refer to the same person for all purposes. D-967

By virtue of an affidavit before the Notary Public, Purushottampur, Ganjam Affidavit No.- A-9, dtd.07.08.2024, I Biswanath Karji, S/o- Gobind karji of Village/P.O.- Gandahati, P.S.- Garabandha, Gajapati declare that I have changed my name from Biswanath Karjee to Biswanath Karji. Henceforth, I shall be known as Biswanath Karji for all purpose. D-986

I Krushna Chandra Banchhur, R/o.Village-Baragad, P.S.- Sadar, Dist.- Sundargarh declare by this affidavit No.-2196 dt.07.08.2024 in the School Admission Register and other documents (Kendriya Vidyalaya, Sundargarh) of my daughter Prangya Paramita Banchhur, Class- VIII where in my Wife's name has been mentioned as Deepika Banchhur in place of Deepika Sunani. That I have rectify the surname of my wife in the admission Register of the said School. D-985


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଁକାର୍ତ୍ତିକ ଚନ୍ଦ୍ର ବେହେରା**
ଗୌଡ଼ସାହି, ମାଁସଡ଼ା, ବିଞ୍ଝାରପୁର
ଆବିର୍ଭାବ: କାର୍ତ୍ତିକ ପୂର୍ଣ୍ଣିମା, ୧୯୩୦
ତିରୋଧାନ: ୨୨।୦୭।୨୦୨୩
ହେ ପୁଣ୍ୟାତ୍ମା ଚାହୁଁ ଚାହୁଁ ବର୍ଷଟିଏ ବିତିଗଲାଣି। ଆପଣଙ୍କ ଅବର୍ତ୍ତମାନ ଆମ୍ଭମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ଚିରଦିନ ସ୍ମରଣୀୟ ହୋଇ ରହିବ। ଆଜିର ପୁଣ୍ୟତିଥିରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ହତଭାଗିନୀ ପତ୍ନୀ- ଫୁଟି ବେହେରା, ପୁତ୍ର: ଜଗବନ୍ଧୁ, ରାମଚନ୍ଦ୍ର, ଶ୍ୟାମସୁନ୍ଦର, ପୁତ୍ରବଧୂ: ସ୍ୱର୍ଣ୍ଣଲତା, ରାଧାରାଣୀ, ଅଞ୍ଜଳୀ, ନାତି: ଦିଲ୍ଲୀପ, ସଞ୍ଜୟ, ପିଣ୍ଟୁ, ଚନ୍ଦନ, ମୃତ୍ୟୁଞ୍ଜୟ, ନାତୁଣୀ: ରଶ୍ମୀ, ପୂଜା, ମାମା, ନାତୁଣୀବୋହୂ: ସରିତା, ସସ୍ମିତା, ଝିଅ ଜ୍ୱାଇଁ- ସାବିତ୍ରୀ, ଭାରତୀ, ଯୁଗଳ, ପ୍ରଭାତୀ, ଅଭୟ
ଧ-୯୭୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ଗ୍ରାମାଞ୍ଚଳରେ ଦୁର୍ଘଟଣା ହ୍ରାସ ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୮।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ଗ୍ରାମାଞ୍ଚଳ ଓ ଅଧିକ ଦୁର୍ଘଟଣାପ୍ରବଣ ଜିଲା ଉପରେ ବିଶେଷ ଧ୍ୟାନ ଦିଆଯିବ। ଏ ସଂକ୍ରାନ୍ତରେ ଆଗକୁ ପଦକ୍ଷେପ ନେବା ଲକ୍ଷ୍ୟରେ ଆଇଆଇଟି,ମାଡ୍ରାସ୍‌ର ପ୍ରତିନିଧିଙ୍କ ସହ ଖାରବେଳ ଭବନରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓ ପରିବହନ କମିଶନର ଅମିତାଭ ଠାକୁର ଗୁରୁବାର ଆଲୋଚନା କରିଛନ୍ତି । ଆଇଆଇଟି ମାଡ୍ରାସ୍ ପକ୍ଷରୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ରୋଡ୍ ଶେଫ୍ଟିର ମୁଖ୍ୟ ଭେଙ୍କଟେଶ ବାଲାସୁବ୍ରମଣ୍ୟମ ବିସ୍ତୃତ ଭାବେ ତାଙ୍କର ମତାମତ ଉପସ୍ଥାପିତ କରିଛନ୍ତି। ଆଧୁନିକ ଜ୍ଞାନକୌଶଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ସଡ଼କ ସୁରକ୍ଷା କାର୍ଯ୍ୟକୁ କିଭଳି ପରିଚାଳନା କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଦୁର୍ଘଟଣା କାହିଁକି ଘଟୁଛି, କିପରି ଏହାକୁ କମ୍ କରାଯାଇପାରିବ, ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ କିଭଳି ରକ୍ଷା କରାଯାଇପାରିବ ସେ ଦିଗରେ ଆଲୋଚନା ହୋଇଛି। ସଡ଼କ ବ୍ୟବହାରକାରୀଙ୍କୁ ସଚେତନ କରିବା ଉପରେ ଓଡ଼ିଶା ଗୁରୁତ୍ୱ ଦେଉଛି। ଏ ଦିଗରେ ନିଆଯିବାକୁ ଥିବା ସମସ୍ତ ପଦକ୍ଷେପର ପ୍ରଭାବ ଓ ସମୟସୀମା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

ଦୁର୍ଘଟଣା ତଥ୍ୟରୁ ସମାଧାନର ସୂତ୍ର ବାହାର କରାଯିବ। ପୂର୍ବରୁ ରାଜ୍ୟ ସଫଳତାର ସହ ଏ ଦିଗରେ କାର୍ଯ୍ୟ କରୁଛି। ତେବେ ଏଥିରେ ଅଧିକ ସଫଳତା ହାସଲ ଦିଗରେ ଜାତୀୟ ଅନ୍ତର୍ଜାତୀୟ ସ୍ତରର ବିଶେଷଜ୍ଞ ଓ ସଂସ୍ଥାଗୁଡ଼ିକର ସହଯୋଗ ନିଆଯିବ। ଆଇଆଇଟି, ମାଡ୍ରାସ୍ ଏ କ୍ଷେତ୍ରରେ ଜାତୀୟ ସ୍ତରରେ ହେଉ କିମ୍ବା ବିଭିନ୍ନ ରାଜ୍ୟ ସହ ସହଭାଗୀ ହୋଇ କାର୍ଯ୍ୟ କରୁଛି। ତଥ୍ୟ ସଂଗ୍ରହ ପାଇଁ ଆଧୁନିକ ପଦ୍ଧତି ବ୍ୟବହାର, ଏହାର ବିଶ୍ଳେଷଣ ଓ ସମାଧାନ କ୍ଷେତ୍ରରେ ସୁନାମ ରହିଛି। କେମିତି ସଡ଼କ ସୁରକ୍ଷାକୁ ନେଇ ଓଡ଼ିଶାର ଗ୍ରାମାଞ୍ଚଳରେ ସଫଳତାର ସହ କାର୍ଯ୍ୟ କରିହେବ ସେ ଦିଗରେ ସେମାନେ ଯୋଜନା ପ୍ରସ୍ତୁତ କରିବେ । ମୁଖ୍ୟ ଫୋକସ୍‌ରେ ଖଣି ଅଞ୍ଚଳ ରହିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ, ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି ଓ ବିକାଶ ଚୌଧୁରୀ, ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର, ସ୍ୱତନ୍ତ୍ର ଅଧିକାରୀ ଭ୍ରମରବର ମହାପାତ୍ର ପ୍ରମୁଖ ଆଲୋଚନାରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି।

# ୬.୫%ରେ ରେପୋରେଟ୍ ଅପରିବର୍ତ୍ତିତ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷାରେ କ୍ରମାଗତ ନବମ ଥର ପାଇଁ ରେପୋରେଟ୍ ଅପରିବର୍ତ୍ତିତ ରଖିଛନ୍ତି। ଏହାକୁ ୬.୫ ପ୍ରତିଶତରେ ସ୍ଥିର ରଖାଯାଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ବୈଠକର ଫଳାଫଳ ଘୋଷଣା କରିବା ଅବସରରେ ସୂଚନା ଦେଇଛନ୍ତି। ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି, ମୁଦ୍ରାନୀତି କମିଟି (ଏମ୍‌ପିସି)ର ୩ ଦିନିଆ ବୈଠକ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ କମିଟିର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୪ଜଣ ମୁଦ୍ରାନୀତି(ରେପୋରେଟ୍) ହାରକୁ ଅପରିବର୍ତ୍ତିତ ରଖିବା ସପକ୍ଷରେ ମତ ଦେଇଛନ୍ତି। ଦାସ କହିଛନ୍ତି ,ମୁଦ୍ରାସ୍ଫୀତି ସ୍ଥିର ସ୍ତରକୁ ଅର୍ଥାତ୍ ୪ପ୍ରତିଶତକୁ ଆଣିବା ଏବଂ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ନୀତି ହାର ଅପରିବର୍ତ୍ତିତ ରହିଛି। ଆର୍‌ବିଆଇ ଗଭର୍ନର ତାଙ୍କ ଅଭିଭାଷଣରେ କହିଛନ୍ତି, ତୃତୀୟ ତ୍ରୈମାସିକରେ ମୂଳ ପ୍ରଭାବର ଲାଭ ହେତୁ ସାମଗ୍ରିକ ମୁଦ୍ରାସ୍ଫୀତି ହ୍ରାସ ପାଇପାରେ। ସୂଚନା ଥାଉକି, ରେପୋରେଟ୍ ହେଉଛି ସୁଧ ହାର ଯେଉଁଥିରେ ବାଣିଜ୍ୟିକ ବ୍ୟାଙ୍କଗୁଡିକ ସେମାନଙ୍କର ଆବଶ୍ୟକତା ପାଇଁ କେନ୍ଦ୍ରୀୟ ବ୍ୟାଙ୍କରୁ ଋଣ ନେଇଥାନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଏହାକୁ ବ୍ୟବହାରକରେ। ରେପୋ ହାରକୁ ୬.୫ ପ୍ରତିଶତରେ ରଖିବାର ଅର୍ଥ ହେଉଛି ଘର, ଯାନ ଏବଂ ଅନ୍ୟାନ୍ୟ ଋଣର ମାସିକ କିସ୍ତି (ଇଏମ୍‌ଆଇ)ରେ ପରିବର୍ତ୍ତନ ହେବା କମ୍ ସମ୍ଭାବନା ଅଛି। ଦାସ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ୨୦୨୪-୨୫ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାରର ଆକଳନକୁ ୭.୨ ପ୍ରତିଶତରେ ରଖିଛି। ଚଳିତ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତିର ୪.୫ ପ୍ରତିଶତ ଆକଳନ ମଧ ବଜାୟ ରହିଛି। ସେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କର ଧ୍ୟାନ ମୁଦ୍ରାସ୍ଫୀତି ଉପରେ ରହିବ। କାରଣ ଏହା ୪% ଲକ୍ଷ୍ୟଠାରୁ ଅଧିକ ରହିଛି। ଆର୍‌ବିଆଇ ଅନୁଯାୟୀ ଘରୋଇ ଅଭିବୃଦ୍ଧି ଭଲ ରହିଛି ଏବଂ ବିନିଯୋଗର ଗତି ମଧ ସନ୍ତୋଷଜନକ । ମୁଦ୍ରାସ୍ଫୀତି ଉପରେ ନଜର ରଖିବାକୁ ମୁଦ୍ରାନୀତି କମିଟି (ଏମ୍‌ପିସି) ନିଷ୍ପତ୍ତି ନେଇଛି। ତେବେ ସେବା କ୍ଷେତ୍ରରେ ଅଭିବୃଦ୍ଧି ସନ୍ତୋଷଜନକ ଥିବାବେଳେ ଉତ୍ପାଦନ କ୍ଷେତ୍ରରେ ମନ୍ଥରତା ଦେଖାଦେଇଛି। ବିଶ୍ୱର ଅନେକ ଦେଶରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ମୁଦ୍ରାନୀତିରେ ପରିବର୍ତ୍ତନ କରୁଛନ୍ତି ଯେଉଁଥିରେ କେତେକ ଦେଶରେ ରେପୋ ରେଟ୍ ହ୍ରାସ କରାଯାଉଥିବାବେଳେ ଅନ୍ୟ କେତେକ ଦେଶରେ ବିପରୀତ ନୀତି ଗ୍ରହଣ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୬ ଜଣିଆ ମୁଦ୍ରାନୀତି କମିଟି ଏହାର ଜୁନ୍ ବୈଠକରେ କ୍ରମାଗତ ଅଷ୍ଟମ ଥର ପାଇଁ ରେପୋ ହାର ଏବଂ ନୀତି ଅପରିବର୍ତ୍ତିତ ରଖିଛନ୍ତି। ମାତ୍ର ଚଳିତ ଆର୍ଥିକ ବର୍ଷ ପାଇଁ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧି ଆକଳନକୁ ସାମାନ୍ୟ ବୃଦ୍ଧି କରିଛି। ୨୦୨୨ ମେ'ରୁ ୨୦୨୩ ଫେବୃଆରୀ ମଧ୍ୟରେ ଆର୍‌ବିଆଇ ରେପୋ ହାରକୁ ୨.୫ ପ୍ରତିଶତ ବୃଦ୍ଧିକରି ୬.୫ ପ୍ରତିଶତକୁ ବୃଦ୍ଧି କରିଛି। ପରବର୍ତ୍ତୀ ସମୟରେ ଏମ୍‌ପିସି ଏହାର ଶେଷ ୮ଟି ମୁଦ୍ରାନୀତି ବୈଠକରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି।

## ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୮।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୨ (୫୮୧.୭୯) ପଏଣ୍ଟ କମି ୭୮,୮୮୬ (୭୮,୮୮୬.୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ ୬୩ (୬୩.୦୫) ପଏଣ୍ଟ ହ୍ରାସ ଘଟି ୨୩,୯୯୩ (୨୩,୯୯୨.୫୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

## କାନାରା ବ୍ୟାଙ୍କର ନୂତନ ପରିସର ଉଦ୍‌ଘାଟିତ



ଭୁବନେଶ୍ୱର, ୮।୮

କାନାରା ବ୍ୟାଙ୍କର ନୂତନ ପରିସର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଉଭୟ କଟକ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମିଡ୍ କର୍ପୋରେଟ ବ୍ରାଞ୍ଚର ନୂତନ ପରିସରକୁ ଗୁରୁବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ଇଡି ଭବେନ୍ଦ୍ର କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଓଡ଼ିଶା ହେଡ୍ ତଥା ଜିଏମ୍ ଜଗଦୀଶ ଚନ୍ଦ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ଏମ୍‌ସିବି-୨ ପରିସରକୁ ମଧ ଉଦ୍‌ଘାଟନ କରାଯାଇଥିଲା। ସେହିଭଳି ବ୍ୟାଙ୍କ ପକ୍ଷରୁ ଏକ ମହିଳା ଏସ୍‌ଏଚ୍‌ଜି ଋଣମେଳା କଟକର ବାଙ୍କୀଠାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭବେନ୍ଦ୍ର ଉଭୟ ସରକାରୀ ସୁବିଧା ଓ ଯୋଜନା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇବା ସହ ପ୍ରାୟ ୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ୧୨୫ଟି ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାଙ୍କୁ ବଣ୍ଟନ କରିଥିଲେ। ସେହିପରି କିମ୍‌ସ ହସ୍ପିଟାଲକୁ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ବ୍ୟାଙ୍କର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ପ୍ରଦାନ କରାଯାଇଥିଲା।

## ୟୁପିଆଇ ମାଧ୍ୟମରେ ଟିକସ ସୀମା ୫ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)

ଆର୍‌ବିଆଇ ଗୁରୁବାର ୟୁପିଆଇ ମାଧ୍ୟମରେ ଟିକସ ଦେବାର ସୀମାକୁ ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଟ୍ୟାକ୍ସ ପାଇଁ କାରବାର ପାଇଁ ୧ ଲକ୍ଷରୁ ଅଧିକ ଟଙ୍କା ଅନ୍‌ଲାଇନ ପେମେଣ୍ଟ କରିବା ସହଜ ହେବ। ଅନ୍ୟପଟେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ)ର କାରବାରକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଉପଭୋକ୍ତା କେବଳ ମୋବାଇଲ ନମ୍ବର ବ୍ୟବହାର କରି ୟୁପିଆଇ ମାଧ୍ୟମରେ କୌଣସି ବ୍ୟକ୍ତିଙ୍କୁ ଟଙ୍କା ପଠାଇପାରିବେ। ପୂର୍ବରୁ ମୋବାଇଲ କିମ୍ବା ଅଣପଞ୍ଜୀକୃତ ସିମ୍‌ରୁ କୌଣସି କାରବାର କରାଯାଇପାରୁ ନ ଥିଲା। ମାତ୍ର ବର୍ତ୍ତମାନ ଦେଶରେ ୪୬.୬ କୋଟି ଉପଭୋକ୍ତା ୟୁପିଆଇ କାରବାର କରୁଛନ୍ତି। ଏହି ସଫଳତାକୁ ଦେଖି ଆର୍‌ବିଆଇ ନିୟମରେ ପରିବର୍ତ୍ତନ ଆଣିବାକୁ ଯାଉଛି। ବର୍ତ୍ତମାନ ଅନ୍ୟ ଜଣେ ବ୍ୟକ୍ତି ମଧ ଉପଭୋକ୍ତାଙ୍କ ଆକାଉଣ୍ଟରୁ କାରବାର କରିପାରିବେ। ଏମ୍‌ପିସି ବୈଠକର ସମୀକ୍ଷାକରି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ୟୁପିଆଇ ମାଧ୍ୟମରେ ବୃଦ୍ଧି ପାଉଥିବା ଦେୟ ବିଷୟରେ ଉଲ୍ଲେଖ କରି ଡିଜିଟାଲ ପେମେଣ୍ଟକୁ ସରଳ କରାଯିବା ଉଚିତ ବୋଲି କହିଛନ୍ତି। ସେ କହିଛନ୍ତି, ଆର୍‌ବିଆଇ ଏହାର ଅଗଷ୍ଟ ମୁଦ୍ରାନୀତି ସମୟରେ ୟୁପିଆଇ ଜରିଆରେ ଡେଲିଗେଟେଡ୍ ପେମେଣ୍ଟ ସେବା ପ୍ରଦାନ କରିଛି। ଏହା ଜଣେ ବ୍ୟକ୍ତିଙ୍କୁ (ପ୍ରାଥମିକ ଉପଭୋକ୍ତା) ଅନ୍ୟ ଜଣେ ବ୍ୟକ୍ତିଙ୍କୁ (ଦଳୀୟ ଉପଭୋକ୍ତା) ପ୍ରାଥମିକ ବ୍ୟବହାରକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୟୁପିଆଇ କାରବାର କରିବାକୁ ଅନୁମତି ଦେବ। ଏହିପରି କାରବାର ସୀମା ପ୍ରାଥମିକ ଉପଭୋକ୍ତା ଦ୍ୱାରା ନିର୍ଣ୍ଣୟ କରାଯିବ। ଏହା ୟୁପିଆଇ ଡିଜିଟାଲ ପେମେଣ୍ଟର ବ୍ୟବହାରକୁ ଆହୁରି ବଢ଼ାଇବ ବୋଲି ଆଶା କରାଯାଉଛି।

## ମିଲ୍କ ମନ୍ତ୍ରା ପରିଦର୍ଶନ କଲେ ଆମେରିକା କନ୍‌ସଲ୍ ଜେନେରାଲ



ଭୁବନେଶ୍ୱର, ୮।୮

ରାଜ୍ୟର ପ୍ରମୁଖ ଘରୋଇ କମ୍ପାନୀ ତଥା ମିଲ୍କ ବ୍ରାଣ୍ଡ୍ 'ମିଲ୍କ ମନ୍ତ୍ରା'ର ମୁଖ୍ୟାଳୟକୁ ଆମେରିକା କନ୍‌ସଲ୍ ଜେନେରାଲ ଜେନିଫର୍ ଲାର୍ସନ ତାଙ୍କ ଟିମ୍ ଗୁରୁବାର ପରିଦର୍ଶନ କରିଛନ୍ତି। ଏପରିକି ସେ ଏହାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଏବଂ ସହପ୍ରତିଷ୍ଠାତା ରଶ୍ମି ମିଶ୍ରଙ୍କୁ ଭେଟି ଓଡ଼ିଶାରେ ମିଲ୍କ ମନ୍ତ୍ରା ଆରମ୍ଭ କରିବାର ତାଙ୍କର ଅନନ୍ୟ ଉଦ୍ୟୋଗୀ ଯାତ୍ରା ବିଷୟରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ପୁରୀଠାରେ ଏକ ନୂତନ ପ୍ଲାଣ୍ଟ ନିର୍ମାଣ ପାଇଁ ମିଲ୍କ ମନ୍ତ୍ରା ୨୦୨୦ରେ ୟୁଏସ୍ ଡେଭ୍‌ଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେଶନରୁ ୧୦ମିଲିୟନ ଡଲାର ପାଣ୍ଠି ସଂଗ୍ରହ କରିଥିଲା। ଏପରିକି ଏହି ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯାଉଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବାଠାରୁ ଆରମ୍ଭକରି ଚାଷୀମାନଙ୍କ ଆର୍ଥିକ ଜୀବନଶୈଳୀ ତଥା ଜୀବିକାରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ବଜାରରେ ମିଲ୍କ ମନ୍ତ୍ରାର ନୂତନ ଉତ୍ପାଦମାନ ଆଣି ସମ୍ପ୍ରସାରଣ କରିବାରେ ଏହି ପ୍ଲାଣ୍ଟ ବେଶ୍ ସହାୟକ ହେବ। ଏଥିମଧ୍ୟରେ ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ମିଲ୍କ ମନ୍ତ୍ରା ବୋର୍ଡରେ ରହିବା ସଙ୍ଗେ ସଙ୍ଗେ ଏଆଇ ଓ ଡିସ୍ରୋଲାଇଜ୍‌ଡ୍ ଫାଇନାନ୍ସ କ୍ଷେତ୍ରରେ ନିଜର ନୂତନ ବ୍ୟବସାୟ 'ଆର୍ନା' ଆରମ୍ଭ କରିଛନ୍ତି। ଆମେରିକା ପ୍ରତିନିଧି ଟିମ୍‌ରେ ଆର୍ଥିକ ମୁଖ୍ୟ ଫ୍ରାଙ୍କ୍ ଟ୍ୟାଲୁଟୋ, ବାଣିଜ୍ୟ ମୁଖ୍ୟ ରାଘବନ୍ ଶ୍ରୀନିବାସନ୍, ରାଜନୈତିକ ପରାମର୍ଶଦାତା ଶ୍ରୀମାଲି କରୀ, ଅର୍ଥନୈତିକ ପରାମର୍ଶଦାତା ଶିବପ୍ରସାଦ ତ୍ରିପାଠୀ ଏବଂ ବାଣିଜ୍ୟ ପରାମର୍ଶଦାତା ସୁନୀଲ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଇ-ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧି

ନୂଆଦିଲ୍ଲୀ,୮।୮

କ୍ରମାଗତ ଭାବେ ଭାରତୀୟ ଗ୍ରାହକମାନଙ୍କ ମଧ୍ୟରେ ଇ-ବାଣିଜ୍ୟ କାରବାରର ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ଏପରିକି ଉତ୍ତରପ୍ରଦେଶ ଏବଂ ବିହାର ଭଳି ରାଜ୍ୟ ଇ-ବାଣିଜ୍ୟ ଉପଭୋକ୍ତା ଅଭିବୃଦ୍ଧିରେ ଅଗ୍ରଣୀ ରହିବା ସହ ଏହି ରାଜ୍ୟରେ ଉଲେଖନୀୟ ସମ୍ଭାବନା ଓ ଅନୁକୂଳତା ପ୍ରଦର୍ଶନ କରିଥିବା ମିଶୋର ସ୍ମାର୍ଟ ଶପ୍‌ର ରିପୋର୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ମିଶୋର ସ୍ମାର୍ଟ ଶପ୍‌ର ରିପୋର୍ଟର ପ୍ରଥମ ସଂସ୍କରଣ ନିକଟରେ ପ୍ରକାଶ ପାଇଛି। ଏପରିକି ଏହାର ଏଡ୍‌୧ ୨୦୨୪ ରିର୍ପୋଟରେ ଦେଶର ଗତିଶୀଳ ଅନ୍‌ଲାଇନ ଶପିଂ ଟ୍ରେଣ୍ଡର ବିସ୍ତୃତ ବିଶ୍ଳେଷଣ ପ୍ରଦାନ କରିଛି। ଗତ ୯ବର୍ଷ ମଧ୍ୟରେ ମିଶୋ ଦେଶର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଇ-ବାଣିଜ୍ୟକୁ ଉପଲବ୍ଧ କରାଇଛି। ବିଶେଷକରି ଏହାର ୧୫ କୋଟି ବାର୍ଷିକ କାରବାର କରୁଥିବା ଗ୍ରାହକଙ୍କ ମଧ୍ୟରୁ ୮୦% ଦ୍ୱିତୀୟ ପର୍ଯ୍ୟାୟ ଓ ସହର ବାହାରେ ଆସୁଥିବାବେଳେ ମିଶୋ ନୂତନ ଇ-ବାଣିଜ୍ୟ ଉପଭୋକ୍ତାଙ୍କୁ ଅନ୍‌ଲାଇନରେ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିପରି ଏହି ପ୍ଲାଟ୍‌ଫର୍ମ ଇ-ବାଣିଜ୍ୟର ଏକ ନୂଆ ଜନ ଉପଭୋକ୍ତା ଭିତ୍ତିଭୂମି ହୋଇଥିଲାବେଳେ ଭାରତରେ ସର୍ବାଧିକ ଡାଉନଲୋଡ୍ ହେଉଥିବା ଶପିଂ ଆପ୍ ଭାବେ ମିଶୋଙ୍କ ସ୍ମାର୍ଟ ଶପର ରିପୋର୍ଟ ବିଭିନ୍ନ ଉପଭୋକ୍ତାଙ୍କ ପସନ୍ଦ ଭାବେ ରହିଛି। ବର୍ତ୍ତମାନର ଏହି ଗତିଶୀଳତାକୁ ସାରା ଦେଶରେ ଏକ ନିର୍ଭରଯୋଗ୍ୟ ସୂଚକ ଭାବେ କାର୍ଯ୍ୟ କରିବାକୁ ମଧ ଲକ୍ଷ୍ୟ ରଖିଛି। କେବଳ ଏତିକି ନୁହେଁ, ଭାରତରେ ଇ-ବାଣିଜ୍ୟ ବଜାର ସୃଷ୍ଟି ଓ ତାହାର ଅଭିବୃଦ୍ଧିରେ ମିଶୋର ଉଲ୍ଲେଖନୀୟ ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି।

## ଚେକ୍ କ୍ଲିଅରାନ୍ସ ପାଇଁ ଲାଗିବନି ୨ଦିନ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)


ଶକ୍ତିକାନ୍ତ ଦାସ

ଚେକ୍ କ୍ଲିଅରାନ୍ସ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଡ଼ ନିଷ୍ପତ୍ତି ନେଇଛି। ଏଣିକି ମାତ୍ର କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିଅର ହୋଇପାରିବ। ଚେକ୍ କ୍ଲିଅରାନ୍ସ ସମୟକୁ କିଛି ଘଣ୍ଟାକୁ ହ୍ରାସ କରିବା ଏବଂ ଏହା ସହ ଜଡ଼ିତ ବିପଦକୁ ହ୍ରାସ କରିବା ଲକ୍ଷ୍ୟରେ ଆର୍‌ବିଆଇ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଚେକ୍ ଜମା ହେବାଠାରୁ ରାଶି ଆସିବା ପର୍ଯ୍ୟନ୍ତ ୨ ଦିନ ଲାଗୁଥିବାବେଳେ ଏଣିକି ନୂତନ ସିଷ୍ଟମରେ ଜମାହେବାର କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିଅର ହେବ। ଗୁରୁବାର ଚଳିତ ଆର୍ଥିକ ବର୍ଷର ତୃତୀୟ ମୁଦ୍ରାନୀତିର ସମୀକ୍ଷା ଘୋଷଣାକରି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଚେକ୍ କ୍ଲିଅରାନ୍ସକୁ ଶୃଙ୍ଖଳିତ କରିବା, କ୍ଲିଅରାନ୍ସ ବିପଦକୁ ହ୍ରାସ କରିବା ଏବଂ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଚେକ୍ ଟ୍ରାଞ୍ଜାକ୍‌ସନ ସିଷ୍ଟମ (ସିଟିଏସ୍) ପ୍ରଚଳନ କରାଯାଇଛି। ବର୍ତ୍ତମାନର ପ୍ରକ୍ରିୟାକୁ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେ କହିଛନ୍ତି, ଏହା ଅଧୀନରେ ବର୍ତ୍ତମାନର ସିଟିଏସ୍ ସିଷ୍ଟମ ଅଧୀନରେ ଥିବା 'ବ୍ୟାଚ୍'ରେ ପ୍ରକ୍ରିୟାକରଣ କରିବା ପରିବର୍ତ୍ତେ ବ୍ୟବସାୟ ସମୟରେ କ୍ରମାଗତ ଭିତ୍ତିରେ କ୍ଲିଅରାନ୍ସ କରାଯିବ। ଆର୍‌ବିଆଇ ଅନୁଯାୟୀ, ନୂତନ ସିଷ୍ଟମ ଅଧୀନରେ ଚେକ୍ 'ସ୍କାନ୍ 'ହେବ, କିଛି ଘଣ୍ଟା ମଧ୍ୟରେ ଉପସ୍ଥାପିତ ହେବ ଏବଂ କ୍ଲିଅର କରାଯିବ। ଦାସ କହିଛନ୍ତି , ଏ ବାବଦରେ ବିସ୍ତୃତ ନିର୍ଦ୍ଦେଶାବଳୀ ଶୀଘ୍ର ଜାରି କରାଯିବ। ଏହା ବ୍ୟତୀତ ଆର୍‌ବିଆଇ ପ୍ରତ୍ୟେକ ଗ୍ରାହକଙ୍କ ଦ୍ୱାରା ବ୍ୟାଙ୍କଗୁଡିକ ଦେଇଥିବା କ୍ରେଡିଟ୍ ସୂଚନା ପ୍ରତି ୧୫ଦିନରେ କମ୍ପାନୀଗୁଡ଼ିକୁ ରିପୋର୍ଟ କରିବାକୁ ପ୍ରସ୍ତାବ ଦେଇଛି। ବର୍ତ୍ତମାନ ଏହି ରିପୋର୍ଟ ମାସରେ ଥରେ ଦିଆଯାଉଛି।

## ଜିଓ ଭାରତ ୪ଜି ଜରିଆରେ ବୈପ୍ଳବିକ ପରିବର୍ତ୍ତନ

ମୁମ୍ବାଇ,୮।୮




ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ପ୍ରମୁଖ କମ୍ପାନୀ ରିଲାଏନ୍ସ ଜିଓ (ଜିଓ)ର ବହୁ ପ୍ରତୀକ୍ଷିତ କିପ୍ୟାଡ୍ ସ୍ମାର୍ଟଫୋନ୍ ଜିଓ ଭାରତ ୪ଜି ଘରୋଇ ବଜାରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ରିପୋର୍ଟ-୨୦୨୪ ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏପରିକି ଭାରତର ସବୁଠାରୁ ସୁଲଭ କିପ୍ୟାଡ୍ ସ୍ମାର୍ଟଫୋନ୍ ଜିଓ ଭାରତ ୪ଜି ୧୦୦୦ଟଙ୍କାରୁ କମ୍ ବର୍ଗରେ ୫୦%ର ବଜାର ଅଂଶ ହାସଲ କରିଛି। ପ୍ରତ୍ୟେକ ଭାରତୀୟଙ୍କୁ ଡିଜିଟାଲ ସେବାରେ ସଶକ୍ତ କରିବା ଲକ୍ଷ୍ୟରେ ଉନ୍ମୋଚିତ ହୋଇଥିବା ଜିଓ ଭାରତ ଦେଶର ୨୫ କୋଟି ଫିଚର ଫୋନ ବ୍ୟବହାରକାରୀଙ୍କ ପାଇଁ ଡିଜିଟାଲ ସ୍ୱାଧୀନତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ସେହିଭଳି ଜିଓ ଭାରତ ୪ଜି ଫୋନ୍ ଉନ୍ମୋଚିତ ହେବା ପରଠାରୁ ୟୁପିଆଇ, ଜିଓ ସିନେମା ଏବଂ ଜିଓଟିଭି ଭଳି ସୁବିଧା ଓ ଡିଜିଟାଲ ସାମର୍ଥ୍ୟ ପ୍ରଦାନ ସହ ସାଧାରଣ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ହୋଇଛି। ଫଳରେ ସମାଜର ବିଭିନ୍ନ ବର୍ଗ ଅଧିକ ସଫଳତା ହାସଲ କରିପାରିଛନ୍ତି। ଏହି ଅତ୍ୟାଧୁନିକ ସୁଲଭ ଡିଭାଇସ୍ କେବଳ ଉପଭୋକ୍ତାଙ୍କୁ ସ୍ମାର୍ଟଫୋନ୍ କ୍ଷମତା ପ୍ରଦାନ କରିନାହିଁ ବରଂ ଉଚ୍ଚ ଗୁଣବତ୍ତା ଏବଂ ସୁଲଭ ଡାଟା ମଧ ପ୍ରଦାନ କରୁଛି, ଯାହା ସାଧାରଣ ଲୋକଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରିଛି।

ଏ ସମ୍ପର୍କରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆରଆଇଏଲ୍)ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବାର୍ଷିକ ରିପୋର୍ଟରେ କମ୍ପାନୀର ଶେୟାରହୋଲ୍ଡରମାନଙ୍କୁ ଜଣାଇଛନ୍ତି, ଜିଓଭାରତ ଫୋନ୍‌ର ଶୁଭାରମ୍ଭ ଦେଶର ଡିଜିଟାଲ ବୈଷମ୍ୟକୁ ଦୂରକରିବା ଦିଗରେ ଆଉ ଏକ ବୈପ୍ଳବିକ ପଦକ୍ଷେପ ପାଲଟିଛି। ଏପରିକି ଫିଚର ଫୋନର ମୂଲ୍ୟରେ ଗ୍ରାହକ ଜିଓଭାରତ ୪ଜି ସ୍ମାର୍ଟଫୋନ ପାଇଛନ୍ତି। ୨ଜି ମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବାରେ ବେଶ୍ ସହାୟକ ହେବ। ନିକଟରେ ଶିଳ୍ପବ୍ୟାପୀ ଶୁଳ୍କ ବୃଦ୍ଧି ସତ୍ତ୍ୱେ ଜିଓ ଭାରତ ୪ଜି ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଜିଓ ପୂର୍ବଭଳି ଦର ବଜାୟ ରଖିଛି।

## ସିମ୍ଫୋନିର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୮।୮


ନୃପେଶ ଶାହା

ଅନ୍ତଃରାଷ୍ଟ୍ରୀୟ ଭାରତୀୟ କମ୍ପାନୀ 'ସିମ୍ଫୋନି ଲିମିଟେଡ୍'ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ସାଙ୍ଗକୁ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ବେଳେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲରୁ ଜୁନ୍ ୩୦ ମଧ୍ୟରେ ମୋଟ ୫୩୧ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ସେହିଭଳି ୨୦୨୩ ଏପ୍ରିଲରୁ ଜୁନ୍ ୩୦ ମଧ୍ୟରେ ମୋଟ ୩୦୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଥିଲା। ଏପରିକି ବାର୍ଷିକ ଭିତ୍ତିରେ କମ୍ପାନୀ ମୋଟ ୭୬%ର ରାଜସ୍ୱ ବୃଦ୍ଧି କରିଛି।

ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଏମ୍‌ଡି (କର୍ପୋରେଟ ଆଫାୟର୍ସ) ନୃପେଶ ଶାହା କହିଥିଲେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଅଭିବୃଦ୍ଧି ଧାରା ବଜାୟ ରଖିଛୁ। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରେଭିନ୍ୟୁ, ଇବିଆଇଟିଡିଏ, ପିଏଟି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଅନେକ ସଫଳତା ହାସଲ କରିଛୁ।

## ନିସ୍ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭୁବନେଶ୍ୱର,୮।୮ (ଅନୁରାଧା ମହାରଣା)




ଭୂବନେଶ୍ୱର ମଦନପୁରସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେଶନ୍ ସାଇନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ବିବିଏ, ବିସିଏ, ବିଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ବିଏସ୍‌ସି (ଆଇଟିଏମ୍)ର ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରମାନେ କିପରି ଆଇଟି ଓ କମ୍ପ୍ୟୁଟର ସାଇନ୍ସ ଶିକ୍ଷା ଗ୍ରହଣ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ସେ ସମ୍ପର୍କରେ ମତ ରଖିଥିଲେ । ଅନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଫେସର୍ ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ଅଜିତ୍ ନାରାୟଣ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟକାନ୍ତ ମହାପାତ୍ର, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ବିବିଏର ବିଭାଗୀୟ ମୁଖ୍ୟ ପ୍ରଫେସର୍ ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା । ନିସ୍ ଶିକ୍ଷାନୁଷ୍ଠାନର ମଦନପୁରସ୍ଥିତ କ୍ୟାମ୍ପସରେ ଆଇଟି ଓ ମ୍ୟାନେଜ୍‌ମେଣ୍ଟର ଶିକ୍ଷାଦାନ କରାଯାଉଥିବାବେଳେ ଛତାବରସ୍ଥିତ କ୍ୟାମ୍ପସରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂରେ ଶିକ୍ଷାଦାନ କରାଯାଉଥିବା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି । ପରିଶେଷରେ ନବାଗତ ଛାତ୍ରଛାତ୍ରୀମାନଙ୍କପାଇଁଏକଶପଥଗ୍ରହଣ ଉତ୍ସବର ଆୟୋଜନ କରାଯାଇଥିଲା

## 'ଏକ ଷ୍ଟେଶନ ଏକ ଉତ୍ପାଦ' ଜରିଆରେ ଆର୍ଥିକ ଅଭିବୃଦ୍ଧି

### ରେଳ ଷ୍ଟେଶନରେ ନାବାର୍ଡର ମାର୍କେଟିଂ ସୁବିଧା

ଭୁବନେଶ୍ୱର, ୮।୮




ଭାରତୀୟ ରେଳପଥର ବହୁ ପ୍ରତୀକ୍ଷିତ 'ଏକ ଷ୍ଟେଶନ ଏକ ଉତ୍ପାଦ' କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ଷ୍ଟଲ୍‌ଗୁଡିକ ପ୍ରତିଦିନ ଭଲ ରୋଜାଗାର କରୁଛନ୍ତି। ଏପରିକି ଉଭୟ ଖୋର୍ଦ୍ଧା ରୋଡ୍ ଓ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ପ୍ରତିଦିନ ୪୦୦୦ରୁ ୬୦୦୦ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ବିକ୍ରି ହେଉଛି। ଫଳରେ ଷ୍ଟେଶନରେ ଷ୍ଟଲ୍ ନେଇଥିବା ଉତ୍ପାଦକ ସଙ୍ଗଠନଗୁଡ଼ିକ ଭଲ ଦି ପଇସା ରୋଜଗାର କରିବା ସଙ୍ଗେ ସଙ୍ଗେ ଆର୍ଥିକ ଅଭିବୃଦ୍ଧିକୁ ମଧ ମଜଭୁତ କରିପାରିଛନ୍ତି।

ଉଲ୍ଲେଖଯୋଗ୍ୟ, ଦୀର୍ଘ ଦଶନ୍ଧି ଧରି ଗ୍ରାମାଞ୍ଚଳର କୃଷକ, ମହିଳା, କାରିଗର, ବୁଣାକାରଙ୍କ ବିକାଶ ପାଇଁ ରାଷ୍ଟ୍ରୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ (ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ ବା ନାବାର୍ଡ) କାର୍ଯ୍ୟ କରୁଛି। ଏପରିକି ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଦିଗରେ ମଧ ନାବାର୍ଡ ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ଭାରତୀୟ ରେଲୱେ ପକ୍ଷରୁ ନିକଟରେ ଆରମ୍ଭ କରାଯାଇଥିବା 'ଏକ ଷ୍ଟେଶନ ଏକ ଉତ୍ପାଦ' କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ପାଇଁ ନାବାର୍ଡ ମଧ ଉଦ୍ୟମ ଆରମ୍ଭ କରିଛି। ଏପରିକି ନାବାର୍ଡ ପକ୍ଷରୁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ନିଗମ'ର ସହାୟତାରେ ଖୋର୍ଦ୍ଧା ଜିଲାର କାର୍ଯ୍ୟରତ ବିଭିନ୍ନ କୃଷକ ଉତ୍ପାଦକ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବୁଣାକାର ଓ କଳାକାରମାନଙ୍କ ଦ୍ୱାରା ଗଠିତ ଉତ୍ପାଦନ ସଙ୍ଗଠନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ଉଦ୍ୟମ ଚାଲିଛି।

ସେହିଭଳି ଖୋର୍ଦ୍ଧା ରୋଡ୍ ଏବଂ ଭୁବନେଶ୍ୱର ରେଳ ଷ୍ଟେଶନଠାରେ 'ଏକ ଷ୍ଟେଶନ ଏକ ଉତ୍ପାଦ' ଏକ ଆକର୍ଷଣୀୟ ଷ୍ଟଲ୍ ମଧ ନିକଟରେ ଉଦ୍‌ଘାଟନ କରାଯାଇଥିଲା ବୋଲି 'ନିଗମ' ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର, ଜିଲା ବିକାଶ ପ୍ରବନ୍ଧକ ତୃପ୍ତି ତାପସୀ ରଥ ଏବଂ ଷ୍ଟେଶନ ମ୍ୟାନେଜରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ମଧ ଉପସ୍ଥିତ ଥିଲେ।



ପୋଡିୟମ୍‌ରେ ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ (ମଝି)ଙ୍କ ସହ ଅନ୍ୟ ଖେଳାଳି।

# ହକି ଇଣ୍ଡିଆର ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ, ୮।୮ (ପି.ଟି.):** ଅଲିମ୍ପିକ ଗେମ୍ସରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିଥିବା ଜାତୀୟ ପୁରୁଷ ହକି ଦଳ ପାଇଁ ହକି ଇଣ୍ଡିଆ ଗୁରୁବାର ପ୍ରତ୍ୟେକ ଖେଳାଳିଙ୍କୁ ୧୫ଲକ୍ଷ ଏବଂ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଘୋଷଣା କରିଛି। ଗୁରୁବାର ଖେଳାଯାଇଥିବା ପ୍ୟାରିସ ଗେମ୍ସର ହକି ପ୍ରତିଯୋଗିତାର ତୃତୀୟ ସ୍ଥାନ ପ୍ଲେ-ଅଫ୍ ମ୍ୟାଚରେ ଭାରତ ୨-୧ ଗୋଲ୍‌ରେ ସ୍ପେନକୁ ପରାସ୍ତ କରି ବ୍ରୋଞ୍ଜ ପଦକ ଲାଭ କରିଛି। ଗତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ଏକ ବ୍ରୋଞ୍ଜ ଜିତିଥିଲା। ସେତେବେଳେ ଭାରତ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ଏକ ପଦକ ଜିତିଥିଲା। ଅଲିମ୍ପିକ ଇତିହାସରେ ଓଭର ଅଲ ଭାରତର ଏହା ହେଉଛି ୧୩ ତମ ପଦକ ଏବଂ ଚତୁର୍ଥ ବ୍ରୋଞ୍ଜ। ସେମିଫାଇନାଲରେ ଜର୍ମାନୀ ନିକଟରୁ ୩-୨ ଗୋଲ୍‌ରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ମ୍ୟାଚ ଖେଳିଥିଲା। ଜର୍ମାନୀ ଫାଇନାଲରେ ନେଦରଲାଣ୍ଡଠାରୁ ହାରି ରୌପ୍ୟ ପଦକ ପାଇଛି।



ସ୍ପେନ୍ ବିପକ୍ଷ ବିଜୟ ପରେ ଭାରତୀୟ ଦଳର ଗୋଲ୍‌କିପର ପି.ଆର୍. ଶ୍ରୀଜେଶଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀଙ୍କ ବଧାଇ।



ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତିବା ପରେ ଅମିତ ରୋହିଦାସଙ୍କ ସଉନାମୁରାସ୍ଥିତ ବାସଭବନରେ ମା'ଗୋଲାପୀ ରୋହିଦାସଙ୍କୁ ସ୍ଥାନୀୟ ସରପଞ୍ଚ ଚଲୁ ବାର୍ଲା ଓ ଗ୍ରାମବାସୀ ଶୁଭେଚ୍ଛା ଜଣାଉଛନ୍ତି।

# ୨୪ ବର୍ଷ ପରେ ନେଦରଲାଣ୍ଡକୁ ସ୍ୱର୍ଣ୍ଣ

**ପ୍ୟାରିସ୍,୮।୮(ପି.ଟି.)**

ପେନାଲ୍ଟି ଶୁଟଆଉଟରେ ଜର୍ମାନୀକୁ ୩-୧ରେ ପରାସ୍ତ କରି ଅଲିମ୍ପିକ୍ସ ପୁରୁଷ ହକିରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ନେଦରଲାଣ୍ଡ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ନେଦରଲାଣ୍ଡ ପକ୍ଷରୁ ଥିଏରୀ ବ୍ରିଙ୍କମ୍ୟାନ୍ ୪୬ ମିନିଟରେ ଓ ଜର୍ମାନୀ ପକ୍ଷରୁ ଥିଏସ୍ ପ୍ରିଞ୍ଜ ୫୦ ମିନିଟରେ ଗୋଲଟି ଦେଇଥିଲେ। ଶେଷ ଥର ପାଇଁ ୨୦୦୦ ମସିହାରେ ସ୍ୱର୍ଣ୍ଣ ପଦକ ଜିତିଥିବା ନେଦରଲାଣ୍ଡ ୨୪ ବର୍ଷ ପରେ ସ୍ୱର୍ଣ୍ଣ ଜିତିଛି।



ଜର୍ମାନୀ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଫାଇନାଲ ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ପ୍ରଥମ ୩ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ନେଦରଲାଣ୍ଡ ପକ୍ଷରୁ ବ୍ରିଙ୍କମ୍ୟାନ ପ୍ରଥମ ଗୋଲ କରି ଦଳକୁ ଆଗୁଆ କରିଥିଲେ। ତେବେ ଏହାର ୪ ମିନିଟ ମଧ୍ୟରେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ

## ଶୁଟଆଉଟରେ ହାରିଲା ଜର୍ମାନୀ

ସମାନ୍ତର ସ୍ଥିତିକୁ ଆଣିଥିଲେ ପ୍ରିଞ୍ଜ। ପେନାଲ୍ଟି ଶୁଟଆଉଟରେ ଜର୍ମାନୀ ଗୋଲ କିପର ନେଦରଲାଣ୍ଡ ଖେଳାଳିଙ୍କ ପ୍ରଥମ ୨ ଶଟ୍ ରୋକିଥିଲେ। ତେବେ ନେଦରଲାଣ୍ଡ ଗୋଲକିପର ଜର୍ମାନୀର ପ୍ରଥମ ୩ ଶଟ୍ ରୋକି ଦେଇଥିଲେ। ଏହା ସହିତ ତୃତୀୟ ପାଇଁ ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ହାସଲ କରିଛି ନେଦରଲାଣ୍ଡ। ପୂର୍ବରୁ ଦଳ ୧୯୯୬ ଓ ୨୦୦୦ ମସିହାରେ ସ୍ୱର୍ଣ୍ଣ ଜିତିଥିଲା।

# ବ୍ରୋଞ୍ଜ ପାଇଁ ଲଢ଼ିବେ ଅମନ ସେରାୱତ



ଆଲବାନିଆର ଜେଲିମଖାନ୍ ଆବାକାରୋଭଙ୍କ ବିପକ୍ଷ ମ୍ୟାଚ୍‌ରେ ଅମନ ସେରାୱତ୍ (ଲାଲ୍ ଜର୍ସି)।

**ପ୍ୟାରିସ, ୮।୮ (ପି.ଟି.)**

ଯୁବ ଭାରତୀୟ ଗ୍ରାପଲର ଅମନ ସେରାୱତ ରେସ୍‌ଲିଂରେ ଭାରତର ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ତେବେ ଗୁରୁବାର ଅନୁଷ୍ଠିତ ୫୭ କେଜି ଫ୍ରି-ଷ୍ଟାଇଲ ସେମିଫାଇନାଲରେ ସେ ଜାପାନର ଟପ୍‌ସିଡ୍ ରେଇ ହିଗୁଚିଙ୍କଠାରୁ ହାରିଯିବାରୁ ରେସଲିଂରୁ ଭାରତର ସ୍ୱର୍ଣ୍ଣ ପଦକ ଆଶା ଧୂଳିସାତ ହୋଇଛି। ୨୧ ବର୍ଷୀୟ ଅମନ ଶୁକ୍ରବାର ପିଏର୍ଟୋ ରିକୋର ଡାରିଆନ ଟୋଇ କ୍ରୁଜ୍‌ଙ୍କୁ ବ୍ରୋଞ୍ଜ ପଦକ ମୁକାବିଲାରେ ସମ୍ମୁଖୀନ ହେବେ। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ଟେକ୍ନିକାଲ ସୁପରିଅରିଟିରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଆଲବାନିଆର ଜେଲିମଖାନ୍ ଆବାକାରୋଭଙ୍କୁ ହରାଇ ଦେଇଥିଲେ। ପ୍ରଥମ ରାଉଣ୍ଡରେ ଆବାକାରୋଭ ସାମାନ୍ୟ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ରେସଲର ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଲଢ଼ିଥିଲେ। ଏହି ରାଉଣ୍ଡର ଆରମ୍ଭରେ ୨୧ ବର୍ଷୀୟ ଅମନ ୨୦୨୨ର ବିଶ୍ୱ ଚାମ୍ପିୟନ ଆଲବାନିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ଗୋଡ଼କୁ ଲକ୍ କରିଦେଇଥିଲେ। ଏକାଧିକଥର ଧରାଶାୟୀ କରି ସେ ସିଧାସଳଖ ୧୨ ପଏଣ୍ଟ ହାସଲ କରି ନେଇଥିଲେ। ପୂର୍ବରୁ ଅନୁଷ୍ଠିତ ମୁକାବିଲାରେ ସେ ନର୍ଥ ମାସେଡୋନିଆର ପୂର୍ବତନ ୟୁରୋପିଆନ ଚାମ୍ପିୟନ ଭ୍ଲାଡିମିର ଇଗୋରୋଭଙ୍କୁ ସହଜରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ।

ମହିଳା ରେସଲର ଅଂଶୁ ମଲିକଙ୍କ ଅଭିଯାନ କିନ୍ତୁ ୫୭ କେଜି ପ୍ରି-କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଥିଲା। ଏହି ପର୍ଯ୍ୟାୟରେ ସେ ଆମେରିକାର ଅଭିଜ୍ଞ ସମ୍ପନ୍ନ ହେଲେନ ଲୌସେ ମରୌଲିସଙ୍କଠାରୁ ୨-୭ରେ ହାରିଥିଲେ।

# ଆଜିଠୁ ଓଡ଼ିଶା ଭାରୋତ୍ତୋଳନ ଚାମ୍ପିୟନଶିପ୍

**ବ୍ରହ୍ମପୁର,୮।୮**
**(ସ୍ୱାଧୀନ ଶେଖର ପାଢ଼ୀ)**

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଶୁକ୍ରବାରଠାରୁ ୭୧ତମ ଓଡ଼ିଶା ଭାରୋତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହେବ। ଗୁରୁବାର ବ୍ରହ୍ମପୁରରେ ଖବରଦାତା ସମ୍ମିଳନୀରେ ଓଡ଼ିଶା ଭାରୋତ୍ତୋଳନ ସଂଘ ଏହି ସୂଚନା ଦେଇଛି। ୩ ଦିନିଆ ଏହି ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ବିଭାଗ ପ୍ରତିଯୋଗୀ ଭାଗ ନେବେ। ଏଥିରେ ଖୋର୍ଦ୍ଧା, କଟକ, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ, ବଲାଙ୍ଗୀର, ସୁନ୍ଦରଗଡ,

## ସ୍ୱର୍ଣ୍ଣ ବିଜେତାଙ୍କୁ ୧ ଲକ୍ଷ ୧୧ ହଜାର

ରାଉରକେଲା ଷ୍ଟିଲପ୍ଲାଣ୍ଟ, ରାୟଗଡ଼ା, ଢେଙ୍କାନାଳ,ନବରଙ୍ଗପୁର, ଦେବଗଡ଼ ଓ କେନ୍ଦ୍ରାପଡା ଜିଲାର ୧୨୦ ପୁରୁଷ, ୪୦ ମହିଳା ପ୍ରତିଯୋଗୀ ଭାଗନେବେ। ମହିଳା ଓ ପୁରୁଷ ବିଭାଗର ବରିଷ୍ଠ, କନିଷ୍ଠ ଓ ଯୁବ ବିଭାଗର ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବେଷ୍ଟ ଲିଫ୍ଟର ପୁରସ୍କାର ପ୍ରଦାନ କରାଯିବ। ଉକ୍ତ ପ୍ରତିଯୋଗିତାରୁ ଆସନ୍ତା ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ଲକ୍ଷ ୧୧ହଜାର, ରୌପ୍ୟ ପଦକ ବିଜେତାଙ୍କୁ ୫୫ ହଜାର ଓ ବ୍ରୋଞ୍ଜ ପଦକ ପାଇଁ ୨୫ହଜାର ପୁରସ୍କାର ପ୍ରଦାନ କରାଯିବ ବୋଲି ଗଞ୍ଜାମ ଭାରୋତ୍ତଳନ ସଂଘର ସଭାପତି କୁମୁଦ ଚନ୍ଦ୍ର ସାହୁ ଘୋଷଣା କରିଛନ୍ତି। ଖବରଦାତା ସମ୍ମିଳନୀରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ତଥା ଅଲିମ୍ପିଆନ କେ.ରବିକୁମାର, ଗଞ୍ଜାମ ଭାରୋତ୍ତୋଳନ ସଂଘ ସମ୍ପାଦକ ସୁଧୀର କୁମାର ପାତ୍ର ଏବଂ ରାଜ୍ୟ ଓ ଜିଲା ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓଡ଼ିଶା ଭାରୋତ୍ତୋଳନ ସଂଘ ନେତୃବୃନ୍ଦ।

# ରାଜ୍ୟରେ ଖୁସିର ଲହରି, ପୁରସ୍କାର ଘୋଷଣା

## ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତିବାପରେ ଓଡ଼ିଶା କ୍ରୀଡ଼ା ମହଲରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଭାରତୀୟ ଦଳ ଏବଂ ଅମିତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ପୁରସ୍କାର ଘୋଷଣା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଭିନନ୍ଦନ ଜଣାଇବାସହ ଭାରତୀୟ ଦଳ ଓ ଅମିତଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେହିପରି ତାଙ୍କ ନିଯୁକ୍ତି ସଂସ୍ଥା ପୂର୍ବତଟ ରେଲୱେଠାରୁ ଆରମ୍ଭ କରି ଅଲିମ୍ପିଆନ ଲାଜରୁସ ବାର୍ଲା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଆଦି ଅଭିନନ୍ଦନ ସ୍ରୋତରେ ସାମିଲ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ଅମିତଙ୍କୁ ସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ଅଭିଜିତ ପାଲ, କୋଷାଧ୍ୟକ୍ଷ ଅଧିପ ଦାସଙ୍କୁ ସମେତ ସମସ୍ତ ସଦ୍ୟ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି।

### 'ସ୍ୱର୍ଣ୍ଣର ହକ୍‌ଦାର ଥିଲା'

ବ୍ରୋଞ୍ଜ ପଦକ ବିଜୟ ପାଇଁ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଅଲିମ୍ପିଆନ ଲାଜରୁସ ବାର୍ଲା। ଭାରତର ଏହି ବିଜୟରେ ମୁଁ ଅତ୍ୟନ୍ତ ଆନନ୍ଦିତ। ପ୍ରକୃତରେ ଦେଖିବାକୁ ଗଲେ ଭାରତ ସ୍ୱର୍ଣ୍ଣ ପଦକ ବିଜୟର ହକ୍‌ଦାର ଥିଲା। ତେବେ ବ୍ରୋଞ୍ଜ ପଦକ ମଧ୍ୟ କିଛି କମ୍ ନୁହେଁ। ସେଥିପାଇଁ ପୁରା ଦଳ ପ୍ରଶଂସାର



ଲାଜରୁସ ବାର୍ଲା

ହକ୍‌ଦାର। ଅମିତ ରୋହିଦାସ ସେମିଫାଇନାଲ ଖେଳିଥିଲେ ହୁଏତ ଆଜି ସ୍ଥିତି ଭିନ୍ନ ଧରଣର ହୋଇଥାନ୍ତା ବୋଲି ମୁଁ ଅନୁଭବ କରୁଛି। କାରଣ ତାଙ୍କ ଅନୁପସ୍ଥିତିରେ ଜର୍ମାନୀ ପେନାଲ୍ଟି କର୍ନର ଗୋଲ ଦେବାରେ ସଫଳ ହୋଇଥିଲେ। ଅମିତ ଥିଲେ ନିଶ୍ଚିତ ଗୋଲ ସେଭ୍ କରିବାରେ ସହାୟକ ହୋଇ ପାରିଥାନ୍ତେ। ତେଣୁ ଜାଣିଶୁଣି ତାଙ୍କୁ ବାହାରେ ବସାଇବାର ଷଡ଼ଯନ୍ତ୍ର କରାଯାଇଥିବା ମୋର ଅନୁଭବ ହୋଇଛି। ସେ ଯାହାହେଉ ଭାରତୀୟ ଦଳର ସଦସ୍ୟଭାବେ ୨ଟି ଅଲିମ୍ପିକ୍ସ ପଦକ ଜିତି ଅମିତ ଇତିହାସ ରଚିଛନ୍ତି। ତାଙ୍କୁ ଏବଂ ପୁରା ଭାରତୀୟ ଦଳକୁ ଅଭିନନ୍ଦନ। ସେମିଫାଇନାଲରେ ପରାଜିତ ହେବାପରେ ଭାରତ ଯେପରି ପ୍ରତ୍ୟାବର୍ତ୍ତନ କଲା ତାହା ଗୁରୁତ୍ୱପୂର୍ଣ୍ଣ। ସ୍ପେନ୍ ବିପକ୍ଷ ମ୍ୟାଚରେ ମଧ୍ୟ ପେନାଲ୍ଟି ଷ୍ଟ୍ରୋକ୍ ଯୋଗୁ ଭାରତ ଏକଦା ପଛୁଆ ରହି ଯାଇଥିଲା। ମାତ୍ର ସେଥିରେ ଦବି ନ ଯାଇ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହ ପଦକ ଜିତି ନିଜ ଦକ୍ଷତାର ପ୍ରମାଣ ଦେଲା ବୋଲି ଲାଜରୁସ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ଏହି ପ୍ରଦର୍ଶନରୁ ଯୁବ ଖେଳାଳିମାନେ ନିଶ୍ଚିତ ଅନେକ କିଛି ଶିଖିବାକୁ ପାଇବେ ବୋଲି ସେ କହିଛନ୍ତି।

## ଇତିହାସ ରଚିଲେ ଅମିତ

ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ପୁରୁଷ ହକି ଦଳ ଦେଶର କ୍ରୀଡ଼ା ଜଗତରେ ଖୁସିର ଲହରି ଖେଳାଇ ଦେଇଛି। ଏହି ଦଳର ନିର୍ଭରଯୋଗ୍ୟ ସଦସ୍ୟ ଭାବେ ଇତିହାସ ରଚିଛନ୍ତି ଓଡ଼ିଶାର ଅମିତ ରୋହିଦାସ। ରାଜ୍ୟର ଏକମାତ୍ର ଖେଳାଳିଭାବେ ଅମିତ କ୍ରମାଗତ ୨ଟି ଅଲିମ୍ପିକ୍ସରେ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି। ପୂର୍ବରୁ ସେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ପୂର୍ବତଟ ରେଲୱେ ପକ୍ଷରୁ ଏହାର କ୍ରୀଡ଼ା ଅଧିକାରୀ ଅମିତ ରୋହିଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ପ୍ରକାଶ ଯୋଗ୍ୟ ଯେ, ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା। ଏହି ଦଳର ସଦସ୍ୟ ଭାବେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ପଦକ ଜିତି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ। ପ୍ରଥମ ଥରପାଇଁ ଓଡ଼ିଆ ଖେଳାଳିଭାବେ ଏହି ଦୁଇଜଣ ଅଲିମ୍ପିକ୍ସ ପଦକ ପାଇବାର ଗୌରବ ଅର୍ଜନ କରିଥିଲେ। ପୂର୍ବରୁ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ୱିଲିୟମ ଖାଲ୍‌କୋ, ଦୀପ୍‌ଗ୍ରେସ୍ ଏକ୍କା, ନମିତା ଟପ୍ପୋ, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, ଆଥଲେଟ୍ ଅନୁରାଧା ବିଶ୍ୱାଳ, ରଚିତା ମିସ୍ତ୍ରି ପଣ୍ଡା, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଏବଂ ଭାରୋତ୍ତୋଳକ କେ. ରବିକୁମାର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ହେଁ ପଦକରୁ ବଞ୍ଚିତ ହୋଇଥିଲେ। ବୀରେନ୍ଦ୍ର ନିଜ ଦ୍ୱିତୀୟ ଅଲିମ୍ପିକ୍ସରେ ଏହି ସଫଳତା ପାଇଥିବାବେଳେ ଅମିତ ରୋହିଦାସ ପ୍ରଥମ ପଦାର୍ପଣରେ ହିଁ ପଦକ ସ୍ୱାଦ ଚାଖିଥିଲେ। ଏହି ଅଲିମ୍ପିକ୍ସରେ ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ ଖେଳିଥିଲେ ହେଁ ଭାରତୀୟ ଦଳ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ମିସ୍ କରିଥିଲା।

ଅମିତ ରୋହିଦାସଙ୍କ ଜନ୍ମ ୧୯୯୩ ମେ ୧୦ ସୁନ୍ଦରଗଡ଼ ଜିଲା ବାଲିଶଙ୍କରାର ସଉନାମୁରା ଗ୍ରାମରେ। ମା' ଗୋଲାପ ରୋହିଦାସ ଓ ବାପା ଗୋପାଳ ରୋହିଦାସ। ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର (ଫୁଲବ୍ୟାକ୍)ଭାବେ ପରିଚିତ ଅମିତ ୨୦୧୪ରେ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଇ ହକିର ଅୟମାରମ୍ଭ କରିଥିଲେ। ୨୦୦୯ରେ ଜାତୀୟ ଜୁନିୟର ଏବଂ ୨୦୧୩ରେ ସେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେହିବର୍ଷ ଇପୋରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଦଳର ରୌପ୍ୟ ପଦକ ବିଜୟୀ ସଦସ୍ୟଭାବେ ଅଭିଯାନ ଆରମ୍ଭ କରିଥିଲେ। ପରେ ୨୦୧୭ରେ ସେ ପୁଣି ଦଳକୁ ପ୍ରତ୍ୟାବର୍ତ୍ତନ କରି ଏପର୍ଯ୍ୟନ୍ତ ଦକ୍ଷତା ପ୍ରଦର୍ଶନ କରି



ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ସହ।



ପ୍ୟାରିସରେ ଭାରତ ବିଜୟରେ ଉଲ୍ଲସିତ ଅମିତ ରୋହିଦାସ।

ଆସୁଛନ୍ତି। ଓଡ଼ିଶାର ୧୦ମ ଅନ୍ତର୍ଜାତୀୟ ଓ ୬ଷ୍ଠ ପୁରୁଷ ହକି ଖେଳାଳିଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ଗୌରବ ବହନ କରୁଛନ୍ତି ଅମିତ। ଏକ ଗରିବ ପରିବାରରୁ ଆସି ଭାରତୀୟ ସିନୟର ପୁରୁଷ ହକି ଦଳର ଅଧିନାୟକ ହେବା ଏବଂ ଅଲିମ୍ପିକ୍ସରେ ପଦକ ଜିତିବାର ଜ୍ୱଳନ୍ତ ଉଦାହରଣ ହେଲେ ଅମିତ ରୋହିଦାସ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହା ବ୍ୟତୀତ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୨୨ ହାଙ୍ଗଝୋରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ ଓ ୨୦୧୭ ଢାକାରେ ସ୍ୱର୍ଣ୍ଣ ଏବଂ ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଜିତିବାର ସୌଭାଗ୍ୟ ମଧ୍ୟ ପାଇଥିଲେ ଅମିତ। କେବଳ ସେତିକି ନୁହେଁ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬-୧୭ ଭୁବନେଶ୍ୱର ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ ପଦକ ବିଜୟ ମଧ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।

## ଅବସର ନିଷ୍ପତ୍ତିରୁ ଓହରିବେନି ଶ୍ରୀଜେସ୍

ପ୍ୟାରିସ, ୮।୮ (ପି.ଟି.)

ଅଲିମ୍ପିକ ଗେମ୍ସରେ କ୍ରମାଗତ ଦୁଇ ବ୍ରୋଞ୍ଜ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗୋଲ୍‌କିପର ପି.ଆର. ଶ୍ରୀଜେସ କହିଛନ୍ତି ଅନ୍ତର୍ଜାତୀୟ ହକିରୁ ଅବସର ନେବା ନିଷ୍ପତ୍ତିରୁ ସେ ଓହରିଯିବାର ପ୍ରଶ୍ନ ଉଠୁନାହିଁ। ଶ୍ରୀଜେସ ଗୁରୁବାର ତାଙ୍କର ଅନ୍ତିମ ମ୍ୟାଚ ଖେଳିଛନ୍ତି। ତୃତୀୟ ସ୍ଥାନ ପାଇଁ ଏହି ପ୍ଲେ-ଅଫ୍ ମ୍ୟାଚରେ ଭାରତ ୨-୧ ଗୋଲ୍‌ରେ ସ୍ପେନକୁ ହରାଇ ଏହି ମେଗା ଇଭେଣ୍ଟରେ ପଛକୁ ପଛ ବ୍ରୋଞ୍ଜ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ୧୯୭୨ରେ ଭାରତ ପଛକୁ ପଛ ପୋଡିୟମ ଫିନିଶ କରିଥିଲା। ଏକ ଅଲିମ୍ପିକ ଗେମ୍ସରେ ଏକ ପଦକ ସହ କ୍ୟାରିୟର ଶେଷ କରିବା ଶ୍ରେଷ୍ଠ ମୁହୂର୍ତ୍ତ ଅବା କ'ଣ ହୋଇପାରେ। ଆମେ ଖାଲି ହାତରେ ସ୍ୱଦେଶ ଫେରୁନୁ ତା'ଠାରୁ ଆଉ ବଡ଼ କଥା କ'ଣ ଅଛି ବୋଲି ଶ୍ରୀଜେସ ଏକ ସାକ୍ଷାତ୍‌କାରରେ କହିଛନ୍ତି। ମୁଁ ଲୋକଙ୍କ ମାନସିକତାକୁ ସମ୍ମାନ ଦିଏ। ମୁଁ ଖେଳ ଜାରି ରଖେ ବୋଲି ହୁଏତ ସେମାନେ ଚାହୁଁଥାଇ ପାରନ୍ତି, ହେଲେ କିଛି ନିଷ୍ପତ୍ତିରେ ମଣିଷକୁ କଠୋର ହେବାକୁ ପଡ଼ିଥାଏ। ଠିକଣା ସମୟରେ ନିଷ୍ପତ୍ତି କିନ୍ତୁ ପରିସ୍ଥିତିକୁ ଅଧିକ ସୁନ୍ଦର କରିଥାଏ ବୋଲି ମ୍ୟାଚ ପରେ ଶ୍ରୀଜେସ କହିଛନ୍ତି। କେରଳର ଏହି ୩୬ ବର୍ଷୀୟ ଦୀର୍ଘ ୧୮ ବର୍ଷ ହେଲା ହକି ଖେଳି ଆସୁଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ସେ ତାଙ୍କ ଅବସର ଘୋଷଣା କରିଥିଲେ। ପ୍ୟାରିସ ଗେମ୍ସରେ ଭାରତର ଅଭିଯାନ ଶେଷ ହେବା ପରେ ସେ ଖେଳ ଛାଡ଼ିବେ ବୋଲି ମଧ୍ୟ କହିଥିଲେ।



ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତର ବିଜୟ ପରେ ଗୋଲପୋଷ୍ଟ ଉପରେ ପି.ଆର. ଶ୍ରୀଜେଶଙ୍କ ନିଆରା ସେଲିବ୍ରେଶନ।

## ହକିର 'ଦ ୱାଲ୍' ଶ୍ରୀଜେଶ୍

ନୂଆଦିଲ୍ଲୀ,୮।୮

ଭାରତୀୟ କ୍ରିକେଟରେ 'ଦ ୱାଲ୍' ଭାବରେ ରାହୁଲ ଦ୍ରାବିଡ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ସମାନ ଭାବରେ ଭାରତୀୟ ହକିକୁ ମଧ୍ୟ ଆଉ ଏକ ପ୍ରାଚୀର ବିଭିନ୍ନ ସମୟରେ ରକ୍ଷା କରି ଆସିଥିଲା। ଯେମିତି ଦ୍ରାବିଡଙ୍କ ଡିଫେନ୍ସକୁ ଭେଦ କରିବା କଷ୍ଟସାଧ ସେମିତି ଏହି ଖେଳାଳିଙ୍କ ଗୋଲ କିପିଙ୍ଗ ଦକ୍ଷତା ବିଶ୍ୱର ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର ଓ ଫରୱାର୍ଡ ଖେଳାଳିଙ୍କୁ ମଧ୍ୟ ହତବାକ୍ କର ଦେଇଥାଏ। ଏହି ଖେଳାଳି ଜଣଙ୍କ ହେଉଛନ୍ତି ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ୍। ଭାରତୀୟ ହକି ଦଳର ଗୋଲ କିପର ଭାବରେ ଚାପର ବଶବର୍ତ୍ତୀ ନ ହୋଇ ସର୍ବଦା ଦଳକୁ ଜିତାଇବାକୁ ପ୍ରୟାସ କରୁଥିବା ଏହି ଖେଳାଳି ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ଅଲିମ୍ପିକ୍ସରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇ ଗର୍ବର ସହ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଛନ୍ତି ଶ୍ରୀଜେଶ୍। ନିଜ ସମୟରେ ସେ କେବଳ ଭାରତର ନୁହନ୍ତି ବରଂ ବିଶ୍ୱର ଶ୍ରେଷ୍ଠ ଗୋଲ କିପର ଭାବରେ ବିବେଚିତ ହେଉଥିଲେ। ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ଦୀର୍ଘ ୪୧ ବର୍ଷ ପରେ ଏକ ପଦକ ପାଇଥିବା ବେଳେ ଏଥିରେ ଶ୍ରୀଜେଶଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କ୍ରମାଗତ ଥର ସେ ଭାରତୀୟ ଗୋଲ ପୋଷ୍ଟର ଗାର୍ଡ ଭାବରେ ଠିଆ ହୋଇଥିବା ବେଳେ ଭାରତ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଥିଲା।

କେରଳର କୋଚିରେ ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶଙ୍କ ଜନ୍ମ। ଆରମ୍ଭରୁ ଅଧିକ ଉଚ୍ଚତା କାରଣରୁ କ୍ରୀଡା ପ୍ରତି ବେଶ ଆଗ୍ରହୀ ରହିଥିଲେ। ଏକ କୃଷକ ପରିବାରରୁ ଆସିଥିଲେ ମଧ୍ୟ କ୍ରୀଡା ପ୍ରତି ରହିଥିଲା ଅହେତୁକ ଦୁର୍ବଳତା। ଆରମ୍ଭରୁ ସ୍ପ୍ରିଣ୍ଟର ରହିଥିବା ଶ୍ରୀଜେଶ୍ ୧୨ ବର୍ଷ ବୟସ ଯାଏ ଲଙ୍ଗ ଜମ୍ପ ଓ ଭଲିବଲ ପ୍ରତି ଆକର୍ଷିତ ଥିଲେ। ୧୨ ବର୍ଷ ବୟସରେ ଥିରୁଭାନନ୍ତପୁରମ ସ୍ଥିତ ଜି.ଭି. ରାଜା ସ୍ପୋର୍ଟ୍ସ ସ୍କୁଲରେ ନାମ ଲେଖାଇବା ପରେ ଶ୍ରୀଜେସଙ୍କ ଭାଗ୍ୟ ବଦଳି ଯାଇଥିଲା। ସେଠାରେ ଜଣେ କୋଚ୍‌ଙ୍କ ପରାମର୍ଶ କ୍ରମେ ଗୋଲ କିପିଂ ବାଛିଥିଲେ ଯାହା ପରବର୍ତ୍ତୀ ସମୟରେ ଏକ କ୍ୟାରିୟର ଚେଞ୍ଜିଂ ନିଷ୍ପତ୍ତି ସାବ୍ୟସ୍ତ ହୋଇଥିଲା। ବିଖ୍ୟାତ ହକି କୋଚ୍ ଜୟକୁମାରଙ୍କ ସଂସ୍ପର୍ଶରେ ଆସିବା ପରେ ଶ୍ରୀଜେଶ ପ୍ରଫେଶନାଲ ପାଲଟି ଯାଇଥିଲେ। ପ୍ରଥମେ ସ୍କୁଲ ଦଳ ପାଇଁ ଗୋଲ କିପିଂ କରୁଥିବା ବେଳେ ପରବର୍ତ୍ତୀ ସମୟରେ ନେହେରୁ କପ ଖେଳିଥିଲେ।

୨୦୦୪ରେ ଶ୍ରୀଜେଶ୍ ପ୍ରଥମ ଥର ପାଇଁ ଜୁନିୟର ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ପଦାର୍ପଣ କରିଥିଲେ। ପରେ ୨୦୦୬ରେ ସିନିୟର ଦଳ ପାଇଁ ଶ୍ରୀଜେଶ ପ୍ରଥମ ଥର ପଦାର୍ପଣ କରିଥିଲେ। ତେବେ ଆଡ୍ରିଆନ ଡି ସୌଜା ଓ ଭରତ ଛେତ୍ରୀଙ୍କ ପରି ସିନିୟର ଗୋଲକିପରଙ୍କ ଉପସ୍ଥିତିରେ ଶ୍ରୀଜେଶଙ୍କୁ ସୁଯୋଗ ମିଳୁ ନ ଥିଲା। ୨୦୧୧ରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ବିପକ୍ଷରେ ଦୁଇଟି ପେନାଲ୍ଟି ଷ୍ଟ୍ରୋକ୍ ରୋକିବା ସହ ଭାରତକୁ ଚାମ୍ପିୟନ କରିବା ପରେ ଶ୍ରୀଜେଶ ଏକ ନିୟମିତ ସଦସ୍ୟ ପାଲଟି ଯାଇଥିଲେ। ୨୦୧୩ ଏସିଆ କପ୍‌ରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଶ୍ରୀଜେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବରେ ସମ୍ମାନିତ କରାଯାଇଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତୀୟ ଦଳର ସଦସ୍ୟ ରହିଥିବା ଶ୍ରୀଜେଶ୍ ୨୦୧୪ ବିଶ୍ୱକପ ଓ ଏସିଆନ୍ ଗେମ୍ସ ଦଳର ସଦସ୍ୟ ରହିଥିଲେ। ପାକିସ୍ତାନ ବିପକ୍ଷ ଫାଇନାଲରେ ସେ ଦୁଇଟି ପେନାଲ୍ଟି ରୋକିଥିବା ବେଳେ ଭାରତ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୪ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ଗୋଲ୍ କିପର ଅଫ ଦ ଟୁର୍ନାମେଣ୍ଟ ହୋଇଥିଲେ। ୨୦୧୬ରେ ସର୍ଦ୍ଦାର ସିଂଙ୍କ ଠାରୁ ସେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ସମାନ ବର୍ଷରେ ଭାରତ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ରିଓ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଟୋକିଓ ୨୦୨୧ରେ ଭାରତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଜର୍ମାନୀକୁ ହରାଇ ୪୧ ବର୍ଷ ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଥିବା ବେଳେ ଏଥିରେ ଶ୍ରୀଜେଶଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଚଳିତ ବର୍ଷ ଆଉ ଏକ ପଦକ ସହ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଛନ୍ତି ଶ୍ରୀଜେଶ୍। ଭାରତ ପାଇଁ ୩୨୮ ମ୍ୟାଚ ଖେଳିଥିବା ଏହି ଖେଳାଳି ଜଣଙ୍କୁ ଭାରତ ସରକାରଙ୍କ ପକ୍ଷରୁ ୨୦୧୭ରେ ପଦ୍ମଶ୍ରୀ, ୨୦୨୧ରେ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୨୦୨୨ରେ ୱାର୍ଲ୍ଡ ଗେମ୍ସ ଆଥଲେଟ ଅଫ ଇୟର ସମ୍ମାନ ମଧ୍ୟ ମିଳିଥିଲା।



ଭିନେଶ ଫୋଗଟଙ୍କୁ ଭେଟିବା ଅବସରରେ ଅଭିନବ ବିନ୍ଦ୍ରା।

## ଭିନେଶ ଫୋଗଟଙ୍କୁ ଭେଟିଲେ ବିନ୍ଦ୍ରା

ନୂଆଦିଲ୍ଲୀ,୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ବୁଧବାର ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଥିଲେ। ତେବେ ଗୁରୁବାର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଶୁଟର ଅଭିନବ ବିନ୍ଦ୍ରା ତାଙ୍କୁ ଗେମ୍ସ ଭିଲେଜରେ ଭେଟିଥିଲେ। ଅତିରିକ୍ତ ଶାରୀରିକ ପରିଶ୍ରମ କାରଣରୁ ଭିନେଶ ଡିହାଇଡ୍ରେଟ୍ ହୋଇ ହସ୍ପିଟାଲାଇଜଡ୍ ହୋଇଥିଲେ। ସେଠାରେ ପୂର୍ବତନ ଅଲିମ୍ପିକ୍ସ ପଦକ ବିଜେତା ବିନ୍ଦ୍ରା ତାଙ୍କୁ ଭେଟିଥିଲେ। ଭେଟିବାର ଏକ ଫଟୋ ଅଭିନବ ନିଜ ଏକ୍ସ ଆକାଉଣ୍ଟରେ ଶେୟାର କରିବା ସହ ଭିନେଶଙ୍କ ଉଦ୍ଦେଶ୍ୟରେ ଏକ ଚିଠି ମଧ୍ୟ ଲେଖିବା ସହ ତାଙ୍କ ପ୍ରୟାସ ସର୍ବଦା ଭାରତୀୟ ଇତିହାସରେ ସ୍ମରଣୀୟ ରହିବ ବୋଲି ଉଲ୍ଲେଖ କରିଥିଲେ। ପ୍ରିୟ ଭିନେଶ, କ୍ରୀଡା ସର୍ବଦା ମାନବତାର ଏକ ଉତ୍ସବ ଭାବରେ ବିବେଚନା କରାଯାଏ। ମୋ କ୍ୟାରିୟରରେ ମୁଁ ଅନେକ ବାର ଏହା ଅନୁଭବ କରିଛି। ମାତ୍ର ତୁମ ସହିତ ଯାହା ହେଉଛି ତାହା ବେଶ ସ୍ୱତନ୍ତ୍ର। ସମଗ୍ର ଦେଶ ବର୍ତ୍ତମାନ ତୁମକୁ ସେଲିବ୍ରେଟ୍ କରୁଛି। ତୁମେ ଜଣେ ଯୋଦ୍ଧା ଯିଏ କେବଳ ମ୍ୟାଟ ଉପରେ ନୁହେଁ ବରଂ ମ୍ୟାଟ ବାହାରେ ମଧ୍ୟ ସଂଘର୍ଷ ଜାରି ରଖିଛ। ପରାଜୟର ବୋଝ ସର୍ବଦା ଭାରି ହୋଇଥାଏ ମାତ୍ର ତୁମ ଲଢୁଆ ମନୋବୃତ୍ତି ତୁମକୁ ସର୍ବଦା ସ୍ୱତନ୍ତ୍ର ରଖିବ। ସବୁ ବିଜୟ ସମାନ ହୋଇନଥାଏ। ଏହା ମଧ୍ୟରୁ କିଛି କେବଳ ଟ୍ରଫି କ୍ୟାବିନେଟ ପାଇଁ ଉଦ୍ଦିଷ୍ଟ ଥାଏ। ମାତ୍ର କିଛି କାହାଣୀ ଇତିହାସ ପୃଷ୍ଠାରେ ସ୍ଥାନ ପାଇଥାଏ। ତୁମ କାହଣୀ ମଧ୍ୟ ସେହିଭଳି ଯାହାକୁ ଇତିହାସରେ ସ୍ଥାନ ମିଳିବ। ସଂଘର୍ଷର ଯେଉଁ ପରାକାଷ୍ଠା ତୁମେ ଦେଖାଇଛ ତାହା ତୁମକୁ ଦେଶର ପ୍ରତିଟି ପିଲା ପାଖରେ ସ୍ୱତନ୍ତ୍ର କରି ଗଢି ତୋଳିବ।



ଭାରତୀୟ ରେସଲର ଭିନେଶ ଫୋଗଟଙ୍କ ଅଯୋଗ୍ୟ ଘୋଷଣାକୁ ନେଇ ୟୁନାଇଟେଡ ୱାର୍ଲ୍ଡ ରେସଲିଂ ସଭାପତି ନେନାଡ ଲାଲୋଭିକ୍, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ପି.ଟି. ଉଷା, ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ ସଭାପତି ସଞ୍ଜୟ ସିଂ ଓ ଆଇଓଏ ସିଇଓ ରଘୁରାମ ଆୟରଙ୍କ ମଧ୍ୟରେ ଗୁରୁବାର ପ୍ୟାରିସରେ ଅନୁଷ୍ଠିତ ବୈଠକ।

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୨୪ Bhubaneswar, Friday, August 9/ 2024





ଅଲିମ୍ପିକ୍ସରେ ଡବଲ ବ୍ରୋଞ୍ଜ ମେଡାଲିଷ୍ଟ ମନୁ ଭାକରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ। କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ବ୍ରୋଞ୍ଜ ପଦକ ବିଜେତା ସ୍ୱପ୍ନିଲ କୁସାଲେ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆମେରିକା | ୩୦ | ୩୮ | ୩୫ | ୧୦୩ |
| ଚାଇନା | ୨୮ | ୨୫ | ୧୯ | ୭୨ |
| ଅଷ୍ଟ୍ରେଲିଆ | ୧୮ | ୧୪ | ୧୨ | ୪୪ |
| ଫ୍ରାନ୍ସ | ୧୪ | ୧୮ | ୨୧ | ୫୩ |
| ବ୍ରିଟେନ | ୧୩ | ୧୭ | ୨୧ | ୫୧ |
| ଜାପାନ | ୧୩ | ୭ | ୧୩ | ୩୩ |
| ଦ.କୋରିଆ | ୧୨ | ୮ | ୭ | ୨୭ |
| ନେଦରଲାଣ୍ଡ୍ସ | ୧୧ | ୬ | ୮ | ୨୫ |
| ଇଟାଲୀ | ୧୦ | ୧୧ | ୯ | ୩୦ |
| ଜର୍ମାନୀ | ୯ | ୮ | ୫ | ୨୨ |
| କାନାଡା | ୬ | ୫ | ୧୦ | ୨୧ |
| ନ୍ୟୁଜିଲାଣ୍ଡ | ୫ | ୬ | ୨ | ୧୩ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ରୋମାନିଆ | ୩ | ୪ | ୧ | ୮ |
| ୟୁକ୍ରେନ | ୩ | ୩ | ୪ | ୧୦ |
| ହଙ୍ଗେରୀ | ୩ | ୩ | ୩ | ୯ |
| ସ୍ୱିଡେନ | ୩ | ୩ | ୩ | ୯ |
| ବ୍ରାଜିଲ | ୨ | ୫ | ୮ | ୧୫ |
| ସ୍ପେନ୍ | ୨ | ୩ | ୮ | ୧୩ |
| ଭାରତ | ୦ | ୧ | ୪ | ୫ |

(ରାତି ୧ଟା ୩୦ ସୁଦ୍ଧା)

# ୩ ବର୍ଷ ବାସନ୍ଦ ହୋଇପାରନ୍ତି ପଙ୍ଘାଲ

ପ୍ୟାରିସ, ୮।୮ (ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଭାରତୀୟ ମହିଳା କୁସ୍ତି ଯୋଦ୍ଧା ଅନ୍ତିମ ପଙ୍ଘାଲଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରିପାରେ। ସେ ତାଙ୍କ ସ୍ୱୀକୃତି କାର୍ଡ ଜରିଆରେ ଭଉଣୀଙ୍କୁ ଆଥଲେଟ୍ସ ଭିଲେଜରେ ପ୍ରବେଶ କରାଇବା ଲାଗି ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ବୁଧବାର ମହିଳା ୫୩ କେଜି କାଟେଗୋରି ଓପନିଂ ବାଉଟ୍‌ରେ ପଙ୍ଘାଲ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ଆଇଓଏ ଅଫିସିଆଲମାନଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ଖୁବ୍ ଆଲୋଚନା ହୋଇଛି। ପଙ୍ଘାଲଙ୍କ ଏହି କାର୍ଯ୍ୟ ଭାରତୀୟ

## ଅଲିମ୍ପିକ୍ସରେ ବିଶୃଙ୍ଖଳା

ଦଳର ସମସ୍ତଙ୍କୁ ଲଜ୍ଜିତ କରିଛି। କୋଚ୍‌ଙ୍କ ସମେତ ଏଥିରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ୩ ବର୍ଷ ବାସନ୍ଦ କରିବା ଲାଗି ବିଚାର କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରଥମତଃ ଏହି କୁସ୍ତି ଯୋଦ୍ଧା ଜଣକ ନିଜ ଘରେ ପହଞ୍ଚନ୍ତୁ। ସେ ଭାରତ ଫେରିଯିବା ପରେ ନିଷ୍ପତ୍ତି ଘୋଷଣା କରାଯିବ। ପଙ୍ଘାଲ ଗୁରୁବାର ସନ୍ଧ୍ୟାରେ ବିମାନ ଯୋଗେ ଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ୍ ଶୃଙ୍ଖଳା ଭଙ୍ଗ କରିବା ନେଇ ଫ୍ରେଞ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ନୋଟିସ ଜାରି କରାଯିବା ମାତ୍ରେ ଆଇଓଏ ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କୁ ତୁରନ୍ତ ଭାରତ ଫେରିଯିବା ଲାଗି ନିର୍ଦ୍ଦେଶ ଦେଇଥିଲା। ସେମାନଙ୍କୁ ଏପର୍ଯ୍ୟନ୍ତ ବାସନ୍ଦ ଦଣ୍ଡ ହୋଇ ନ ଥିବା ଆଇଓଏର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ୧୯ବର୍ଷୀୟା ଭାରତୀୟ କୁସ୍ତି ଯୋଦ୍ଧା ତାଙ୍କର ଏକ ସାକ୍ଷାତକାରରେ କହିଛନ୍ତି, ସେ ଜାଣିଶୁଣି କୌଣସି ଭୁଲ କାର୍ଯ୍ୟ କରିନାହାନ୍ତି। ସେ ନିଜେ ଅସୁସ୍ଥ ଥିଲେ। ସେଦିନ ଯାହା କିଛି ଘଟିଲା ସବୁ ଏକ ଦ୍ୱନ୍ଦ୍ୱ ପାଇଁ ହୋଇଥିଲା। ପଙ୍ଘାଲ ପରେ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଥିଲେ। ନିଜ ସ୍ୱୀକୃତି କାର୍ଡର ଯାଞ୍ଚ ପାଇଁ ତାଙ୍କୁ ପୋଲିସ ଷ୍ଟେଶନ ଯିବାକୁ ପଡ଼ିଥିବା କଥା ଏଥିରେ ସେ ସ୍ୱୀକାର କରିଛନ୍ତି। ଏହାପଛରେ ଅନ୍ୟ କୌଣସି କାରଣ ନ ଥିବା ସେ କହିଛନ୍ତି। ସେ ପୁଣି କହିଛନ୍ତି, ଏହି ଦିନଟି ତାଙ୍କ ପାଇଁ ଭଲ ନ ଥିଲା। ତାଙ୍କ ନାମରେ ନାନା ଗୁଜବ ପ୍ରସାରିତ ହେବାରେ ଲାଗିଥିଲା। ସେ ଦିନ ସେ ଜ୍ୱରରେ ପୀଡ଼ିତ ଥିଲେ। କୋଚ୍‌ଙ୍କ ଅନୁମତି ନେଇ ସେ ତାଙ୍କ ଭଉଣୀ ସହ ହୋଟେଲକୁ ଯାଇଥିଲେ। ତାଙ୍କର କିଛି ଜିନିଷପତ୍ରର ଆବଶ୍ୟକତା ଥିଲା, ଯାହାସବୁ ଗେମ୍ସ ଭିଲେଜରେ ଥିଲା। ଭଉଣୀ ତାଙ୍କ କାର୍ଡଟିକୁ ସାଥିରେ ନେଇକରି ଯାଇଥିଲେ। ମୋ ଜିନିଷପତ୍ରକୁ ସେ ନେଇ ପାରିବେ କି ନା ତାହା ସେ ଅଫିସିଆଲଙ୍କୁ ପଚାରିଥିଲେ। ମାତ୍ର ସେମାନେ ସ୍ୱୀକୃତି କାର୍ଡ ଯାଞ୍ଚ କରିବା ଉଦ୍ଦେଶ୍ୟରେ ତାଙ୍କ ଭଉଣୀଙ୍କୁ ପୋଲିସ ଷ୍ଟେଶନକୁ ନେଇ ଯାଇଥିଲେ। ସେ ଆହୁରି ମଧ୍ୟ ଦେୟକୁ ନେଇ ଜଣେ ଟାକ୍ସି ଡ୍ରାଇଭରଙ୍କ ସହିତ ତାଙ୍କ କୋଚ୍ ଦ୍ୱୟଙ୍କର ବଚସା ହେବା ଏବଂ ସେମାନେ ସେତେବେଳେ ନିଶାଶକ୍ତ ଥିବା ଯାହା କୁହାଯାଉଛି ତାହାର ଖଣ୍ଡନ କରିଛନ୍ତି। ପଙ୍ଘାଲ କହିଛନ୍ତି, ତାଙ୍କ କୋଚ୍ ଦ୍ୱୟ ଭେନ୍ୟୁରେ ଅଟକିଥିଲେ, ସେମାନେ ଫେରିଆସିବାକୁ ଚାହିଁବାରୁ ଆମେ ସେମାନଙ୍କ ପାଇଁ ଏକ ଟାକ୍ସି ବୁକ୍ କରିଥିଲୁ। ତାଙ୍କ କୋଚ୍‌ଦ୍ୱୟଙ୍କ ନିକଟରେ ଯଥେଷ୍ଟ ଅର୍ଥ ନ ଥିଲା। ଭାଷାଗତ ସମସ୍ୟା ଯୋଗୁ ଟାକ୍ସି ଡ୍ରାଇଭରଙ୍କ ସହ ସେମାନଙ୍କର ବଚସା ହୋଇଥିଲା। କିଛି ୟୁରୋ ଯୋଗାଡ଼ ପାଇଁ ହୋଟେଲ ରୁମ୍‌କୁ ଆସିଥିଲେ, ଏଥି ପାଇଁ କିଛି ସମୟ ଲାଗିଥିଲା। ଫଳତଃ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ସହଜେ ତାଙ୍କର ଏବେ ଖରାପ ସମୟ ଚାଲିଛି। ତେଣୁ ଏଣୁ ତେଣୁ ଗୁଜବ ପ୍ରଚାର ନ କରି ତାଙ୍କୁ ସମର୍ଥନ କରିବା ଲାଗି ସେ ନିବେଦନ କରିଛନ୍ତି।



ଅନ୍ତିମ ପଙ୍ଘାଲ

# 'ତୁମେ ହାରି ନାହଁ, ହରାଇ ଦିଆଯାଇଛି'

ନୂଆଦିଲ୍ଲୀ,୮।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ମଧ୍ୟରେ ଭାରତକୁ ଆଉ ଏକ ନିରାଶାର ସମ୍ମୁଖୀନ ହେବାକୁ ପଡିଛି। ବୁଧବାର ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ପରେ ଭାରତ ଏକ ନିଶ୍ଚିତ ପଦକ ହରାଇଥିଲା। ଏହା ପରେ ଗୁରୁବାର ଭିନେଶ ଅବସର ନେବା ସହିତ ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଭିନେଶଙ୍କ ଅବସର ପରେ ସାଥୀ ଖେଳାଳି ତଥା ଅଲିମ୍ପିଆନ୍ ବଜରଙ୍ଗ ପୁନିଆ ଏକ ଟୁଇଟ୍ କରିଥିଲେ। 'ଭିନେଶ ତୁମେ ହାରି ନାହଁ, ତୁମକୁ ହରାଇ ଦିଆଯାଇଛି। ତୁମେ ସର୍ବଦା ଆମ ପାଇଁ ଜଣେ ବିଜେତା ହୋଇ ରହିବ। ତୁମେ କେବଳ ଭାରତର ଝିଅ ନୁହଁ ବରଂ ଭାରତର ଗର୍ବ ବୋଲି ଲେଖିଥିଲେ ବଜରଙ୍ଗ'।

ପ୍ରଥମ ଭାରତୀୟ ମହିଳା ରେସ୍‌ଲର ଭାବରେ ଅଲିମ୍ପିକ୍ସ ପଦକ ଜିତିଥିବା ସାକ୍ଷୀ ମଲିକ ମଧ୍ୟ ଭିନେଶଙ୍କୁ ପ୍ରଶଂସା କରିଥିଲେ। ସାକ୍ଷୀ ଲେଖିଥିଲେ ଭିନେଶ ତୁମେ ହାରି ନାହଁ, ବରଂ ଦେଶର ପ୍ରତ୍ୟେକ ମହିଳା ହାରି ଯାଇଛନ୍ତି। ଏହା ସମଗ୍ର ଦେଶର ପରାଜୟ। ସମଗ୍ର ଦେଶ ତୁମ ପଛରେ ଛିଡା ହୋଇଛି।

ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ କୋଚ୍ ତଥା ଭିନେଶଙ୍କ ଦାଦା ମହାବୀର ଫୋଗଟ ମଧ୍ୟ ସମବେଦନା ଜଣାଇଛନ୍ତି। ଭିନେଶ ଫେରିବା ପରେ ମୁଁ, ଗୀତା ଓ ବଜରଙ୍ଗ ତାଙ୍କ ସହିତ କଥା ହୋଇ ଅବସର ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ଚେଷ୍ଟା କରିବୁ ବୋଲି ମହାବୀର କହିଛନ୍ତି। ୨୦୨୮ ଲସଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ଭିନେଶଙ୍କୁ ପ୍ରସ୍ତୁତ କରିବୁ ବୋଲି କହିଛନ୍ତି ମହାବୀର। ୨୦୦୪ ଏଥେନ୍ସ ଅଲିମ୍ପିକ୍ସ ପଦକ ବିଜେତା ତଥା ପୂର୍ବତନ କ୍ରୀଡାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ମଧ୍ୟ ଭିନେଶଙ୍କ ସମର୍ଥନ କରିଛନ୍ତି। ଜଣେ କ୍ରୀଡାବିତଙ୍କ ଜୀବନରେ ଏସବୁ ଘଟଣା ବେଶ ସାଧାରଣ। ଭିନେଶଙ୍କ ନିକଟରେ ଏକ ଭବିଷ୍ୟତ ରହିଛି ତେଣୁ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନେବା ଅନୁଚିତ।

## ଆଜି ଭିନେଶଙ୍କ ମାମଲାର ଶୁଣାଣି

ପ୍ୟାରିସ୍,୮।୮(ପି.ଟି.)

ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷିତ ପରେ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ରାତିରେ ସେ ଦୁଇଟି ଆବେଦନ କରିଥିବା ବେଳେ ଗୁରୁବାର ଏଥି ମଧ୍ୟରୁ ଗୋଟିଏ ଖାରଜ ହୋଇ ଯାଇଛି। ଗୋଟିଏ ଆବେଦନରେ ଫାଇନାଲରେ ଅଂଶଗ୍ରହଣ ପାଇଁ ଆବେଦନ କରିଥିବା ବେଳେ ଅନ୍ୟଟିରେ ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଆବେଦନ ରହିଥିଲା। ତେବେ ପ୍ରଥମ ଆବେଦନକୁ କାସ୍ ପକ୍ଷରୁ ଗୁରୁବାର ଖାରଜ କରି ଦିଆଯାଇଛି। ଶୁକ୍ରବାର ଦ୍ୱିତୀୟ ମାମଲାର ଶୁଣାଣି ହେବାକୁ ଥିବା ବେଳେ ହରିଶ ସାଲଭେ ଭିନେଶଙ୍କ ପକ୍ଷରୁ ଲଢ଼ିବାର ସମ୍ଭାବନା ରହିଛି।




# ସମସ୍ୟା ସୃଷ୍ଟି କରିପାରେ ସ୍ମାର୍ଟଫୋନ୍

ସିଓଲ, ୮।୮(ଏପି)

ଉତ୍ତର କୋରିଆ ଖେଳାଳିଙ୍କୁ ସାମସଙ୍ଗ ସ୍ମାର୍ଟଫୋନ୍ ଦିଆଯିବା ଦ୍ୱାରା ପରମାଣୁ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଏହି ଦେଶକୁ ଜାତିସଂଘ ନିରାପତ୍ତା ପରିଷଦ ତରଫରୁ ଯେଉଁ ପ୍ରତିବନ୍ଧକ ଲାଗୁ କରାଯାଇଛି ତାହାର ଉଲ୍ଲଂଘନ ହେବ ବୋଲି ଦକ୍ଷିଣ କୋରିଆର ଅଫିସିଆଲମାନେ ଗୁରୁବାର ପ୍ରକାଶ କରିଛନ୍ତି। ଦକ୍ଷିଣ କୋରିଆର ଟେକ୍‌ନୋଲୋଜି ଜାଏଣ୍ଟ ସାମସଙ୍ଗ ଅଲିମ୍ପିକର ଏକ ପ୍ରମୁଖ ପାର୍ଟନର। ପ୍ୟାରିସ ଗେମ୍ସରେ ଭାଗ ନେଇଥିବା ସମସ୍ତ ଆଥଲେଟଙ୍କୁ କମ୍ପାନୀ ତରଫରୁ ଗୋଟିଏ ଲେଖାଏଁ ଏହାର ସଦ୍ୟତମ ନୂଆ ଉତ୍ପାଦ ଗାଲାକ୍ସି ଜେଡ୍ ଫ୍ଲିପ୍ ୬ ସ୍ମାର୍ଟ ଫୋନ୍ ଦିଆଯାଉଛି। ଗେମ୍ସ ଭିଲେଜରେ ଅବସ୍ଥାନ କରୁଥିବା ଉତ୍ତରକୋରିଆର ଆଥଲେଟମାନଙ୍କ ଉଦ୍ଦେଶ୍ୟରେ ସାମସଙ୍ଗ ସ୍ମାର୍ଟ ଫୋନ୍ ପଠାଇ ଦିଆଯାଇଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୂଚନା ଦେଇଛି। କିନ୍ତୁ ଫଳାଫଳ କ'ଣ ହୋଇଛି ତାହା ଖବର ଲେଖା ହେବା ବେଳକୁ ଅସ୍ପଷ୍ଟ ଥିଲା। ୨୦୧୭ରେ ନିରାପତ୍ତା ପରିଷଦରେ ଗୃହୀତ ପ୍ରସ୍ତାବ ୨୩୯୭ ଅନୁଯାୟୀ ଉତ୍ତର କୋରିଆକୁ ସମସ୍ତ ପ୍ରକାର ଶିଳ୍ପ ଯନ୍ତ୍ରପାତି ବିକ୍ରି ଓ ପ୍ରଦାନ ନିଷିଦ୍ଧ। ଏହି ପ୍ରସ୍ତାବ ଉତ୍ତର କୋରିଆ ସରକାର ଏବଂ ଏହାର ଲୋକମାନଙ୍କ ମଧ୍ୟରେ କୌଣସି ବିଭେଦ ଆଣିବ ନାହିଁ । ଦକ୍ଷିଣ କୋରିଆ ଅଫିସିଆଲମାନେ ସ୍ପଷ୍ଟ କରିଛନ୍ତି ଯେ, ଆଥଲେଟମାନେ ଯେତେବେଳେ ଦେଶରେ ପ୍ରବେଶ କରିବେ ସେତେବେଳେ ସ୍ମାର୍ଟଫୋନ୍‌ଗୁଡ଼ିକରେ ପ୍ରତିବନ୍ଧକ ଲାଗୁ ହେବ। ମନ୍ତ୍ରଣାଳୟର ମୁଖପାତ୍ର ଲି ଜେଉଙ୍ଗ୍ କହିଛନ୍ତି, ଉତ୍ତର ପ୍ରଦେଶ ଭିତରକୁ ନିଷିଦ୍ଧ ସାମଗ୍ରୀ ପ୍ରବେଶକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ପ୍ରତିବନ୍ଧକକୁ ସୁନିଶ୍ଚିତ କରିବାଲାଗି ସିଓଲ ସରକାରଙ୍କ ତରଫରୁ କୂଟନୈତିକ ଉଦ୍ୟମ ଚାଲିଛି । ଏହାଛଡ଼ା ଅନ୍ୟ କଛି କହିବାକୁ ସେ ପଛାଇଥିଲେ। ଏହି ପରିସ୍ଥିତି ୨୦୧୮ରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ୱିଣ୍ଟର ଗେମ୍ସରେ ମଧ୍ୟ ଦେଖା ଦେଇଥିଲା। ସେତେବେଳେ ଆୟୋଜକଗଣ ଉତ୍ତରକୋରିଆର ଆଥଲେମାନଙ୍କୁ ସର୍ତ୍ତମୂଳକ ସାମସଙ୍ଗ ଡିଭାଇସ ଯୋଗାଇଦେବା ପାଇଁ କହିଥିଲା। ସ୍ୱଦେଶ ଫେରିବା ପୂର୍ବରୁ ସେଗୁଡ଼ିକୁ ଫେରାଇ ଦେବା ଲାଗି କୁହାଯାଇଥିଲା। ।



ସାମସଙ୍ଗ ସ୍ମାର୍ଟଫୋନ୍‌ରେ ଚାଇନିଜ ଖେଳାଳିଙ୍କ ସହ ଏକତ୍ରିତ ସେଲ୍‌ଫି ନେଉଛନ୍ତି ଦକ୍ଷିଣ ଓ ଉତ୍ତର କୋରିଆର ଟେବୁଲ ଟେନିସ ଖେଳାଳିମାନେ।

# ହକି ଦଳକୁ ପ୍ରଶଂସାର ସୁଅ



ଅଭିନବ ବିନ୍ଦ୍ରା

ନୂଆଦିଲ୍ଲୀ,୮।୮(ପି.ଟି.)

ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳ ପାଇଁ ପ୍ରଶଂସାର ସୁଅ ଛୁଟିଛି। ଅଲିମ୍ପିକ୍ସ ହକିରେ ଭାରତ ୧୩ତମ ଥର ପାଇଁ ଏକ ପଦକ ହାସଲ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଅଭିନବ ବିନ୍ଦ୍ରା ଓ ଭିଭିଏସ୍ ଲକ୍ଷ୍ମଣ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

କ୍ରମାଗତ ଥର ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତୀୟ ଦଳର ଅସୀମ ଧୈର୍ଯ୍ୟର ପରିଚୟ ଦେଇ ଏହି ଐତିହାସିକ ସଫଳତା ଅର୍ଜନ କରିଛି। ଟୋକିଓରେ ଭାରତ ୪୧ ବର୍ଷ ପଦକ ମରୁଡିର ଅନ୍ତ ଘଟାଇ ବ୍ରୋଞ୍ଜ ଜିତିଥିବା ବେଳେ ୩ ବର୍ଷର ବ୍ୟବଧାନରେ ପ୍ୟାରିସ୍‌ରେ ସମାନ କୃତିତ୍ୱ ପୁନର୍ବାର ଦୋହରାଇଛି ବୋଲି କହିଛନ୍ତି ମୋଦି। ଶେଷ ଥର ପାଇଁ ୧୯୬୮ ଓ ୭୨ ରେ ଭାରତ କ୍ରମାଗତ ବ୍ରୋଞ୍ଜ ଜିତିଥିଲା। ସମସ୍ତ ଭାରତୀୟ ଖେଳାଳିଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିବ ବୋଲି ମୋଦି ଏକ୍ସରେ ପୋଷ୍ଟ କରିଥିଲେ। ପ୍ରତ୍ୟେକ ଭାରତୀୟ ହକି ସହ ଏକ ଭାବାବେଗ ରହିଛି। ଏହା ଦେଶର ଯୁବପିଢି ମଧ୍ୟରେ ଏହି ଖେଳକୁ ଆହୁରି ଲୋକପ୍ରିୟ କରୁଛି ବୋଲି ମୋଦି ଲେଖିଛନ୍ତି।

ପ୍ରଥମ ଭାରତୀୟ ଶୁଟର ଭାବରେ ବେଜିଂରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିବା ଅଭିନବ ବିନ୍ଦ୍ରା ମଧ୍ୟ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଆପଣ ମାନେ ଦେଶ ପାଇଁ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି ଯାହା ସ୍ୱର୍ଣ୍ଣ ଠାରୁ କୌଣସି ଗୁଣରେ କମ୍ ନୁହେଁ। ଭାରତୀୟ ତିରଙ୍ଗାକୁ ଗର୍ବର ସହ ଆପଣ ମାନେ ଉଡାଇଥିବା ବେଳେ ସମସ୍ତ ଭାରତୀୟଙ୍କୁ ଗର୍ବିତ ହେବାର ସୁଯୋଗ ଦେଇଛନ୍ତି।

ଭାରତର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଭାରତୀୟ ହକି ଦଳକୁ ପ୍ରଶଂସା କରିବା ସହ ସମସ୍ତ ଖେଳାଳିଙ୍କ ପ୍ରତିବଦ୍ଧତା ଏହି ବିଜୟର ମୁଖ୍ୟ କାରଣ ବୋଲି କହିଛନ୍ତି। ଭାରତୀୟ କ୍ରୀଡା ପାଇଁ ଏହା ଏକ ଗର୍ବର ମୂହୁର୍ତ୍ତ ବୋଲି ସେ ଲେଖିଛନ୍ତି। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ